sindhugitn@gmail.com

# ଆଧୁନିକ ଯୁଗର ଏଷ୍ଟର୍‌ମାନଙ୍କୁ ଜାଗ୍ରତ କରିବା

## ମହିଳାମାନଙ୍କ ନିମନ୍ତେ ବିଶ୍ୱର ଅଗ୍ରୀମ ନେତୃତ୍ୱ ପ୍ରଶିକ୍ଷଣ ପୁସ୍ତିକା

କୋନି ପାର୍କର୍

ଆଧୁନିକ ଯୁଗର ଏଷ୍ଟର୍‌ମାନଙ୍କୁ ଜାଗ୍ରତ କରିବା

ମହିଳାମାନଙ୍କ ନିମନ୍ତେ ବିଶ୍ୱର ଅଗ୍ରୀମ ନେତୃତ୍ୱ ପ୍ରଶିକ୍ଷଣ ପୁସ୍ତିକା

କୋନି ପାର୍କର୍

ଏହି ପୁସ୍ତିକା ପୁନଃବିକ୍ରି ଉଦ୍ଦେଶ୍ୟରେ ନୁହେଁ । ପ୍ରଶିକ୍ଷଣ ନିମନ୍ତେ ପୃଥକ୍ ପୃଥକ୍ ଭାବରେ ପାଠଗୁଡ଼ିକ ପୁନର୍ବାର ରଚନା କରିବା ପାଇଁ ଅନୁମତି ଦିଆଯାଇଛି ; ପୁନର୍ବାର ରଚନାଗୁଡ଼ିକୁ ବିନାମୂଲ୍ୟରେ ବିତରଣ କରାଯିବ ।

Unless otherwise noted, all Scripture quotations are from the English Standard Version of the Bible. Copyright © 2001 by Crossway Bibles, a publishing ministry of Good News Publishers.

© Connie M. Parker

## ସୂଚୀପତ୍ର

ପ୍ରସ୍ତାବନା ........................................... ୪

ଉପକ୍ରମ ............................................ ୫

ମୁଁ କିଏ

୧. ଖ୍ରୀଷ୍ଟଙ୍କଠାରେ ମୋର ପରିଚୟ ...................... ୭

୨. ଆତ୍ମାରେ ଗମନାଗମନ କରିବା ...................... ୧୫

୩. ମୋର ଜୀବନକୁ ଚିତ୍ରଣ କରିବା ..................... ୨୧

୪. ମୋର ଅତୀତ ସହିତ ମୁକାବିଲା କରିବା .............. ୨୮

ମୋର ସମ୍ପର୍କ

୫. ଈଶ୍ୱରଙ୍କ ସହିତ ମୋର ସମ୍ପର୍କ ବୃଦ୍ଧି କରିବା ............ ୩୫

୬. ସେବକ ନେତୃତ୍ୱ ........................................ ୪୮

୭. ମୂଲ୍ୟ, ଅଗ୍ରାଧିକାର, ସନ୍ତୁଳନ ........................... ୫୬

୮. ଯୋଗାଯୋଗ, ବ୍ୟକ୍ତିତ୍ୱ, ସମ୍ପର୍କ ....................... ୬୩

**ମୋର ନେତୃତ୍ୱ**

୯. ଈଶ୍ୱର ଆପଣଙ୍କୁ ରଖିଥିବା ସ୍ଥାନରେ ନେତୃତ୍ୱ ନେବା ... ୭୩

୧୦. ଦଳଗତ କାର୍ଯ୍ୟ – ନେତୃତ୍ୱର କଞ୍ଚି .................... ୭୯

୧୧. ଅନୁସରଣ କରିବାକୁ ଆହୂତ ......................... ୮୬

୧୨. ପ୍ରତିଫଳିତ କରିବା, ପାଳନ କରିବା, ଭାରାର୍ପଣ କରିବା ... ୯୪

**ପୁସ୍ତକସୂଚୀ** .................................................. ୯୯

## ଆଧୁନିକ ଯୁଗର ଏଷ୍ଟର୍‌ମାନଙ୍କୁ ଜାଗ୍ରତ କରିବା

## ପ୍ରସ୍ତାବନା

ପ୍ରିୟ ମିତ୍ରଗଣ,

ଆପଣମାନଙ୍କୁ ଏକ ମହାନ୍ ଉଦ୍ଦେଶ୍ୟ ନିମନ୍ତେ ଆହ୍ୱାନ ଦିଆଯାଇଛି !

ଏହି ସଂସାଧନ ଆପଣଙ୍କୁ ଗ୍ଲୋବାଲ୍ ଏଡ୍‌ଭାନ୍ସ ଦ୍ୱାରା ଏଥିପାଇଁ ଦିଆଯାଇଛି ଯେପରି ଏହା ଆପଣଙ୍କ ବିଶ୍ୱାସକୁ ପ୍ରସ୍ତୁତ କରିପାରିବ ଓ ଅନ୍ୟମାନଙ୍କ ଉପରେ ମସୀହଙ୍କ ପ୍ରଭାବ ପକାଇପାରିବ ।

ଅନେକ ଲୋକ ଯେଉଁମାନେ ଏହି ପୁସ୍ତକ ବ୍ୟବହାର କରିବେ, ସେମାନେ ଏହିପରି ସଂସ୍କୃତିଗୁଡ଼ିକରେ ରହୁଛନ୍ତି, ଯେଉଁଠାରେ ସ୍ତ୍ରୀମାନଙ୍କ ସହିତ ବହୁତ ଖରାପ ବ୍ୟବହାର କରାଯାଉଛି । ଆମେ ଇଚ୍ଛା କରୁଛୁ ଯେ ଆପଣ ଏହି ବିଷୟ ଜାଣନ୍ତୁ ଯେ ପରମେଶ୍ୱର ଅପାଣଙ୍କ ବିଷୟରେ ଉଚ୍ଚତର ଚିନ୍ତା କରୁଅଛନ୍ତି । ଆପଣ ତାହାଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟି ହୋଇଅଛନ୍ତି । ସେ ଆପଣଙ୍କୁ ପ୍ରେମ କରୁଅଛନ୍ତି ଓ ଆପଣଙ୍କ ଜୀବନ ଦ୍ୱାରା ଏକ ପରିବର୍ତ୍ତନ ଆଣିବା ପାଇଁ ଆପଣଙ୍କୁ ବ୍ୟବହାର କରିବାକୁ ଇଚ୍ଛା କରୁଅଛନ୍ତି ।

ଏଷ୍ଟର୍‌ଙ୍କ ପରି ହିଁ ଆପଣ ଏହିପରି ଏକ ନିର୍ଦ୍ଧାରିତ ସମୟରେ ଆହ୍ୱାନପ୍ରାପ୍ତ ହୋଇଛନ୍ତି । ଏହା କୌଣସି ସଂଯୋଗର ବିଷୟ ନୁହେଁ ଯେ ଆପଣ ଇତିହାସର ଏହି ସମୟରେ ସେହି ସ୍ଥାନରେ ଜୀବନଯାପନ କରୁଛନ୍ତି, ଯେଉଁଠାରେ ପରମେଶ୍ୱର ଆପଣଙ୍କୁ ରଖିଅଛନ୍ତି । ସେ ଆପଣା ଉଦ୍ଦେଶ୍ୟ ନିମନ୍ତେ ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇବା ପାଇଁ ଆପଣଙ୍କୁ ବ୍ୟବହାର କରିବାକୁ ଇଚ୍ଛା କରୁଛନ୍ତି ।

ଆମେ ପ୍ରାର୍ଥନା କରୁଛୁ ଯେପରି ଆପଣ ଅନ୍ୟ ମହିଳାମାନଙ୍କୁ ମଧ୍ୟ ମଙ୍ଗଳ ନିମନ୍ତେ ଉତ୍ସାହିତ ଓ ସୁସଜ୍ଜିତ କରିପାରିବେ ।  ଆପଣ ନିଜର ପରିବାର, ନିଜର ସମ୍ପ୍ରଦାୟ, ନିଜର ରାଷ୍ଟ୍ର ଓ ଏହି ସଂସାରରେ ପରମେଶ୍ୱରଙ୍କ ଯୋଜନାରେ ଯେପରି ମହତ୍ତ୍ୱପୂର୍ଣ୍ଣ ଭୂମିକା ବହନ କରିପାରିବେ ।

ଅନୁଗ୍ରହପୂର୍ଣ୍ଣ ସେବାରେ ଆପଣଙ୍କର ସହଯୋଗୀ,

ଯୋନାଥନ୍ ଶିବ୍‌ଲେ,

ଅଧ୍ୟକ୍ଷ – ଗ୍ଲୋବାଲ୍ ଏଡ଼୍‌ଭାନ୍ସ

ବିଟ୍‌ନୀ ଡ଼ାଟ୍‌ରୀ ସଂଯୋଜକ – ଦି ଏଷ୍ଟର୍ ଇନିସିଏଟିଭ୍

## ଉପକ୍ରମ

"ପୁଣି ଯୀଶୁ ସେମାନଙ୍କ ନିକଟକୁ ଆସି ଆଳାପ କରି କହିଲେ, ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି ।  ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର ; ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।" (ମାଥିଉ ୨୮:୧୮-୨୦)

ଏହି ପୃଥିବୀ ପୃଷ୍ଠରେ ରହିଥିଲା ବେଳେ ପ୍ରଭୁ ଯୀଶୁ ମସୀହ ଆପଣା ଶିଷ୍ୟମାନଙ୍କୁ ଦେଇଥିବା ଏହିସବୁ ଶେଷ ନିର୍ଦ୍ଦେଶଗୁଡ଼ିକ ହିଁ ଏହି ପୁସ୍ତିକାର କେନ୍ଦ୍ରୀୟ ବିଷୟ ଅଟେ ।  ଆପଣ କ'ଣ କେବେ ଏହି ବିଷୟକୁ ଲକ୍ଷ୍ୟ କରିଛନ୍ତି ଯେ ସେ ନିଜର ଶିଷ୍ୟମାନଙ୍କୁ କେବଳ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ କିମ୍ବା ସ୍ୱର୍ଗରେ ଆପଣା ଗୃହରେ ପହଞ୍ଚାଇବା ପାଇଁ କୌଣସି ପ୍ରତିଜ୍ଞା କରି ନ ଥିଲେ ?  ବରଂ ସେ କହିଥିଲେ ଯେ "ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର", ଏହା ଏକ ବହୁତ ବଡ଼ ଆହ୍ୱାନ ଅଟେ !  "ଶିଷ୍ୟ କର" ନିମନ୍ତେ ଆମେ ନିଜର ଜୀବନକୁ ଖୋଲିଦେବାର ଆବଶ୍ୟକତା ଅଛି ଓ ଆପଣ ନିଜକୁ କୌଣସି ସୀମିତ ବନ୍ଧନରେ ନ ରଖି ଅନ୍ୟମାନଙ୍କୁ ପ୍ରେମ କରିବାରେ ଓ ସେମାନଙ୍କୁ ଅନୁଗ୍ରହ ଦେବାରେ, ଓ ସମଗ୍ର ସୃଷ୍ଟିର ସୃଷ୍ଟିକର୍ତ୍ତା, ଆମର ଜୀବନର ଉଦ୍ଧାରକର୍ତ୍ତାଙ୍କ ପ୍ରତି ପ୍ରତିଦିନ ଆଜ୍ଞାବହ ହୋଇ ଆଗ ବଢ଼ିବା ପାଇଁ ଉତ୍ସାହିତ କରିବା ଆବଶ୍ୟକ ।

ଆପଣଙ୍କ ପାଇଁ ଏହି ପୁସ୍ତକକୁ ଖୋଲିଦେବା ମୋ ନିମନ୍ତେ ଯଥେଷ୍ଟ ଆନନ୍ଦ ଓ ସୌଭାଗ୍ୟର ବିଷୟ ଅଟେ, ଯେଉଁଠାରେ ମୁଁ ନିଜ ବ୍ୟକ୍ତିଗତ ନେତୃତ୍ୱର ଯାତ୍ରାକୁ ବିତରଣ କରିପାରିବି । ଏଗୁଡ଼ିକ ମଧ୍ୟରୁ କିଛି ପାଠ ମୁଁ ନିଜର କିଛି ସକ୍ଷମ ନେତାମାନଙ୍କ ନିର୍ଦ୍ଦେଶ ଓ ସେମାନଙ୍କୁ ଅନୁସରଣ କରି ଶିଖିଛି ।  ଏହି ଯାତ୍ରାରେ ଯେଉଁ ଅନୁଭବ ମୋତେ ମିଳିଛି, ସେଗୁଡ଼ିକ ମଧ୍ୟରୁ କିଛି ଅନୁଭବ ମୁଁ ଅନେକ ବହିରୁ ପଢ଼ିଛି କିମ୍ବା କୌଣସି ସେମିନାର୍ କିମ୍ବା ପ୍ରଚାର ସମୟରେ ଶୁଣିଛି ଓ ସେଗୁଡ଼ିକ ଅନୁସରଣ କରିଛି, ପୁଣି କିଛି ବିଷୟ ମୁଁ ନିଜର ସଫଳତା ଓ ବିଫଳତାରୁ ଶିଖିଛି ।  ମୁଁ ସ୍ୱତନ୍ତ୍ର ଭାବରେ ବିଶ୍ୱାସ କରୁଛି ଯେ ଏହି ସିଦ୍ଧାନ୍ତ ମୌଳିକ ଅଟେ ଓ ବିଷୟବସ୍ତୁକୁ କହିବା ପାଇଁ ଏହିଠାରୁ ଆରମ୍ଭ କରନ୍ତୁ ନାହିଁ, ବରଂ ଯଦି କୌଣସି ବିଶେଷ ବିଷୟ ଆପଣଙ୍କୁ ଦ୍ୱନ୍ଦପୂର୍ଣ୍ଣ ମନେ ହୋଇଥାଏ କିମ୍ବା ବିଶେଷ ରୁଚି ପ୍ରଦାନ କରିଥାଏ କିମ୍ବା ଆପଣଙ୍କର କୌଣସି ବିଶେଷ ପରିସ୍ଥିତିରେ ବ୍ୟବହାର କରିବା ପାଇଁ ମୁଁ ଆପଣଙ୍କୁ ଅତିରିକ୍ତ ସମ୍ପର୍କିତ ବିଷୟ "ଅତିରିକ୍ତ ଅଧ୍ୟୟନ ନିମନ୍ତେ"ରେ ପ୍ରଦାନ କରିଛି ।

ମୁଁ ଏହିସବୁ ପାଠକୁ ବିଶେଷରୂପେ ସେମାନଙ୍କ ନିମନ୍ତେ ଲେଖିଛି, ଯେଉଁମାନଙ୍କର ସ୍ତ୍ରୀମାନଙ୍କ ବିଷୟରେ ବାଇବଲ ଆଧାରିତ ନେତୃତ୍ୱ ପ୍ରଶିକ୍ଷଣ ସାମଗ୍ରୀ ପାଇବା ପାଇଁ ଇଚ୍ଛାଥାଏ ।  ଏଥିରେ ଦିଆଯାଇଥିବା ଉଦାହରଣ ଓ ଅନୁଭବ ଜଣେ ସ୍ତ୍ରୀର ଦୃଷ୍ଟିକୋଣରୁ ନିଆଯାଇଛି ।  ଯଦି ଆପଣ ଜଣେ ଖ୍ରୀଷ୍ଟିୟାନ୍ ସ୍ତ୍ରୀ ଅଟନ୍ତି, ଯେ କି ନେତୃତ୍ୱ ନିଅନ୍ତି, ଯେ କି ଆଗାମୀ ପିଢ଼ି ମଧ୍ୟରୁ ପରମେଶ୍ୱରଙ୍କ ରାଜ୍ୟ ନିମନ୍ତେ ନେତୃତ୍ୱକୁ ବିକଶିତ କରିବା ପ୍ରତି ସମର୍ପିତ ଅଟନ୍ତି, ତେବେ ମୁଁ ଆପଣଙ୍କୁ ଉତ୍ସାହିତ କରିବି ଯେ ଆପଣ ଏହିସବୁ ପାଠକୁ ବାରଟି ନେତୃତ୍ୱ ପ୍ରଶିକ୍ଷଣ ଭାଗରେ ସହାୟକ ଭାବରେ ବ୍ୟବହାର କରିପାରିବେ ।  ଯଦି ଆପଣ ସମ୍ପ୍ରତି ଆପଣଙ୍କର ନେତୃତ୍ୱ ଯାତ୍ରା ଆରମ୍ଭ କରିଥିବା ଜଣେ ମହିଳା ଅଟନ୍ତି, ତେବେ ପ୍ରାର୍ଥନାପୂର୍ବକ ଆପଣ ସମାନ୍ ମାନସିକତାବିଶିଷ୍ଟ ଅନ୍ୟ ଲୋକମାନଙ୍କୁ ଖୋଜନ୍ତୁ ଓ ମିଳିମିଶି ଅନ୍ୟ ଈଶ୍ୱରପରାୟଣ ପରାମର୍ଶକାରୀମାନଙ୍କୁ ନିଯୁକ୍ତ କରନ୍ତୁ, ଯେଉଁମାନେ ସେମାନଙ୍କ ଜ୍ଞାନ ଓ ଅନୁଭବକୁ ଆପଣଙ୍କୁ ବିତରଣ କରିପାରିବେ ।

ମୁଁ ବିଶ୍ୱସ୍ତରୂପେ ଆଶା କରୁଛି ଯେ ଆପଣ ଏହି ପାଠଗୁଡ଼ିକୁ "ସାମୁହିକ ଭାବରେ" ପଢ଼ିବେ, ଯେଉଁଠାରେ ପ୍ରତି ଜନସଭା ଆରମ୍ଭ ହେବା ପୂର୍ବରୁ ଏହାକୁ ପଢ଼ିବେ ଓ ଏହି ସାମଗ୍ରୀଗୁଡ଼ିକ ବିଷୟରେ ଅନ୍‌ଲାଇନ୍‌ରେ କିମ୍ବା ବ୍ୟକ୍ତିଗତ ଭାବରେ ନିଜର ବିଚାର, ଅନୁଭବ ଓ ଜ୍ଞାନକୁ

ପ୍ରତିବିମ୍ବିତ କରିବେ ଏବଂ ପରସ୍ପରକୁ ଉତ୍ସାହିତ ମଧ୍ୟ କରିବେ । ନେତୃତ୍ୱ ଏକ ନମ୍ରତାର ଅନୁଭବ ହୋଇପାରିବ । ଆପଣ ଯଦି ନିଜକୁ ଜଣେ "ସ୍ୱାଭାବିକ ନେତା" ବୋଲି ଭାବନ୍ତି ନାହିଁ, ତେବେ ଆପଣ ଏକ ଭଲ ସହଭାଗିତାରେ ଅଛନ୍ତି ; ମୋଶା, ଗିଦିୟୋନ୍ କିମ୍ବା ଦାଉଦ କେବେ ବି ନିଜ ନିଜ ବିଷୟରେ ଏହିପରି ଭାବି ନ ଥିଲେ, କିନ୍ତୁ ପରମେଶ୍ୱର ସେମାନଙ୍କୁ ହଜାର ହଜାର ଲୋକଙ୍କ ନେତୃତ୍ୱ ନେବା ପାଇଁ ମନୋନୀତ କରିଥିଲେ । ସୁଖର ବିଷୟ ହେଉଛି ଯେ ପରମେଶ୍ୱର ଆଶା କରନ୍ତି ନାହିଁ ଯେ ଆମେ ଏପରି ଶିଷ୍ୟ କରିବା ଯେଉଁମାନେ ଆମକୁ ଅନୁସରଣ କରିବେ, ମାତ୍ର ଏହିପରି ଶିଷ୍ୟ ଯେଉଁମାନେ ଯୀଶୁଙ୍କର ଅନୁସରଣ କରିବା ବିଷୟରେ ଆମେ ସେମାନଙ୍କର ନେତୃତ୍ୱ ନେବା, ଯେ କି ଆମ୍ଭମାନଙ୍କ ସହିତ ସର୍ବଦା ରହିଥାନ୍ତି ଓ ଯାହାଙ୍କୁ ଆକାଶ ଓ ପୃଥିବୀର ସମ୍ପୂର୍ଣ୍ଣ ଅଧିକାର ପ୍ରଦାନ କରାଯାଇଛି ।"

ଆମେ ପରମେଶ୍ୱରଙ୍କ ଅନୁସରଣ କଲା ବେଳେ ତାହାଙ୍କ ଜ୍ଞାନ ଓ ଉପସ୍ଥିତି ଆମ ସମସ୍ତଙ୍କୁ ପରିଚାଳିତ କରୁ ।

## ପାଠ ୧ : ଖ୍ରୀଷ୍ଟଙ୍କଠାରେ ମୋର ପରିଚୟ

ନେତୃତ୍ୱର ପ୍ରଥମ ନିୟମଗୁଡ଼ିକ ମଧ୍ୟରୁ ଗୋଟିଏ ନିୟମ ହେଉଛି ଯେ ଆପଣ କିଏ ଓ ଆପଣ କେଉଁଠାକୁ ଯାଉଛନ୍ତି ତାହା ସ୍ଥିର କରିବା । ଏହା ବିନା, ଆପଣ ଓ ଆପଣଙ୍କୁ ଅନୁସରଣ କରୁଥିବା ସମସ୍ତେ ଲକ୍ଷ୍ୟହୀନ ଭାବରେ ଘୁରି ବୁଲୁଛନ୍ତି, ପୁଣି କେବେ ବି କିଛି ପ୍ରାପ୍ତ ହୋଇପାରନ୍ତି ନାହିଁ । ଖ୍ରୀଷ୍ଟିୟାନ୍ ହୋଇଥିବାରୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମର ପରିଚୟ ସ୍ପଷ୍ଟ ଅଟେ । ପବିତ୍ର ଶାସ୍ତ୍ରରେ ଏହିପରି ହଜାର ହଜାର ଉଦାହରଣ ଦିଆଯାଇଛି, ଯାହାକି ଏହି ବିଷୟକୁ ବର୍ଣ୍ଣନା କରିଥାଏ ଯେ ଆମେ କିଏ ଅଟୁ । ଆମେ ଏହି ପୃଥିବୀର ଲବଣ ଅଟୁ, ଏହି ସଂସାରର ଜ୍ୟୋତି ଅଟୁ, ଯୀଶୁ ଖ୍ରୀଷ୍ଟଙ୍କ ରାଜଦୂତ ଅଟୁ, ତାହାଙ୍କ ଶରୀର ଅଟୁ, ଯାଜକବର୍ଗ ଅଟୁ, ଓ ଏକ ପବିତ୍ର ଜାତି ଅଟୁ । କିନ୍ତୁ ମୁଁ କିଏ ବୋଲି ପରମେଶ୍ୱର ମୋ ବଷୟରେ କ'ଣ କହୁଅଛନ୍ତି ? ସେ ମୋତେ କେଉଁ ଦୃଷ୍ଟିରେ ଦେଖୁଅଛନ୍ତି ? ମୁଁ ଜାଣିଛି ଯେ ମୁଁ ନୂତନ "ଜନ୍ମ ପ୍ରାପ୍ତ" ହୋଇଛି (ଯୋହନ ୩:୧୬) । ଏହା କ'ଣ ମୋର ପରିଚୟ ପରିବର୍ତ୍ତନ କରିଦିଏ ? ଯଦି ହଁ, ତେବେ କିପରି ଭାବରେ, ଆଉ ଯଦି ନାହିଁ, ତେବେ କିପରି ଭାବରେ ନାହିଁ ? ପାଉଲ ଏହିସବୁ ପ୍ରଶ୍ନର ଉତ୍ତର ଏଫିସୀୟ ପୁସ୍ତକରେ ବହୁତ ଭଲରୂପେ ପ୍ରଦାନ କରିଅଛନ୍ତି, ଯାହାକି ଏପରି ଏକ ପତ୍ର

ଅଟେ, ଯାହାକି "ସାଧୁ ..... ପ୍ରଭୁ ଯୀଶୁଙ୍କୁ ବିଶ୍ୱାସ କରୁଥିବା ଲୋକମାନଙ୍କ" ନିମନ୍ତେ ଲେଖାଯାଇଛି । ଏଥିରେ ଆମେ ମଧ୍ୟ ସମ୍ମିଳିତ ଅଛୁ !!

୧. ମୁଁ ଆଶୀର୍ବାଦପ୍ରାପ୍ତ ଅଟେ : ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି" (ଏଫିସୀୟ ୧:୩) । "ଆଶୀର୍ବାଦ" ଶବ୍ଦ ନିମନ୍ତେ ଗ୍ରୀକ୍ ଭାଷା "ୟୁଲୋଜିୟୋ" ଅଛି, ଯାହାର ଅର୍ଥ ହେଉଛି "କାହା ବିଷୟରେ ଭଲ କଥା କହିବା ।" ମୁଁ ତାହାଙ୍କୁ ଧନ୍ୟ ବୋଲି କହୁଛି (ପରମେଶ୍ୱରଙ୍କ ବିଷୟରେ ଭଲ କଥା କହିବା) ଯେ କି ମୋତେ ଆଶୀର୍ବାଦ କରିଅଛନ୍ତି (ଯେ କି ମୋର ବିଷୟରେ ଭଲ ଭଲ କଥା କହିଅଛନ୍ତି) । ଏହା କେତେ ଆଶ୍ଚର୍ଯ୍ୟର ବିଷୟ ଅଟେ ଯେ ପରମେଶ୍ୱର ଯେ କି ଆପଣା କଥା କହି ଏହି ସମ୍ପୂର୍ଣ୍ଣ ପୃଥିବୀ ଓ ବିଶ୍ୱବ୍ରହ୍ମାଣ୍ଡକୁ, ସୂର୍ଯ୍ୟଠାରୁ ସୃଷ୍ଟି କଲେ, ସେ ସୃଜନାତ୍ମକ ଭାବରେ ମୋର ଜୀବନରେ ପ୍ରଭୁ ଯୀଶୁ ମସୀହଙ୍କଠାରେ ଥାଇ "ପ୍ରତ୍ୟେକ ଆତ୍ମିକ ଆଶୀର୍ବାଦ" କଥା କହିଅଛନ୍ତି । ମୁଁ ଯେତେବେଳେ ମୋ ଜୀବନରେ ନିରୁତ୍ସାହିତ ଓ ଦୁଃଖୀ ଥିଲି ଏବଂ ଅନୁଭବ କରୁଥିଲି ଯେ ମୋ ପାଖରେ ଦେବା ପାଇଁ କିଛି ନାହିଁ, ସେତେବେଳେ ସେ ମୋର ବିଷୟରେ ଭଲ କଥା କହିଲେ, ମୋର ପ୍ରଶଂସା କଲେ ଓ ପ୍ରତ୍ୟେକ ଆତ୍ମିକ ଆଶୀର୍ବାଦରେ ମୋତେ ପରିପୂର୍ଣ୍ଣ କଲେ । ପୁରାତନ ନିୟମରେ, ପିତା ନିଜର ପିଲାମାନଙ୍କ ଉପରକୁ ଆଶୀର୍ବାଦକୁ ଡ଼ାକୁଥିଲେ । ଆପଣ ଯାକୁବଙ୍କ କାହାଣୀ ମନେ ରଖିଛନ୍ତି କି ଯେ କି ନିଜର ପୁତ୍ରମାନଙ୍କୁ ମଧ୍ୟ ଆଶୀର୍ବାଦ କରିଥିଲେ, କିମ୍ବା ଶଲୋମନଙ୍କୁ ଆଶୀର୍ବାଦ ଦେଇଥିବା ଦାଉଦଙ୍କ କାହାଣୀ ମନେ ଅଛି ? ଆଶୀର୍ବାଦରେ ସୃଜନାତ୍ମକ ସମର୍ଥନ ଥାଏ, ପୁଣି ଯେତେବେଳେ ଆମର ପିତା ପରମେଶ୍ୱର ଆପଣା ସୃଜନାତ୍ମକ ଆଶୀର୍ବାଦକୁ ଆମ ଉପରେ କହିଅଛନ୍ତି, ସେତେବେଳେ ପ୍ରତ୍ୟେକ ଆତ୍ମିକ ଆଶୀର୍ବାଦ ଆମକୁ ଦିଆଯାଇଛି । ଏହାର ଅର୍ଥ କ'ଣ ଟିକିଏ ଚିନ୍ତା କରନ୍ତୁ !!

୨. ମୁଁ ମନୋନୀତ ହୋଇଛି : "ଅର୍ଥାତ୍ ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ, ଏଥିପାଇଁ ସେ ଜଗତର ପତ୍ତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ" (ଏଫିସୀୟ ୧:୪) । ସ୍ୱୟଂ ପରମେଶ୍ୱର ମୋତେ ମନୋନୀତ କରିଅଛନ୍ତି । ମୋ ବିଷୟରେ କିଏ କ'ଣ କହିଲା ବା ଚିନ୍ତାକଲା ସେଥିରେ କୌଣସି ବିଶେଷତ୍ୱ

ନାହିଁ, ମୁଁ ଆକସ୍ମିକ ଭାବରେ ହୋଇଯାଇ ନାହିଁ, ଏବଂ କୌଣସି ଭୁଲ୍ ବା ଅନପେକ୍ଷିତ ବିଚାରର ଫଳ ନୁହେଁ । ମୋର ମାଆ ବା ବାପା ଚିନ୍ତା କରିଥିବେ ବା ନିରାଶ ହୋଇଥିବେ ଯେ ମୁଁ ଜଣେ ପୁଅ ନୁହେଁ, ତଥାପି ମଧ୍ୟ ପରମେଶ୍ୱର ମୋତେ ଜଣେ ମାଆ ବା ଆପଣା ହୃଦୟ ଅନୁସାରେ ଜଣେ ସ୍ତ୍ରୀ ହେବା ପାଇଁ ମନୋନୀତ କରିଅଛନ୍ତି । ପୁଣି ଏହା ଶେଷ ମୁହୂର୍ତ୍ତରେ ନିଆଯାଇଥିବା କିମ୍ବା ଶୀଘ୍ର ଶୀଘ୍ର ନିଆଯାଇଥିବା ନିର୍ଣ୍ଣୟ ନ ଥିଲା । ମୋତେ ଏହି ପୃଥିବୀର ଭିତ୍ତିମୂଳ ସ୍ଥାପନ ହେବା ପୂର୍ବରୁ ମନୋନୀତ କରାଯାଇଥିଲା । ସେ ହିଁ ମୋତେ ମୋର ମାଆଙ୍କ ଗର୍ଭରେ ରଚନା କରିଅଛନ୍ତି (ଗୀତସଂହିତା ୧୩୯:୧୩) । "ମନୋନୀତ ହେବା"ର ଗ୍ରୀକ୍ ଶବ୍ଦ ହେଉଛି "ଏକ୍ଲେଗୋମାଇ", ଏହାର ଅର୍ଥ ହେଉଛି, "କୌଣସି ବିଶେଷ ବ୍ୟକ୍ତିଙ୍କ ନିମନ୍ତେ ମନୋନୀତ ହେବା, କିମ୍ବା ମନୋନୀତ କରିବା ।" ସେ ମୋତେ ମନୋନୀତ କଲେ ଓ ମୋତେ ତାହାଙ୍କର ଅଟେ ବୋଲି ଦାବି କଲେ । ଆମେ ଯେତେବେଳେ ବଜାରକୁ ଯାଇ ଫଳ ବାଛୁ, ସେତେବେଳେ ଆମେ ସେଗୁଡ଼ିକ ମଧ୍ୟରୁ ଭଲ ଭଲ ଫଳ ବାଛିଥାଉ, ଯାହାକି ସବୁଠାରୁ ଭଲ ହୋଇଥାଏ, ଯେଉଁଗୁଡ଼ିକ ସବୁଠାରୁ ଶୁଦ୍ଧ ହୋଇଥାଏ, ସେଗୁଡ଼ିକୁ ବାଛିଥାଉ, ସେଗୁଡ଼ିକ ପ୍ରଥମରୁ ଯେପରି ଥାନ୍ତି, ସେଥିପାଇଁ ନୁହେଁ, ବରଂ ସେଗୁଡ଼ିକ ମଧ୍ୟରେ ଥିବା କ୍ଷମତାକୁ ଦେଖି ହିଁ ଆମେ ସେଗୁଡ଼ିକୁ ବାଛିଥାଉ ଓ ସେଥି ସହିତ ଆମ ମନରେ ଏହି ଫଳ ବିଷୟରେ ଏକ ବିଶେଷ ଯୋଜନା ହୋଇଥାଏ । ପରମେଶ୍ୱରଙ୍କ ଦ୍ୱାରା ଆମେ ମନୋନୀତ ହେବା କେବେ ବି ଆମ ନିମନ୍ତେ ଗର୍ବର ଏକ ସ୍ରୋତ ହେବା ଉଚିତ୍ ନୁହେଁ, କାରଣ ପରମେଶ୍ୱର ଜଗତର ମୁର୍ଖ ଓ ଦୁର୍ବଳମାନଙ୍କୁ ମନୋନୀତ କରନ୍ତି (୧ମ କରିନ୍ଥୀୟ ୧:୨୭) । କିନ୍ତୁ ଏହା ଆମକୁ ସର୍ବଦା ଆଶା ଓ ଉତ୍ସାହର ସହିତ ପ୍ରେରିତ କରୁଥିବା ଉଚିତ୍, ପୁଣି ଆମେ ଯେତେବେଳେ ବୁଝିଯାଉ ଯେ ଆମେ ସମ୍ପୂର୍ଣ୍ଣରୂପେ ତାହାଙ୍କ ଉପରେ ନିର୍ଭରଶୀଳ ଅଟୁ, ସେତେବେଳେ ଆମର ଆଣ୍ଠୋଇ ପଡ଼ିବା ଉଚିତ୍ (୨ୟ କରିନ୍ଥୀୟ ୧୨:୯) ।

୩. ମୋତେ ପ୍ରେମ କରାଯାଇଛି : "ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ" (ଏଫିସୀୟ ୧:୪ଖ, ୫) । ପବିତ୍ର ଶାସ୍ତ୍ରରେ ଏପରି ହଜାର ହଜାର ଉଦାହରଣ ଅଛି, ଯାହାକି ପରମେଶ୍ୱରଙ୍କ ଆପଣାର ପିଲାମାନଙ୍କ ପ୍ରତି ଗଭୀର ଓ ଶାଶ୍ୱତ ପ୍ରେମ ବର୍ଣ୍ଣନା କରିଥାଏ, କିନ୍ତୁ ସେସବୁ ରୋମୀୟ ୮:୩୮, ୩୯ ଓ ରୋମୀୟ ୫:୭, ୮ ପଦରୁ ଅଧିକ ଶକ୍ତିଶାଳୀ ନୁହେଁ :

*୩୮ କାରଣ ମୃତ୍ୟୁ କି ଜୀବନ, ଦୂତ କି କର୍ତ୍ତାପଣ, ବର୍ତ୍ତମାନ କି ଭବିଷ୍ୟତ୍ କି ପରାକ୍ରମ, ୩୯ ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସୃଷ୍ଟ ବସ୍ତୁ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ, ଏହା ମୁଁ ନିଶ୍ଚିତ ଜାଣେ ।*

*୭ ଧାର୍ମିକ ଲୋକ ନିମନ୍ତେ ପ୍ରାୟ କେହି ମୃତ୍ୟୁଭୋଗ କରିବ ନାହିଁ - ଉତ୍ତମ ଲୋକ ନିମନ୍ତେ ଅବା କେହି ପ୍ରାଣ ଦେବାକୁ ସାହସ କରି ପାରେ - ୮ କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।*

ଆମ୍ଭମାନଙ୍କ ମଧ୍ୟରୁ ଅନେକେ କେବେ ବି ସାଂସାରିକ ବାପାଙ୍କର ପ୍ରେମକୁ କେବେ ବି ଜାଣି ନ ଥିବା ପୁଣି ଏହି କାରଣରୁ ପରମେଶ୍ୱରଙ୍କ ପ୍ରେମ ଆମକୁ ଏକ ଅସମ୍ଭବ ସ୍ୱପ୍ନ ପରି ଦେଖାଯାଇପାରିବ, କିନ୍ତୁ ତଥାପିମଧ୍ଯ ଆମେ ନିଜର ଆତ୍ମାର ଗଭୀରତାରେ ଏହି ପ୍ରେମକୁ ଖୋଜିଚାଲିଥାଉ - ଏପରି ଏକ ପ୍ରେମ ଯାହାକି ବଳିଷ୍ଠ, ନିଃସର୍ତ୍ତ, କରୁଣାମୟ, ଦୟାଳୁ, ଉଦାର, କ୍ଷମାଶୀଳ ଓ ମୃଦୁ ହୋଇଥାଏ । ପରମେଶ୍ୱର ଆମକୁ ସେହି ପ୍ରେମ ଓ ତହିଁରୁ ଅଧିକ ଦେବାକୁ ଇଚ୍ଛା କରୁଅଛନ୍ତି । ଆମ୍ଭମାନଙ୍କ ମଧ୍ୟରୁ ଅନେକ ଲୋକ ଗଭୀର ଭାବନାତ୍ମକ ଆଘାତର ଅନୁଭବ କରିଥିବା ପୁଣି ବୋଧହୁଏ ଏହିପ୍ରକାରେ ପଚାରୁଥିବା, “ପରମେଶ୍ୱର ଯଦି ମୋତେ ପ୍ରେମ କରୁଅଛନ୍ତି ଓ ସେ ଏତେ ସାମର୍ଥ୍ୟବାନ୍ ଅଟନ୍ତି, ତେବେ ସେ ମୋର ଜୀବନରେ ଏହିପରି କାହିଁକି ହେବାକୁ ଦେଲେ ନାହିଁ ।” ସେ ଆମଠାରୁ ଏହା ଲୋଡ଼ନ୍ତି ଯେ ଆମେ ଏହା ଜାଣିବା ଯେ ଆମର କଷ୍ଟ ମଧ୍ୟରେ ମଧ୍ୟ, ସେ ସେଠାରେ ଉପସ୍ଥିତ ଥିଲେ, ପୁଣି ତାଙ୍କର ହୃଦୟ ମଧ୍ୟ ଆମର ହୃଦୟ ସହିତ ଭାଙ୍ଗି ଯାଉଥିଲା । ସେ ଆମକୁ ସ୍ୱାଗତ କରିଥାନ୍ତି ଯେପରି ଆମେ ତାହାଙ୍କ ଆଡ଼କୁ ଦୌଡ଼ିଯିବା ଓ ତାହାଙ୍କ ପ୍ରେମକୁ ଆପଣାଇ ତାହାଙ୍କ ସୁସ୍ଥତାର ସାମର୍ଥ୍ୟ ଲାଭ କରିବା ।

ମୋ ପରି ଅନ୍ୟ କିଛି ଲୋକ ହୁଏତ ଜଣେ ଦୟାଳୁ ଓ ପ୍ରେମୀ ସାଂସାରିକ ବାପାଙ୍କ ପ୍ରେମକୁ ଜାଣିଥିବେ ଓ ଏହି କାରଣରୁ ମୋ ପାଇଁ ଜଣେ ଜ୍ଞାନୀ ଓ କ୍ଷମାଶୀଳ ସ୍ୱର୍ଗୀୟ ପିତାଙ୍କ ଉପରେ ବିଶ୍ୱାସ କରିବା ବହୁତ ସହଜ ହୋଇଥିଲା । ମୁଁ ସ୍ୱର୍ଗସ୍ଥ ପିତାଙ୍କୁ ନିଜର ସାଂସାରିକ ପିତା ଭାବରେ ଚିତ୍ରଣ କଲି, ଯାହାଙ୍କୁ ମୁଁ ମୋର ଆଦର୍ଶ ବୋଲି ବିଶ୍ୱାସ କରେ । କିନ୍ତୁ ମୁଁ ସେଦିନକୁ କେବେ ଭୁଲିପାରିବି ନାହିଁ, ଯେଉଁଦିନ ମୁଁ ନିଜ ଘରୁ ଦୂରରେ ରହିଥିବାରୁ ନିଜ ମଧ୍ୟରେ ନିରାଶା ଅନୁଭବ

କରୁଥିଲି, ସେତେବେଳେ ପରମେଶ୍ୱର ମୋର ହୃଦୟରେ କହିଲେ, "ମୁଁ ତୁମର ପିତା ହେବା ପାଇଁ ଇଚ୍ଛା କରୁଛି ।" ଏହା ପ୍ରାୟ ଏପରି ଥିଲା ଯେପରି ମୋର ଆଖିରୁ କାତି ପରି କିଛି ବିଷୟ ଖସିଗଲା ଓ ସେହି ସମୟରୁ ପରମେଶ୍ୱର ମୋ ପାଇଁ ସର୍ବଦା ଉପଲବ୍ଧ ଥିବା ଶକ୍ତି, ଶରଣ ଓ ସତ୍ୟତାର ସ୍ରୋତ ହୋଇଗଲେ ।

ତା'ପରେ ମୁଁ କେବେ ବି ପଛକୁ ଫେରି ଦେଖି ନାହିଁ । ଆପଣ ଯଦି ଏହା ଜାଣିବାକୁ ଅନ୍ୱେଷଣ କରୁଛନ୍ତି, ତେବେ ଆପଣ ତାହାଙ୍କଠାରେ ପ୍ରାର୍ଥନା କରନ୍ତୁ ଯେପରି ସେ ଏହି ସତ୍ୟତାକୁ ଆପଣଙ୍କ ହୃଦୟରେ ପ୍ରକାଶ କରିବେ, ତା'ପରେ ନିଜର ଦିନର ଅନପେକ୍ଷିତ ସ୍ଥାନ ଓ ସମୟରେ ତାହାଙ୍କ ଆଡ଼କୁ ଦେଖିବାକୁ ଆରମ୍ଭ କରନ୍ତୁ ।

୪. ମୋତେ ପୋଷ୍ୟ କରାଯାଇଛି : "ପୁଣି, ସେ ଆମ୍ଭମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ" (ଏଫିସୀୟ ୧:୫) । ପରମେଶ୍ୱର ମୋତେ କେବଳ ବାଛିଲେ, ଆଶୀର୍ବାଦ କଲେ ଓ ମୋତେ ପ୍ରେମ କଲେ ତାହା ନୁହେଁ, ମାତ୍ର ସେ ମୋତେ ଆପଣା ପରିବାରରେ ପୋଷ୍ୟ କଲେ ଓ ମୋତେ ଆପଣା ଉତ୍ତରାଧିକାର ମଧ୍ୟ ନିଯୁକ୍ତ କରିଅଛନ୍ତି (ଯୋହନ ୧:୧୨ ; ଏଫିସୀୟ ୧:୧୧ ; ଗାଲାତୀୟ ୪:୬, ୭) ! ପରମେଶ୍ୱରଙ୍କ ପରିବାରର ଏକ ଅଂଶ ହେବା ବହୁତ ସୌଭାଗ୍ୟର ବିଷୟ ଅଟେ, ଯେଉଁଠାରେ ମୁଁ ସଂସାରସାରା ମୋର ଭାଇ ଓ ଭଉଣୀମାନଙ୍କ ସହିତ ମିଳିତ ହୋଇପାରିବି । ଆମେ ହୁଏତ ଗୋଟିଏ ଭାଷା କହୁ ନ ଥିବା ଓ ଏକ ସଂସ୍କୃତିର ଅନୁସରଣ କରି ନ ଥାଇପାରୁ, କିନ୍ତୁ ଆମର ପିତା ଜଣେ ଅଟନ୍ତି, ଜଣେ ଉଦ୍ଧାରକର୍ତ୍ତା ଅଟନ୍ତି, ଏକ ଆତ୍ମା ଅଟେ ଓ ସେ ହିଁ ଆମକୁ ନିଜ ପ୍ରେମ ପ୍ରତି ଓ ପରସ୍ପର ପ୍ରତି ଆମର ଚିନ୍ତାକୁ ଏକତ୍ରିତ କରୁଅଛନ୍ତି ।

୫. ମୋତେ ଗ୍ରହଣ କରାଯାଇଛି : "ଏହା ତାହାଙ୍କ ଅନୁଗ୍ରହର ଗୌରବର ପ୍ରଶଂସା ନିମନ୍ତେ ହୋଇଅଛି ; ସେହି ଅନୁଗ୍ରହ ସେ ପ୍ରିୟତମଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦାନ କରିଅଛନ୍ତି" (ଏଫିସୀୟ ୧:୬) । "ଗ୍ରହଣୀୟ ହେବା"ର ଗ୍ରୀକ୍ ଶବ୍ଦ "ଚାରିଟୋ" ବ୍ୟବହାର ହୋଇଥାଏ, ଏହାର ଅର୍ଥ ହେଉଛି : "ଆନନ୍ଦିତ ହୋଇଥିବାର ମିଳିଲା, ଯେଉଁଥିରେ ଆନନ୍ଦ ମିଳିଲା ।" କେବଳ ଗୋଟିଏ ଥର ବ୍ୟବହୃତ ହୋଇଛି ଯେତେବେଳେ ତାହା ବିଶେଷରୂପେ ଗ୍ରୀକ୍ ଶବ୍ଦକୁ ନୂତନ ନିୟମର ଲୂକ

୧:୨୮ ପଦରେ ବ୍ୟବହାର କରାଯାଇଛି, ଯେଉଁଠାରେ ସ୍ୱର୍ଗଦୂତ ମରିୟମଙ୍କୁ "ଈଶ୍ୱରଙ୍କ ଦ୍ୱାରା ଅନୁଗ୍ରହପ୍ରାପ୍ତ" ବୋଲି କହି ଅଭିବାଦନ କରୁଛନ୍ତି । ପରମେଶ୍ୱର ଆପଣା ପ୍ରିୟ ପୁତ୍ରଙ୍କ ମାଧ୍ୟମରେ ମୋଠାରୁ ଆନନ୍ଦ ପାଇଥାନ୍ତି । ସେ ମୋଠାରେ ଆନନ୍ଦ କରିଥାଆନ୍ତି । ସେ ମୋତେ ସ୍ୱୀକାର କରିଥାଆନ୍ତି । ସେ କହନ୍ତି ଯେ ମୋଠାରେ ପରମେଶ୍ୱରଙ୍କର ଅନୁଗ୍ରହ ଅଛି । ମହିଳାମାନେ ନିଜର ପରିବାର ଓ ମିତ୍ରମାନଙ୍କ ସହିତ ସମୟ କ୍ଷେପଣ କରିବାକୁ ପସନ୍ଦ କରନ୍ତି । ଆମେ ପରସ୍ପରର କାହାଣୀ ଶୁଣିବାକୁ ପସନ୍ଦ କରିଥାଉ ଓ ତତ୍‌ସଙ୍ଗେ ସଙ୍ଗେ ନିଜର କାହାଣୀଗୁଡ଼ିକୁ ମଧ୍ୟ କହିବା ପାଇଁ ଇଚ୍ଛା କରିଥାଉ । ସ୍ତ୍ରୀ ହୋଇଥିବାରୁ ଆମ ପାଇଁ ସମ୍ପର୍କ ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ; ତାହା ଆମକୁ ଶକ୍ତି ପ୍ରଦାନ କରିଥାଏ ଓ ଆମର ଆତ୍ମାରେ ଶକ୍ତି ପ୍ରଦାନ କରିଥାଏ । ତିରସ୍କାର ଆମ ନିମନ୍ତେ ନିଃସନ୍ଦେହ ବହୁତ କଷ୍ଟ ହୋଇଥାଏ ; ସେହି ଆଘାତ ଅନ୍ତରର ଗଭୀରତମ ପ୍ରଦେଶକୁ ଯାଇଥାଏ । ଏହି ବିଷୟକୁ ଜାଣିବା ଆମ ନିମନ୍ତେ ବହୁତ ଆଶ୍ଚର୍ଯ୍ୟକର ବିଷୟ ଅଟେ ଯେ ରାଜାମାନଙ୍କ ରାଜା ଯୀଶୁ ଆମକୁ ପ୍ରେମ କରୁଅଛନ୍ତି ଓ ଆମେ ଯେପରି ବ ଅଟୁ, ସେ ଆମକୁ ଗ୍ରହଣ କରୁଅଛନ୍ତି । ସେ କେବେ ବି ଆମକୁ ଛାଡ଼ିବେ ନାହିଁ ଓ ଆମଠାରୁ ଲୁଚି ରହିବେ ନାହିଁ । ସେ ଆମକୁ ତାହାଙ୍କ ସିଂହାସନ ସମ୍ମୁଖରେ ହିଁ ଆପଣଙ୍କ ସହିତ ଆସିବାକୁ କହୁଅଛନ୍ତି (ଏବ୍ରୀ ୪:୧୬) । ଯେତେବେଳେ ମୁଁ ପ୍ରାର୍ଥନା କରିଥାଏ, ସେତେବେଳେ ମୁଁ ନିଜର କଳ୍ପନାରେ ପରମେଶ୍ୱରଙ୍କୁ ଏକ ବହୁତ ସୁନ୍ଦର ସ୍ୱର୍ଣ୍ଣିମ କୋଠରୀରେ ସିଂହାସନରେ ଆପଣା ସିଂହାସନରେ ଉଚ୍ଚ ସ୍ଥାନରେ ବିରାଜମାନ ହୋଇଥିବାର ଦେଖିଥାଏ । ମୁଁ ଯେତେବେଳେ ଦ୍ୱାର ନିକଟରେ ପହଁଞ୍ଚିଥାଏ, ସେତେବେଳେ ତାହାଙ୍କ ମୁହଁ ମୋତେ ଦେଖି ପ୍ରସନ୍ନଚିତ୍ତରେ ହସି ଉଠିଥାଏ ଓ ସେ ମୋତେ ନିଜର ଉପସ୍ଥିତିରେ କେବଳ ଜଣେ ଏପରି ପ୍ରାର୍ଥନାକାରୀ ଭାବରେ ସ୍ୱାଗତ କରନ୍ତି ନାହିଁ, ଯାହାଙ୍କୁ ତାହାଙ୍କର କୃପାର ଆବଶ୍ୟକତା ଅଛି, ବରଂ ସେ ଆପଣା ହାତକୁ ଏପରି ଭାବରେ ପ୍ରସାରିତ କରନ୍ତି, ଯେପରି ମୁଁ ନିଜର ବାପାଙ୍କ ନିକଟକୁ ଯିବି ଓ ତାଙ୍କର ଛାତିରେ ଲାଗିଯାଇ ତାହାଙ୍କ ପ୍ରେମର ଅନୁଭବ କରିପାରିବି । ମୋତେ ସ୍ୱୀକାର କରାଯାଇଛି, ମୋ ଉପରେ "ପରମେଶ୍ୱରଙ୍କ ଅନୁଗ୍ରହ" ରହିଛି ଓ ମୁଁ "ତାହାଙ୍କ ପ୍ରସନ୍ନତା" ଅଟେ ।

୬. ମୋତେ ମୂଲ୍ୟଦେଇ ମୁକ୍ତ କରାଯାଇଛି : "ଆମ୍ଭେମାନେ ..... ତାହାଙ୍କ ରକ୍ତ ଦ୍ୱାରା ମୁକ୍ତିପ୍ରାପ୍ତ ହୋଇଛୁ" (ଏଫିସୀୟ ୧:୭କ) ।

ମୂଲ୍ୟଦେଇ ମୁକ୍ତିପ୍ରାପ୍ତ ହେବାର ଗ୍ରୀକ୍ ଶବ୍ଦ ହେଉଛି "*ଆପୋଲିଟ୍ରୋସିସ୍*" । ଏହା ସେହି ମୂଳ ଶବ୍ଦ ଅଟେ, ଯାହାର ଅର୍ଥ ହେଉଛି "ହୁଗୁଳା କରିବା" କିମ୍ବା "ଉନ୍ମୁକ୍ତ କରିବା", ଯାହାକି କାରାଗାରରେ ଥିବା ଲୋକମାନଙ୍କ ଅନୁଭବକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୋଇଛି, ବନ୍ଦ ହୋଇଥିବା ବିଷୟଗୁଡ଼ିକ ଖୋଲିବା, ଓ କାନ୍ଥଗୁଡ଼ିକ ଭାଙ୍ଗିବା । ରତ ପୁସ୍ତକରେ, ଯେତେବେଳେ ଏକ ସମ୍ପୂର୍ଣ୍ଣ ପରିବାର ନଷ୍ଟ ହେବାକୁ ଯାଉଥିଲା, "ସେତେବେଳେ ସେହି ପରିବାରର ଜଣେ ଦାୟିତ୍ୱସମ୍ପନ୍ନ ସମ୍ପର୍କୀୟଙ୍କୁ ସେହି ପରିବାରର ଲୋକମାନଙ୍କ ଜୀବନ ଓ ସେମାନଙ୍କ ସାମଗ୍ରୀଗୁଡ଼ିକୁ ମୁକ୍ତ କରିବାକୁ ପଡ଼ିଥିଲା ଯାହାକି କୌଣସି ପ୍ରକାରେ ବନ୍ଧନରେ ପଡ଼ିଯାଇଥିଲେ" (କିଟୈଲ୍ ୧୯୬୪) । ପତନ ସମୟରେ, ଆମକୁ ପାପର ଦାସ ହେବା ପାଇଁ ବିକ୍ରି କରିଦିଆଯାଇଥିଲା, ପୁଣି ଆମେ ପାପର ଦାସ ହୋଇଯାଇଥିଲୁ (୧ମ କରିନ୍ଥୀୟ ୧୫:୨୨ ; ରୋମୀୟ ୬:୧୬-୨୨) । କିନ୍ତୁ ପରମେଶ୍ୱର ପ୍ରଭୁ ଯୀଶୁଙ୍କ ରକ୍ତ ଦ୍ୱାରା ପାପର ସାମର୍ଥ୍ୟକୁ ମୁକ୍ତ କରିବା ପାଇଁ ମୁକ୍ତିର ସମ୍ପୂର୍ଣ୍ଣ ମୂଲ୍ୟ ଦେଇଥିଲେ । ସେ ପାପର ବନ୍ଦୀଗୃହର ଦ୍ୱାରକୁ ନଷ୍ଟ କରିଦେଇଥିଲେ ଯାହାକି ଆମକୁ ନିଜର ବନ୍ଧନରେ ଜାବୁଡ଼ି ଧରିଥିଲା, ପୁଣି ଆମର ପରିବାରକୁ ସେ ପୁନଃସ୍ଥାପନ କରିଥିଲେ (ରୋମୀୟ ୬:୧୮) । ରତର କାହାଣୀ ଆମର ନିଜର କାହାଣୀ ଅଟେ । ଯୀଶୁ, ଆମର ବୋୟଜ, ଆମକୁ ମୁକ୍ତ କରିଥିବା ସମ୍ପର୍କୀୟ, ସେ ଆମର ମୁକ୍ତିର ମୂଲ୍ୟ ଦେଇଥିଲେ, ଯେପରି ସ୍ୱର୍ଗସ୍ଥ ପିତାଙ୍କ ସହିତ ଆମର ସମ୍ପର୍କ ପୁଣିଥରେ ଗଢ଼ି ଉଠିବ ।

୭. ମୋତେ କ୍ଷମା କରିଦିଆଯାଇଛି : "ତାହାଙ୍କ ଅନୁଗ୍ରହରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧସବୁର କ୍ଷମା ପ୍ରାପ୍ତ ହୋଇଅଛୁ" (ଏଫିସୀୟ ୧:୭) । ମୋର ଅତୀତର ପାପକ୍ଷମା କରାଯାଇଛି ! ସମ୍ପୂର୍ଣ୍ଣରୂପେ କରାଯାଇଛି ! ପରମେଶ୍ୱରଙ୍କ ଦୃଷ୍ଟିରେ ମୁଁ ପବିତ୍ର ଓ ଧାର୍ମିକ ହୋଇଯାଇଛି । "ମୁଁ ସଦାପ୍ରଭୁଙ୍କଠାରେ ଅତିଶୟ ଆନନ୍ଦ କରିବି ; ମୋର ପ୍ରାଣ ମୋ' ପରମେଶ୍ୱରଙ୍କଠାରେ ଉଲ୍ଲସିତ ହେବ ; କାରଣ ବର ଯେପରି ଭୂଷଣରେ ଆପଣାକୁ ଭୂଷିତ କରେ ଓ କନ୍ୟା ଯେପରି ଆପଣା ରତ୍ନରେ ଆପଣାକୁ ଭୂଷିତା କରେ, ସେପରି ସେ ପରିତ୍ରାଣରୂପ ବସ୍ତ୍ରରେ ମୋତେ ବସ୍ତ୍ରାନ୍ୱିତ କରିଅଛନ୍ତି ଓ ଧର୍ମରୂପ ରାଜବସ୍ତ୍ରରେ ମୋତେ ଆଚ୍ଛାଦିତ କରିଅଛନ୍ତି" (ଯିହୋଶୂୟ ୬୧:୧୦) । ମୁଁ "ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟ ହୋଇଅଛି,

ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛି" (ଏଫିସୀୟ ୪:୨୪) । ଅବ୍ରହାମଙ୍କ ପରି ମୁଁ "ଈଶ୍ୱରଙ୍କଠାରେ ବିଶ୍ୱାସ କରେ, ଆଉ ତାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା" (ରୋମୀୟ ୪:୩) । ଦାଉଦଙ୍କ ପରି ମୁଁ ଏହିପରି ଭାବରେ କହିପାରିବି, "ଯାହାର ଅପରାଧ କ୍ଷମା, ଯାହାର ପାପ ଆଚ୍ଛାଦିତ ହୋଇଅଛି, ସେ ଧନ୍ୟ । ସଦାପ୍ରଭୁ ଯାହା ପ୍ରତି ଅଧର୍ମର ଆରୋପ ନ କରନ୍ତି ଓ ଯାହାର ଆତ୍ମାରେ ପ୍ରବଞ୍ଚନା ନାହିଁ, ସେ ଧନ୍ୟ" (ଗୀତସଂହିତା ୩୨:୧, ୨) । "ଅପରାଧ"କୁ ଏବ୍ରୀ ଭାଷାରେ "ପେସୋ" ଶବ୍ଦ ବ୍ୟବହାର କରାଯାଇଥାଏ, ଯାହାର ଅର୍ଥ ହେଉଛି "ବିଦ୍ରୋହୀ ପାପ" (ଅର୍ଥାତ୍ ମୁଁ ଜାଣିଥିଲି ଯେ ଏହା ଭୁଲ୍ ଅଟେ, କିନ୍ତୁ ତଥାପିମଧ୍ୟ ମୁଁ ସେହି ପାପ କଲି) । ଏପରିକି ପରମେଶ୍ୱର ସେହି ପାପଗୁଡ଼ିକୁ କ୍ଷମା କରନ୍ତି । ଦାଉଦ ତାହା ଅନୁଭବ କରିଥିଲେ, ସେ ଭଲରୂପେ ଜାଣିଥିଲେ । ପରମେଶ୍ୱର ମୋର ଅନ୍ୟସବୁ "ପାପ" (ଚାଟା)କୁ ମଧ୍ୟ କ୍ଷମା କରିଥାନ୍ତି, ଯାହା ମୁଁ କରିଥିଲି ଓ ଏଥି ସଙ୍ଗେ ସଙ୍ଗେ ମୋର ହୃଦୟରେ ଥିବା ଅଧର୍ମ ଓ ଅଶୁଦ୍ଧତାକୁ (ଏବନ୍) ମଧ୍ୟ କ୍ଷମା କରିଥାନ୍ତି । ମୋର ସମସ୍ତ ପାପର ଦଣ୍ଡ ପ୍ରଭୁ ଯୀଶୁ ମସୀହଙ୍କ ରକ୍ତ ଦ୍ୱାରା ମାର୍ଜନା କରାଯାଇଛି ଓ ଏ ବିଷୟରେ ମୋର ଭରସା ଅଛି ଯେ, "ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ୍ ଅଟନ୍ତି" (୧ମ ଯୋହନ ୧:୯) । କ୍ଷମା ପାଇବା ପାଇଁ ମୁଁ କିଛି ପରିପାରିବି ନାହିଁ । "କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛ ; ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇ ନାହିଁ, ତାହା ଈଶ୍ୱରଙ୍କ ଦାନ, କ୍ରିୟାକର୍ମରୁ ନୁହେଁ, ଯେପରି କେହି ଦର୍ପ ନ କରେ" (ଏଫିସୀୟ ୨:୮, ୯) ।

୮. ମୋତେ ପରମେଶ୍ୱରଙ୍କ ସହିତ ସ୍ୱର୍ଗୀୟ ସ୍ଥାନରେ ବସାଇ ଦିଆଯାଇଛି : "ତାହାଙ୍କ ସହିତ ଆମ୍ଭମାନଙ୍କୁ ଉତ୍‌ଥାପିତ କରି ଖ୍ରୀଷ୍ଟ ଯୀଶୁଙ୍କଠାରେ ଆମ୍ଭମାନଙ୍କୁ ତାହାଙ୍କ ସହିତ ସ୍ୱର୍ଗରେ ଉପବେଶନ କରାଇଅଛନ୍ତି" (ଏଫିସୀୟ ୨:୬) । ମହାଯାଜକଙ୍କ ସମ୍ମୁଖରେ ନିଜର ବିଚାର ହେଉଥିଲା ବେଳେ ପ୍ରଭୁ ଯୀଶୁ ଏହି ସାକ୍ଷ୍ୟ ଦେଇଥିଲେ, "ତାହାଙ୍କ ସହିତ ଆମ୍ଭମାନଙ୍କୁ ଉତ୍ଥାପିତ କରି ଖ୍ରୀଷ୍ଟ ଯୀଶୁଙ୍କଠାରେ ଆମ୍ଭମାନଙ୍କୁ ତାହାଙ୍କ ସହିତ ସ୍ୱର୍ଗରେ ଉପବେଶନ କରାଇଅଛନ୍ତି" (ଏଫିସୀୟ ୨:୬) । ଯୀଶୁ କେଉଁଠାକୁ ଯାଉଥିଲେ ତାହା ସେ ଜାଣିଥିଲେ, ଓ ତତ୍‌ସଙ୍ଗେ ସଙ୍ଗେ

ସେ ଆମକୁ ମଧ୍ୟ ଆପଣା ସହିତ ନେଇଯାଇଥିଲେ । ତା'ର ପରିଣାମ କ'ଣ ହେଲା ? ପ୍ରଭୁ ଯୀଶୁଙ୍କଠାରେ ଆମକୁ ଶତ୍ରୁମାନଙ୍କ ଉପରେ ଅଧିକାର ଦିଆଯାଇଛି । ବର୍ତ୍ତମାନ ଆମର ଦାୟିତ୍ୱ ହେଉଛି ଯେ ଆମେ ପ୍ରଭୁ ଯୀଶୁଙ୍କ ନାମରେ ସେହି ଅଧିକାର ବ୍ୟବହାର କରିବା ।

୯. ମୋତେ ଆହ୍ୱାନ କରାଯାଇଛି : "ସେଥିରେ ତୁମ୍ଭମାନଙ୍କ ଆନ୍ତରିକ ଚକ୍ଷୁ ପ୍ରସନ୍ନ ହୁଅନ୍ତେ ତାହାଙ୍କ ଆହ୍ୱାନର ଭରସା କଅଣ, ସାଧୁମାନଙ୍କ ମଧ୍ୟରେ ତାହାଙ୍କ ଅଧିକାରର ଗୌରବରୂପ ଧନ କଅଣ" (ଏଫିସୀୟ ୧:୧୮) । ମୋତେ ଆଶାରେ ବାସ କରିବା ପାଇଁ ପରମେଶ୍ୱର ଆହ୍ୱାନ କରିଅଛନ୍ତି !

ମୁଖସ୍ଥ ପଦ :

* ୧ମ ଯୋହନ ୩:୨ - ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁ, ଆଉ ଆମ୍ଭେମାନେ କଅଣ ହେବା, ତାହା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ । ଆମ୍ଭେମାନେ ଜାଣୁ ଯେ, ସେ ଯେତେବେଳେ ପ୍ରକାଶିତ ହେବେ, ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ ହେବା, କାରଣ ସେ ଯେପରି, ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା ।

* ଏଫିସୀୟ ୧:୩-୬ - ୩ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି, ୪ ଅର୍ଥାତ୍ ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ, ଏଥିପାଇଁ ସେ ଜଗତର ପତ୍ତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ ; ୫ ପୁଣି, ସେ ଆମ୍ଭମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ, ୬ ଏହା ତାହାଙ୍କ ଅନୁଗ୍ରହର ଗୌରବର ପ୍ରଶଂସା ନିମନ୍ତେ ହୋଇଅଛି ; ସେହି ଅନୁଗ୍ରହ ସେ ପ୍ରିୟତମଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦାନ କରିଅଛନ୍ତି ।

ମୁଖ୍ୟ ସତ୍ୟତା :

ମୁଁ ଆଶୀର୍ବାଦପ୍ରାପ୍ତ ହୋଇଛି । ମୋତେ ମନୋନୀତ କରାଯାଇଛି । ମୋତେ ପ୍ରେମ କରାଯାଇଛି । ମୋତେ ଆପଣାର କରାଯାଇଛି । ମୋତେ ଗ୍ରହଣ କରାଯାଇଛି । ମୋତେ ମୁକ୍ତ କରାଯାଇଛି । ମୋତେ କ୍ଷମା କରାଯାଇଛି । ମୋତେ ପରମେଶ୍ୱରଙ୍କ ସହିତ ସ୍ୱର୍ଗୀୟ ସ୍ଥାନରେ ବସାଇ ଦିଆଯାଇଛି । ମୋତେ ଆହ୍ୱାନ କରାଯାଇଛି ।

ଆପଣଙ୍କ ପ୍ରତିକ୍ରିୟା :

୧. ଏହି ସତ୍ୟତାଗୁଡ଼ିକର ତାଲିକାରେ କେଉଁ ତିନୋଟି ସତ୍ୟତାକୁ ବାଛିବା ଯାହାର କି ଆପଣଙ୍କ ନିମନ୍ତେ ବର୍ତ୍ତମାନ ସର୍ବାଧିକ ମୂଲ୍ୟ ଅଛି ।  ଏଗୁଡ଼ିକ ମଧ୍ୟରେ ଦିଆଯାଇଥିବା ପ୍ରତ୍ୟେକ ସତ୍ୟତା ପ୍ରତି ଆପଣଙ୍କୁ ଗୋଟିଏ ଗଭୀର ଜାଗ୍ରତ ଆପଣଙ୍କ ବିଷୟରେ, ପରମେଶ୍ୱରଙ୍କ ବିଷୟରେ ଦିଆଯାଇଛି, ଯାହାକି ଆପଣ ଭାବିଥାଆନ୍ତି, କିମ୍ବା ସେହିସମସ୍ତ ଲୋକଙ୍କ ବିଷୟରେ ଆପଣଙ୍କ ବିଚାରକୁ କିପରି ଭାବରେ ପରିବର୍ତ୍ତିତ କରିଥାଏ, ଯେଉଁଗୁଡ଼ିକ ବିଷୟରେ ଆପଣ ସର୍ବାଧିକ ଧ୍ୟାନ ଦେଇଥାଆନ୍ତି ।

କ.

.............................................................................................

....................

ଖ.

.............................................................................................

....................

ଗ.

.............................................................................................

....................

୨. ଏହିସବୁ ସତ୍ୟତାଗୁଡ଼ିକରୁ ଆପଣଙ୍କୁ ସର୍ବାଧିକ କଷ୍ଟ କାହା ଉପରେ ବିଶ୍ୱାସ କରିବାରୁ ହୋଇଥାଏ ?  ଆପଣ ନିଜ ବିଷୟରେ ଏହି ସତ୍ୟତାକୁ ସ୍ୱୀକାର କରିବା ପାଇଁ କେଉଁସବୁ ପଦକ୍ଷେପ କାଲିଠାରୁ ନେବା ପାଇଁ ଆରମ୍ଭ କରିବେ ?  ଆପଣ ପ୍ରତିଦିନ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବେ ଯେପରି ପରମେଶ୍ୱର ଏହି ସତ୍ୟତାକୁ ଆପଣଙ୍କ ହୃଦୟରେ ପ୍ରକାଶ କରିବେ ଓ ତାକୁ ପ୍ରମାଣ ମଧ୍ୟ କରିବେ, ତାହା କେତେ ହୋଇପାରିବ, ନଚେତ୍ ଈଶ୍ୱରଙ୍କ ବାକ୍ୟ ଏ ବିଷୟରେ ଯାହା କହେ ସେ ବିଷୟରେ ଏକ ବାଇବଲ ଅଧ୍ୟୟନ ଆରମ୍ଭ କରିବେ, କିମ୍ବା ଅନ୍ୟ କୌଣସି ପଦକ୍ଷେପ ନେବେ ଯାହାକି ପରମେଶ୍ୱର ଆପଣଙ୍କ ଉପରେ ବ୍ୟକ୍ତିଗତ ଭାବରେ ପକାଇଥାଆନ୍ତି ।

୩. ଏହିସବୁ ସତ୍ୟତା ମଧ୍ୟରୁ ଆପଣଙ୍କୁ କେଉଁ ବିଷୟଟିକୁ ଗ୍ରହଣ କରିବା ସର୍ବାଧିକ ସହଜ ମନେ ହୋଇଥାଏ ଓ ଆପଣଙ୍କୁ ଏପରି କାହିଁକି ମନେ ହୋଇଥାଏ ଯେ ଏହା ବହୁତ ସହଜ ଅଟେ ? ଏପରି କ'ଣ ସମୟ ଅଛି, ଯେତେବେଳେ ପବିତ୍ର ଶାସ୍ତ୍ରର କୌଣସି ପଦ, କିମ୍ବା ବାଇବଲ ଅଧ୍ୟୟନ, କିମ୍ବା ବ୍ୟକ୍ତିଗତ ଅନୁଭବ, କିମ୍ବା ପରମେଶ୍ୱରଙ୍କ ପକ୍ଷରୁ କୌଣସି ଅନ୍ୟ ପ୍ରକାଶ ଆପଣଙ୍କ ହୃଦୟରେ ସେହି ସତ୍ୟକୁ ନିଶ୍ଚିତ କରିଅଛନ୍ତି ?

ଅଧିକ ଅଧ୍ୟୟନ ନିମନ୍ତେ :

*He Loves Me* by Wayne Jacobsen (Jacobsen, 2000)
*Believing God* by Beth Moore (Moore, 2004)
*The Blessing* by Smalley and Trent (Smalley & Trent, 1986)

## ଅଧ୍ୟାୟ ୨ : ଆତ୍ମାରେ ଗମନାଗମନ କରିବା

### ମୋର ନୂତନତ୍ୱ : ଶରୀର, ପ୍ରାଣ ଓ ଆତ୍ମା

ପରମେଶ୍ୱର ଆମ ପ୍ରତ୍ୟେକଙ୍କୁ ତିନୋଟି ଭିନ୍ନ ଭିନ୍ନ, କିନ୍ତୁ ଏକୀକୃତ ଭାଗରେ ତିଆରି କରିଅଛନ୍ତି - ଆତ୍ମା, ପ୍ରାଣ ଓ ଶରୀର (୧ମ ଥେସଲନୀକୀୟ ୫:୨୩) । ଆମେ ଯଦି ଆମର ପ୍ରାଣକୁ ନିଜର ମନ, ଇଚ୍ଛା ଓ ଭାବନାଗୁଡ଼ିକ ଭାବରେ ଚିନ୍ତା କରୁ ଓ ଆମର ଆତ୍ମାକୁ ଆମର ଅସ୍ତିତ୍ୱର କେନ୍ଦ୍ରବିନ୍ଦୁ ଭାବରେ ଚିନ୍ତା କରୁ, ତେବେ ଏଠାରେ ଏହାକୁ ଚିତ୍ରଣ କରିବାର ଏକ ବହୁତ ସହଜ ଉପାୟ ଅଛି ।

ମୁଁ ଯେତେବେଳେ ଖ୍ରୀଷ୍ଟିୟାନ୍ ହେଲି, ସେତେବେଳେ ମୋର ଆତ୍ମାକୁ ନୂଆ କରାଯାଇଥିଲା (୨ୟ କରିନ୍ଥୀୟ ୫:୧୭) । ମୋର ଶରୀର ପ୍ରଥମ ପରି ଥିଲା, ଏଥିରେ କୌଣସି ବିଷୟ ବଡ଼ ହୋଇ ନ ଥିଲା ନା ଛୋଟ ହୋଇ ନ ଥିଲା, ମୋର ବାଳର ରଙ୍ଗ କୌଣସିମତେ ପରିବର୍ତ୍ତନ ହୋଇ ନ ଥିଲା ଓ ତତ୍‌ସଙ୍ଗେ ସଙ୍ଗେ ମୋର ପ୍ରାଣ (ମନ, ଇଚ୍ଛା ଓ ଭାବନା) ମଧ୍ୟ ପ୍ରଥମ ପରି ସମାନ୍ ହୋଇ ରହିଲା । ମୁଁ ଜଣେ ଖ୍ରୀଷ୍ଟିୟାନ୍ ହେବା ପୂର୍ବରୁ ଯଦି ଜଣେ ଭଲ ଗଣିତଜ୍ଞ ନ ହୋଇଥାନ୍ତି, ତେବେ ପରେ ମଧ୍ୟ ଏଥିରେ କୌଣସି ପରିବର୍ତ୍ତନ ହୋଇ ନ ଥା'ନ୍ତା । ଖ୍ରୀଷ୍ଟିୟାନ୍ ହେବା ପୂର୍ବରୁ ମୁଁ ଯଦି ଜଣେ ଦୃଢ଼ ଇଚ୍ଛାଶକ୍ତି ବିଶିଷ୍ଟ ଜଣେ ମହିଳା ହୋଇଥାନ୍ତି, ତେବେ ପରେ ମଧ୍ୟ ମୁଁ ସେହିପରି ଭାବରେ ଦୃଢ଼ ଇଚ୍ଛାଶକ୍ତି ବିଶିଷ୍ଟ ମହିଳା ହୋଇ ରହିଥାନ୍ତି । ଖ୍ରୀଷ୍ଟିୟାନ୍ ହେବା ପୂର୍ବରୁ ଯଦି ମୁଁ କୌଣସି ପ୍ରକାର ଭାବନାତ୍ମକ ଆଘାତର ସମ୍ମୁଖୀନ

ହୋଇଥାନ୍ତି, ତେବେ ସେହି ଭାବନାତ୍ମକ ଆଘାତର ପରିଣାମ ପରେ ମଧ୍ୟ ମୁଁ ସେହିପରି ରହିବାର ସମ୍ଭାବନା ଅଛି । ତେବେ କେଉଁ ନୂଆ ବିଷୟ ହୋଇଛି । ମୋର ଆତ୍ମା ! ଉଦ୍ଧାର କରିବା ସମୟରେ ପରମେଶ୍ୱର ମୋଠାରେ ସମ୍ପର୍କ ସ୍ଥାପନ କରିବାର ଏକ ଉପକରଣ ରଖିଦେଇଥିଲେ – ମୋର ଆତ୍ମାରେ । ରୋମୀୟ ୮:୧୪ ପଦ କହେ ପରମେଶ୍ୱରଙ୍କର ସନ୍ତାନ ହୋଇଥିବାରୁ ମୁଁ ପରମେଶ୍ୱରଙ୍କ ଆତ୍ମାରେ ଚାଲିବା ଉଚିତ୍ । ଏହା କିପରି ଭାବରେ ହୋଇଥାଏ । ପରମେଶ୍ୱରଙ୍କ ଆତ୍ମା ପ୍ରାୟ ଏକ ଶାନ୍ତ, ମୃଦୁ ସ୍ୱରରେ ମୋର ଆତ୍ମାଙ୍କ ସହିତ କଥାବାର୍ତ୍ତା କରିଥାଏ (୧ମ ରାଜା. ୧୯:୧୧, ୧୨) । କିନ୍ତୁ ଏହାସତ୍ତ୍ୱେ ମଧ୍ୟ ମୋର ଆତ୍ମା ସେହି କାମ କରିବାକୁ ଇଚ୍ଛା କରେ, ଯାହାକି ପରମେଶ୍ୱର ମୋତେ କହନ୍ତି, କିନ୍ତୁ ମୋର ମନ, ଇଚ୍ଛା, ଭାବନା ଓ ଶରୀର କେବେ ବି ନିଜର ନିୟନ୍ତ୍ରଣର ସ୍ଥିତିକୁ ସଂଘର୍ଷ ବିନା ଛାଡ଼ନ୍ତି ନାହିଁ ।

**ମୋର ମନର ନୂତନୀକରଣ**

ମୋତେ ନିଜ ମନକୁ ପରମେଶ୍ୱରଙ୍କ ବାକ୍ୟ ପାଠ କରି ଓ ତାକୁ ଧ୍ୟାନ କରି ନୂତନ କରିବାର ପ୍ରକ୍ରିୟା ଆରମ୍ଭ କରିବାକୁ ପଡ଼ିବ (ରୋମୀୟ ୧୨:୨) ପୁଣି ପ୍ରାର୍ଥନା କରି ଏହାକୁ ପଢ଼ି ପରମେଶ୍ୱରଙ୍କ ଚରିତ୍ର ଓ ତା'ର ଯୋଜନାଗୁଡ଼ିକୁ ବୁଝିବାକୁ ପଡ଼ିବ । ମୁଁ ନିଜ ଆତ୍ମାକୁ ପ୍ରାର୍ଥନା କରିବା ପାଇଁ, ଆତ୍ମାରେ ଗୀତ ଗାଇବା ପାଇଁ, ଓ ଆତ୍ମାରେ ପ୍ରାର୍ଥନା କରିବା ଦ୍ୱାରା ବଳବାନ୍ କରିବା ପାଇଁ ଉତ୍ସାହିତ କରିପାରିବି । ମୋର ଆତ୍ମା ଯେତେ ଅଧିକ ବଳବାନ୍ ହେବ, ସେତେ ଅଧିକ ଏହା ମୋର ପ୍ରାଣ (ମନ, ଇଚ୍ଛା ଓ ଭାବନା) ଓ ଶରୀର ଉପରେ ନିଜର ପ୍ରଭୁତ୍ୱ ସ୍ଥାପନ କରିପାରିବ । ପରମେଶ୍ୱରଙ୍କ ବାକ୍ୟ ମୋର ମନକୁ ଯେତେ ନୂତନୀକରଣ କରିଚାଲେ, ପରମେଶ୍ୱରଙ୍କ ଆତ୍ମାର ସମାନତାରେ ଏହା ମଧ୍ୟ ପରିବର୍ତ୍ତିତ ହୋଇଚାଲେ (ଯୋହନ ୧୫:୩) ।

କିନ୍ତୁ ଭଲ ଖବର ଓ ମନ୍ଦ ଖବର ଏହା ହେଉଛି ଯେ ମୋର ମନ ଏହିସବୁ ବିଷୟ ଦ୍ୱାରା ନୂତନ ହୋଇଯାଇଥାଏ ଯେଉଁଗୁଡ଼ିକ ଦ୍ୱାରା ମୁଁ ଏହା ଘୋଷଣା କରୁଛି । ମୁଁ ଯଦି ଏଥିରେ ପରମେଶ୍ୱରଙ୍କ ବିଚାର ଓ ପରମେଶ୍ୱରଙ୍କ ବାକ୍ୟ ରଖିବି, ତେବେ ଏହା ପରମେଶ୍ୱରଙ୍କଠାରେ ନୂତନ ହୋଇଯିବ । ଯଦି ମୁଁ ଏଥିରେ ମଇଳା, ଯେପରି ଟିଭି, ଅନ୍ୟ ପୁସ୍ତକ, ସିନେମା, ସାଂସାରିକ ସଙ୍ଗୀତ, ପତ୍ରିକା, ବାର୍ତ୍ତାଳାପ ଓ ଅନ୍ୟାନ୍ୟ ନକାରାତ୍ମକ କଥାବାର୍ତ୍ତା ଭର୍ତ୍ତିକରେ, ତେବେ

ମୋର ମନର ନୂତନୀକରଣ ବହୁତ ଧୀରଗତିରେ ହେବ ଓ ତତ୍‌ସଙ୍ଗେସଙ୍ଗେ ଏକ ଜଟିଳ ପ୍ରକ୍ରିୟା ହୋଇଯିବ ।

ଏହା ବ୍ୟତୀତ ମୋର ମନ ମଧ୍ୟରେ ଯେଉଁ ବିଷୟ ପ୍ରବେଶ କରେ, ତାକୁ ନିୟନ୍ତ୍ରଣ କରିବା ବ୍ୟତୀତ, ମୋତେ ନିଜର ଆତ୍ମାକୁ ସେହିସବୁ ବିଷୟ ଶିଖିବାକୁ ଅନୁମତି ଦେବା ଉଚିତ୍ ଯେପରି ତାହା ମୋର ବିଚାରଗୁଡ଼ିକୁ ନିୟନ୍ତ୍ରଣରେ ରଖିବ । ଫିଲିପ୍ପୀୟ ୪:୮ ପଦ କହେ, "ଯାହା ଯାହା ସତ୍ୟ, ଯାହା ଯାହା ଆଦରଣୀୟ, ଯାହା ଯାହା ଯଥାର୍ଥ, ଯାହା ଯାହା ବିଶୁଦ୍ଧ, ଯାହା ଯାହା ପ୍ରୀତିଭାଜନ, ଯାହା ଯାହା ସୁଖ୍ୟାତିଯୁକ୍ତ, ଯେକୌଣସି ସଦ୍‌ଗୁଣ ଓ ପ୍ରଶଂସାରେ ବିଷୟ ଥାଏ, ସେହି ସମସ୍ତ ବିଷୟ ଚିନ୍ତା କର ।" ଦୁର୍ଭାଗ୍ୟର ବିଷୟ ହେଉଛି ଯେ ଆମେ ଯେତେବେଳେ ନକାରାତ୍ମକ ବିଚାରଗୁଡ଼ିକ ବିଷୟରେ ଚିନ୍ତା କରୁ, ସେତେବେଳେ ଆମେ ପ୍ରାୟ ନକାରାତ୍ମକ ଶବ୍ଦ ହିଁ କହିଥାଉ, ଓ ଏହା ଶେଷରେ ନକାରାତ୍ମକ କର୍ମ ଆଡ଼କୁ ନେଇଯାଇଥାଏ (ହିତୋପଦେଶ ୨୩:୭) । ସେତେବେଳେ ଆମେ ବାରମ୍ବାର ତଳକୁ ତଳକୁ ଯାଇଥାଉ ।

ନର୍ସରୀରେ ପଢୁଥିବା ଦୁଇ ଜଣ ପିଲାଙ୍କର ଜଣେ ଯୁବତୀ ମାଆ ହୋଇଥିବାରୁ ମୁଁ ଏହି କ୍ଷେତ୍ରରେ ବହୁତ ସଂଘର୍ଷ କରିଛି । କୌଣସି ଉଦ୍ଦେଶ୍ୟ ନ ଥାଇ ଡ଼ାୟପର୍ ପରିବର୍ତ୍ତନ କରିବା ଓ ନାକ ସଫା କଲାବେଳେ ମୁଁ ପ୍ରାୟ ଲୋକମାନଙ୍କ ଓ ଜୀବନର ପରିସ୍ଥିତିଗୁଡ଼ିକ ବିଷୟରେ ନକାରାତ୍ମକ ବିଷୟ ଚିନ୍ତା କରୁଥିବାର ଦେଖିଲି । ମୁଁ ବିଶ୍ୱାସ କରିପାରେ ନାହିଁ ଯେ କେତେ ଥର ଓ କେତେ ଶୀଘ୍ର ମୋର ବିଚାର ନକାରାତ୍ମକ ହୋଇଯାଉଥିଲା । ଦିନେ ଯେତେବେଳେ ମୁଁ ନିଜକୁ ଏକ ପାହାଡ଼ର ଗଡ଼ାଣିଆର ତଳେ ଲାଖି ରହିଯାଇଥିବା ବ୍ୟକ୍ତି ଭାବରେ ଚିତ୍ରଣ କଲି ଯେଉଁଠାରେ ମୁଁ ଲାଖି ରହିଯାଇଥିଲି, ସେତେବେଳେ ମୋର ମନେଅଛି ଯେ ମୁଁ ଏହିପରି ପ୍ରାର୍ଥନା କରିଥିଲି, "ହେ ପ୍ରଭୁ, ମୁଁ ସେହି ପାହାଡ଼ର ଶୀର୍ଷରେ ଥିଲାବେଳେ ଯଦି ତୁମେ ନକାରାତ୍ମକ ବିଚାରଗୁଡ଼ିକ ବିଷୟରେ ମୋତେ ଅବଗତ କରାଇଥାଆନ୍ତ, ତେବେ ମୋ ପାଇଁ ତଳକୁ ଗଡ଼ିଯିବା ପୂର୍ବରୁ ନିଜକୁ ଅଟକାଇବା ବହୁତ ସହଜ ହୋଇଥାନ୍ତା ।" ମୁଁ ନିଜର ଦିନଗୁଡ଼ିକୁ ଏହି ପ୍ରାର୍ଥନା କରି ଆରମ୍ଭ କରିବାକୁ ଲାଗିଲି ଓ ସେତେବେଳେ ପରମେଶ୍ୱର ମୋର ଆତ୍ମାରେ ସେହି କ୍ଷଣିକ ଜାଗ୍ରତ ପ୍ରଦାନ କରିବାରେ ବିଶ୍ୱସ୍ତ ରହିଲେ : "ସେଠାକୁ ଯାଅ ନାହିଁ ।" ପୁଣି ସେହିଠାରେ ମୁଁ ଦେଖିବାକୁ ପାଇଲି ଯେ ଯଦି ମୁଁ ପରମେଶ୍ୱରଙ୍କ ବାକ୍ୟ କହୁଛି, କିମ୍ବା ଆରାଧନା ଗୀତ ଗାଉଛି,

କିମ୍ବା ସ୍ତୁତିର ସେହି ସଙ୍ଗୀତରେ ବୁଡ଼ିଯାଉଛି, ଯାହାକି ମୋର ଆତ୍ମାକୁ ପୁଣି ସେହି ସ୍ଥିତିକୁ ଉଠାଇ ଦେଉଛି, ଯାହାକି "ଶୁଦ୍ଧ" ଓ "ପ୍ରେମପୂର୍ଣ୍ଣ" ହୋଇଥାଏ ।

ଆମକୁ ନିଜଠାରେ ଦୋଷୀ ଅନୁଭବ କରିବା ପାଇଁ ଆବଶ୍ୟକତା ନାହିଁ, ଯେତେବେଳେ ଆମେ ନିଜକୁ ନକାରାତ୍ମକ ବିଚାରଗୁଡ଼ିକରେ ଦେଖିବାକୁ ପାଇଥାଉ, କିନ୍ତୁ ଆମର ମନପରିବର୍ତ୍ତିତ ହେବା ଆବଶ୍ୟକ । ନକାରାତ୍ମକ ବିଚାର ଏକ ପାପ ଅଟେ, କାରଣ ଏହା ପରମେଶ୍ୱରଙ୍କ ବାକ୍ୟର ବିରୁଦ୍ଧାଚରଣ କରେ (ଫିଲିପ୍ପୀୟ ୪:୮) । ପବିତ୍ର ଆତ୍ମାଙ୍କୁ ପ୍ରାର୍ଥନା କରନ୍ତୁ ଯେ ଆପଣ ଯେତେବେଳେ କୌଣସି ନକାରାତ୍ମକ ବିଚାର କରିବାକୁ ଆରମ୍ଭ କରନ୍ତି, ସେତେବେଳେ ସେ ଆପଣଙ୍କ ହୃଦୟରେ ବୋଧ ପ୍ରଦାନ କରିବେ (ଯୋହନ ୧୬:୭, ୮) । ମନର ସଂଘର୍ଷକୁ ନିଜର ସାମର୍ଥ୍ୟ ଦ୍ୱାରା ଜୟ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ପବିତ୍ର ଆତ୍ମା ସବୁବେଳେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ସେଠାରେ ଉପସ୍ଥିତ ଅଛନ୍ତି । ତାହାଙ୍କଠାରୁ ସାହାଯ୍ୟ ମାଗନ୍ତୁ ଓ ଆଗ ବଢ଼ନ୍ତୁ । ଫିଲିପ୍ପୀୟ ୧:୬ ପଦ ଦାବି କରିବାକୁ ଆରମ୍ଭ କରନ୍ତୁ ଯେ, "ଯେ ମୋ ଅନ୍ତରରେ ଉତ୍ତମ କାର୍ଯ୍ୟ ଆରମ୍ଭ କରିଅଛନ୍ତି, ସେ ଖ୍ରୀଷ୍ଟ ଯୀଶୁଙ୍କ ଦିନ ପର୍ଯ୍ୟନ୍ତ ତାହା ସାଧନ କରି ସିଦ୍ଧ କରିବେ, ଏହା ତ ମୁଁ ଦୃଢ଼ରୂପେ ବିଶ୍ୱାସ କରେ ।" ମୁଁ ନିଜ ଜୀବନ ପ୍ରତି ଏକ ସକାରାତ୍ମକ ଦୃଷ୍ଟିକୋଣ ରଖିବାକୁ ଶିଖିପାରିବି ।

### ମୋର ଇଚ୍ଛା ଓ ଭାବନାଗୁଡ଼ିକୁ ସମର୍ପଣ କରିବା

ମୋର ମନକୁ କେବଳ ନୂତନୀକୃତ ହେବାର ଆବଶ୍ୟକ ଅଛି, ସେତିକି ନୁହେଁ, ବରଂ ମୋର ମନରେ ଏହା ମଧ୍ୟ ଶିଖିବା ଆବଶ୍ୟକ ଥିଲା ଯେ କିପରି ଭାବରେ ନିଜକୁ ପରମେଶ୍ୱରଙ୍କ ଆତ୍ମାଙ୍କ ଅଧୀନରେ ଆଣିବାକୁ ହେବ । ପାଉଲ ଏହିପ୍ରକାର କହନ୍ତି, "ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି, ମୁଁ ଆଉ ଜୀବିତ ନୁହେଁ, ମାତ୍ର ଖ୍ରୀଷ୍ଟ ମୋଠାରେ ଜୀବିତ ଅଛନ୍ତି ; ପୁଣି ମୁଁ ଶରୀରରେ ଥାଇ ବର୍ତ୍ତମାନ ଯେଉଁ ଜୀବନ ଯାପନ କରୁଅଛି, ତାହା ବିଶ୍ୱାସରେ, ଅର୍ଥାତ୍ ଈଶ୍ୱରଙ୍କ ଯେଉଁ ପୁତ୍ର ମୋତେ ପ୍ରେମ କରି ମୋ' ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ, ତାହାଙ୍କଠାରେ ବିଶ୍ୱାସ କରି ଯାପନ କରୁଅଛି" (ଗାଲାତୀୟ ୨:୨୦) । ମୋର ଇଚ୍ଛାକୁ ପ୍ରତିଦିନ କ୍ରୁଶବିଦ୍ଧ କରିବାକୁ ପଡ଼ିବ, ଯେପରି ମୁଁ ପରମେଶ୍ୱରଙ୍କ ପଥକୁ ମନୋନୟନ

କରିପାରିବି । ଏହା ଏହି ବିଷୟରେ କହେ ଯେ ମୁଁ ତାହାଙ୍କୁ ମୋର ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରଭୁ କରିବି, ଏପରିକି ମୋର ବିଚାରଗୁଡ଼ିକରେ ମଧ୍ୟ ।

ମୋର ଭାବନାଗୁଡ଼ିକୁ ମଧ୍ୟ ପରମେଶ୍ୱରଙ୍କ ପବିତ୍ର ଆତ୍ମାଙ୍କ ଅନୁରୂପ ପରିବର୍ତ୍ତିତ ହେବାକୁ ପଡ଼ିବ, ଯେ କି ବର୍ତ୍ତମାନ ମୋର ମଧ୍ୟରେ ବାସ କରୁଅଛନ୍ତି । ଆଗାମୀ ଅଧ୍ୟାୟରେ ଆମେ ଭାବନାତ୍ମକ ଆଘାତ ବିଷୟରେ ଶିଖିବା, ଯାହାକି ଆମକୁ ଆମର ଅତୀତରେ ମିଳିଥିଲା, କିନ୍ତୁ ବର୍ତ୍ତମାନ ନିମନ୍ତେ ଆମେ କେବଳ ସେହି ସରଳ ପ୍ରଶ୍ନକୁ ଦେଖିବା ଯାହାକି ପ୍ରତ୍ୟେକ ନୂତନ ଖ୍ରୀଷ୍ଟିୟାନ୍ ପଚାରିଥାନ୍ତି : "ମୁଁ ଜାଣେ ଯେ ମୋତେ ସର୍ବଦା ପ୍ରଭୁରେ ଆନନ୍ଦିତ ରହିବାକୁ ପଡ଼ିବ" (ଫିଲିପ୍ପୀୟ ୪:୪ ; ୧ମ ଥେସଲନୀକୀୟ ୫:୧୬), ପୁଣି ମୁଁ ସେହି ଖ୍ରୀଷ୍ଟିୟାନ୍‌ମାନଙ୍କ ବିଷୟରେ ମଧ୍ୟ ପଢ଼ିଛି, ଯେଉଁମାନେ ସେହିପରି ଭାବରେ ରହିଥାନ୍ତି, କିନ୍ତୁ ମୁଁ ଏହାକୁ କୌଣସି ପ୍ରକାରେ ଶିଖିପାରିବି । ଏହାର ରହସ୍ୟ ଆମକୁ ଏଫିସୀୟ ୫:୨୦ ପଦରେ ଦେଖିବାକୁ ମିଳିଥାଏ : "ସର୍ବଦା ସର୍ବ ବିଷୟ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।" କୋରି ଟେନ୍ ବୁମ୍ ଆମକୁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେବା ବିଷୟରେ ଶିଖିବା ପାଇଁ ଏକ କାହାଣୀ କହନ୍ତି, ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କୁ ଯାତନା ଦେଉଥିବା ଶିବିରରେ ପକାଇ ଦିଆଯାଇଥିଲା, ସେତେବେଳେ ତାଙ୍କର ସାନ ଭଉଣୀ ତାଙ୍କୁ ସ୍ମରଣ କରିଦେଇଥିଲା ଯେ ସେଠାରେ ଉପସ୍ଥିତ ଥିବା ମାଛିଗୁଡ଼ିକ ହେତୁ ସିପାହୀ ସେମାନଙ୍କ ନିକଟରେ ପହଁଞ୍ଚିପାରି ନ ଥିଲେ, ଓ ସେମାନଙ୍କୁ ସେମାନଙ୍କଠାରୁ ଦୂରରେ ରଖିଥିଲେ । ଯେତେବେଳେ ମୁଁ ଏକ କୃତଜ୍ଞତାପୂର୍ଣ୍ଣ ହୃଦୟର ସହିତ ଜୀବନଯାପନ କରିବାକୁ ଶିଖେ ଓ ନିଜ ଜୀବନରେ ଆସୁଥିବା କଠୋର ଆହ୍ୱାନର ସମ୍ମୁଖରେ ମଧ୍ୟ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଇଥାଏ, ସେତେବେଳେ ମୁଁ ନିଜର ଆତ୍ମାର ଗଭୀରତାରେ ଆନନ୍ଦ ଓ ଶାନ୍ତିକୁ ମୁକ୍ତ କରିଥାଏ । ମୁଁ ନିଜର ସମସ୍ତ ପରିସ୍ଥିତିରେ ମଧ୍ୟ ଏହା ଜାଣି ପରମେଶ୍ୱରଙ୍କ ଉପରେ ବିଶ୍ୱାସ ରଖିଥାଏ ଯେ ସେ ମୋତେ ଏହି ପ୍ରତିଜ୍ଞା କରିଥିଲେ ଯେ ସେହି ମଙ୍ଗଳ ମୁଁ ଦେଖିପାରିଲେ କିମ୍ବା ନ ପାରିଲେ ମଧ୍ୟ ସେ ସବୁକିଛି କେବଳ ମୋର ମଙ୍ଗଳ ନିମନ୍ତେ କରିବେ (ରୋମୀୟ ୮:୨୮) । ମୁଁ ଯେପରି ଆଶା କରୁଥିଲି, ବିଷୟ ଯେତେବେଳେ ସେପରି ଭାବରେ ହେଉ ନ ଥିଲା, ଓ ଯେତେବେଳେ ମୁଁ ମୋର ସାଧ୍ୟମତେ ସବୁକିଛି କରିଦେଉଥିଲି, ସେତେବେଳେ ମୁଁ

ମନୋନୀତ କରିଥିଲି ଯେ ପରମେଶ୍ୱରଙ୍କ ନିକଟରେ ମୋ ନିମନ୍ତେ ଏକ ବହୁତ ଭଲ ଯୋଜନା ଅଛି ଓ ସେତେବେଳେ ସେହି ବିଷୟକୁ ଅପେକ୍ଷା କରି ଅନାଇ ରହିଥାଏ, ଯେଉଁଠାରେ ପ୍ରତ୍ୟେକ କାର୍ଯ୍ୟ ହୋଇଥାଏ ।  ମୁଁ ଯେତେବେଳେ ସେହି ପରିସ୍ଥିତିକୁ ମୋର ଯୋଜନା ଅନୁସାରେ ପରିବର୍ତ୍ତନ କରିବାକୁ ଚେଷ୍ଟା ନ କରି ନିଜ ନିୟନ୍ତ୍ରଣରେ ଛାଡ଼ିଦିଏ ଓ ପରମେଶ୍ୱରଙ୍କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଭାର ଦିଏ, ସେତେବେଳେ ମୁଁ ପ୍ରାୟ ନିଜ ଇଚ୍ଛାକୁ ପରମେଶ୍ୱରଙ୍କ ଇଚ୍ଛା ସମ୍ମୁଖରେ ସମର୍ପିତ କରିଦେଉଛି ।  ମୁଁ ଦେଖିବାକୁ ପାଇଥାଏ ଯେ ଯେତେ ଅଧିକ ମୁଁ ନିଜର ଆତ୍ମାରେ ଆନନ୍ଦ ଓ ଶାନ୍ତି ପରିପୂର୍ଣ୍ଣ କରିବାକୁ ଅନୁମତି ଦିଏ, ସେତେ ଅଧିକ ମୁଁ ପରମେଶ୍ୱରଙ୍କ ଆତ୍ମାରେ ପ୍ରବାହିତ ହୋଇଥାଏ ଓ ସେହିସବୁ କଷ୍ଟକର ସମୟରେ ମଧ୍ୟ ଆଗାମୀ ଆଶୀର୍ବାଦ ପ୍ରତି ଆଶାନ୍ୱିତ ରହିପାରିଥାଏ ।  ଏହା ସେହି ଆଶା ଅଟେ ଯେଉଁ ବିଷୟରେ ଏବ୍ରୀ ୬:୧୯ ପଦରେ ଆମକୁ କୁହାଯାଇଛି ଯେ ସେହି "ଭରସା ଆମ୍ଭମାନଙ୍କ ଆତ୍ମାର ଲଙ୍ଗରସ୍ୱରୂପ ଦୃଢ଼ ଓ ଅଟଳ ଅଟେ ।" ଏହି ଦ୍ୱିଧା, ସନ୍ଦେହ ଓ ପରିବର୍ତ୍ତନରେ ପରିପୂର୍ଣ୍ଣ ବିଶ୍ୱରେ ମୋର ପ୍ରାଣ ନିମନ୍ତେ ମୋତେ ଏକ ଲଙ୍ଗରର ଆବଶ୍ୟକତା ଅଛି ।

ପୁଣି ଏହି କାରଣରୁ ପରମେଶ୍ୱର ସମ୍ପୂର୍ଣ୍ଣ ହୃଦୟର ସହିତ ଆପଣଙ୍କ ପ୍ରତି ଅନୁଗ୍ରହ ଦେଖାଇବା ପାଇଁ ତତ୍ପର ରହିଥାଆନ୍ତି ।  ଏଥିପାଇଁ ସେ ନିଜକୁ ଉଚ୍ଚକୁ ଉଠାଇଥାଆନ୍ତି ଯେପରି ସେ ଆପଣଙ୍କ ଉପରେ ଆପଣା କରୁଣାକୁ ଦେଖାଇପାରିବେ ଓ ଆପଣଙ୍କ ପ୍ରତି ଆପଣା ପ୍ରେମ ପ୍ରକାଶ କରିପାରିବେ ।  କାରଣ ପରମେଶ୍ୱର ଜଣେ ନ୍ୟାୟବାନ୍ ପରମେଶ୍ୱର ଅଟନ୍ତି ।  ସେମାନେ ଧନ୍ୟ (ଆନନ୍ଦିତ, ସୌଭାଗ୍ୟଶାଳୀ, ଆଶୀର୍ବାଦପ୍ରାପ୍ତ) ଅଟନ୍ତି, ଯେଉଁମାନେ ମନୋନିବେଶ କରି ପରମେଶ୍ୱରଙ୍କ ଅପେକ୍ଷା କରନ୍ତି, ଯେଉଁମାନେ ପରମେଶ୍ୱରଙ୍କ ଆଡ଼କୁ ଅନାନ୍ତି, ତାହାଙ୍କ ଉପରେ ଆଶା ରଖନ୍ତି ଓ ତାହାଙ୍କୁ ଅପେକ୍ଷା କରନ୍ତି (ତାହାଙ୍କ ବିଜୟ, ଅନଗ୍ରହ, ତାହାଙ୍କ ଶାନ୍ତି, ଆନନ୍ଦ ଓ ତାହାଙ୍କ ଅତୁଳନୀୟ ଓ ଅତୁଟ ସହଯୋଗ ନିମନ୍ତେ) ! (ଯିଶାଇୟ ୩୦:୧୮) ।

**ମୁଖସ୍ଥ ପଦ :**

* ୨ୟ କରିନ୍ଥୀୟ ୫:୧୭ – ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି ; ପୁରାତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି ।

* ଯିହୁଦା ୨୦ - କିନ୍ତୁ, ହେ ପ୍ରିୟମାନେ, ତୁମ୍ଭେମାନେ ଆପଣାମାନଙ୍କ ଅତି ପବିତ୍ର ବିଶ୍ୱାସ ଉପରେ ଆପଣାମାନଙ୍କର ଧର୍ମଜୀବନରୂପ ଗୃହ ନିର୍ମାଣ କର, ପବିତ୍ର ଆତ୍ମାରେ ପ୍ରାର୍ଥନା କର ।

* ରୋମୀୟ ୧୨:୨ - ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣି ପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।

* ଗାଲାତୀୟ ୫:୧୬ - ମୋହର ଭାବ ଏହି, ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ ।

**ମୁଖ୍ୟ ସତ୍ୟତା :**

ଆତ୍ମା ଅନୁସାରେ ଚାଲିବା ପାଇଁ ନିଜ ଶରୀରକୁ ଦୈନିକ ଅନୁଶାସନରେ ଆଣିବାକୁ, ନିଜ ମନକୁ ନୂତନୀକୃତ କରିବାକୁ, ନିଜର ଭାବନାଗୁଡ଼ିକୁ ସୁସ୍ଥ କରିବାକୁ, ପୁଣି ନିଜର ଇଚ୍ଛାକୁ ନିୟନ୍ତ୍ରଣରେ ଆଣିବା ଅନ୍ତର୍ଭୁକ୍ତ ହୋଇଥାଏ ।  ଏହା ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଓ ବିଧିସମ୍ମତ ଲାଗିଥାଏ, କିନ୍ତୁ ବାସ୍ତବିକତା ହେଉଛି ଏହା ମୁକ୍ତ କରେ, ଆଲୋକ ଦିଏ ଓ ଜୀବନ ପ୍ରଦାନ କରିଥାଏ, କାରଣ ଏହା ନିଜର ପ୍ରୟାସ ଦ୍ୱାରା ମିଳିପାରି ନ ଥାଏ, ବରଂ ଆତ୍ମାର ଜୀବନ ପ୍ରତି ବାରମ୍ବାର ସମର୍ପିତ ହେବାରେ ହିଁ ମିଳିଥାଏ ।

**ଆପଣଙ୍କ ପ୍ରତିକ୍ରିୟା :**

୧. ଆପଣଙ୍କ ଜୀବନର କେଉଁ କ୍ଷେତ୍ରଗୁଡ଼ିକରେ (ଶରୀର, ମନ, ଇଚ୍ଛା ଓ ଭାବନା) ଆପଣଙ୍କୁ ପବିତ୍ର ଆତ୍ମାଙ୍କ ନିୟନ୍ତ୍ରଣରେ ସମର୍ପିତ କରିବା ପ୍ରତି ସର୍ବାଧିକ ଆହ୍ୱାନପୂର୍ଣ୍ଣ ମନେ ହୋଇଥାଏ । କିଛି ସମୟ ଏ ବିଷୟରେ ଚିନ୍ତା କରନ୍ତୁ ଓ ପ୍ରାର୍ଥନା କରନ୍ତୁ ଯେ ଏପରି କାହିଁକି ହୁଏ ଓ ଏହି ବିଷୟରେ ବିଚାର କରନ୍ତୁ ।

୨. ଏହି କ୍ଷେତ୍ରରେ ଏକ ଛୋଟ ବିଜୟ ହାସଲ କରିବା ପାଇଁ ଆପଣ କାଲି କେଉଁ କେଉଁ ପଦକ୍ଷେପ ଉଠାଇବେ ।

**ଅଧିକ ଅଧ୍ୟୟନ ନିମନ୍ତେ :**

*Cleansing Seminar* by Cleansing Stream Ministries (Ministries, 1999)

*The Winning Attitude* by John Maxwell (Maxwell, 1993)
*Battlefield of the Mind* by Joyce Myer (Meyer, 1995)

## ୩. ମୋର ଜୀବନକୁ ଚିତ୍ରଣ କରିବା

ଅନେକ ବର୍ଷ ଧରି ମୁଁ ସେବା କରୁ କରୁ ମୁଁ ପରମେଶ୍ୱରଙ୍କ ଝିଅମାନଙ୍କର ହଜାର ହଜାର କାହାଣୀ ଶୁଣିଛି । ମୋର ସିଦ୍ଧାନ୍ତ କୌଣସି ଅନୁସନ୍ଧାନ କିମ୍ବା ବୈଜ୍ଞାନିକ ଅଧ୍ୟୟନର ପରିଣାମ ନୁହେଁ, ତଥାପିମଧ୍ୟ ମୁଁ ତିନୋଟି ସାଧାରଣ ଧାରଣା ପ୍ରସ୍ତୁତ କରିପାରିବି :

୧. ଅଧିକାଂଶ ସ୍ତ୍ରୀଙ୍କ ଲାଳନପାଳନ ଅବିଶ୍ୱାସୀ ମାତା-ପିତାଙ୍କ ଦ୍ୱାରା ହୋଇଛି, ଓ ସେମାନେ କ୍ୱଚିତ୍ ମଣ୍ଡଳୀକୁ ଯାଆନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ତ୍ରୀ ଏହା ଜାଣି ବହୁତ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ପିଲାବେଲୁ ହିଁ ସେମାନେ ପରମେଶ୍ୱରଙ୍କୁ ବିଶ୍ୱାସ କରି ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୋଇପାରିଥିଲେ ।

୨. ଅର୍ଦ୍ଧାଧିକ ମହିଳା ଯେଉଁମାନେ ନିଜର କାହାଣୀ ମୋତେ କହିଲେ, ସାନବେଳେ ସେମାନଙ୍କ ସହିତ ଯୌନଶୋଷଣ ହୋଇସାରିଥିଲା । ଅନେକେ ଏହି ବିଷୟ କାହାକୁ କହି ନ ଥିଲେ, କିନ୍ତୁ ପ୍ରତ୍ୟେକେ ସେହି ସୁଯୋଗ ଅନ୍ୱେଷଣ କରୁଥିଲେ, ଯେତେବେଳେ ସେମାନେ ଏହି କଥା କାହାକୁ କହିପାରିବେ ।

୩. ଆମେ ଯେତେବେଳେ ନିଜର କାହାଣୀ କହିଥାଉ, ଶୁଣାଇଥାଉ ଓ ସେଗୁଡ଼ିକରୁ ଯେଉଁ ଶିକ୍ଷା ଆମକୁ ମିଳିଛି ତାକୁ କହିଲେ, ସେତେବେଳେ ସାମର୍ଥ୍ୟ, ବଳ, ଶକ୍ତି ଓ ଉତ୍ସାହ ମିଳିଥାଏ ।

ଏହି ପାଠର ଉଦ୍ଦେଶ୍ୟ ହେଉଛି ଯେ ଏହା ନିଜର ଆତ୍ମିକ ଯାତ୍ରା ପ୍ରକ୍ରିୟାର ପ୍ରକାଶନରେ ଆପଣଙ୍କ ନେତୃତ୍ୱ ନେଇପାରିବ । ଏହାର ଉଦ୍ଦେଶ୍ୟ ହେଉଛି ଯେ ଆପଣଙ୍କ ଜୀବନର ଘଟଣା ଓ ଅନୁଭବଗୁଡ଼ିକରେ ପ୍ରାର୍ଥନାପୂର୍ବକ ପ୍ରକାଶନଗୁଡ଼ିକୁ ବିନିଯୋଗ କରିବା, ଯେପରି ଆପଣ ବୁଝିଯିବେ ଯେ ଆପଣ କିଏ ଅଟନ୍ତି, ପୁଣି ପରମେଶ୍ୱର କିପରି ଭାବରେ ଆପଣଙ୍କୁ ତାହା କରିବା ପାଇଁ ପ୍ରସ୍ତୁତ କରୁଅଛନ୍ତି, ଯେଉଁଥିପାଇଁ ସେ ଆପଣଙ୍କୁ ଆହ୍ୱାନ କରିଅଛନ୍ତି ।

### ମୋର ଐତିହ୍ୟ

ଏକ ପାରିବାରିକ ବୃକ୍ଷ ପ୍ରସ୍ତୁତ କରନ୍ତୁ ଓ ସେଥିରେ ସେହିସମସ୍ତ ସମ୍ପର୍କୀୟଙ୍କ ନାମ ଲେଖନ୍ତୁ, ଯେଉଁମାନେ ଆପଣଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛନ୍ତି । ଜନ୍ମ ଓ ମରଣ ତାରିଖ ଓ ଯେଉଁ ନାମ ଆପଣ ଜାଣି ନାହାନ୍ତି ସେମାନଙ୍କୁ ସେଥିରେ ଲେଖିବା ଆବଶ୍ୟକ ନାହିଁ ।

ଏହାର ଲକ୍ଷ୍ୟ ବଂଶାବଳୀ ପ୍ରସ୍ତୁତ କରିବା ନୁହେଁ, କିନ୍ତୁ ଯେଉଁମାନେ ଆପଣଙ୍କ ଜୀବନରେ ପ୍ରଭାବ ପକାଇଛନ୍ତି, ସେମାନଙ୍କର ଏକ ରେକର୍ଡ଼ ରଖିବା ଅଟେ । ପ୍ରତ୍ୟେକ ନାମ ପୂର୍ବରୁ ସେମାନଙ୍କ ସହିତ କ'ଣ ସମ୍ପର୍କ ଓ ସେମାନେ ଆପଣଙ୍କ ଜୀବନରେ କେଉଁ ପ୍ରଭାବ ପକାଇଛନ୍ତି, ତାହା ଲେଖନ୍ତୁ । ଉଦାହରଣସ୍ୱରୂପ :

ମେରି ଆନ୍ ମନ୍‌ଡ଼େ : ମାଆ

ମାଆ ମୋତେ ଅନ୍ୟମାନଙ୍କ ସେବା କରିବା ଶିଖାଇଥିଲା

ନମ୍ରତା ଶିଖାଇଥିଲା, ପ୍ରତିକୂଳ ପରିସ୍ଥିତି ଉପରେ ଜୟଲାଭ କରିବା ଶିଖାଇଥିଲା

ଆପଣଙ୍କର ପୂର୍ବଜ ଏହିପରି ହୋଇପାରିବେ, ଯେଉଁମାନଙ୍କ ସହିତ ଆପଣ କେବେ ସାକ୍ଷାତ କରି ନ ଥିବେ, କିନ୍ତୁ ସେମାନେ ନେଇଥିବା ସକାରାତ୍ମକ ନିର୍ଣ୍ଣୟ ହେତୁ ଆପଣଙ୍କ ଜୀବନ ଉପରେ ପ୍ରଭାବ ପଡ଼ିଥିଲା । ହୋଇପାରେ ଯେ ସେମାନେ ଅନ୍ୟ ସ୍ଥାନ ବା ଦେଶ ଯିବା ପାଇଁ ନିର୍ଣ୍ଣୟ ନେଇଥିଲେ କିମ୍ବା କିଛି ଭିନ୍ନ ବ୍ୟବସ୍ଥା ଆପଣେଇଥିଲେ, ଫଳରେ ପରିବାରର ଦିଗରେ ପରିବର୍ତ୍ତନ ଆସିଥିଲା ।

ଆପଣଙ୍କ ଜୀବନରେ ପରମେଶ୍ୱରଙ୍କର ଏହି କାର୍ଯ୍ୟ ଆପଣଙ୍କର ଐତିହ୍ୟ ଅଟେ, ଏହି ଘଟଣା ଆପଣଙ୍କ ଜନ୍ମ ପୂର୍ବରୁ ହୋଇଥାଇପାରେ ।

**ମୋର ଜୀବନର କାହାଣୀ :**

ବର୍ତ୍ତମାନ ପର୍ଯ୍ୟନ୍ତ ଆପଣଙ୍କର ସମ୍ପୂର୍ଣ୍ଣ ଜୀବନକୁ ପାଞ୍ଚ ପାଞ୍ଚ ବର୍ଷ କରି ଭାଗ କରିଦିଅନ୍ତୁ । ଅନ୍ୟ ଏକ କାଗଜରେ ପ୍ରତି ପାଞ୍ଚ ବର୍ଷରେ ଯେଉଁ ମହତ୍ତ୍ୱପୂର୍ଣ୍ଣ ବିଷୟ ଆପଣଙ୍କ ଜୀବନରେ ଘଟିଥିଲା କିମ୍ବା ଯେଉଁ ଲୋକମାନେ ଆପଣଙ୍କ ଜୀବନରେ ପ୍ରଭାବ ପକାଇଛନ୍ତି ସେସବୁ ଲେଖନ୍ତୁ । ସେହିସବୁ ଘଟଣା କାହିଁକି ମହତ୍ତ୍ୱପୂର୍ଣ୍ଣ ତାହା ଛୋଟ ଛୋଟ ବାକ୍ୟରେ ଲେଖନ୍ତୁ । ବିଶେଷରୂପେ ଏହିସବୁ ବିଷୟରେ ଚିନ୍ତା କରନ୍ତୁ :

୧. ସମସ୍ୟାଗୁଡ଼ିକ - କଷ୍ଟପୂର୍ଣ୍ଣ ଘଟଣାଗୁଡ଼ିକ, ଲୋକମାନେ ଓ ଅନୁଭବ

୨. ଖୁସିଗୁଡ଼ିକ - ଆନନ୍ଦ ଓ ମହାନ୍ ସନ୍ତୁଷ୍ଟିର ଅନୁଭବ

୩. ପ୍ରଭାବ ପକାଉଥିବା ବ୍ୟକ୍ତି – ଯେଉଁ ଲୋକମାନେ ଆପଣଙ୍କୁ ଉତ୍ସାହିତ କରିଥିଲେ – ମାତା-ପିତା, ଶିକ୍ଷକ, ସାଙ୍ଗ, ନେତା ଯେଉଁମାନଙ୍କ ସହିତ ଆପଣ ସାକ୍ଷାତ କରିଥିଲେ ଓ ସେମାନଙ୍କ ବିଷୟରେ ପଢ଼ିଥିଲେ ।

୪. ପରମେଶ୍ୱର କାର୍ଯ୍ୟ କରୁଅଛନ୍ତି – ସେହିସବୁ ବିଷୟ ଯାହାକୁ ଆପଣ ନିଜର ଜୀବନରେ "ପରମେଶ୍ୱରଙ୍କ ହସ୍ତ" ବୋଲି ବୁଝନ୍ତି ।

ଉଦାହରଣସ୍ୱରୂପ : ୦ରୁ ୫ ବର୍ଷ :

ଲୋକମାନେ

୧. ମାଆ

୨. ବାପା

୩. ଭଉଣୀ

୪. ଭାଇ

ସ୍ଥାନ :

୧. ଘର

୨. ସାନ୍ତବାପା ଓ ସାନ୍ତମାଆଙ୍କ ଘର

୩. ମଣ୍ଡଳୀ

ଘଟଣାଗୁଡ଼ିକ :

୧. ଭାଇ ଭଉଣୀଙ୍କ ଜନ୍ମ

୨. ସ୍କୁଲ୍ ଯିବା ଆରମ୍ଭ

୩. ପରିବାର ଅନ୍ୟତ୍ର ସ୍ଥାନାନ୍ତର ହେଲା

ଯେଉଁସବୁ ପ୍ରିୟ ବିଷୟ କରବାକୁ ଇଚ୍ଛା ହୁଏ :

୧. ଘରେ ମାଆକୁ ସାହାଯ୍ୟ କରିବା

୨. ଅତିଥି ସତ୍କାର କରିବା

୩. ଶ୍ରେଣୀରେ ଅଧାପକଙ୍କୁ ସାହାଯ୍ୟ କରିବା

ନିଜ ଜୀବନର ପ୍ରତି ପାଞ୍ଚ ବର୍ଷ ନିମନ୍ତେ ଏହିପରି କରନ୍ତୁ : ୬-୧୦ ବର୍ଷ, ୧୧-୧୫ ବର୍ଷ, ଇତ୍ୟାଦି ।




୧. ଆପଣ ଯେଉଁସବୁ ବିଷୟ ଜାଣନ୍ତି, ସେଥିରେ ଆପଣଙ୍କ ଜୀବନର "ଉନ୍ନତି ଅବନ୍ନତି" ଦେଖାଇବା ପାଇଁ ସେହିସବୁ ପରିସ୍ଥିତି ତଳେ ରେଖା ଟାଣନ୍ତୁ । ଯଦି ଆବଶ୍ୟକ ତେବେ ଲମ୍ବା ରେଖା ଟାଣନ୍ତୁ । ଯେଉଁସବୁ ଘଟଣା/ସ୍ଥାନ/ବ୍ୟକ୍ତି, ଯେକେହି ଆପଣଙ୍କ ଉପରେ ପ୍ରଭାବ ପକାଇଛନ୍ତି, ଆପଣ ସେଥିପାଇଁ ଗୋଟିଏ କିମ୍ବା ଦୁଇଟି ଶବ୍ଦ ବ୍ୟବହାର କରିପାରିବେ ।

୨. ବର୍ତ୍ତମାନ ଅନ୍ୟ ରଙ୍ଗର ପେନ୍‌ରେ ସେହିସବୁ ସ୍ଥାନରେ ରେଖା ଟାଣନ୍ତୁ ଯେଉଁଗୁଡ଼ିକ ଆପଣଙ୍କର ଭାବନାତ୍ମକ ଉନ୍ନତି ଅବନ୍ନତିକୁ ପ୍ରଦର୍ଶନ କରିଥାଏ ।

୩. ବର୍ତ୍ତମାନ ତୃତୀୟ ରଙ୍ଗ ବ୍ୟବହାର କରି ନିଜର ଆତ୍ମିକ ଉନ୍ନତି ଅବନ୍ନତିକୁ ଦେଖନ୍ତୁ (ପରମେଶ୍ୱରଙ୍କ ସହିତ ଆପଣଙ୍କ ସମ୍ପର୍କକୁ) ।

**ମୋର ଆହ୍ୱାନ, ଦାନ ଓ ଆବେଗ**

ଆପଣ ଯେତେବେଳେ ନିଜର ଐତିହ୍ୟ ଓ ନିଜର ଜୀବନ କାହାଣୀଗୁଡ଼ିକ ଦେଖନ୍ତି, ସେତେବେଳେ ସେଗୁଡ଼ିକ ମଧ୍ୟରୁ ତିନୋଟି "କାହାଣୀ" ଓ ଘଟଣା ବାଛନ୍ତୁ, ଯେଉଁଗୁଡ଼ିକରେ ଆପଣ ବହୁତ ଅଧିକ ଉତ୍ସାହରେ ପରିପୂର୍ଣ୍ଣ ହୋଇଥିଲେ ଓ ଆପଣଙ୍କୁ ମନେ ହୋଇଥିବ ଯେ ଆପଣ ସମ୍ପୂର୍ଣ୍ଣରୂପେ ତାହା ହିଁ କରୁଛନ୍ତି, ଯାହା ପରମେଶ୍ୱର ଆପଣଙ୍କଠାରୁ ଚାହାଁନ୍ତି । ତାହା ଏକ

ବିଶେଷ ଘଟଣା କିମ୍ବା ଏକ ସମୟ ହୋଇପାରେ, ଯେତେବେଳେ ଆପଣ କୌଣସି କାର୍ଯ୍ୟ କରୁଥିଲେ, ଯାହାକି ଆପଣଙ୍କୁ ଆହ୍ୱାନ ଦେଉଥିଲା ଓ ସେତେବେଳେ ଆପଣ ତାକୁ ସଫଳତାର ସହିତ କରିପାରିଥିଲେ । ପ୍ରତ୍ୟେକ କାହାଣୀ ବିଷୟରେ କହିବା ପାଇଁ ତଳେ ଦିଆଯାଇଥିବା ସ୍ଥାନ ବ୍ୟବହାର କରନ୍ତୁ, ଯେପରି ଆପଣ ତାକୁ ମନେ ରଖିପାରିବେ । ଆପଣ ଲେଖିଲା ବେଳେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ :

୧. ମୁଁ କିପରି ଏହା କରିବାକୁ ଆରମ୍ଭ କଲି ?

୨. ମୁଁ କ'ଣ କଲି ?

୩. ମୁଁ ଏହାକୁ କିପରି ସମାପ୍ତ କଲି ?

୪. ମୁଁ ଭଲ କଲି ବୋଲି କିପରି ଜାଣିପାରିଲି ?

୫. ମୋତେ ସେହି ବିଷୟରେ ସବୁଠାରୁ ଭଲ କ'ଣ ଲାଗିଥାଏ ?

କାହାଣୀ ୧ :

କାହାଣୀ ୨ :

କାହାଣୀ ୩ :

ଏହିଠାରେ ଆପଣଙ୍କ କାହାଣୀକୁ ଜଣେ ବିଶ୍ୱସ୍ତ ସାଙ୍ଗକୁ କୁହନ୍ତୁ, ଓ ସେହି ବିଷୟରେ ଆପଣଙ୍କ ମନରେ ଯାହା ଆସୁଛି, ତାକୁ ଦର୍ଶାଇବା ପାଇଁ ଭିନ୍ନ ରଙ୍ଗ ବ୍ୟବହାର କରନ୍ତୁ । ନିଜ ନିଜକୁ ସେ କରୁଥିବାର ଦେଖନ୍ତୁ ଓ କୁହନ୍ତୁ ଯେ ଆପଣ ଏହା ଅନୁଭବ କରି କାହିଁକି ଏତେ ସନ୍ତୁଷ୍ଟି ଲାଭ କଲେ । ଆପଣଙ୍କ ସାଙ୍ଗଙ୍କ କାମ ହେଉଛି ଯେ ଧ୍ୟାନପୂର୍ବକ ଆପଣଙ୍କ କଥାକୁ ଶୁଣିବା ଓ ଆପଣଙ୍କ ଚାଲିଚଳଣ ବ୍ୟବହାରକୁ ଧ୍ୟାନ ଦେବେ ଓ ସେ ବିଷୟରେ ଯଦି ଅନ୍ୟ କିଛି ଜାଣିବେ, ତେବେ ତାକୁ ମଧ୍ୟ ଲେଖିବେ ।

ତା'ପରେ ଆପଣ ଓ ଆପଣଙ୍କ ସାଙ୍ଗ ଦୁହିଁଙ୍କ ଲେଖାରେ କ'ଣ ସମାନ୍ ଅଛି ତାହା ଖୋଜନ୍ତୁ ।

**ସାରାଂଶ**

ଆପଣ ଯେତେବେଳେ ଏକାକୀ ଅଛନ୍ତି, ସେତେବେଳେ ପ୍ରାର୍ଥନାପୂର୍ବକ ଆପଣଙ୍କ କାହାଣୀ, ଆପଣଙ୍କ ଐତିହ୍ୟ ଓ ଗତ ସମୟର ଅନୁଭବଗୁଡ଼ିକ ଦେଖନ୍ତୁ ଏବଂ ପରମେଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ ଯେ ସେ ଆପଣଙ୍କୁ କହିବେ ଯେ ତାହାଙ୍କଠାରୁ ଆପଣ ଆପଣଙ୍କ ଜୀବନରେ

କ'ଣ ଶିକ୍ଷା କଲେ ଓ କିପରି ତାହା ଦ୍ୱାରା ପରମେଶ୍ୱରଙ୍କ ଆହ୍ୱାନ ଓ ଉଦ୍ଦେଶ୍ୟ ଆପଣଙ୍କ ଜୀବନରେ ସମ୍ପାଦିତ ହୋଇଛି । ବର୍ତ୍ତମାନ ଆପଣ କେଉଁ ବିଷୟ ନିମନ୍ତେ ପ୍ରସ୍ତୁତ ଅଛନ୍ତି ? ଆପଣଙ୍କ ନିକଟରେ କେଉଁ ଦାନ / ଅନୁଭବ ଅଛି, ଯାହାକୁ ଆପଣ ସେବାରେ ସଫଳତାପୂର୍ବକ ବ୍ୟବହାର କରିପାରିବେ ? କିଛି ଦାନ ସ୍ପଷ୍ଟରୂପେ ଦେଖାଯିବ ଓ କିଛି ଅନୁଭବର ଅର୍ଥ ଆପଣ ବୁଝିପାରିବେ ନାହିଁ, କିନ୍ତୁ ଏହା ବୁଝନ୍ତୁ ଯେ "କାହାଣୀ ଅଧା ଅଟେ" କାରଣ ପରମେଶ୍ୱରଙ୍କ ଉଦ୍ଦେଶ୍ୟ ପ୍ରକାଶ ହୋଇ ନାହିଁ ।

ବ୍ୟକ୍ତିଗତରୂପେ ମୁଁ ଯେତେବେଳେ ଏହିପରି କଲି, ସେତେବେଳେ ମୁଁ ଦେଖିବାକୁ ପାଇଲି ଯେ ମୋଠାରେ "ମହିଳା ଓ ବ୍ୟବସାୟ" ନିମନ୍ତେ ଏକ ପୃଥକ୍ ଉତ୍ସାହ ଅଛି । ତା'ପରେ ମୁଁ ଡ଼ାଇରେକ୍ଟର୍ ଅଫ୍ ଓମେନ୍ସ ମିନିଷ୍ଟ୍ରି ପଦରୁ ଇସ୍ତଫା ଦେଲି ଓ ୬୫ ବର୍ଷ ବୟସରେ ବିଜିନେସ୍ ଆଡ୍‌ମିନିଷ୍ଟ୍ରେସନ୍ ପାଠ ପଢ଼ିବା ଆରମ୍ଭ କଲି । ଆପଣଙ୍କ ଅନୁଭବ ଆପଣଙ୍କ ଜୀବନକୁ ନାଟକୀୟ ଭାବରେ ପରିବର୍ତ୍ତନ କରିପାରିବ, ପରମେଶ୍ୱରଙ୍କ ଯୋଗ୍ୟତା ଉପରେ ସନ୍ଦେହ କରନ୍ତୁ ନାହିଁ, କିନ୍ତୁ ତାହାଙ୍କଠାରୁ ଆପଣଙ୍କ ଜୀବନର ନେତୃତ୍ୱ ଭିକ୍ଷା କରନ୍ତୁ ।

**ମୁଖସ୍ଥ ପଦ :**

* ଗୀତସଂହିତା ୧୩୯:୧୩-୧୬ - ୧୩ କାରଣ ତୁମ୍ଭେ ମୋହର ମର୍ମର କର୍ତ୍ତା ; ତୁମ୍ଭେ ମୋତେ ମାତୃଗର୍ଭରେ ଆଚ୍ଛାଦନ କରିଅଛ । ୧୪ ମୁଁ ତୁମ୍ଭଙ୍କୁ ଧନ୍ୟବାଦ ଦେବି ; କାରଣ ମୁଁ ଭୟଙ୍କର ଓ ଆଶ୍ଚର୍ଯ୍ୟ ରୂପେ ନିର୍ମିତ ; ତୁମ୍ଭର କର୍ମସବୁ ଆଶ୍ଚର୍ଯ୍ୟ ; ଏହା ମୋ' ପ୍ରାଣ ଭଲ ରୂପେ ଜାଣେ । ୧୫ ମୁଁ ଗୋପନରେ ନିର୍ମିତ ଓ ପୃଥିବୀର ଅଧଃସ୍ଥାନରେ ଶିଳ୍ପିତ ହେବା ସମୟରେ ମୋହର ଅସ୍ଥିପଞ୍ଜର ତୁମ୍ଭଠାରୁ ଗୁପ୍ତ ନ ଥିଲା । ୧୬ ତୁମ୍ଭ ଚକ୍ଷୁ ମୋହର ସେହି ଅସମ୍ପୂର୍ଣ୍ଣ ପିଣ୍ଡ ଦେଖିଲା ଓ ମୋହର ଯେଉଁସବୁ ଅଙ୍ଗପ୍ରତ୍ୟଙ୍ଗ ଦିନକୁ ଦିନ ଗଠିତ ହେଲା, ତନ୍ମଧ୍ୟରୁ ଗୋଟିଏ ହେଲେ ନ ହେଉଣୁ ତାହାସବୁ ତୁମ୍ଭ ପୁସ୍ତକରେ ଲିଖିତ ଥିଲା ।

* ଗୀତସଂହିତା ୩୭:୨୩, ୨୪ - ୨୩ ସଦାପ୍ରଭୁଙ୍କ ଦ୍ୱାରା ମନୁଷ୍ୟର ଗତି ସ୍ଥିରୀକୃତ ହୁଏ ଓ ସେ ତାହାର ପଥରେ ସନ୍ତୁଷ୍ଟ ହୁଅନ୍ତି । ୨୪ ସେ ପତିତ ହେଲେ ହେଁ ଭୂମିଶାୟୀ ହେବ ନାହିଁ ; କାରଣ ସଦାପ୍ରଭୁ ସ୍ୱହସ୍ତରେ ତାହାକୁ ଧରି ରଖନ୍ତି ।

**ମୁଖ୍ୟ ସତ୍ୟତା :**

ପରମେଶ୍ୱର ଆପଣଙ୍କ ସହିତ ଅଛନ୍ତି, ଆପଣ ଆପଣଙ୍କ ମାଆଙ୍କ ଗର୍ଭରେ ଥିବା ସମୟରୁ ସମସ୍ୟା ଓ ଖୁସି ସମୟରେ, ପୁଣି ଆପଣ ତାଙ୍କର ଉପସ୍ଥିତି ବିଷୟରେ ଜାଣିଥାଆନ୍ତୁ କିମ୍ୱା ନ ଜାଣିଥାଆନ୍ତୁ ; କୌଣସି ବିଷୟ ଆପଣଙ୍କୁ ପରମେଶ୍ୱରଙ୍କ ପ୍ରେମରୁ ପୃଥକ୍ କରିପାରିବ ନାହିଁ ।

**ଆପଣଙ୍କ ପ୍ରତିକ୍ରିୟା**

୧. ଈଶ୍ୱର ଆପଣଙ୍କୁ କେଉଁ ଦାନ ଦେଇଅଛନ୍ତି ଓ ସେତେବେଳେ ମଧ୍ୟ ତାହା ସେହିପରି ପଡ଼ିରହିଛି ଓ ଏବେସୁଦ୍ଧା ତାହାଙ୍କ ରାଜ୍ୟର ଅଭିବୃଦ୍ଧି ନିମନ୍ତେ ବୃଦ୍ଧି ପାଇବା ଆବଶ୍ୟକ ବୋଲି ଆପଣ ଭାବନ୍ତି ?

୨. ସେହି ଦାନ ଜାଣିବା ପାଇଁ ଓ ତାହା ବୃଦ୍ଧି ପାଇବା ସ୍ତରକୁ ଆଣିବା ପାଇଁ ବର୍ତ୍ତମାନ କିମ୍ୱା ପରବର୍ତ୍ତୀ ୫ ବର୍ଷ ଧରି ଆପଣ କେଉଁ ପଦକ୍ଷେପ ଗ୍ରହଣ କରିପାରିବେ ?

**ଅଧିକ ଅଧ୍ୟୟନ ନିମନ୍ତେ :**

*What is Your Giftedness?* (Hendricks, 2013)
*Discovering Your Giftedness* (Bock, 2015)
*StrengthsFinder 2.0 by Tom Rath* (Rath, 2014)
*Your Spiritual Gifts by Peter Wagner* (Wagner, 1994)
*Discover Your God-Given Gifts by Don & Katie Fortune* (Fortune & Fortune, 1987)
*Free Spiritual Gifts Analysis* (Gilbert, 2015)

## ଅଧ୍ୟାୟ ୪ : ମୋର ଅତୀତ ସହିତ ମୁକାବିଲା କରିବା

ବର୍ତ୍ତମାନ ଆପଣ ଯେତେବେଳେ ନିଜର ଐତିହ୍ୟ ଓ ଜୀବନର ବ୍ୟକ୍ତିଗତ ଯାତ୍ରା ବିଷୟରେ ଚିନ୍ତା କରିବା ସମୟରେ ଝୁଣ୍ଟି ନାହାନ୍ତି, ସେତେବେଳେ ଏହି ସମୟ ଆସିଛି ଯେତେବେଳେ ଆପଣ ଚିନ୍ତା କରିବେ ଯେ କିପରି ଭାବରେ ଯେଉଁ ଲୋକମାନେ, ସ୍ଥାନ ଓ ଘଟଣାଗୁଡ଼ିକ ଆପଣଙ୍କ ଜୀବନକୁ ପ୍ରସ୍ତୁତ କରିଥିଲେ ସେମାନେ ଆଜିମଧ୍ୟ ଆପଣଙ୍କ ଜୀବନ, ସମ୍ପର୍କ ଓ ସେବାରେ ରହିଛନ୍ତି । ଲୋକମାନେ ଆପଣଙ୍କ ଜୀବନରେ ଯେଉଁ ପ୍ରକାଶନ, ଜ୍ଞାନ ଓ ଆଶୀର୍ବାଦ ଦେଇଛନ୍ତି, ତାହା ବର୍ତ୍ତମାନ ଆପଣଙ୍କ ମଧ୍ୟଦେଇ ବହିଯାଉଛି ଓ ଅନ୍ୟମାନଙ୍କ ନିମନ୍ତେ ଆଶୀର୍ବାଦର ଆକର ହେଉଛି । ନକାରାତ୍ମକ ଅନୁଭବ ଓ ସମସ୍ୟାଗୁଡ଼ିକ ଆପଣଙ୍କ ସମ୍ପର୍କ ଉପରେ କିପରି ପ୍ରଭାବ ପକାଇଥିଲା ? ହୋଇପାରେ ଯେ କିଛି ଲୋକ ଆପଣଙ୍କୁ ଦୟାଳୁ ଓ ଧ୍ୟାନ ରଖୁଥିବା ପରାମର୍ଶଦାତା ଓ ସାଙ୍ଗ କରିଛନ୍ତି (୨ୟ ତୀମଥି ୨:୨) । ଏହା କେବଳ ଆପଣଙ୍କ ଉପରେ ନିର୍ଭର କରିଥାଏ ଯେ ଯାହା ହେଲା ସେଥିରେ ଆପଣ "ଅଧିକ ଉତ୍ତମ" କିମ୍ୱା

"ଅପ୍ରିୟ" ହୁଅନ୍ତୁ । ପ୍ରଶ୍ନ ହେଉଛି ଯେ ଆପଣ ଆପଣଙ୍କର ଗତ ଅନୁଭବଗୁଡ଼ିକ ଦ୍ୱାରା କିପରି ଭାବରେ ସକାରାତ୍ମକ ପ୍ରଭାବଗୁଡ଼ିକୁ ବୃଦ୍ଧି କରିପାରିବେ ଓ ନକାରାତ୍ମକ ପ୍ରଭାବଗୁଡ଼ିକୁ ହ୍ରାସ କରିପାରିବେ ।

**ସଫଳତାକୁ ପ୍ରତିଫଳିତ କରିବା**

କିଛି ସମୟ ନେଇ ନିଜ ଜୀବନର "ଖୁସି" ସମୟଗୁଡ଼ିକୁ ସ୍ମରଣ କରନ୍ତୁ, ସେହି ସମୟରେ ଯେତେବେଳେ ଆପଣଙ୍କୁ ମନେ ହୋଇଥିଲା ଯେ ଆପଣ ତାହା କରୁଛନ୍ତି ଯେଉଁଥିପାଇଁ ପରମେଶ୍ୱର ଆପଣଙ୍କୁ ସୃଷ୍ଟି କରିଅଛନ୍ତି ଓ ଆପଣ ପରମେଶ୍ୱରଙ୍କ ଆଶୀର୍ବାଦଗୁଡ଼ିକୁ ଅନୁଭବ କରିପାରୁଛନ୍ତି । ଆପଣ କ'ଣ ଭାବୁଛନ୍ତି ? ଆପଣ ଯାହା କରିପାରିଛନ୍ତି, ତାକୁ ନେଇ ଆପଣଙ୍କ ମନରେ କୌଣସି ଗର୍ବ ଭାବନା ଅଛି କି ? ସେହି ସ୍ଥାନରେ ପହଁଞ୍ଚିବା ପାଇଁ କୌଣସି ଆଶାପୂର୍ଣ୍ଣ ଚିନ୍ତା ଅଛି କି ? ନା କୌଣସି କଷ୍ଟ, ଯେ ବୋଧହୁଏ ଆପଣଙ୍କ ମହିମାର ଦିନ ଶେଷ ହୋଇଗଲା ଓ ଏଠାରୁ ସବୁ ବିଷୟ ନୀଚ୍ଚ ଆଡ଼କୁ ଯାଉଛି ? ଆମକୁ ଆମ ସଫଳତାରୁ କେଉଁ ପାଠ ଶିଖିବାକୁ ମିଳୁଛି ? ମୋର ମନରେ ବହୁତ କଥା ଆସୁଛି । ପରମେଶ୍ୱର ମୋତେ ଯାହା ଶିଖାଇଅଛନ୍ତି, ମୁଁ ଏହା ଆପଣଙ୍କୁ କହିବି, ହୋଇପାରେ ଯେ ପରମେଶ୍ୱର ବ୍ୟକ୍ତିଗତରୂପେ ଆପଣଙ୍କୁ ତାହାଙ୍କ ବ୍ୟତୀତ ମଧ୍ୟ କିଛି କହିଅଛନ୍ତି ।

ମୁଁ ଯେତେବେଳେ କଠିନ ପରିଶ୍ରମ କରେ ଓ ଏକ ଭଲ ସଫଳତା ଅନୁଭବ କରିଥାଏ, ସେତେବେଳେ ଗର୍ବ କରିବା ସ୍ୱାଭାବିକ ବିଷୟ ଅଟେ । ଯଦି ମୁଁ ବୁଦ୍ଧିମାନ୍ ଅଟେ ତେବେ ଅନ୍ୟମାନଙ୍କ ସମ୍ମୁଖରେ ନିଜର ସଫଳତାର ଗୌରବ କରିବି ନାହିଁ, କିନ୍ତୁ ଅନ୍ତରରେ ମୋର ମନ ମୋତେ ନିଜକୁ ବଧେଇ ଜଣାଇଥାଏ । ଏହି ପାଠକୁ ନବୂଖଦ୍‌ନିତ୍ସରଙ୍କଠାରୁ ଆଉ କେହି ଏତେ ବଳ ପ୍ରୟୋଗ କରି ଶିକ୍ଷା ଦିଅନ୍ତି ନାହିଁ, ଯେ କି ସେହି ସମ୍ପାଦନ କରିବାର ଅନୁଭବ କରିବା ପରେ ସତର୍କମୂଳକ ଏକ ଦର୍ଶନ ପାଇଥିଲେ, ଓ ତା'ପରେ ବହୁଳ ଭାବରେ ନ୍ୟୁନ ହୋଇଥିଲେ । ତାଙ୍କର ଚେତାବନୀକୁ ଲକ୍ଷ୍ୟ କରନ୍ତୁ : "ଯେଉଁମାନେ ଗର୍ବାଚରଣ କରନ୍ତି, ସେମାନଙ୍କୁ ନତ କରିବାକୁ ତାହାଙ୍କର କ୍ଷମତା ଅଛି" (ଦାନିୟେଲ ୪:୩୦-୩୭) ।

ଏପରି ସମୟ ଆସିଥାଏ, ଯେତେବେଳେ ଆମେ ପରମେଶ୍ୱରଙ୍କ କାର୍ଯ୍ୟକୁ ନିଜର ସଫଳତା ମଧ୍ୟରେ ସଙ୍ଗେ ସଙ୍ଗେ ଚିହ୍ନିପାରିଥାଉ - ଏକ ସମୟ ଯାହାକି ଅଦ୍ଭୁତ ଭାବରେ

ଖୋଲିଯାଏ (କିମ୍ବା ବନ୍ଦ ହୋଇଯାଏ), ଏକ କ୍ଷୀଣ ସ୍ୱର ଯାହାକି ଆମ ପାଇଁ କଷ୍ଟ, କିନ୍ତୁ ସଠିକ୍ ନିର୍ଣ୍ଣୟ ଆଡ଼କୁ ନେଇଯାଇଥାଏ, ଏକ "ଅଲୌକିକ ସମୟ" ଆଡ଼କୁ । କିନ୍ତୁ ଯେତେବେଳେ ଆମେ ପରିଶ୍ରମ କରି ବହୁତ ସମୟ ପର୍ଯ୍ୟନ୍ତ କାମ କରି ନିଜର ଲକ୍ଷ୍ୟ ପର୍ଯ୍ୟନ୍ତ ପହଁଞ୍ଚିଥାଉ, ଏବଂ ଆମର ଆଖପାଖର ଲୋକମାନେ ଆମକୁ ବଧେଇ ଜଣାଇଥାନ୍ତି, ସେତେବେଳେ ଯେଉଁ ପରମେଶ୍ୱର ଆମକୁ ଦେଖିବା ପାଇଁ ଆଖି, ଶୁଣିବା ପାଇଁ କାନ, ଚିନ୍ତା କରିବା ପାଇଁ ମସ୍ତିଷ୍କ, ଶିଖିବା ପାଇଁ ଶୈକ୍ଷିକ ଯୋଗ୍ୟତା ଦେଇଅଛନ୍ତି ଓ ପ୍ରେମ କରୁଥିବା ମାତା-ପିତା ଦେଇଅଛନ୍ତି, ସେହି ପରମେଶ୍ୱରଙ୍କୁ ଧନ୍ୟବାଦ ଦେବା ଭୁଲିଯାଇଥାଉ । ଏହା ଭାବିବା ସହଜ ହୋଇଥାଏ ଯେ ଆମେ ନିଜର ପରିଶ୍ରମ ଦ୍ୱାରା ସଫଳତା ପର୍ଯ୍ୟନ୍ତ ପହଁଞ୍ଚିଛୁ, କିନ୍ତୁ ପରମେଶ୍ୱର ଯେ କି ଏହି ସଫଳତାର ଯାତ୍ରାରେ ଆମ ସହିତ ରହିଲେ, ତାହାଙ୍କୁ କୃତଜ୍ଞତା ଜ୍ଞାପନ କରିବାରେ ବିଫଳ ହୋଇଯାଇଥାଉ । ଆପଣ ଯେତେବେଳେ ନିଜର "ସଫଳତାଗୁଡ଼ିକ" ପ୍ରକାଶ କରିଥାନ୍ତି, ସେତେବେଳେ ପରମେଶ୍ୱରଙ୍କୁ ମଧ୍ୟ କୃତଜ୍ଞତା ପ୍ରକାଶ କରନ୍ତୁ । ଯଦି ଆପଣ ଏପର୍ଯ୍ୟନ୍ତ ଏହିପରି କରି ନାହାନ୍ତି, ତେବେ ଚିନ୍ତା କରନ୍ତୁ ଯେ ଯେଉଁ ଲୋକମାନେ ଆପଣଙ୍କ ଜୀବନରେ କାମ କରିଛନ୍ତି, ଯଦି ଆପଣ ସେମାନଙ୍କୁ ଧନ୍ୟବାଦ ଦେଇ ନ ଥାନ୍ତେ, ତେବେ କିପରି ହୋଇଥାନ୍ତା ?

ଯଦି ଆପଣ "ସବୁଠାରୁ ଭଲ ବିଷୟ ଗତ ହୋଇଯାଇଛି" ବୋଲି ଭାବି ଦୁଃଖୀ ଓ ନିରାଶ ହୋଇଛନ୍ତି, ତେବେ ଗୀତସଂହିତା ୧୩୯:୧୬ ପଦରେ ପରମେଶ୍ୱର କହନ୍ତି ଯେ, "ତୁମ୍ଭ ଚକ୍ଷୁ ମୋହର ସେହି ଅସମ୍ପୂର୍ଣ୍ଣ ପିଣ୍ଡ ଦେଖିଲା ଓ ମୋହର ଯେଉଁସବୁ ଅଙ୍ଗପ୍ରତ୍ୟଙ୍ଗ ଦିନକୁ ଦିନ ଗଠିତ ହେଲା, ତନ୍ମଧ୍ୟରୁ ଗୋଟିଏ ହେଲେ ନ ହେଉଣୁ ତାହାସବୁ ତୁମ୍ଭ ପୁସ୍ତକରେ ଲିଖିତ ଥିଲା ।" ଆପଣଙ୍କ ଶରୀରରେ ଯେପର୍ଯ୍ୟନ୍ତ ଜୀବନ ଅଛି, ସେପର୍ଯ୍ୟନ୍ତ ପରମେଶ୍ୱର ଆପଣା ରାଜ୍ୟ ବୃଦ୍ଧି ନିମନ୍ତେ ଆପଣଙ୍କୁ ବ୍ୟବହାର କରିପାରିବେ । ପ୍ରଶ୍ନ ହେଉଛି ଯେ ଆପଣ ନିଜ ଆଖିରୁ ଗତକାଲିକୁ ଦୂର କରି ଆଗାମୀ ଭବିଷ୍ୟତ୍‌ର ଦର୍ଶନ ଦେଖିବାରେ ଲଗାନ୍ତୁ । ଏ.ଆର୍. ବର୍ଣ୍ଣାଡ଼୍ ନିଜର ସୁପରିଚିତ ସନ୍ଦେଶ "ଆପଣଙ୍କ ଦର୍ଶନ ଆପଣଙ୍କ ଭବିଷ୍ୟତ୍ ଅଟେ"ରେ ଏହି ଚେତାବନୀ ଦେଇଛନ୍ତି, "ଦର୍ଶନ ବିନା ଜଣେ ବ୍ୟକ୍ତିଙ୍କର କୌଣସି ଭବିଷ୍ୟତ୍ ନାହିଁ ଓ ଯେଉଁ ବ୍ୟକ୍ତିଙ୍କର ଭବିଷ୍ୟତ୍ ନାହିଁ, ସେ ସର୍ବଦା ନିଜର ଗତକାଲି ଆଡ଼କୁ ଫେରିଯାଆନ୍ତି ।" ଯୀଶୁଙ୍କ ମୃତ୍ୟୁ ପରେ ପିତର ଶିଷ୍ୟମାନଙ୍କୁ ପୁନର୍ବାର ମାଛ ଧରିବା ପାଇଁ ନେଇଯାଇଥିଲେ, ନିଜର ସ୍ୱାମୀ ଓ ପୁଅମାନଙ୍କ

ମୃତ୍ୟୁ ପରେ ନୟମୀ ଇସ୍ରାଏଲ୍ ଫେରିଆସିଲେ ଓ ଆଦମ ମଧ୍ୟ ଏଦନ ଉଦ୍ୟାନକୁ ଫେରିଯାଇଥାନ୍ତେ, ଯଦି ପରମେଶ୍ୱର ସେଠାରେ ପ୍ରହରୀ ଛିଡ଼ା କରି ନ ଥାଆନ୍ତେ । ଆପଣ ଯଦି ନିଜକୁ ଗତକାଲିରେ ଜୀବନଯାପନ କରୁଥିବାର ଦେଖୁଛନ୍ତି, ତେବେ ଆପଣଙ୍କ ନିମନ୍ତେ ଏକ ଉତ୍ତମ ପ୍ରଶ୍ନ ହେଉଛି ଯେ ଆପଣ କ'ଣ ଆପଣଙ୍କ ନିମନ୍ତେ ପରମେଶ୍ୱରଙ୍କ ଯୋଜନା ଅନୁଯାୟୀ ଭବିଷ୍ୟତ୍‌ର ଦର୍ଶନକୁ ହଜାଇ ଦେଇଛନ୍ତି (ଯିରିମିୟ ୨୯:୧୧) ।

**ଭାବନାତ୍ମକ ଆଘାତର ସୁସ୍ଥତା**

ଆମେ ସମସ୍ତେ ଏପରି ସମୟ ମଧ୍ୟଦେଇ ଯାଉଛୁ ଯେତେବେଳେ ଆମକୁ ମନେ ହେଉଛି ଯେ ଆମର ସମ୍ପୂର୍ଣ୍ଣ ଜଗତ ଖଣ୍ଡବିଖଣ୍ଡିତ ହୋଇଯାଇଛି । ଉଦାହରଣସ୍ୱରୂପ, ହଠାତ୍ କୌଣସି ନିକଟ ସମ୍ପର୍କୀୟଙ୍କୁ ହରାଇଦେଇଛୁ, ଡ଼ାକ୍ତରଙ୍କ ରିପୋର୍ଟ, ଚାକିରୀ ଚାଲିଯିବା, ଆର୍ଥିକ ସମସ୍ୟା, ପିଲାମାନେ ଅନାଜ୍ଞାବହ ହେବା, ସାଙ୍ଗ ଠକିବା, ଏକ ଭଗ୍ନ ସମ୍ପର୍କ କିମ୍ବା ଏପରି କୌଣସି ଘଟଣା ଯାହାକୁ କି ଆପଣ ନିଜ ସମସ୍ୟା ସମୟରେ ସମ୍ମୁଖୀନ ହୋଇଛନ୍ତି । ଏହିପରି ସମୟରେ ଯେଉଁ ଭାବନାତ୍ମକ ପ୍ରହାର ଦ୍ୱାରା ଆଘାତ ହୋଇଥାଏ ତା'ର ଆଘାତ ଅନେକ ବର୍ଷ ପର୍ଯ୍ୟନ୍ତ ଆମର ଆତ୍ମାରେ ରହିଥାଏ, ଆମେ ଯେତେବେଳେ ଭାବି ନ ଥିବା, ସେହି ସମୟରେ ଯେପର୍ଯ୍ୟନ୍ତ ଆଘାତ ଫେରି ନ ଆସିଛି, ସେପର୍ଯ୍ୟନ୍ତ ସଙ୍ଗେ ସଙ୍ଗେ ଆମର ଯେଉଁ ପ୍ରତିକ୍ରିୟା ହୋଇଥାଏ, ତାହା କ୍ରୋଧ, ଭୟ, ଲଜ୍ଜା, ଅସନ୍ତୋଷ ଇତ୍ୟାଦି ହୋଇଥାଏ ଯାହାକି ଆମର ବର୍ତ୍ତମାନ ସମ୍ପର୍କର ନିର୍ଣ୍ଣୟ ଉପରେ ପ୍ରଭାବ ପକାଇଥାଏ । ପ୍ରଶ୍ନ ହେଉଛି ଯେ ଯଦି ଉଦ୍ଧାର ସମୟରେ ଆମେ ଭାବନାତ୍ମକ ସୁସ୍ଥତା ପାଇ ନ ଥାଉ, ତେବେ ଆମେ ତାଙ୍କୁ କିପରି ପାଇପାରିବା ? ଏହା କ'ଣ ସମ୍ଭବ ?

ମୁଁ ଆପଣଙ୍କୁ ଏହି ନିଶ୍ଚୟତା ଦେବାକୁ ଇଚ୍ଛା କରୁଛି ଯେ ପ୍ରଭୁ ଯୀଶୁ ସୁସ୍ଥ କରନ୍ତି, ସେ କେବଳ ଶାରୀରିକ କଷ୍ଟକୁ ନୁହେଁ, କିନ୍ତୁ ଭାବନାତ୍ମକ କଷ୍ଟକୁ ମଧ୍ୟ ସୁସ୍ଥ କରନ୍ତି । ସେ ଭଗ୍ନ ହୃଦୟକୁ ଯୋଡ଼ି ଦିଅନ୍ତି । ସେ ଅଦ୍ଭୁତ ଭାବରେ ଆପଣଙ୍କ ଆଘାତଗୁଡ଼ିକୁ ଶୀଘ୍ର ସୁସ୍ଥ କରିପାରିବେ, କିମ୍ବା ବେଳେବେଳେ ସେ ହୃଦୟର କଷ୍ଟକୁ ପିଆଜର ଚୋପା ଛଡ଼ାଇବା ପରି ସହଜରେ ଗୋଟିଏ ଗୋଟିଏ କରି ବାହାର କରିଦିଅନ୍ତି, ଯେପରି ପ୍ରତ୍ୟେକ ବିନ୍ଦୁ ତାହାଙ୍କ ପ୍ରେମର ସ୍ପର୍ଶ ପାଇପାରିବ । ମୋର ଅନୁଭବରେ ଶାରୀରିକ ଓ ଭାବନାତ୍ମକ କଷ୍ଟ ଓ ସେଗୁଡ଼ିକର ସୁସ୍ଥତାରେ ବହୁତ ସମାନତା ଅଛି । ଯଦି ଆମେ ଆମ ଚର୍ମର ଉପର ଅଂଶକୁ ଟିକିଏ ଉଖାଡ଼ିବା,

ତେବେ ମନ ହେବ ଯେପରି ଅପରେସନ୍‌ର ଘାଆ ଶୁଖିବା ପାଇଁ ଯେତେ ମନୋଯୋଗ କରିବା ଓ ସମୟ ଦେବା ଆବଶ୍ୟକ ଅଛି, ଭାବନାତ୍ମକ ଆଘାତରେ ସେତେ ଆବଶ୍ୟକ ନାହିଁ । ଏକ ଅପରେସନ୍ ବିଷୟରେ ତୁରନ୍ତ ଧ୍ୟାନ ଦେବାକୁ ପଡ଼ିଥାଏ, ବିଭିନ୍ନ ସମୟରେ ପଟିକୁ ପରିବର୍ତ୍ତନ କରିବାକୁ ପଡ଼ିଥାଏ । ସେହିପରି ଭାବରେ ଭାବନାତ୍ମକ ଆଘାତରେ – ଏକ ନିର୍ଦ୍ଦୟ ଶବ୍ଦ, କ୍ରୋଧରେ କୁହାଯାଇଥିବା ବାକ୍ୟରେ – ଶୀଘ୍ର ଇନ୍‌ଫେକ୍ସନ୍‌ର ବିପଦ ହୋଇପାରେ, କିନ୍ତୁ ଶୀଘ୍ର କ୍ଷମା ମାଗିବା ଓ ପ୍ରେମ ପ୍ରକାଶ କରିବା ସଠିକ୍ ପ୍ରତିକ୍ରିୟା ହେବ । ଏହିପରି କରିବା ଦ୍ୱାରା ତାହା ଶୀଘ୍ର ସୁସ୍ଥ ହୋଇଯିବ ଓ ସହଜରେ ପାସୋରି ଦିଆଯାଇପାରିବ । ହିତୋପଦେଶ ୧୯:୧୧ ପଦ କହେ, "ମନୁଷ୍ୟର ସୁବୁଦ୍ଧି ତାହାକୁ କ୍ରୋଧ କରିବାକୁ ଧୀର କରେ ; ପୁଣି, ଦୋଷ ଛାଡ଼ିଦେବାର ତାହାର ଭୂଷଣ ।"

କିନ୍ତୁ ଗଭୀର କ୍ଷତ ସହଜରେ ଶୁଖିଯାଏ ନାହିଁ – ପ୍ରକୃତ ସାଥୀଙ୍କୁ ଠକିବା, ଭରସାପୂର୍ଣ୍ଣ ପରାମର୍ଶଦାତାଙ୍କୁ ଠକିବା, ଗୋଟିଏ ଭଗ୍ନ ଶବ୍ଦ, ଏକ ଅସମାହିତ ବିଷୟ ଯେଉଁଥିରେ ଖରାପ ଶବ୍ଦ ବ୍ୟବହାର ହୋଇଥାଉ କିମ୍ବା ଅନ୍ୟାୟ ହୋଇଥାଉ । ଏହିସବୁରେ ଅଧିକ ଧ୍ୟାନ ଦେବା ଆବଶ୍ୟକ ଅଛି । ଯଦି ଏଗୁଡ଼ିକୁ ଏହିପରି ଛାଡ଼ି ଦିଆଯିବ, ତେବେ ଏହିସବୁ ଭାବନାତ୍ମକ କ୍ଷତରେ ଶାରୀରିକ କ୍ଷତ ପରି ସଂକ୍ରମଣ ହୋଇଯିବ, ଫଳରେ ସମ୍ପୂର୍ଣ୍ଣ ଶରୀର ଉପରେ ପ୍ରଭାବ ପଡ଼ିବ । ଏକ ଭାବନାତ୍ମକ କ୍ଷତ ଶୀଘ୍ର ବ୍ୟାପି ଯାଇଥାଏ, ଯଦି ଆମେ ପ୍ରାର୍ଥନାପୂର୍ବକ ତାକୁ ସମାଧାନ କରିବା ପରିବର୍ତ୍ତେ ଯାହା ହୋଇଛି, ତାକୁ ବସିକରି ଚିନ୍ତା କରିବା କିମ୍ବା କଟୁତାକୁ ଆମ ମନରେ ସ୍ଥାନ ଦେବା (ଏବ୍ରୀ ୧୨:୧୫) । ଆମେ ଏହା କହୁ ଯେ ଆମେ ନିଜେ ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ ଆମର କେବଳ "ସତ୍ୟତା" ଓ "ଧାର୍ମିକତା" ଲୋଡ଼ା, କିନ୍ତୁ ଆମର ମନରେ ସଢୁଥିବା ପୂଜ ଆମର ମନ ଓ ସମ୍ପର୍କରେ ବିଷ ପରିପୂର୍ଣ୍ଣ କରିଦେଇଥାଏ । କେବଳ ସତ୍ୟ ଭାବରେ କ୍ଷମା ମାଗିଲେ ସୁସ୍ଥତା ଓ ସ୍ୱାଧୀନତା ମିଳିପାରିବ । ବାକ୍ୟ ବହୁତ ସ୍ପଷ୍ଟରୂପେ କହିଥାଏ । ଖ୍ରୀଷ୍ଟିୟାନ୍‌ମାନଙ୍କ ନିମନ୍ତେ କ୍ଷମା କରିବା ଏକ ବିକଳ୍ପ ନୁହେଁ । ମାଥିଉ ୬:୧୫ ପଦରେ ଯୀଶୁ କହିଥିଲେ, "କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନ କର, ତେବେ ତୁମ୍ଭମାନଙ୍କୁ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧସବୁ କ୍ଷମା କରିବେ ନାହିଁ ।" କ୍ଷମା କରିବାର ଅର୍ଥ ଏହା ନୁହେଁ ଯେ ସେହି ବ୍ୟକ୍ତି କିଛି ଭୁଲ୍ କରି ନ ଥିଲେ କିମ୍ବା ସେ ଏହିପରି ଭୁଲ୍ କରିପାରିବେ । ପୁଣି କ୍ଷମା

କରିବାର ଅର୍ଥ ଏହା ବି ନୁହେଁ ଯେ ଆପଣଙ୍କ ସମ୍ପର୍କ ସେହି ବ୍ୟକ୍ତିଙ୍କ ସହିତ ସେହିପରି ହୋଇଯିବ । ସେ ଯଦି ନିଜ ଭୁଲ୍ ବୁଝିବା ପରିବର୍ତ୍ତେ ଫେରିଯାଇ ଆମକୁ ଆଘାତ ଦେବାକୁ ଲାଗିବେ, ତେବେ ଆମର ଆବଶ୍ୟକ ଯେ ଆମେ ପୁଣିଥରେ ତାଙ୍କୁ କ୍ଷମା କରିବା, କିନ୍ତୁ ତାଙ୍କୁ ଦୂରରୁ ପ୍ରେମ କରିବା । ଆମେ ନିଜ ନିମନ୍ତେ କ୍ଷମା କରିଥାଉ, ଯେପରି କ୍ଷମା ନ କରିପାରିବାର ପରାଜୟର ବିଷ ଆମର ଅବଶିଷ୍ଟ ସମ୍ପର୍କକୁ ଖରାପ କରିବ ନାହିଁ, ପୁଣି ଆମକୁ ଆଘାତ ଦେଇଥିବା ବ୍ୟକ୍ତିଙ୍କ ସହିତ ଭାବନାତ୍ମକ ଭାବରେ ଯୋଡ଼ିହେବା ନୁହେଁ । ଆମେ ଯଦି ଏକ ଖରାପ ଅତୀତକୁ କ୍ଷମା କରିଦେଇଛୁ, ତେବେ ତାକୁ ଆମେ କିପରି କହିପାରିବା ? ଯେତେବେଳେ ସେହି ଘଟଣା ଆମର ବର୍ତ୍ତମାନ ନିର୍ଣ୍ଣୟଗୁଡ଼ିକ ଉପରେ ପ୍ରଭାବ ପକାଏ ନାହିଁ, ସେତେବେଳେ ଆମେ ବୁଝିଯାଇଥାଉ ଯେ ଆମେ ତା'ର ଶକ୍ତିରୁ ମୁକ୍ତ ହୋଇସାରିଛୁ । ମନେରଖନ୍ତୁ ଯେ କ୍ଷମା କରିବା ଏକ ପ୍ରକ୍ରିୟା ଅଟେ, ଯାହାକି ଗୋଟିଏ ଥର ହେବାର କୌଣସି ବିଷୟ ନୁହେଁ । ଆପଣଙ୍କ ମନରେ ଯେତେବେଳେ ବି ଆଘାତ ଲାଗେ, ସେତେବେଳେ କ୍ଷମା କରିଦିଅନ୍ତୁ ।

ପେଟ ଅପରେସନ୍ ପରି ଭାବନାତ୍ମକ ଘାଆ ବହୁତ ଗଭୀର ହୋଇଥାଏ, ଯାହାକି ଶୋଷଣ କିମ୍ବା ଅନ୍ୟ କୌଣସି ପ୍ରକାର କ୍ରୁରତାର ଫଳ ହୋଇଥାଏ । କିନ୍ତୁ ତଥାପିମଧ୍ୟ ଯୀଶୁ ମନଗୁଡ଼ିକୁ ଯୋଡ଼ି ସେଗୁଡ଼ିକ ସୁସ୍ଥ କରିଥାଆନ୍ତି । ଏପରି କୌଣସି କଷ୍ଟକର ପରିସ୍ଥିତି ନାହିଁ, ଯେଉଁଥିରେ ତାହାଙ୍କ ପ୍ରେମ ଆମକୁ ସ୍ପର୍ଶ କରିପାରିବ ନାହିଁ । ଶାରୀରିକ ଆଘାତ ପରି, ଭାବନାତ୍ମକ ଆଘାତ ମଧ୍ୟ ବହୁତ ଗଭୀର ହୋଇଥାଏ ପୁଣି ବାହାରୁ ଦେଖାଯାଇପାରିବ - ଭଗ୍ନ ସମ୍ପର୍କରେ କ୍ରୋଧ ଓ କଟୁ ବାକ୍ୟ, ଭୟ ଓ ଅସୁରକ୍ଷିତ ଅନୁଭବ କରିବା ଆମର ବୃଦ୍ଧିକୁ ଅଟକାଇଥାଏ । ଶାରୀରିକ କ୍ଷତରେ ଯେପରି ହୋଇଥାଏ, ଯୀଶୁ ସେହିପରି ଭାବନାତ୍ମକ କ୍ଷତର ଘାଆକୁ ଭିତରୁ ଓ ବାହାରୁ ସୁସ୍ଥ କରିଥାଆନ୍ତି ।

ଆମର ଅତୀତର ଆଘାତ ଯଦି ଏବେସୁଦ୍ଧା ଅଛି, ଯାହାଠାରୁ ମୁକ୍ତ ହେବା ଏବେସୁଦ୍ଧା ହେବାକୁ ଅଛି, ତାକୁ ଆମେ କିପରି ଭାବରେ କହିପାରିବା । ଆମେ ଏପରି ସମୟଗୁଡ଼ିକୁ ଅନୁଭବ କରିଥାଇପାରୁ ଯେତେବେଳେ କେହି କିଛି କହିଲେ ଓ କଲେ ଆମେ ବହୁତ ଭିନ୍ନ ବ୍ୟବହାର କରିଥିଲୁ ଓ ପରେ ଆମ ନିଜକୁ ବହୁତ ଖରାପ ଲାଗିଥିଲା । ତା'ର କାରଣ କ'ଣ

ଥିଲା ? ତାହା ହେଉଛି ସେହି ଆଘାତ ତା'ର ଉପଚାର ଏପର୍ଯ୍ୟନ୍ତ ହୋଇ ନାହିଁ ଓ ଶୟତାନ ନକାରାତ୍ମକ ବିଚାର ଆଣିବା ପାଇଁ ତାକୁ ବ୍ୟବହାର କରିଥାଏ, ପ୍ରାୟ ଏପରି ସମୟରେ ଆମେ ମିଛକୁ ମଧ୍ୟ ସତ ବୋଲି ବିଶ୍ୱାସ କରିଥାଉ । ସତ୍ୟ ଆମକୁ ଯେପର୍ଯ୍ୟନ୍ତ ମୁକ୍ତ କରି ନ ଥାଏ, ସେପର୍ଯ୍ୟନ୍ତ ଏକ ମିଛ ଆମକୁ ଭାବନାତ୍ମକ ଭାବରେ ନିଜ କବଳରେ ରଖିଥାଏ (ଯୋହନ ୮:୩୨) ।

ଭାବନାତ୍ମକ ସୁସ୍ଥତା ଓ ମୁକ୍ତି ପାଇବା ପାଇଁ ଆମକୁ କ'ଣ କରିବାକୁ ପଡ଼ିବ ? (ଟିପ୍ପଣୀ : ଆପଣଙ୍କର ଆବଶ୍ୟକ ଯେ ଆପଣ ଯେତେବେଳେ ଏହା କରିବେ, ସେତେବେଳେ ପ୍ରାର୍ଥନାରେ ସାଥୀ ହେବା ପାଇଁ ଆପଣଙ୍କ ସହିତ ଆପଣଙ୍କର କୌଣସି ଆତ୍ମିକ ପରିପକ୍ୱ ସାଙ୍ଗ ଥାଆନ୍ତୁ ।)

୧. ଶାନ୍ତ ଭାବରେ ନିଜର ସ୍ୱର୍ଗୀୟ ପିତାଙ୍କ ନିକଟକୁ ଆସନ୍ତୁ ପୁଣି ସୁସ୍ଥତା ଓ ସାହାଯ୍ୟର ଆବଶ୍ୟକ ଅଛି ବୋଲି ଜାଣନ୍ତୁ ।

୨. ପବିତ୍ର ଶାସ୍ତ୍ରରୁ ସାହାଯ୍ୟ ମାଗନ୍ତୁ ଯେ ସେ ଆପଣଙ୍କୁ ପରିସ୍ଥିତିକୁ ଦେଖିବାକୁ ସାହାଯ୍ୟ କରିବେ ଯାହାକି ଆପଣଙ୍କ କ୍ଷତର ମୂଳ ଅଟେ । ହୋଇପାରେ ଯେ ତାହା ଆପଣଙ୍କ ମନରେ ହୋଇଥିବା କୌଣସି ଘଟଣା ମନେ ପକାଇଦେବ କିମ୍ବା ପବିତ୍ର ଆତ୍ମାଙ୍କ କ୍ଷୀଣ ସ୍ୱର ଆପଣଙ୍କ ମନରେ କଥା କହୁଥିବ । ଆପଣ ଏହା ପାଇ ଆଶ୍ଚର୍ଯ୍ୟ ହୋଇଯିବେ, କିନ୍ତୁ ତାହାଙ୍କ ନେତୃତ୍ୱ ଉପରେ ଭରସା ରଖନ୍ତୁ ।

୩. ତାଙ୍କୁ ପଚାରନ୍ତୁ ଯେ ଯଦି ସେ ସେହି ପରିସ୍ଥିତି ବିଷୟରେ ଆପଣଙ୍କୁ କିଛି କହିବାକୁ ଇଚ୍ଛା କରୁଛନ୍ତି, କିଛି ସତ୍ୟ ପ୍ରକାଶ କରିବାକୁ ଇଚ୍ଛା କରୁଛନ୍ତି । ପରମେଶ୍ୱରଙ୍କ ବିରୁଦ୍ଧରେ ଯେଉଁସବୁ କଥା ଅଛି, ତାହା ଶତ୍ରୁର ମିଥ୍ୟା ଅଟେ । ଉଦାହରଣସ୍ୱରୂପ, "ମୋତେ କେହି ପ୍ରେମ କରୁ ନାହାନ୍ତି" ଏହା ଶତ୍ରୁର ମିଥ୍ୟା ଅଟେ । "ମୋତେ ଏସବୁ ନିଜେ କରିବାକୁ ପଡ଼ିବ" କେହି ମୋତେ ସାହାଯ୍ୟ କରିବେ ନାହିଁ" । ଏହା ଶତ୍ରୁର ଦ୍ୱିତୀୟ ମିଥ୍ୟା ଅଟେ ।

୪. ପଶ୍ଚାତାପ କରନ୍ତୁ ଓ ପରମେଶ୍ୱରଙ୍କୁ କ୍ଷମା ମାଗନ୍ତୁ । ଶତ୍ରୁର ମିଥ୍ୟା ଉପରେ ଭରସା କରିବା ପାପ ଅଟେ । ଏହିପରି ଅନେକ ପାପ ହୋଇପାରେ ଯାହାକି ସେହି ଘଟଣା ସହିତ ସମ୍ପର୍କିତ ଅଟେ । ଉଦାହରଣସ୍ୱରୂପ, ମୂର୍ତ୍ତିପୂଜା ପାପ ଅଟେ ଓ ନିଜେ ଇଚ୍ଛା କରି କୌଣସି ଭୁଲ୍ ଅଭ୍ୟାସ କରିବା ମଧ୍ୟ ପାପ ଅଟେ ।

୫. ପରମେଶ୍ୱରଙ୍କୁ ପଚାରନ୍ତୁ ଯେ କେହି କ'ଣ ଅଛନ୍ତି, ଯାହାଙ୍କଠାରୁ ଆପଣ କ୍ଷମା ଲୋଡ଼ୁଛନ୍ତି କିମ୍ବା ଯେ ଏହା କହୁଛନ୍ତି ତାଙ୍କର ଆଜ୍ଞାକାରୀ ହେବା ଆପଣଙ୍କର ଆବଶ୍ୟକତା ଅଟେ ? ନିଜ ମନରେ କ୍ଷମାହୀନତା ରଖିବା ପାପ ଅଟେ ।

ପରମେଶ୍ୱର ତାହାଙ୍କ କ୍ଷମା ଓ ସୁସ୍ଥତା ଦେଇଥିବାରୁ ତାହାଙ୍କୁ ଧନ୍ୟବାଦ ଦେବା ପାଇଁ ଭୁଲନ୍ତୁ ନାହିଁ ।

ଯଦି କଷ୍ଟକର ସମୟ ଏତେ ଆହ୍ୱାନପୂର୍ଣ୍ଣ ଥିଲା, ଯାହାକି ଆମ ଜୀବନ ଉପରେ ବହୁତ ନକାରାତ୍ମକ ପ୍ରଭାବ ପଡ଼ିଲା, ତେବେ ସେହି ପ୍ରେମମୟ ପରମେଶ୍ୱର ସେହି କଷ୍ଟ ପାଇବାକୁ ଅନୁମତି ଦେଇଥିଲେ ? ଅନେକ ଲୋକ ଏହିପରି ସାକ୍ଷ୍ୟ ଦେଇଥାନ୍ତି ଯେ ସେହି ସମୟର ସମସ୍ୟା ହେତୁ ସେମାନେ ଶକ୍ତିଶାଳୀ ହୋଇଯାଇଥିଲେ, ଏପରି ସମୟରେ ଆମେ ନିଜର ଇଚ୍ଛାଗୁଡ଼ିକୁ ପରିବର୍ତ୍ତନ କରି ତହିଁ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭରଶୀଳ ହୋଇଯାଇଥାଉ ।

**ମୁଖସ୍ଥ ପଦ :**

* ଯୋହନ ୮:୩୨ - ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।

* ୨ୟ କରିନ୍ଥୀୟ ୧୦:୪-୫ - ୪ (ଯେଣୁ ଆମ୍ଭମାନଙ୍କ ଯୁଦ୍ଧର ଅସ୍ତ୍ରଶସ୍ତ୍ର ଶାରୀରିକ ନୁହେଁ, ମାତ୍ର ଦୃଢ଼ ଗଡ଼ ଭୂମିସାତ୍ କରିବା ନିମନ୍ତେ ଈଶ୍ୱରଙ୍କ ଦୃଷ୍ଟିରେ ସେହିସବୁ ଶକ୍ତିଯୁକ୍ତ ଅଟେ । ୫ ଆମ୍ଭେମାନେ ତର୍କବିତର୍କସବୁ ଓ ଈଶ୍ୱରଙ୍କ ଜ୍ଞାନ ବିରୁଦ୍ଧରେ ଉତ୍‌ଥିତ ସମସ୍ତ ଉଚ୍ଚ ବିଷୟ ଭୂମିସାତ୍ କରୁ, ପୁଣି ପ୍ରତ୍ୟେକ କଳ୍ପନାକୁ ଖ୍ରୀଷ୍ଟଙ୍କ ବାଧ୍ୟ ହେବା ନିମନ୍ତେ ବନ୍ଦୀ କରୁ ।

* ୧ମ କରିନ୍ଥୀୟ ୧୦:୧୩ - ମନୁଷ୍ୟ ପ୍ରତି ଯେଉଁ ପ୍ରକାର ପରୀକ୍ଷା ସ୍ୱାଭାବିକ, ତାହା ଛଡ଼ା ଅନ୍ୟପ୍ରକାର ପରୀକ୍ଷା ତୁମ୍ଭମାନଙ୍କ ପ୍ରତି ଘଟି ନାହିଁ ; କିନ୍ତୁ ଈଶ୍ୱର ବିଶ୍ୱାସ୍ୟ, ସେ ତୁମ୍ଭମାନଙ୍କୁ କୌଣସି ଅସହ୍ୟ ପରୀକ୍ଷାରେ ପରୀକ୍ଷିତ ହେବାକୁ ଦେବେ ନାହିଁ, ମାତ୍ର ଯେପରି ତୁମ୍ଭେମାନେ ସହ୍ୟ କରି ପାର, ଏଥିପାଇଁ ପରୀକ୍ଷା ଘଟିବା ସଙ୍ଗେ ସଙ୍ଗେ ସେ ଉଦ୍ଧାରର ପଥ ମଧ୍ୟ ପ୍ରସ୍ତୁତ କରିବେ ।

**ମୁଖ୍ୟ ସତ୍ୟତା :**

ପରମେଶ୍ୱରଙ୍କର ଇଚ୍ଛା ହେଉଛି ଯେ ଆମେ ଅତୀତର ବନ୍ଧନରୁ ମୁକ୍ତ ହୋଇଯିବା, ତାକୁ ପରମେଶ୍ୱରଙ୍କ ଦୃଷ୍ଟିରେ ଓ ତାହାଙ୍କ ସତ୍ୟତାର ଚଷମାରେ ଦେଖନ୍ତୁ – ପାପକ୍ଷମା ହୋଇଗଲା, ମନ ସଫା ହୋଇଗଲା, ଘାଆ ସୁସ୍ଥ ହୋଇଗଲା, ଶୟତାନ ହାରିଗଲା, ଭୟ ଉପରେ ଜୟ ମିଳିଲା, ପ୍ରେମ ସ୍ଥାପନ ହୋଇଗଲା ।

**ଆପଣଙ୍କ ପ୍ରତିକ୍ରିୟା :**

ଆପଣ ଯଦି ଏହିପରି ଦେଖନ୍ତି ଯେ ନିଜ ଜୀବନର କିଛି କ୍ଷେତ୍ର ନିମନ୍ତେ ଆପଣଙ୍କୁ ପରମେଶ୍ୱରଙ୍କଠାରୁ ବାରମ୍ବାର କ୍ଷମା ମାଗିବା ଆବଶ୍ୟକ, ତେବେ କିଛି ସମୟ ପରମେଶ୍ୱରଙ୍କ ସହିତ ଏକାକୀ ସମୟ କ୍ଷେପଣ କରନ୍ତୁ ଓ ତାହାଙ୍କୁ ପ୍ରାର୍ଥନା କରନ୍ତୁ ଯେ ସେ ଆପଣଙ୍କୁ ଦେଖାଇବେ ଯେ ଆପଣ ସେହି କ୍ଷେତ୍ରରେ କାହିଁକି ବିଜୟପ୍ରାପ୍ତ ହୋଇପାରୁ ନାହାନ୍ତି । ମୋ ପାଇଁ ଏହା ଗର୍ବର ପାପ ଥିଲା । ଦିନେ ମୁଁ ତାକୁ ଅଙ୍ଗୀକାର କଲି ଓ ପୁଣି ପରମେଶ୍ୱରଙ୍କୁ ପଚାରିଲି ଯେ ମୁଁ ଏହାଠାରୁ ମୁକ୍ତ ହୋଇଯିବି ବୋଲି ତୁମେ କ'ଣ ପ୍ରକୃତରେ ଇଚ୍ଛା କର । ସତ କହିଲେ ଏହି ବିଚାର ପୁଣି ମୋର ନିକଟକୁ ଆସି ନ ଥିଲା । ସଙ୍ଗେ ସଙ୍ଗେ ମୋର ପ୍ରତିକ୍ରିୟା ଥିଲା "ହଁ" ପୁଣି ଆଗାମୀ ୧୫ ମିନିଟ୍ ପର୍ଯ୍ୟନ୍ତ ମୋର ସମ୍ମୁଖରେ ସେହିସବୁ ପରିସ୍ଥିତି ଆସିଲା ଯେତେବେଳେ ମୁଁ ଅନ୍ୟମାନଙ୍କ ସହିତ ନିଜକୁ ତୁଳନା କଲି (ନିଜର ଭଉଣୀ, ସାଙ୍ଗସାଥୀ, ସ୍ୱାମୀ) ଓ ବିଜୟପ୍ରାପ୍ତ ହେବାର ଗର୍ବ ଅନୁଭବ କଲି । ତା'ପରେ ପରମେଶ୍ୱର ମୋତେ ଦେଖାଇଲେ ଯେ ତୁଳନା କରିବାର ଆତ୍ମା ହେତୁ ଜଳୁଥିବା ଆତ୍ମା ମୋର ମନରେ ଭିତ୍ତିମୂଳ ସ୍ଥାପନ କରିଦେଇଥିଲା ପୁଣି ତଦ୍ୱାରା ମୋର ସମ୍ପର୍କରେ କିପରି ପ୍ରଭାବ ପଡ଼ିଛି । ସ୍ୱାଧୀନତା ପ୍ରତି ତାହା ମୋର ଯାତ୍ରାର ପ୍ରାରମ୍ଭ ଥିଲା । ପରମେଶ୍ୱର ଆପଣଙ୍କ ସହିତ କେଉଁ କଥାବାର୍ତ୍ତା କରିବାକୁ ଇଚ୍ଛା କରୁଅଛନ୍ତି ?

**ଅଧିକ ଅଧ୍ୟୟନ ନିମନ୍ତେ :**

*Theophostic Prayer Ministry* by Ed M. Smith (Smith, 2005)
*Totally Free* by Robert Morris (Morris, 2015)
*Breaking Free* by Beth Moore (Moore, 1999)
*Forgive and Forget* by Lewis Smedes (Smedes, 1984)
*www.immanuelapproach.com*

## ଅଧ୍ୟାୟ ୫ : ଇଶ୍ୱରଙ୍କ ସହିତ ମୋର ସମ୍ପର୍କ ବୃଦ୍ଧି କରିବା

ଆମକୁ ଯେପରି ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ କରିବାକୁ ପଡ଼ିଥାଏ, ସେହିପରି ଭାବରେ ଆତ୍ମିକ ସୁସ୍ଥତା ନିମନ୍ତେ ଆତ୍ମିକ ବ୍ୟାୟାମର ଆବଶ୍ୟକ ହୋଇଥାଏ । ଏହି ଅଧ୍ୟାୟରେ ଆମେ ୧୨ଟି ଆତ୍ମିକ ବ୍ୟାୟାମ ବିଷୟରେ ଶିଖିବା, ଫଳରେ ଆମର ଆତ୍ମିକ ବୃଦ୍ଧିରେ ଲାଭ ହେବ । ଏହା ଜରୁରୀ ନୁହେଁ ଯେ ଆପଣ ଏସବୁକୁ ନିଜ ଜୀବନରେ ପ୍ରତିଦିନ କିମ୍ବା ପ୍ରତି ପରିସ୍ଥିତିରେ ବ୍ୟବହାର କରିବେ, ବାସ୍ କେବଳ ଏତିକି ଧ୍ୟାନ ଦେବେ ଯେ ତାହା ହୋଇଥାଏ ଓ ଅନେକ ପିଢ଼ି ଧରି ଖ୍ରୀଷ୍ଟିୟାନ୍‌ମାନେ ଏହା ବ୍ୟବହାର କରିଆସୁଛନ୍ତି । ସ୍ୱୟଂ ଯୀଶୁ ଯେତେବେଳେ ପୃଥିବୀରେ ଥିଲେ, ସେତେବେଳେ ଏସବୁର ନମୁନା ଦେଖାଇଥିଲେ । ଆପଣ ଯେତେବେଳେ ଏସବୁ ସିଦ୍ଧାନ୍ତକୁ ଶିଖିଯିବେ, ସେତେବେଳେ ଆପଣ ଆତ୍ମିକରୂପେ ବୃଦ୍ଧି ପାଇବେ ଓ ପରମେଶ୍ୱରଙ୍କ ସହିତ ଆପଣଙ୍କ ସମ୍ପର୍କ ଗଭୀର ହୋଇଚାଲିବ । ଏହା ଆପଣଙ୍କୁ ଆତ୍ମିକ ଜଗତ ବିଷୟରେ ମଧ୍ୟ ଜ୍ଞାନ ଦେବ ଓ ଆପଣ ଭୌତିକ ଜଗତକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିପାରିବେ । ଭଲ ବିଷୟ ହେଉଛି ଯେ ଏଥିପାଇଁ ଆପଣଙ୍କୁ ବାଇବଲ୍ ପଣ୍ଡିତ ହେବା ଆବଶ୍ୟକ ନାହିଁ ; କେବଳ ଏକ ଭଲ ହୃଦୟର ଆବଶ୍ୟକତା ଅଛି, ଯାହାକି ପରମେଶ୍ୱରଙ୍କ ନିମନ୍ତେ ତୃଷିତ ହୋଇଥିବ (ଗୀତସଂହିତା ୪୨:୧, ୨) ।

ଏହି ବ୍ୟାୟାମ୍‌ଗୁଡ଼ିକୁ ଆତ୍ମିକ କର୍ତ୍ତବ୍ୟ ବୋଲି ବୁଝି କରିବା ଲକ୍ଷ୍ୟ ନୁହେଁ । ଲକ୍ଷ୍ୟ ହେଉଛି ଯେ ନିଜ ପାପର ଓ ଆତ୍ମକୈନ୍ଦ୍ରିକତାର ମୁକାବିଲା କରିବା । ଆମେ ଯଦି ଏସବୁ ସହିତ ନିଜର ବୁଦ୍ଧି ଓ ଇଚ୍ଛାରେ ମୁକାବିଲା କରିବାକୁ ଚେଷ୍ଟା କରିବା, ତେବେ ଆମେ ଫାରୁଶୀମାନଙ୍କ ପରି ହୋଇଯିବା, ଯେଉଁମାନେ ବାହ୍ୟ ଭାବରେ ମନର ବିଷୟଗୁଡ଼ିକ ସହିତ ମୁକାବିଲା କରିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଏହା ସ୍ପଷ୍ଟ ଯେ ତଦ୍ଦ୍ୱାରା କୌଣସି ଲାଭ ମିଳି ନ ଥିଲା, "କାରଣ ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ" (ମାଥିଉ ୧୨:୩୪) । କେବଳ ପରମେଶ୍ୱର ହିଁ ଆମର ହୃଦୟକୁ ପରିବର୍ତ୍ତନ କରିପାରିବେ, ଏହି ସିଦ୍ଧାନ୍ତ ଆମ ମନକୁ ପରମେଶ୍ୱରଙ୍କ କାମ କରିବା ପାଇଁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ ।

ଆପଣ ଏହିସବୁ ସିଦ୍ଧାନ୍ତକୁ ପ୍ରସ୍ତୁତ କରୁଥିବା ଭିତ୍ତିଭୂମି ପରି ଗ୍ରହଣ କରନ୍ତୁ, ଯାହା ଉପରେ ପରମେଶ୍ୱରଙ୍କ ବାକ୍ୟର ବୀଜ ଉଠିଥାଏ, ମୂଳ ଧରି ରହି ବଢ଼ିଥାଏ (ଗାଲାତୀୟ ୬:୮ ; ଲୂକ

୮:୫-୮) ।  "ମୁଁ ତୁମ୍ଭମାନଙ୍କୁ ଯେଉଁ ବାକ୍ୟ କହିଅଛି, ସେଥିଯୋଗୁ ତୁମ୍ଭେମାନେ ପରିଷ୍କୃତ ହୋଇସାରିଅଛ" (ଯୋହନ ୧୫:୩) ।

## ଭାଗ ୧ : ଆତ୍ମାଙ୍କ ଅନୁଶାସନ

### ୧. ଆରାଧନା

କୂଅରୁ ପାଣି ଭର୍ତ୍ତି କରୁଥିବା ସ୍ତ୍ରୀ ଲୋକକୁ ଯୀଶୁ କହିଲେ ଯେ ପରମେଶ୍ୱର ଏପରି ଲୋକମାନଙ୍କୁ ଖୋଜୁଅଛନ୍ତି, ଯେଉଁମାନେ ଆତ୍ମା ଓ ସତ୍ୟତାରେ ତାହାଙ୍କର ଆରାଧନା କରୁଛନ୍ତି (ଯୋହନ ୪:୨୩) ।  ଏହାର ଅର୍ଥ କ'ଣ ?  କିଛି ସମୟ ତହିଁ ଉପରେ ଧ୍ୟାନ କରିବା । ମୋର ଅନୁଯାୟୀ ଏହାର ଅର୍ଥ ହେଉଛି ଯେ ପରମେଶ୍ୱର ଏପରି ଲୋକମାନଙ୍କୁ ଖୋଜୁଅଛନ୍ତି, ଯେଉଁମାନେ ତାହାଙ୍କ ନିକଟକୁ ନିର୍ମଳ ହୃଦୟ, ପ୍ରେମ ଓ ବିଶ୍ୱସ୍ତତାର ସହିତ ଆସନ୍ତି, ଯେଉଁମାନେ ନିଜ ପାପ ଗୁପ୍ତ ରଖନ୍ତି ନାହିଁ ଓ ସେମାନଙ୍କର କୌଣସି ଗୁପ୍ତ ଯୋଜନା ନ ଥାଏ ।  ଏ ବିଷୟରେ ଗୀତସଂହିତା ୯୫:୬ ପଦ ଆମକୁ କହିଥାଏ, "ଆହେ, ଆସ, ଉବୁଡ଼ ହୋଇ ପ୍ରଣାମ କରୁ ; ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା ସଦାପ୍ରଭୁଙ୍କ ଛାମୁରେ ଆଣ୍ଠୁ ପାତୁ ।"  ବିଷୟ ଏହା ନୁହେଁ ଯେ ବାସ୍ତବରେ କେହି ଆଣ୍ଠେଇଛନ୍ତି ନା ନାହିଁ, କିନ୍ତୁ ଆମେ ଯେତେବେଳେ ତାହାଙ୍କର ଉପାସନା କରୁ, ସେତେବେଳେ ଆମେ ଏହି ସ୍ୱଭାବରେ ରହିବା ପାଇଁ ସମ୍ପୂର୍ଣ୍ଣ ଦୀନତା ଓ ଆଦର ସହିତ ତାହାଙ୍କର ଉପାସନା କରିବା ।  "ପବିତ୍ରତାର ସୌନ୍ଦର୍ଯ୍ୟରେ ରହି" "ତାହାଙ୍କ ପାଦପୀଠ ସମ୍ମୁଖରେ" "ନିର୍ଦ୍ଦୋଷ ହାତ ଓ ଶୁଦ୍ଧ ହୃଦୟର ସହିତ" ତାହାଙ୍କ ଉପାସନା କରିବା ପାଇଁ ଆମେ ଅଛୁ (ଗୀତସଂହିତା ୨୯:୨ ; ୯୯:୫ ; ୨୪:୪) ।

ପରମେଶ୍ୱର ଇଚ୍ଛା କରନ୍ତି ଯେ ଆମେ ନିଜେ ତାହାଙ୍କର ଉପାସନା ଓ ସ୍ତୁତି କରିବା, ସେ ଆପଣା ଗୌରବ ପସନ୍ଦ କରନ୍ତି ବୋଲି ନୁହେଁ କିନ୍ତୁ ସେ ଆମ ଜୀବନରେ ଆପଣା କାର୍ଯ୍ୟଗୁଡ଼ିକ କରିଥିବାରୁ ଆମେ ତାହାଙ୍କ ସ୍ତୁତି କରିବା ଉଚିତ୍ ।  ଆମେ ଯେତେବେଳେ ତାହାଙ୍କ ମହିମା ଓ ସାମର୍ଥ୍ୟ, ରାଜ୍ୟ ଓ ପବିତ୍ରତାକୁ ବୁଝୁ ଓ ତାହାଙ୍କ ଉପସ୍ଥିତିରେ ସମୟ କ୍ଷେପଣ କରୁ, ସେତେବେଳେ ଆମର ସମସ୍ୟା ଓ ପରିସ୍ଥିତିରେ ଆମକୁ ତାହାଙ୍କ ଅସନ୍ତୋଷ ଦେଖିବାକୁ ମିଳିପାରିଥାଏ ।

ଉପାସନା ଅନେକ ପ୍ରକାର ହୋଇଥାଏ – ଉପାସନାର ଗୀତ ଶୁଣିବା ଯଦ୍ଦ୍ୱାରା ଆମର ଆତ୍ମା ଶାନ୍ତ ହୋଇଯିବ, ଦଳଗତ ଭାବରେ ଉପାସନା କରିବା, ଆତ୍ମାରେ ଗୀତ ଗାଇବା, ଆତ୍ମାରେ ପ୍ରାର୍ଥନା କରିବା, ଆଣ୍ଠୁ ପାତିବା, ମୁହଁମାଡ଼ି ପଡ଼ି ଦଣ୍ଡବତ କରିବା, ହାତ ଉଠାଇବା କିମ୍ବା ତାହାଙ୍କ ଉପସ୍ଥିତିରେ ଆମେ ଯାହା କିଛି ବି କରିପାରିବା । ବ୍ୟାବହାରିକ ଭାବରେ ଆମେ ଯାହା କରୁଛୁ ତା'ଠାରୁ ଅଧିକ ଏହି ବିଷୟରେ ପାର୍ଥକ୍ୟ ହୋଇଥାଏ ଯେ ଆମର ଆତ୍ମା ତାହାଙ୍କ ଆତ୍ମା ସହିତ ପ୍ରେମ, ଆଦର ଓ ତାହାଙ୍କ ମହିମାରେ ଏକ ହୋଇଛି ନା ନାହିଁ । ତାହାଙ୍କ ଉପସ୍ଥିତିରେ ଆଶାର ସହିତ ଆସିବା, ତାହାଙ୍କୁ ନିଜର ସବୁକିଛି ସମର୍ପଣ କରିବାକୁ ପ୍ରସ୍ତୁତ ରହିବା ।

**୨. ସ୍ୱୀକାର**

ସୁସମାଚାରର କେନ୍ଦ୍ରୀୟ ସତ୍ୟତା ହେଉଛି ଯୀଶୁ ଆମର ପାପଗୁଡ଼ିକ ନିମନ୍ତେ ମୃତ୍ୟୁବରଣ କରିଥିଲେ । ସେ ଆମର ସେହି ଦଣ୍ଡକୁ ସହିଥିଲେ, ଆମେ ଯେଉଁ ଦଣ୍ଡର ଯୋଗ୍ୟ ଥିଲୁ, ଯେପରି ଆମକୁ କ୍ଷମା, ପବିତ୍ରତା ଓ ପରମେଶ୍ୱରଙ୍କ ବନ୍ଧୁତାର ପୁନଃସ୍ଥାପିତ ସମ୍ପର୍କ ଓ ଅନନ୍ତ ଜୀବନ ମିଳିପାରିବ । ୧ମ ଯୋହନ ୧:୯ "ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ୍ ଅଟନ୍ତି ।" ସତ୍ୟତା ହେଉଛି ଯେ ନୂତନ ଜନ୍ମ ପରେ ମଧ୍ୟ, ପାପ ଆମକୁ ପରିତ୍ୟାଗ କରେ ନାହିଁ, ପୁଣି ପ୍ରତିଦିନ ଆମେ ତାହା କରିଥାଉ ଓ ଚିନ୍ତା କରିଥାଉ, ଫଳରେ ପବିତ୍ର ଆତ୍ମାଙ୍କୁ ଆଘାତ ଲାଗିଥାଏ । ଆମେ ପ୍ରାୟ ଦାମ୍ଭିକ ହୋଇ ସେହିସବୁ ପାପକୁ ମାନି ନ ଥାଉ, ବରଂ ଆମେ ନିଜର ଦୁର୍ବଳତାଗୁଡ଼ିକୁ ଜାଣି ଓ ପରମେଶ୍ୱରଙ୍କ ଅନୁଗ୍ରହକୁ ପୁନର୍ବାର ପାଇବା ଉଚିତ୍ । ଆମେ ଯଦି ଆତ୍ମିକରୂପେ ପୁନର୍ବାର ବୃଦ୍ଧି ପାଇବାକୁ ଇଚ୍ଛା କରୁଛୁ, ତେବେ ଆମେ ନିଜକୁ ଯାଞ୍ଚ ନ କରି ବଞ୍ଚି ରହିପାରିବା ନାହିଁ । ପ୍ରତିଦିନ ପବିତ୍ର ଆତ୍ମାଙ୍କୁ ମାଗିବା ଯେ ସେ ଆପଣଙ୍କୁ କହିବେ ଯେ ଆପଣ କେଉଁ ଭୁଲ୍ କରିଛନ୍ତି ଓ କହିଛନ୍ତି, ଯେ ପବିତ୍ର ଆତ୍ମାଙ୍କୁ ଆଘାତ ଲାଗିଛି, ଓ ତା'ପରେ ତା'ର ପ୍ରତିକ୍ରିୟାକୁ ଜାଣନ୍ତୁ । "ହେ ପରମେଶ୍ୱର, ମୋହର ଅନୁସନ୍ଧାନ କର ଓ ମୋ' ଅନ୍ତଃକରଣର ପରିଚୟ ନିଅ ; ମୋତେ ପରୀକ୍ଷା କର ଓ ମୋହର ସଙ୍କଳ୍ପସବୁ ଜ୍ଞାତ ହୁଅ ; ଆଉ, ମୋ' ଅନ୍ତରରେ ଦୁଷ୍ଟତାର କୌଣସି ମାର୍ଗ ଅଛି କି ନାହିଁ, ଏହା ଦେଖ, ପୁଣି ଅନନ୍ତ ପଥରେ ମୋତେ ଗମନ କରାଅ" (ଗୀତସଂହିତା ୧୩୯:୨୩, ୨୪) ।

ହୃଦୟର ପାପ (ଗର୍ବ, ଭୟ, କ୍ରୋଧ), ଶରୀରର ପାପ (ଆଳସ୍ୟ, ଲୋଭ, ବ୍ୟଭିଚାର), ଯେଉଁ ବିଷୟ ହୋଇଯାଇଛି ଓ ଯେଉଁଗୁଡ଼ିକ କରିବା ଉଚିତ୍ ଥିଲା, କିନ୍ତୁ କରି ନାହାନ୍ତି, ସେହିସବୁ ଶବ୍ଦ ଓ ବିଚାରକୁ ଅନ୍ତର୍ଭୁକ୍ତ କରନ୍ତୁ ।

ପବିତ୍ର ଆତ୍ମା ଆପଣଙ୍କୁ ଏହି କଥା ପ୍ରକାଶ କଲେ ଆପଣ ପଶ୍ଚାତାପ କରନ୍ତୁ ଓ ତାହାଙ୍କୁ କ୍ଷମା ମାଗନ୍ତୁ । ତାହାଙ୍କ ସୁସ୍ଥତା ଓ ପବିତ୍ରୀକରଣ ପ୍ରାପ୍ତ ହୁଅନ୍ତୁ । ନିଜର ଅଙ୍ଗୀକାରକୁ ଗୀତସଂହିତା ୫୧:୧୦ ପଦର ଏହିସବୁ ଶବ୍ଦ ସହିତ ସମାପ୍ତ କରନ୍ତୁ, "ହେ ପରମେଶ୍ୱର, ମୋ' ଅନ୍ତରରେ ଶୁଚି ଅନ୍ତଃକରଣ ସୃଷ୍ଟି କର ଓ ମୋ' ମଧ୍ୟରେ ସୁସ୍ଥିର ଆତ୍ମା ନୂତନ କର ।"

ପରମେଶ୍ୱରଙ୍କ ସହିତ ପ୍ରତିଦିନର ହିସାବ ରଖନ୍ତୁ । ଯେଉଁଠାରେ ଓ ଯେତେବେଳେ ପବିତ୍ର ଆତ୍ମା ପାପ କରିବା ପାଇଁ ବୋଧ ଦିଅନ୍ତି, ସେତେବେଳେ ସଙ୍ଗେ ସଙ୍ଗେ ପଶ୍ଚାତାପ କରନ୍ତୁ ଓ ତାହାଙ୍କୁ କ୍ଷମା ମାଗନ୍ତୁ । ଆପଣ ଆଣ୍ଠୁପାତି ମୁଣ୍ଡ ନୁଆଇଁ ଛିଡ଼ା ହେବା ଜରୁରୀ ନୁହେଁ । ଏହା ଆପଣଙ୍କ ଆତ୍ମାର, ପରମେଶ୍ୱରଙ୍କ ଆତ୍ମା ସହିତ ଯୋଗ ଦେବା ଅଟେ । ମନେରଖନ୍ତୁ ଯେ ପରମେଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ଓ ସବୁବେଳେ ଆପଣଙ୍କ ସହିତ ଘନିଷ୍ଠ ହେବା ପାଇଁ ଆଶା ରଖିଅଛନ୍ତି, ଆପଣ ତାହାଙ୍କର ଉପସ୍ଥିତି ଓ ଶାନ୍ତିର ସୂଚନା ଦେବା ଉଚିତ୍ (୧ମ ଥେସଲନୀକୀୟ ୫:୧୭) ।

ଆପଣଙ୍କ ଜୀବନରେ ଏପରି ସମୟ ଆସିବ ଯେତେବେଳେ ପାପର ଶକ୍ତି ଏତେ ଅଧିକ କିମ୍ବା କଷ୍ଟ ଏତେ ଗଭୀର ହେବ ଯେ ଆପଣଙ୍କ ନିମନ୍ତେ ସେହି ପାପ ଓ କଟୁତାରୁ ବାହାରିଆସିବା କଷ୍ଟ ହୋଇଯିବ । ପ୍ରାଚୀନ କାଳର ଖ୍ରୀଷ୍ଟିୟାନ୍‌ମାନଙ୍କ ଅଭ୍ୟାସ ଥିଲା ଯେ କୌଣସି ଜ୍ଞାନୀ ଓ ଭରସାଯୁକ୍ତ ବିଶ୍ୱାସୀଙ୍କୁ ଖୋଜିବା ଯେ କି ପରମେଶ୍ୱରଙ୍କ କ୍ଷମାକୁ ଶୁଣିପାରୁଥିଲେ ଓ ଉଚ୍ଚସ୍ୱରରେ କହିପାରୁଥିଲେ (ଯାକୁବ ୫:୧୬) ।

### ୩. ପ୍ରାର୍ଥନା

ପରମେଶ୍ୱର ସର୍ବଜ୍ଞାନୀ ଓ ସର୍ବବ୍ୟାପୀ ଅଟନ୍ତି, ତେବେ ଆମର କାହିଁକି ପ୍ରାର୍ଥନା କରିବା ଆବଶ୍ୟକ ? ପ୍ରାର୍ଥନାରେ ଆମେ ପରମେଶ୍ୱରଙ୍କ ସହିତ ଏକ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିଥାଉ । ପ୍ରାର୍ଥନା କରିବା ଅର୍ଥ ପରିବର୍ତ୍ତନ କରିବା । ଆମେ ପରମେଶ୍ୱର ଓ ତାହାଙ୍କ ପବିତ୍ରତାର ଯେତେ ନିକଟତର ହୋଇଥାଉ, ଆମକୁ ସେତେ ପରିବର୍ତ୍ତିତ ହେବାକୁ ଓ ଖ୍ରୀଷ୍ଟଙ୍କ

ପରି ହେବାକୁ ପଡ଼ିବ । ଆମେ ପରମେଶ୍ୱରଙ୍କ ପରି ଚିନ୍ତା କରିବା ଓ ଯଦି ଆମେ ସମୟ ଦେଇ ତାହାଙ୍କୁ ପ୍ରଶ୍ନ ପଚାରିବା ଓ ତାହାଙ୍କ ଉତ୍ତରର ଅପେକ୍ଷା କରିବା, ତେବେ ଆମେ ତାହାଙ୍କ କଥା ଶୁଣିବା । ଆପଣ ତାହାଙ୍କ ସ୍ୱର ଶୁଣିଛନ୍ତି ନା ନାହିଁ ଯଦି ଏହା ବୁଝିପାରୁ ନାହାନ୍ତି, ତେବେ ଆପଣ ନିଜକୁ ପଚାରନ୍ତୁ ଯେ ଆପଣ ଯାହା ଶୁଣିଛନ୍ତି ତାହା ପରମେଶ୍ୱରଙ୍କ ବାକ୍ୟ ସହିତ ମେଳ ଖାଉଛି ନା ନାହିଁ । ଆମେ ଫୋନ୍‌ରେ ନିଜର ସାଙ୍ଗମାନଙ୍କ ସ୍ୱରକୁ ଏଥିପାଇଁ ଜାଣିପାରିଥାଉ, କାରଣ ଆମେ ସେମାନେ କଥା କହିବାର ପ୍ରାୟ ଶୁଣିଥାଉ । ଯଦି କେହି ଭଲ ସାଙ୍ଗ ବିଷୟରେ କିଛି କହନ୍ତି, ତେବେ ନିଜର ସାଙ୍ଗର ସ୍ୱଭାବରୁ ଆମେ ଚିହ୍ନିଯାଇପାରିବା ଯେ ସେହି କଥା ଠିକ୍ ନା ନାହିଁ । ସେହିପରି ଭାବରେ ପରମେଶ୍ୱରଙ୍କ ଶବ୍ଦ ବାରମ୍ବାର ଶୁଣିବା ଦ୍ୱାରା ଆମେ ତାଙ୍କୁ ଚିହ୍ନିବା ଶିଖିଯାଇଥାଉ । ପ୍ରାର୍ଥନା ଦୁଇ-ପାର୍ଶ୍ୱର କଥାବାର୍ତ୍ତା ଅଟେ । ପରମେଶ୍ୱରଙ୍କ ମେଷ ତାହାଙ୍କ ସ୍ୱର ଶୁଣନ୍ତି । ସେ ଆପଣଙ୍କ ସହିତ କଥାବାର୍ତ୍ତା କରନ୍ତି (ଯୋହନ ୧୦:୨୭) ।

ପ୍ରାର୍ଥନା ଏପରି କିଛି ବିଷୟ ଅଟେ ଯାହାକୁ ଆମେ ଶିଖିପାରିବା – ଯୀଶୁଙ୍କଠାରୁ, ଅବିରତ ପ୍ରାର୍ଥନାରେ ସମୟ କ୍ଷେପଣ କରୁଥିବା ଲୋକମାନଙ୍କଠାରୁ, ବାଇବଲରୁ, ପ୍ରାର୍ଥନା ବିଷୟରେ ଲେଖାଥିବା ପୁସ୍ତକଗୁଡ଼ିକରୁ ଓ ଅବିରତ ଅଭ୍ୟାସ କରିବା ଦ୍ୱାରା ।

ପ୍ରାର୍ଥନା ପରିବର୍ତ୍ତନ ଆଣିଥାଏ (ଯାକୁବ ୫:୧୬; ୧ମ କରିନ୍ଥୀୟ ୩:୯) । ଲୋକମାନଙ୍କ ରୋଗ, ବିବାହ, ସରକାର, ଚୌକିଦାର ଓ ମିଶନାରୀ, ପରିବାର, ସାଙ୍ଗ, ସମ୍ପର୍କୀୟ, ସୁରକ୍ଷା ଇତ୍ୟାଦି ନିମନ୍ତେ ପ୍ରାର୍ଥନା କରନ୍ତୁ ।

**ପ୍ରାର୍ଥନା ନିମନ୍ତେ ତିନୋଟି ପ୍ରସ୍ତାବିତ ପ୍ରଣାଳୀ :**

ପ୍ରଥମ ପ୍ରଣାଳୀ : ପ୍ରଭୁଙ୍କ ପ୍ରାର୍ଥନା – ଜଣାଶୁଣା ଶବ୍ଦଗୁଡ଼ିକ ଉପରେ ନୁହେଁ, ମାତ୍ର ପ୍ରଣାଳୀ ଉପରେ ଧ୍ୟାନ କରନ୍ତୁ ।

ଦ୍ୱିତୀୟ ପ୍ରଣାଳୀ : କାର୍ଯ୍ୟ : ପ୍ରଭୁଙ୍କୁ ପ୍ରଶଂସା କରନ୍ତୁ, ଧନ୍ୟବାଦ ଦିଅନ୍ତୁ, ଅଙ୍ଗୀକାର କରନ୍ତୁ, ଅନ୍ୟମାନଙ୍କ ନିମନ୍ତେ ନିବେଦନ କରନ୍ତୁ ।

ତୃତୀୟ ପ୍ରଣାଳୀ : ପ୍ରାର୍ଥନା : ସ୍ତୁତି, ପଶ୍ଚାତାପ, ବିନତି, ସମର୍ପଣ, ଆଶା, ଗ୍ରହଣ ।

**୪. ଧ୍ୟାନ**

ସାଧାରଣତଃ ଧ୍ୟାନ କରିବାର ଅର୍ଥ ବିଚାର କରିଚାଲିବା ହୋଇଥାଏ । ଯଦି ଆପଣ ଚିନ୍ତା କରିବା ଜାଣନ୍ତି, ତେବେ ଆପଣ ଧ୍ୟାନ କରିବା ମଧ୍ୟ ଜାଣନ୍ତି ।

ଆପଣଙ୍କୁ କେଉଁ ବିଷୟ ଉପରେ ଧ୍ୟାନ କରିବାକୁ ପଡ଼ିବ ? ଧର୍ମଶାସ୍ତ୍ର ଶିଖାଏ ଯେ ପରମେଶ୍ୱରଙ୍କ ବାକ୍ୟ ଉପରେ, ତାହାଙ୍କ ବ୍ୟବସ୍ଥା, ତାହାଙ୍କ କାର୍ଯ୍ୟ, ତାହାଙ୍କ ପ୍ରତିଜ୍ଞା ଓ ତାହାଙ୍କ ଆଶ୍ଚର୍ଯ୍ୟକର୍ମ ଉପରେ ଧ୍ୟାନ କରିବାକୁ ପଡ଼ିବ (ଯିହୋଶୂୟ ୧:୮, ଗୀତସଂହିତା ୪୮:୯, ଗୀତସଂହିତା ୭୭:୧୨ ; ୧୧୯:୨୭, ୪୮ ; ୧୪୩:୫) ।

ଆପଣ କିପରି ଭାବରେ ଧ୍ୟାନ କରିବେ ? ଏକ ପୃଥକ୍ ସମୟ ଓ ସ୍ଥାନ ବାଛନ୍ତୁ, ଯେପରି କେହି ଆସି ବାଧା ଦେବେ ନାହିଁ । ମୁଁ ସକାଳେ ଚାଲିବା ବେଳେ ଏହିପରି କରିଥାଏ । ଅନେକ ଲୋକ ନିଜର ପ୍ରାର୍ଥନା କୋଠରୀରେ ଶାନ୍ତ ଭାବରେ ବସିକରି କିମ୍ବା ପଠନ କରୁ କରୁ କରିଥାନ୍ତି । ପରମେଶ୍ୱରଙ୍କୁ ଅନୁରୋଧ କରନ୍ତୁ ଯେପରି ସେ ସେ ଆପଣଙ୍କୁ କ'ଣ କିଛି ବିଷୟ ଜଣାଇବାକୁ ଇଚ୍ଛା କରୁଅଛନ୍ତି । ଆପଣ ଯେତେବେଳେ ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତି, ସେତେବେଳେ ପରମେଶ୍ୱରଙ୍କୁ ଅନୁରୋଧ କରନ୍ତୁ ଯେ ସେ ଆପଣଙ୍କୁ କହିବେ ଯେ କିପରି ମଧ୍ୟସ୍ଥତା କରିବାକୁ ପଡ଼ିବ । ନିଜଠାରୁ ଉତ୍ତର ଖୋଜିବା ବଦଳରେ ପବିତ୍ର ଆତ୍ମାଙ୍କ ସ୍ୱର ଶୁଣନ୍ତୁ ।

ଧ୍ୟାନ କରିବା ଦ୍ୱାରା ଆପଣ କିପରି ପରିଣାମଗୁଡ଼ିକର ଆଶା ରଖିଥାନ୍ତି ? ବାକ୍ୟ ଅନୁସାରେ, ଆପଣ ପଶ୍ଚାତାପ, ଆଜ୍ଞାକାରିତା, ଜ୍ଞାନ ଓ ପରମେଶ୍ୱରଙ୍କ ସ୍ୱଭାବ, ତାହାଙ୍କ ପ୍ରେମ, ତାହାଙ୍କ ପବିତ୍ରତା ଓ ତାହାଙ୍କ ସାମର୍ଥ୍ୟକୁ ଅନୁଭବ କରିପାରିବେ (ଗୀତସଂହିତା ୧୧୯:୯୭, ୧୦୧, ୧୦୨) ।

ଏହି ସିଦ୍ଧାନ୍ତ ଯଦି ଆପଣଙ୍କ ନିମନ୍ତେ ନୂତନ, ତେବେ ଧୈର୍ଯ୍ୟ ଧରନ୍ତୁ ।

## ଭାଗ ୨ : ପ୍ରାଣର ଅନୁଶାସନ (ମନ, ଇଚ୍ଛା, ଭାବନା)

### ୫. ଅଧ୍ୟୟନ

ପରମେଶ୍ୱରଙ୍କ ବାକ୍ୟକୁ ପଢ଼ନ୍ତୁ ଯେପରି ଆପଣଙ୍କ ମନ ନୂତନ ହୋଇଯିବ ଓ ଆପଣ ସତ୍ୟକୁ ଜାଣିପାରିବେ (ରୋମୀୟ ୧୨:୨, ଫିଲିପ୍ପୀୟ ୪:୮) । ଧ୍ୟାନ କଲା ବେଳେ ଆମେ ଯେପରି ପରମେଶ୍ୱରଙ୍କଠାରୁ ଜାଣିବାକୁ ଚାହିଁଥାଉ ଯେ ପରମେଶ୍ୱର ଆମର ହୃଦୟରେ କ'ଣ

କହିବାକୁ ଚାହାନ୍ତି, ବାକ୍ୟ ପଢ଼ିବା ଦ୍ୱାରା ଆମେ ଏହା ବୁଝିପାରୁ ଯେ ତାହା ପରମେଶ୍ୱରଙ୍କ ବିଷୟରେ କ'ଣ ପ୍ରକାଶ କରିବାକୁ ଚାହୁଁଛି, ତାହାଙ୍କ ସ୍ୱଭାବ, ତାହାଙ୍କ ଉଦ୍ଦେଶ୍ୟ, ଓ ଜୀବନରେ ତାହାଙ୍କ ସିଦ୍ଧାନ୍ତ । ପରମେଶ୍ୱରଙ୍କ ବାକ୍ୟକୁ ସଠିକ୍ ଭାବରେ ବିତରଣ କରିବା ପାଇଁ ପବିତ୍ର ଆତ୍ମାଙ୍କ ଜ୍ଞାନ ଓ ସମୀକ୍ଷା କରିବା ଆବଶ୍ୟକ । ଅଧ୍ୟୟନ ନିମନ୍ତେ ଅନେକ ବିଷୟ ଆମକୁ ଇଣ୍ଟରନେଟ୍‌ରୁ ମଧ୍ୟ ମିଳିପାରିବ, କିନ୍ତୁ ଆମକୁ ଧ୍ୟାନ ଦେବାକୁ ପଡ଼ିବ ଯେ ତାହା ବାସ୍ତବରେ ପରମେଶ୍ୱରଙ୍କ ବାକ୍ୟ ସହିତ ମେଳ ଖାଉଛି ନା ନାହିଁ । ଅଧ୍ୟୟନ ନିମନ୍ତେ କୌଣସି ଛୋଟ ରାସ୍ତା ନାହିଁ, ଏଥିରେ ସମୟ ଲାଗିଥାଏ ଓ ବ୍ୟକ୍ତିଗତ ଅନୁଶାସନ ମଧ୍ୟ ଆବଶ୍ୟକ ।

ପ୍ରଥମେ ଏପରି ଜଣେ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରନ୍ତୁ ଯାହାର ଜ୍ଞାନ ଓ ଆତ୍ମିକ ବୋଧଗମ୍ୟତାକୁ ଆପଣ ମହତ୍ତ୍ୱ ଦେଇଥାନ୍ତି । ଏକ ଭଲ ବାଇବଲ ଶବ୍ଦକୋଷ, ଏକ କନ୍‌କର୍ଡ଼ାନ୍ସ (ମୂଳ ଭାଷାରେ ଅଧ୍ୟୟନ ନିମନ୍ତେ) ଏବଂ ଏକ ଅଧ୍ୟୟନ ବାଇବଲରୁ ଏକ ବହୁତ ଭଲ ପ୍ରାରମ୍ଭ ହୋଇପାରିବ । ଯଦି ଆପଣ ଇଣ୍ଟର୍‌ନେଟ୍ ବ୍ୟବହାର କରିବା ଜାଣନ୍ତି, ତେବେ ଏହିପରି ବହୁତ ୱେବ୍‌ସାଇଟ୍ ଅଛି, ଯେଉଁଠାରେ ଆପଣଙ୍କୁ ପଠନ ସାମଗ୍ରୀ ମିଳିପାରିବ । ଏଥିରୁ କିଛି ଏହି ପାଠର ଶେଷରେ ଅଛି ।

ଅଧ୍ୟୟନର ପ୍ରତ୍ୟେକ ସ୍ତରକୁ ପ୍ରାର୍ଥନାରେ ଆରମ୍ଭ କରନ୍ତୁ ଓ ପବିତ୍ର ଆତ୍ମାଙ୍କୁ କୁହନ୍ତୁ ଯେ ସେ ଆପଣଙ୍କୁ ବୋଧଗମ୍ୟତା ଓ ଜ୍ଞାନ ଦେବେ । ଏହା ମଧ୍ୟ ଗୋଟିଏ ପ୍ରଣାଳୀ ଅଟେ ଯେ ବାକ୍ୟର ଏକ ବଡ଼ ଅଂଶକୁ ପଢ଼ନ୍ତୁ ଓ ତାକୁ ନିଜର ବିଚାରଗୁଡ଼ିକ ଉପରେ ଅଙ୍କିତ ହେବାକୁ ଦିଅନ୍ତୁ । ତା'ପରେ ଛୋଟ ଛୋଟ ଅନୁଚ୍ଛେଦକୁ ଧ୍ୟାନର ସହିତ ପଢ଼ନ୍ତୁ ଓ ସେଗୁଡ଼ିକର ଅନ୍ୟ ଭାଗକୁ ମଧ୍ୟ ପଢ଼ନ୍ତୁ । ନିଜର ବାଇବଲରେ ଟିପ୍ପଣୀ ଲେଖନ୍ତୁ, ଅନୁଚ୍ଛେଦଗୁଡ଼ିକୁ ରେଖାଙ୍କିତ କରନ୍ତୁ, ବିଶେଷରୂପେ ଆପଣ ଯେଉଁଗୁଡ଼ିକ ଶିକ୍ଷା କରୁଛନ୍ତି ସେଗୁଡ଼ିକ ସହିତ ଲାଗି ରୁହନ୍ତୁ ।

ଯଦି ଆପଣ ଏପରି କିଛି ପଢ଼ିଛନ୍ତି ଯାହାକି ଆପଣଙ୍କ ଚିନ୍ତାଧାରା ସହିତ ମେଳ ଖାଉ ନ ଥାଏ କିମ୍ବା ଆପଣ ବୁଝିପାରୁ ନାହାନ୍ତି, ତେବେ ପରମେଶ୍ୱରଙ୍କଠାରୁ ବୁଦ୍ଧି ମାଗନ୍ତୁ (ଯାକୁବ ୧:୫), କମେଣ୍ଟାରୀ, ଡ଼ିକ୍ସନାରୀ ଓ ଅନ୍ୟ ପୁସ୍ତକଗୁଡ଼ିକ ବ୍ୟବହାର କରନ୍ତୁ । କୌଣସି ପରିପକ୍ୱ ବିଶ୍ୱାସୀମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ, କିନ୍ତୁ ନୂତନ ସିଦ୍ଧାନ୍ତଗୁଡ଼ିକ ବିଷୟରେ ସାବଧାନ

ରୁହନ୍ତୁ । ନିଜର ବିଚାରଗୁଡ଼ିକ ପରମେଶ୍ୱରଙ୍କ ବାକ୍ୟ ସହିତ ମେଳ ଖାଉଛି ନା ନାହିଁ, ତାହା ଜାଣିବା ପାଇଁ ଅନ୍ୟ ଲୋକମାନଙ୍କୁ ମଧ୍ୟ କୁହନ୍ତୁ ।

**୬. ଏକାନ୍ତ**

ଏକାନ୍ତର ଅର୍ଥ ଏକାକୀ ରହିବା ଓ କାହା ସହିତ କଥାବାର୍ତ୍ତା କରିବା ପାଇଁ ଚେଷ୍ଟା ନ କରିବା । ଆମେ କୋଳାହଳରେ ଏତେ ଅଭ୍ୟସ୍ତ ହୋଇଯାଇଛୁ ଯେ ଶାନ୍ତ ଓ ଏକାକୀ ରହିବା ଆମକୁ ଭଲ ଲାଗୁ ନାହିଁ । ଯୀଶୁ ପ୍ରାୟ ଆପଣାକୁ ଲୋକଗହଳିରୁ ଓ ଶିଷ୍ୟମାନଙ୍କଠାରୁ ପୃଥକ୍ କରି ଏକାନ୍ତରେ ରହୁଥିଲେ, ଯେପରି ପରମେଶ୍ୱରଙ୍କ ଉପସ୍ଥିତିକୁ ପାଇପାରିବେ ଓ ତାହାଙ୍କ ସ୍ୱର ଶୁଣିପାରିବେ (ମାଥିଉ ୪:୧-୧୧, ଲୂକ ୬:୧୨, ମାଥିଉ ୧୪:୧୩, ୨୩, ମାର୍କ ୧:୩୫, ଲୂକ ୫:୧୬) । ଏକାନ୍ତରେ ରହିବାର ଅର୍ଥ ନୁହେଁ ଯେ ଆମେ ଏକାକୀ ଅନୁଭବ କରିବା । ଆମେ ଏକାନ୍ତ ସମୟରେ ଆମ ପିତାଙ୍କ ସହିତ ସମୟ କ୍ଷେପଣ କରି ତାହାଙ୍କ ଆନନ୍ଦ ନେଇପାରିବା, ପୁଣି ସେହି ସମୟ ଅତି ଭୋର୍ ହେଉ କିମ୍ବା ରାତିରେ ଶୋଇବା ପୂର୍ବରୁ ହୋଇଥାଉ ନା କାହିଁକି, ଯିବାଆସିବା କରିବା ସମୟରେ ହେଉ କିମ୍ବା ଧାଡ଼ିରେ ଛିଡ଼ା ହୋଇଥିଲା ବେଳେ ହେଉ, ଆପଣ ଯେଉଁ ସ୍ଥାନରେ ଏକାକୀ ରହିଥାନ୍ତି । ଆମେ ଯେତେବେଳେ ନିଜ ହୃଦୟକୁ ତାହାଙ୍କ ସମ୍ମୁଖରେ ଶାନ୍ତ କରିଥାଉ, ଓ କୌଣସି ଯୋଜନା କରି ନ ଥାଉ, କିମ୍ବା ଗତ ବିଷୟଗୁଡ଼ିକ ବିଷୟରେ ବିଚାର କରି ନ ଥାଉ, ତେବେ ସେ ଆମ ହୃଦୟରେ ପ୍ରେମ ଓ ପ୍ରୋତ୍ସାହନର କଥା କହିଥାନ୍ତି, ଆମର ଜୀବନ ନିମନ୍ତେ ଆମକୁ ନେତୃତ୍ୱ ଦେଇଥାଏ ଓ ଯେଉଁସବୁ କଥା ଆମକୁ ସମସ୍ୟାରେ ପକାଏ ସେଗୁଡ଼ିକ ବିଷୟରେ ଆମକୁ ପ୍ରକାଶନ ଦେଇଥାଏ (ଯିଶାଇୟ ୩୦:୧୫) ।

ଆମେ ଯଦି ଏହିପରି ଏକାନ୍ତରେ ରହିବା ପାଇଁ ଅଭ୍ୟାସ କରିବା, ତେବେ ଆମେ ନିଜ ଅନ୍ତରରେ ସାମର୍ଥ୍ୟ ଓ ଶାନ୍ତି ପାଇବା, ଆମର ଅନ୍ତର ସନ୍ତୁଷ୍ଟ ଓ ଆନନ୍ଦ ହୋଇଯିବ, ଫଳରେ ଅନ୍ୟମାନଙ୍କ କଷ୍ଟ ଓ ଆବଶ୍ୟକତା ପ୍ରତି ଆମର ସମ୍ବେଦନଶୀଳତା ବଢ଼ିଯାଇଥାଏ ।

**୭. ଅଧୀନତା**

ନିୟନ୍ତ୍ରଣ ଓ ନିଜର ଇଚ୍ଛାନୁସାରେ ଗତି କରିବାର ଆବଶ୍ୟକତାରୁ ମୁକ୍ତି ପାଇବା ହେଉଛି ଅଧୀନତା । ଏହାର ଅର୍ଥ ନୁହେଁ ଯେ ଆମର କୌଣସି ମହତ୍ତ୍ୱ ନାହିଁ, କିନ୍ତୁ ଏହା ହେଉଛି ଯେ

ନିଜକୁ ଅସ୍ୱୀକାର କରି ଯୀଶୁଙ୍କ ପଛରେ ଚାଲିବା, ଏହା ବିଶ୍ୱାସ କରିବା ଯେ ତାହାଙ୍କ ଇଚ୍ଛା ବହୁତ ଆନନ୍ଦ ଓ ଶାନ୍ତି ଆଣି ଆସିବ (ମାର୍କ ୮:୩୪, ୩୫) । ଅଧୀନତା ଆମର ସ୍ୱଭାବ ଓ କାର୍ଯ୍ୟ ଦୁଇଟିରେ ହେବା ଉଚିତ୍ ।

ସର୍ବଦା ପିତାଙ୍କ ଇଚ୍ଛାର ଅଧୀନ ରହିବାକୁ ମନୋନୟନ କରିବା ଦ୍ୱାରା ଯୀଶୁ ଆମ ସମ୍ମୁଖରେ ଉଦାହରଣ ଦେଇଅଛନ୍ତି, ଏପରିକି ଜୀବନ ଦେବା ପର୍ଯ୍ୟନ୍ତ ଅଧୀନ ରହିଥିଲେ (ଫିଲିପ୍ପୀୟ ୨:୪-୭ ; ଯୋହନ ୫:୩୦ ; ମାଥି. ୨୬:୩୯) । ସେ ଫାରୁଶୀ ଓ ଲୋକମାନଙ୍କ ବିଚାରର ଅଧୀନରେ ରହି ନ ଥିଲେ (ମାର୍କ ୧୨:୧୪), କିନ୍ତୁ ସେ ରୋମୀୟ ସରକାରଙ୍କ ଅଧିକାର ଅଧୀନରେ ରହିଥିଲେ (ମାର୍କ ୧୨:୧୬) ।

ନୂତନ ନିୟମର ମଣ୍ଡଳୀର ସେବକମାନଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଥିଲା ଯେ ସ୍ୱାମୀମାନେ ସେମାନଙ୍କ ପ୍ରତି ଅତ୍ୟାଚାର କଲେ ମଧ୍ୟ ସେମାନେ ନିଜର ସ୍ୱାମୀମାନଙ୍କ ଅଧୀନରେ ରୁହନ୍ତୁ (୧ମ ପିତର ୨:୧୮-୨୧) । ଖ୍ରୀଷ୍ଟିୟାନ୍ ହୋଇଥିବାରୁ ପିତର ସେମାନଙ୍କୁ କହୁଥିଲେ ଯେ ସେମାନଙ୍କ ନିକଟରେ ବିକଳ୍ପ ବିଷୟ ଅଛି ଓ ସେମାନେ ନିଜ ଅଧିକାରର ଅଧୀନରେ ରହିବା ଉଚିତ୍ । ପାଉଲ ସ୍ତ୍ରୀମାନଙ୍କୁ କହିଥିଲେ, ଯେ ନିଜ ସ୍ୱାମୀମାନଙ୍କ ଅଧୀନରେ ପରମେଶ୍ୱରଙ୍କ ଅଧୀନସ୍ଥ ହେବା ପରି ରୁହନ୍ତୁ (ଏଫିସୀୟ ୫:୨୨, ୨୪) । ପିତର ତାଙ୍କ ପତ୍ର ପଢୁଥିବା ଲୋକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ପରିସ୍ଥିତି ଯେତେ କଷ୍ଟକର ହେଲେ ମଧ୍ୟ ସରକାରଙ୍କ ଅଧୀନ ରୁହନ୍ତୁ, ସେ ମନୁଷ୍ୟର ନୁହେଁ କିନ୍ତୁ ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବାକୁ ମନୋନୟନ କରିଥିଲେ (୧ମ ପିତର ୨:୧୩-୧୫ ; ପ୍ରେରିତ ୫:୨୯) ।

ଅଧୀନତାର ସିଦ୍ଧାନ୍ତକୁ ଅଭ୍ୟାସ କରିବା ପାଇଁ ନିଜ ଜୀବନର ପ୍ରତ୍ୟେକ ଦିନ ଓ ପ୍ରତ୍ୟେକ କ୍ଷଣ ପରମେଶ୍ୱର ଓ ତାହାଙ୍କ ଇଚ୍ଛାର ଅଧୀନରେ ରହିବା ପାଇଁ ମନୋନୀତ କରନ୍ତୁ । ନିଜର ସ୍ୱାମୀଙ୍କ ଅଧୀନରେ ରୁହନ୍ତୁ, ଆମେ ଯେତେବେଳେ ପରମେଶ୍ୱରଙ୍କ ଅଧୀନରେ ରହିବାକୁ ମନୋନୀତ କରିଥାଉ, ସେତେବେଳେ ଜଣେ କଠୋର ବସ୍‌ଙ୍କ ଅଧୀନରେ ରହିବା ଓ ସରକାରୀ ଅଧିକାରୀଙ୍କ ଅଧୀନରେ ରହିବା ସହଜ ହୋଇଯାଏ ।

**୮. ସେବା**

ସେବାର ଜୀବନଯାପନର ସିଦ୍ଧାନ୍ତକୁ ଅଭ୍ୟାସ କରିବା ଅନ୍ୟମାନଙ୍କ ସେବା କରିବାକୁ ମନୋନୟନ କରିବା ଅପେକ୍ଷା ଭିନ୍ନ ଅଟେ । ଆତ୍ମ-ଧାର୍ମିକ ସେବା - ମନୁଷ୍ୟର ଚେଷ୍ଟାରେ, ନିଜର ପ୍ରଶଂସା ପାଇବା, କାହାର ସେବା କରିବାକୁ ପଡ଼ିବ ଓ ଅସ୍ଥାୟୀ ଭାବନାଗୁଡ଼ିକ ଦ୍ୱାରା ପ୍ରଭାବ ପକାଇଥାଏ । କିନ୍ତୁ ପ୍ରକୃତ ସେବା - ପରମେଶ୍ୱରଙ୍କ ସହିତ ମୋର ସମ୍ପର୍କରୁ ଆସିଥାଏ ଓ ଗୁପ୍ତ ଭାବରେ ଏଥିରୁ ସନ୍ତୁଷ୍ଟି ମିଳିଥାଏ, ସମସ୍ତଙ୍କ ସେବା କରିବା ଓ ତାହାଙ୍କୁ ନିଜର ଜୀବନ-ଶୈଳୀ କରିବା । ଆମେ ଯେତେବେଳେ ସେବା କରିବାକୁ ମନୋନୟନ କରୁ, ସେତେବେଳେ ଆମେ ଅଧିକାରୀ ହୋଇଥାଉ, କିନ୍ତୁ ଆମେ ଯେତେବେଳେ ଦାସ ହେବାକୁ ମନୋନୟନ କରୁ, ସେତେବେଳେ ଆମେ ଅଧିକାରକୁ ଛାଡ଼ି ଦେଇଥାଉ (ମାଥି. ୨୦:୨୬ ; ୨୩:୧୧ ; ମାର୍କ ୧୦:୪୩) ।

ଯୀଶୁ ସେବା ଜୀବନର ଉଦାହରଣ ଦେଖାଇଥିଲେ (ମାର୍କ ୧୦:୪୫), କେବଳ କ୍ରୁଶ ଉପରେ ଜୀବନ ଦେଇ ନୁହେଁ, କିନ୍ତୁ ଶିଷ୍ୟମାନଙ୍କ ପାଦ ଧୋଇଦେଇ, ତାହାଙ୍କ ନିକଟରେ ଥିବା ଲୋକମାନଙ୍କ ହୃଦୟର କଥା ଶୁଣି ସେମାନଙ୍କ ଆବଶ୍ୟକତା ପୂରଣ କରି (ଲୂକ ୭:୧-୧୭ ; ମାର୍କ ୫:୧-୪୨) । ସେ ଶିଷ୍ୟମାନଙ୍କ ସହିତ ସମୟ କ୍ଷେପଣ କରିଥିଲେ, ସେମାନଙ୍କ ସହିତ ଭୋଜନ କରିଥିଲେ, ବିଶ୍ରାମ କରିଥିଲେ, ସେମାନଙ୍କୁ ଶିକ୍ଷା ଦେଇଥିଲେ, ସେମାନେ ମୋଟେ ସିଦ୍ଧ ନ ହୋଇଥିଲେ ମଧ୍ୟ ସେମାନଙ୍କ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ ଓ ସେମାନଙ୍କୁ ଅଧିକାର ମଧ୍ୟ ଦେଇଥିଲେ । ସେ ସବୁଠାରୁ ଦୁର୍ବଳ ବ୍ୟକ୍ତିଙ୍କର ସେବା କରିଥିଲେ - ପିଲାମାନଙ୍କର, ସ୍ତ୍ରୀମାନଙ୍କର, ଦୁଷ୍ଟାତ୍ମାଗ୍ରସ୍ତ ଲୋକମାନଙ୍କର ଓ ସମାଜରୁ ବାହାର କରିଦିଆଯାଇଥିବା ଲୋକମାନଙ୍କର ମଧ୍ୟ ।

ସତ୍ୟ ସେବାର ଜୀବନର ଲାଭ ହେଉଛି ନମ୍ରତା, ସ୍ୱୟଂକୁ ଅସ୍ୱୀକାର କରିବା ଓ ପରମେଶ୍ୱରଙ୍କୁ ସ୍ୱୀକାର କରିବା ।

**ଭାଗ ୩ : ଶରୀରର ଅନୁଶାସନ**

**୯. ଉପବାସ କରିବା**

ଉପବାସର ସିଦ୍ଧାନ୍ତ ହେଉଛି ଯେ ନିଜର ଶରୀରକୁ ଆତ୍ମିକ ଉଦ୍ଦେଶ୍ୟ ନିମନ୍ତେ ଭୋଜନଠାରୁ ଦୂରରେ ରଖିବା । ଗୋଟିଏ ସମୟର ଉପବାସ ତାହା ହୋଇଥାଏ ଯେଉଁଥିରେ କିଛି ସମୟ ନିମନ୍ତେ ଭୋଜନ କରାଯାଇ ନ ଥାଏ (ଦାନିୟେଲ୍ ୧୦:୩) ।

ଯିହୁଦୀ ବ୍ୟବସ୍ଥା, ବର୍ଷରେ ଗୋଟିଏ ଥର ପ୍ରାୟଶ୍ଚିତ୍ତର ଦିନ, ସାମୁହିକ ଉପବାସର ଆଜ୍ଞା ଦେଇଥାଏ । ନୂତନ ନିୟମରେ ଉପବାସ ନିମନ୍ତେ ଏପରି କୌଣସି ବ୍ୟବସ୍ଥା ନାହିଁ, କିନ୍ତୁ ଯୀଶୁ କହିଥିଲେ ଯେ ଭକ୍ତିର କାର୍ଯ୍ୟ ହେଉଛି - ଦାନ ଦେବା, ଉପବାସ କରିବା ଓ ପ୍ରାର୍ଥନା ଆରାଧନା କରିବା (ମାଥିଉ ୬:୧-୧୮) । ଉପବାସ କରିବା ବ୍ୟକ୍ତିଗତ ନିର୍ଣ୍ଣୟ ଅଟେ, ବାସ୍ତବରେ କିଛି ମଣ୍ଡଳୀଗୁଡ଼ିକରେ ମଝି ମଝିରେ ମାଣ୍ଡଳିକ ଭାବରେ ଉପବାସରେ ବସିବା ପାଇଁ ପ୍ରୋତ୍ସାହନ ଦିଆଯାଇଥାଏ ।

ଉପବାସର ଉଦ୍ଦେଶ୍ୟ ହେଉଛି ଯେ ପରମେଶ୍ୱରଙ୍କ ଆଜ୍ଞାକାରୀ ହୋଇ ତାହାଙ୍କ ଉପରେ ଦୃଷ୍ଟିରଖିବା ପାଇଁ ଆମକୁ ସାହାଯ୍ୟ କରିବା, କ୍ରୋଧ, ଗର୍ବ ଇତ୍ୟାଦି ଯାହାକି ଆମେ ନିଜ ବଶରେ କରିଥାଉ, ସେଗୁଡ଼ିକୁ ପ୍ରକାଶ କରିବା, ନେତୃତ୍ୱକୁ ସ୍ପଷ୍ଟ କରିବା, ଓ ଲୋକ ଓ ରାଷ୍ଟ୍ରଗୁଡ଼ିକ ନିମନ୍ତେ ମଧ୍ୟସ୍ଥତା କରିବା । ଖାଦ୍ୟ ଖାଇବା ବଦଳରେ ପ୍ରାର୍ଥନା ଓ ଉପାସନା କରି ସମୟ କ୍ଷେପଣ କରିବା । ଆପଣଙ୍କ ଶରୀର ନିମନ୍ତେ ଭୋଜନ ଆବଶ୍ୟକ ହେଲେ ତାକୁ ପ୍ରାର୍ଥନା କରିବାକୁ ପଡ଼ିବ ବୋଲି ସ୍ମରଣ କରିଦେଉଥିବା ଏକ ବସ୍ତୁ ପରି ବ୍ୟବହାର କରନ୍ତୁ ଓ ପବିତ୍ର ଆତ୍ମାଙ୍କୁ ନିଜ ଶରୀର ଉପରେ ନିୟନ୍ତ୍ରଣ କରିବାକୁ ଦିଅନ୍ତୁ । ମୋର ବ୍ୟକ୍ତିଗତ ଅନୁଭବରେ ମୋର ଗୋଟିଏ ପରାମର୍ଶ ହେଉଛି ଯେ ନିଜ ହୃଦୟକୁ ବାରମ୍ବାର ଯାଞ୍ଚ କରନ୍ତୁ (ଯିଶାଇୟ ୫୮:୪, ୬-୮) ।

ରିଚାର୍ଡ଼ ଫୋଷ୍ଟର୍‌ଙ୍କ ପୁସ୍ତକ, "ଅନୁଶାସନର ଉତ୍ସବ"ରେ ସେ ଏହା କହିଥିଲେ ଯେ ଯେଉଁମାନେ ପ୍ରଥମ ଥର ପାଇଁ ଉପବାସ କରିବାକୁ ଆରମ୍ଭ କରନ୍ତି, ସେମାନେ କିଛି ସପ୍ତାହ ପର୍ଯ୍ୟନ୍ତ ସପ୍ତାହରେ ଗୋଟିଏ ଥର ଉପବାସ କରିବାକୁ ଆରମ୍ଭ କରନ୍ତୁ ଯେଉଁଥିରେ ଗୋଟିଏ ଦିନ ମଧ୍ୟାହ୍ନ ଭୋଜନ କରିବା ପରେ ପରଦିନ ମଧ୍ୟାହ୍ନ ଭୋଜନ କରନ୍ତୁ, ଫଳରସ ପିଅନ୍ତୁ ଓ ସତେଜ ଫଳ ଓ ପରିବା ଭୋଜନ କରି ଉପବାସ ଭାଙ୍ଗନ୍ତୁ । ତା'ପରେ ୨୪ ଘଣ୍ଟା ସାଧାରଣ ଉପବାସ କରିବା ପାଇଁ ଚେଷ୍ଟା କରନ୍ତୁ ଓ ଅଧିକ ପାଣି ପିଅନ୍ତୁ । ଦୀର୍ଘ ସମୟ ଉପବାସ କରିବା ପାଇଁ ଭଲ

ହେବ ଯଦି ଏହିପରି କୌଣସି ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରନ୍ତୁ କିମ୍ୱା ପରାମର୍ଶ ନିଅନ୍ତୁ, ଯେଉଁମାନେ ଅବିରତ ଉପବାସ କରିଥାନ୍ତି ।

ଉପବାସ କରୁଥିବା ବାଇବଲର କିଛି ପାତ୍ର – ମୋଶା, ଦାଉଦ, ଏଲିୟ, ହାନ୍ନା, ପାଉଲ ଓ ଯୀଶୁ । ସେମାନେ କ'ଣ କରିଥିଲେ ତାହା ଦେଖନ୍ତୁ, କାହିଁକି ଉପବାସ କରିଥିଲେ ଓ ସେମାନଙ୍କ ଉପବାସର ଫଳ କ'ଣ ଥିଲା ।

**୧୦. ସରଳତା**

ସରଳତାର ଅର୍ଥ ହେଉଛି ଆମ ଜୀବନର କେନ୍ଦ୍ରରେ ପରମେଶ୍ୱରଙ୍କ ସହିତ ବାସ କରିବା – ଜିନିଷପତ୍ର, ଲୋକ ଓ କାର୍ଯ୍ୟ ନୁହେଁ, କିନ୍ତୁ ସ୍ୱୟଂ ପରମେଶ୍ୱର ଅଟନ୍ତି । ଆମେ ଯେତେବେଳେ ସରଳ ଭାବରେ ଜୀବନଯାପନ କରୁ, ସେତେବେଳେ ଆମର କଥା ସତ୍ୟ ଓ ବିଶ୍ୱାସ୍ୟ ହୋଇଥାଏ । ଆମେ ଲୋକମାନଙ୍କୁ ଦେଖାଇବା ପାଇଁ କିମ୍ୱା ପ୍ରଶଂସା ପାଇବା ପାଇଁ କିଛି କରି ନ ଥାଉ । ଆମ ନିକଟରେ ଥିବା ଜିନିଷକୁ ଅନ୍ୟମାନଙ୍କୁ ଦେଇ ଦେଇଥାଉ, କାରଣ ବିଶ୍ୱାସ ଥାଏ ଯେ ଆମ ନିକଟରେ ଯାହାକିଛି ଅଛି ତାହା ପରମେଶ୍ୱରଙ୍କର ଅଟେ । ଆମ ନିକଟରେ ଯାହାକିଛି ଅଛି ତାହା ଏଥିପାଇଁ ଅଛି ଯେପରି ଆମେ ତାକୁ ଉପଭୋଗ କରିପାରିବା, ତାହା ଆମକୁ ପରମେଶ୍ୱରଙ୍କଠାରୁ ଦୂରକୁ ଚାଲିଯିବା ପାଇଁ ଉଦ୍ଦିଷ୍ଟ ନୁହେଁ (ଉପଦେଶକ ୬:୧୮, ୧୯) । ଆମେ ନିଜର ନିର୍ଣ୍ଣୟ ଏହି ଆଧାରରେ ନେଇଥାଉ, ଯେ ଆମେ ବିଶ୍ୱାସ କରିଥାଉ ଯେ ପରମେଶ୍ୱର ଆମଠାରୁ ଏହା ଚାହାନ୍ତି, ପରିଣାମସ୍ୱରୂପ ବିଷୟଗୁଡ଼ିକ, ବିଚାର, ଭୟ, ଆତ୍ମକୈନ୍ଦ୍ରିକତା, ଚିନ୍ତା, ଲୋଭ ଓ ଘୃଣାରୁ ଆମେ ମୁକ୍ତ ହୋଇଥାଉ । ଆମେ ନିଜର ସମସ୍ତ ସମ୍ପତ୍ତି ଗରିବମାନଙ୍କୁ ଦେଇଦେବା ଜରୁରୀ ନୁହେଁ, ସେସବୁ ପ୍ରଥମରୁ ପରମେଶ୍ୱରଙ୍କ ନିକଟରେ ସମର୍ପିତ ଅଛି, ଯେପରି ଆମେ ସେଗୁଡ଼ିକରୁ ଆନନ୍ଦଲାଭ କରିପାରିବା ଓ ତାହାଙ୍କ ଇଚ୍ଛାନୁସାରେ ସେଗୁଡ଼ିକୁ ବ୍ୟବହାର କରିପାରିବା । ଆମର ପିଲାମାନେ ଆମର ଅଂଶ କିମ୍ୱା ଆମର ଭଗ୍ନ ସ୍ୱପ୍ନକୁ ସଫଳ କରନ୍ତି ନାହିଁ, କିନ୍ତୁ ପରମେଶ୍ୱରଙ୍କ ପକ୍ଷରୁ ଦାନ ଅଟନ୍ତି, ଯେପରି ଆମେ ସେମାନଙ୍କ ଯତ୍ନ ନେଇପାରିବା, ସେମାନଙ୍କୁ ପ୍ରେମ କରିପାରିବା, ସେମାନଙ୍କୁ ପରମେଶ୍ୱରଙ୍କ ରାଜ୍ୟ ବିଷୟରେ ଶିକ୍ଷା ଦେଇପାରିବା ଓ ମୁକ୍ତ କରିପାରିବା ।

ସରଳତାର ସିଦ୍ଧାନ୍ତ ହେଉଛି ଯେ "ପ୍ରଥମେ ତାହାଙ୍କ ଧାର୍ମିକତା ଓ ରାଜ୍ୟ ଅନ୍ୱେଷଣ କର" (ମାଥି. ୬:୨୫-୩୩) ।

**୧୧. କୃତଜ୍ଞତା**

କୃତଜ୍ଞତାକୁ "ଆତ୍ମିକ ସିଦ୍ଧାନ୍ତଗୁଡ଼ିକରେ" ଗଣନା କରାଯାଇ ନ ଥାଏ, କିନ୍ତୁ ଏପରି ବହୁତ ବାକ୍ୟ ଅଛି, ଯେଉଁଥିରେ ଆମେ ଏହାକୁ ପାଇଥାଉ, ଏଥିପାଇଁ ଆତ୍ମିକ ସ୍ୱାସ୍ଥ୍ୟ ନିମନ୍ତେ ଏହା ମହତ୍ତ୍ୱପୂର୍ଣ୍ଣ ବୋଲି ବୁଝିଥାଏ । ଆମେ "ପ୍ରତ୍ୟେକ ସମୟରେ ଓ ପ୍ରତ୍ୟେକ ବିଷୟରେ ଧନ୍ୟବାଦ ଦେବା ଉଚିତ୍" (ଏଫିସୀୟ ୫:୨୦) । "ପ୍ରତ୍ୟେକ ପରିସ୍ଥିତିରେ ଧନ୍ୟବାଦ ଦିଅ" (୧ମ ଥେସଲନୀକୀୟ ୫:୧୮), ତାହାଙ୍କ ଦ୍ୱାରରେ ଧନ୍ୟବାଦର ସହିତ ପ୍ରବେଶ କରନ୍ତୁ (ଗୀତସଂହିତା ୧୦୦:୪) । ଗତ ଦିନଗୁଡ଼ିକର ପାଞ୍ଚଟି ବିଷୟ ନିମନ୍ତେ ପରମେଶ୍ୱରଙ୍କୁ ଧନ୍ୟବାଦ ଦେବା ଅପେକ୍ଷା ଦିନ ଆରମ୍ଭରେ ଏହାଠାରୁ ସବୁଠାରୁ ଭଲ ପ୍ରଣାଳୀ କ'ଣ ଅଛି । ତାହା ପରିବାରର କୌଣସି ସଦସ୍ୟଙ୍କର ଆସିବା, ପକ୍ଷୀଗୁଡ଼ିକର ଗୀତ, କୌଣସି ପ୍ରାର୍ଥନାର ଉତ୍ତର, ସ୍ୱାସ୍ଥ୍ୟ, ମୁକ୍ତି, ସୁରକ୍ଷା, ସାଙ୍ଗମାନଙ୍କ ପ୍ରୋତ୍ସାହନର ଶବ୍ଦ, ବାକ୍ୟର ପ୍ରକାଶନ କିମ୍ବା କୌଣସି ଅଜ୍ଞାତ ବ୍ୟକ୍ତି ଦେଖାଇଥିବା ଦୟା ହୋଇପାରିବ । ଦିନସାରା ପରମେଶ୍ୱରଙ୍କୁ କାର୍ଯ୍ୟ କରୁଥିବା ଦେଖିବା ଯାହା ପାଇଁ ଆପଣ ତାହାଙ୍କୁ ଧନ୍ୟବାଦ ଦେଇପାରିବେ ।

ଆପଣଙ୍କ ଆଖପାଖରେ ଯାହା ଅଛି, ଆପଣଙ୍କ ପରିବାରର ଲୋକ, ସହକର୍ମୀ, ସେବାରେ ସାଥୀ ହେଉଥିବା ଲୋକମାନଙ୍କ ପ୍ରତି କୃତଜ୍ଞ ରୁହନ୍ତୁ । ସେମାନଙ୍କୁ କୁହନ୍ତୁ ଯେ ସେମାନେ କହିଥିବା ପ୍ରୋତ୍ସାହନର ଶବ୍ଦ ଆପଣଙ୍କ ନିମନ୍ତେ କେତେ ମହତ୍ତ୍ୱପୂର୍ଣ୍ଣ ଅଟେ ।

ଦିନର ଶେଷରେ, ଯେତେବେଳେ ଆପଣ ଶୋଇବାକୁ ଯାଆନ୍ତି, ସେତେବେଳେ ମଧ୍ୟ ଆପଣଙ୍କ ମନ କୃତଜ୍ଞତାରେ ପରିପୂର୍ଣ୍ଣ ହୋଇଥିବା ଉଚିତ୍, କଠିନ ପରିସ୍ଥିତିଗୁଡ଼ିକ ନିମନ୍ତେ ମଧ୍ୟ ତାହାଙ୍କୁ ଧନ୍ୟବାଦ ଦିଅନ୍ତୁ, ଯାହଙ୍କଠାରୁ ଆପଣ ଦୁର୍ବଳତାରେ, ନିନ୍ଦାରେ, ସମସ୍ୟାରେ, କଷ୍ଟରେ ଆପଣ ସନ୍ତୁଷ୍ଟ ରହିବା ଶିଖିଛନ୍ତି । "କାରଣ ଯେତେବେଳେ ମୁଁ ଦୁର୍ବଳ, ସେତେବେଳେ ମୁଁ ବଳବାନ୍" (୨ୟ କରିନ୍ଥୀୟ ୧୨:୧୦) ।

ଆନ୍ ଭୋସ୍କାମ୍ପ "ଏକ ହଜାର ଉପହାର" ପୁସ୍ତକରେ ଏହିପରି ଏକ ହଜାର ବିଷୟ ଲେଖିଛନ୍ତି, ଯେଉଁଥିପାଇଁ ଆମେ ପରମେଶ୍ୱରଙ୍କ ପ୍ରତି ଧନ୍ୟବାଦୀ ହେବା ଉଚିତ୍ - "ଧନ୍ୟବାଦର ମନୋଭାବ"ରେ ରହିବାର ଏକ ଉତ୍ତମ ପ୍ରଣାଳୀ (ବୋସ୍କମ୍ପ, ୨୦୧୦) ।

**୧୨. ଉଦାରତା**

"ଈଶ୍ୱର ହୃଷ୍ଟଚିତ୍ତ ଦାତାକୁ ଭଲ ପାଆନ୍ତି" (୨ୟ କରିନ୍ଥୀୟ ୯:୭) । କେହି ଜଣେ କହିଛନ୍ତି ଦାନ କରିବା ଦ୍ୱାରା ଆମେ କେବେ ବି ତାହାଙ୍କ ପରି ହୋଇପାରିବା ନାହିଁ । ଏହା ଆମର ରକ୍ତରେ ଅଛି, କାରଣ ସେ ଆମର ପିତା ଅଟନ୍ତି ଓ "ପରମେଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ" (ଯୋହନ ୩:୧୬) ।

ଆମେ ଯେତେବେଳେ ଦାନ ଦେବା ବିଷୟରେ କଥାବାର୍ତ୍ତା କରୁ, ସେତେବେଳେ ପ୍ରାୟ ଆର୍ଥିକ ବିଷୟରେ ଚିନ୍ତା କରିଥାଉ, କିନ୍ତୁ ଏକ ଉଦାର ଆତ୍ମା ସର୍ବଦା ଆମକୁ ଦେବା ପାଇଁ ପ୍ରୋତ୍ସାହିତ କରିଥାଏ, ଯାହାକି ଆମର ଆର୍ଥିକ ଦାନ ଅପେକ୍ଷା ବହୁତ ବେଶୀ ଅଟେ । ହଁ, ପରମେଶ୍ୱର ଇଚ୍ଛା କରନ୍ତି ଯେ ଆମେ ଗରିବମାନଙ୍କୁ ଦାନ ଦେବା । ଦ୍ୱିତୀୟ ବିବରଣ ୧୫:୧୧ ପଦ ନିର୍ଦ୍ଦେଶ ଦିଏ ଯେ "ତୁମ୍ଭେ ନିଶ୍ଚିତ ଆପଣା ଦେଶସ୍ଥ ଭାଇ ପ୍ରତି, ଆପଣା ଦୁଃଖୀ ପ୍ରତି ଓ ଆପଣା ଦୀନହୀନ ପ୍ରତି ଆପଣା ହସ୍ତ ମୁକ୍ତ କରିବ ।" ଯିହିଜିକଲ ୧୬:୪୯ ପଦରେ ପରମେଶ୍ୱର ସଦୋମ ବିଷୟରେ ଏହି ଅଭିଯୋଗ କରନ୍ତି ଯେ ସେମାନେ ଗରିବମାନଙ୍କ ପ୍ରତି ଧ୍ୟାନ ଦେବାରେ ବିଫଳ ହୋଇଛନ୍ତି ।

କିନ୍ତୁ ପରମେଶ୍ୱର ଏହା ବି ଚାହାନ୍ତି ଯେ ଆମେ ନିଜ ସମୟ, ନିଜ ବରଦାନ, ଶବ୍ଦ ଓ ଜ୍ଞାନରେ ମଧ୍ୟ ଉଦାର ହେବା । ୧ମ ତୀମଥି ୬:୧୮ ପଦ କହେ, "ମୁକ୍ତ ହସ୍ତରେ ଓ ଉଦାର ଭାବରେ ଦାନ କର ।"

**ମୁଖସ୍ଥ କର :**

ଗୀତସଂହିତା ୧୧୯:୧୦୫ - ତୁମ୍ଭ ବାକ୍ୟ ମୋ' ଚରଣ ପାଇଁ ପ୍ରଦୀପ ଓ ମୋ' ପଥ ପାଇଁ ଆଲୁଅ ଅଟେ ।

ଯିରିମିୟ ୨୯:୧୩ - ଆଉ, ତୁମ୍ଭେମାନେ ଆମ୍ଭଙ୍କୁ ଅନ୍ୱେଷଣ କରିବ ଓ ସର୍ବାନ୍ତଃକରଣ ସହିତ ଆମ୍ଭଙ୍କୁ ଖୋଜିଲେ ଆମ୍ଭର ଉଦ୍ଦେଶ୍ୟ ପାଇବ ।

**ମୁଖ୍ୟ ସତ୍ୟତା :**

ପରମେଶ୍ୱରଙ୍କ ସହିତ ନିଜର ସମ୍ପର୍କରେ କେବେ ବି "ରହିଯାଆନ୍ତୁ" ନାହିଁ । ସେ ସର୍ବଦା ଧୈର୍ଯ୍ୟର ସହିତ ଆମକୁ ଅପେକ୍ଷା କରନ୍ତି ଯେପରି ଆମେ ତାହାଙ୍କୁ ଆମର ମନରେ ନୂଆ ଭାବରେ, ତାହାଙ୍କ ବାକ୍ୟ ପଢ଼ିବା ଦ୍ୱାରା, ପ୍ରାର୍ଥନାରେ ସମୟ କ୍ଷେପଣ କରିବା ଦ୍ୱାରା, ତାହାଙ୍କୁ କୃତଜ୍ଞତା ପ୍ରକାଶ କରିବା ଦ୍ୱାରା କିମ୍ବା ପବିତ୍ର ଆତ୍ମା ଯେପରି ନେତୃତ୍ୱ ପ୍ରଦାନ କରନ୍ତି, ସେହିପରି ତାହାଙ୍କୁ ଖୋଜିବା । ତାହାଙ୍କ ସହିତ ପ୍ରତିଦିନ ରୋମାଞ୍ଚକ ବିଷୟ କରିବା ।

**ଆପଣଙ୍କ ପ୍ରତିକ୍ରିୟା :**

୧. ଧ୍ୟାନର ବିଷୟ ଉପରେ ବାଇବଲ ଅଧ୍ୟୟନ କରିବା ପାଇଁ ଦେଖନ୍ତୁ, ଯେ ଆମେ କେଉଁ ବିଷୟ ଉପରେ ଧ୍ୟାନ କରିବା ଓ ତା'ଣ ପରିଣାମ କ'ଣ ହେବ । ତା'ପରେ ନିଜେ ନିଜେ ଆତ୍ମିକରୂପେ ଧ୍ୟାନ କରନ୍ତୁ ଓ ଯାହା ଶିଖନ୍ତି, ତାହା ଲେଖିରଖନ୍ତୁ । ସଫଳ ଧ୍ୟାନର କେଉଁସବୁ ରହସ୍ୟକୁ ଆପଣ ଶିଖିଲେ ? ଆପଣଙ୍କ ସମ୍ମୁଖରେ କେଉଁସବୁ ସମସ୍ୟା ଥିଲା ଓ ଆପଣ ସେସବୁ ଉପରେ କିପରି ଜୟଲାଭ କରିପାରିଲେ ?

୨. ନିଜର ପ୍ରାର୍ଥନା ସମୟ ବିଷୟରେ କୁହନ୍ତୁ ଯେ ଆପଣ କେବେ ଓ କେଉଁଠାରେ ପ୍ରାର୍ଥନା କରନ୍ତି ? ଆପଣଙ୍କର କ'ଣ କୌଣସି ପ୍ରାର୍ଥନା କ୍ରମ ଅଛି ? ଆପଣ କ'ଣ ପ୍ରାର୍ଥନା କଲା ବେଳେ କିମ୍ବା ପ୍ରାର୍ଥନା କରିବା ପରେ ସେ ବିଷୟରେ ଲେଖନ୍ତି ? ପ୍ରାର୍ଥନା କରିବାରେ କେଉଁ ବିଷୟ ଆପଣଙ୍କୁ ସବୁଠାରୁ କଷ୍ଟ ଲାଗିଲା ? ଆପଣଙ୍କୁ କ'ଣ ଅନ୍ୟମାନଙ୍କ ସମ୍ମୁଖରେ ଉଚ୍ଚସ୍ୱରରେ ପ୍ରାର୍ଥନା କରିବାରେ କଷ୍ଟ ହୋଇଥାଏ ?

୩. ନିଜ ଜୀବନକୁ ସରଳ କରିବା ପାଇଁ ଆପଣ କ'ଣ କରିପାରିବେ ସେ ବିଷୟରେ ଧ୍ୟାନ ଦିଅନ୍ତୁ ? ଉଦାହରଣସ୍ୱରୂପ, ଖର୍ଚ୍ଚ କମ୍ କରନ୍ତୁ, ଆବଶ୍ୟକତା ନ ଥିବା ଜିନିଷଗୁଡ଼ିକୁ ଅନ୍ୟ କାହାକୁ ଦେଇଦିଅନ୍ତୁ ।

୪. ଅଧ୍ୟୟନ କରିବାର କେଉଁ ପ୍ରଣାଳୀ ଆପଣଙ୍କ ପ୍ରତି ସହାୟକ ପ୍ରମାଣିତ ହେଲା ?

୫. ଆପଣ କ'ଣ ଏକାନ୍ତରେ ସମୟ ଅତିବାହିତ କରିବାକୁ ପ୍ରସ୍ତୁତ ଅଛନ୍ତି କିମ୍ବା ଏକାକୀ ରହିବା ବିଷୟରେ ଆପଣ ଚିନ୍ତିତ ଅଟନ୍ତି ? ଏକାନ୍ତରେ ସମୟ କ୍ଷେପଣ କରିବା ପାଇଁ ଆପଣ କେଉଁସବୁ ପଦକ୍ଷେପ ଗ୍ରହଣ କରିବେ ?

୬. ଲୋକମାନଙ୍କ ଅଧୀନରେ ରହିବା ସମୟରେ କେଉଁ ବିଷୟ ସବୁଠାରୁ କଷ୍ଟ ଥିଲା ? ଏହାର କାରଣ କ'ଣ ଆପଣ ଜାଣନ୍ତି ? ଖ୍ରୀଷ୍ଟିୟାନ୍ ହୋଇଥିବାରୁ ଅଧୀନ ହେବା ସହଜ ବା କଷ୍ଟ କିପରି ହୋଇଯାଏ ?

୭. ବର୍ତ୍ତମାନ ଆପଣ କେଉଁଠାରେ ସେବା କରୁଛନ୍ତି ? ଆପଣ ନିଜକୁ ପଚାରନ୍ତୁ ଯେ ଆପଣ ସେବା କରିବାକୁ ନା ଦାସ ହେବାକୁ ମନୋନୟନ କରିଛନ୍ତି ? ପାର୍ଥକ୍ୟ କେବଳ ଏତିକି ଯେ ତଦ୍ୱାରା ଆପଣଙ୍କ ନିକଟରେ କେତେ ନିୟନ୍ତ୍ରଣ ରହିବ ।

ଅଧିକ ଅଧ୍ୟୟନ ନିମନ୍ତେ :

*Celebration of Discipline* by Richard Foster (Foster, 1988)
*My Heart Christ's Home* by Robert Boyd Munger (Munger, 1992)
*Intercession, Thrilling and Fulfilling* by Joy Dawson (Dawson, 1997)
*Prayers That Avail Much* by Germaine Copeland (Copeland, 2005)
*Secrets of Powerful Prayer* by Hammond and Cameneti (Hammond & Cameneti, 2000)
*One Thousand Gifts* by Ann Voskamp (Voskamp, 2010)
Free Bible Study internet sites:
www.biblegateway.com
www.blueletterbible.com
www.netbible.org
www.e-sword.net
www.lovegodgreatly.com

## ଅଧ୍ୟାୟ ୬ : ସେବକ ନେତୃତ୍ୱ

ମୋର ବ୍ୟକ୍ତିଗତ ନେତୃତ୍ୱର ଯାତ୍ରା ସେତେବେଳେ ଆରମ୍ଭ ହେଲା ଯେତେବେଳେ ପାଳକଙ୍କ ଝିଅ ଭାବରେ ମୁଁ ଚର୍ଚ୍ଚର ବିଭିନ୍ନ ସେବାରେ ଅନ୍ତର୍ଭୁକ୍ତ ହେବାକୁ ଲାଗିଲି, ନର୍ସରୀରେ ସାହାଯ୍ୟ କରିବା, ପିଲାମାନଙ୍କ ସେବା କରିବା, କୋୟାର୍‌ରେ ମିଶିବା, ଯୁବାମାନଙ୍କ ମଧ୍ୟରେ ସେବା କରିବା, ସଣ୍ଡେସ୍କୁଲ୍‌ରେ ପଢ଼ିବା, ପିଆନୋ ବଜାଇବା, ଚର୍ଚ୍ଚ ସଫା କରିବା ଇତ୍ୟାଦି । ଭିନ୍ନ ଭିନ୍ନ ଭୂମିକା ଗ୍ରହଣ କରିବାରେ ବହୁତ ମଜା ଲାଗୁଥିଲା ; ମୁଁ ସମ୍ପୂର୍ଣ୍ଣ ମଜାରେ ଶିଖିଲି ଓ ଶିଖାଇବାରେ ମୋତେ ବହୁତ ଆନନ୍ଦ ମିଳୁଥିଲା । ମୋର କଲେଜ୍ ସମୟରେ ଅଧିକ ଦାୟିତ୍ୱ ବହନ କରିବା ସ୍ୱାଭାବିକ ଥିଲା । ମୋତେ କେବେ ବି ମନେ ହୋଇ ନ ଥିଲା ଯେ ମୋର "ପ୍ରେସିଡ଼େଣ୍ଟ୍" କିମ୍ବା "ଦର୍ଶନକୁ କହୁଥିବା ବ୍ୟକ୍ତି" ହେବା ଆବଶ୍ୟକ । ମୋତେ ଯେଉଁ କାମ ମିଳିଲା, ତାକୁ ଅଧିକାରୀ ଭାବରେ କରିବା ଓ ସେବା କରିବାରେ ମୋତେ ସନ୍ତୁଷ୍ଟ ମିଳୁଥିଲା । ଦଶ ବର୍ଷ ପର୍ଯ୍ୟନ୍ତ ଦୁଇ ଜଣ ଛୋଟ ପୁଅର ମାଆ ହେବା ପରେ ନେତୃତ୍ୱ ନେବା ଓ ସେବା

ବିଷୟରେ ମୋତେ ବହୁତ କିଛି ଶିଖାଯାଇଥିଲା, କିନ୍ତୁ ବ୍ୟବସାୟର ଜଗତରେ ୨୦ ବର୍ଷ ପରେ ମୁଁ ଟିମ୍ ଲିଡ଼ର୍, ସୁପରଭାଇଜର୍ ଓ ପୁଣି ମ୍ୟାନେଜର୍ ପଦରେ ଛିଡ଼ା ହେବାକୁ ଲାଗିଲି । ମୁଁ ଅଏଲ୍ ଇଣ୍ଡଷ୍ଟ୍ରିର ପୁରୁଷ ପ୍ରଧାନ ମ୍ୟାନେଜରମାନଙ୍କ ପରି ନ ଥିଲି, କିନ୍ତୁ ମୁଁ ଏହା ବୁଝିପାରିଥିଲି ଯେ ମୋର ସହକର୍ମୀମାନଙ୍କୁ ସେମାନଙ୍କ ଲକ୍ଷ୍ୟ ଯଦି ଭଲରୂପେ ବୁଝାଯିବ, ତେବେ ସେମାନେ ବହୁତ ଭଲରୂପେ କାମ କରିପାରିବେ ଓ ମୁଁ ପ୍ରତ୍ୟେକ ସମ୍ଭାବ୍ୟ ଚେଷ୍ଟା କଲି, ଯେପରି ସେମାନଙ୍କ ଲକ୍ଷ୍ୟ ମଧ୍ୟରେ କୌଣସି ବାଧା ନ ଆସିବ । ମୁଁ "ସେବକ ନେତା" ନାମର ଶବ୍ଦର ସମ୍ପର୍କରେ ଆସିଗଲି, କିନ୍ତୁ ଅନ୍ତରରେ ମୋତେ ସର୍ବଦା ମନେ ହେଉଥିଲା ଯେପରି ମୁଁ ଅନ୍ୟ ବର୍ଗର ନେତା ଅଟେ, ଏପରି ଜଣେ ବ୍ୟକ୍ତି ଯେ କି ନେତୃତ୍ୱର ଯୋଗ୍ୟତା ସହିତ ଜନ୍ମଗ୍ରହଣ କରି ନାହାନ୍ତି, କିନ୍ତୁ ସେହିପରି ଭାବରେ କାର୍ଯ୍ୟ କରିବା ପାଇଁ ଶିକ୍ଷା କରିଛନ୍ତି । ପୁଣି ମୁଁ ରୋବର୍ଟ ଗ୍ରୀନ୍‌ଲିଫ୍‌ଙ୍କ "ସର୍ଭେଣ୍ଟ୍ ଲିଡ଼ର୍‌ସିପ୍" ପୁସ୍ତକ ପଢ଼ିଲି ଓ ନିମ୍ନଲିଖିତ ବିଷୟଗୁଡ଼ିକରେ ଆଶ୍ଚର୍ଯ୍ୟ ହୋଇଗଲି :

ସେବକ ନେତୃତ୍ୱ ପ୍ରଥମେ ଦାସ ହୋଇଥାନ୍ତି ..... ଏହା ଏକ ସ୍ୱାଭାବିକ ଭାବନା ଅଟେ, ଯେଉଁଥିରେ ଜଣେ ବ୍ୟକ୍ତି ସେବା କରିବା ପାଇଁ ଇଚ୍ଛା ରଖିଥାନ୍ତି, ସେଥିରୁ ହିଁ ଏହା ଆରମ୍ଭ ହୋଇଥାଏ । ତା'ପରେ ତାଙ୍କ ବିବେକ ତାଙ୍କୁ ନେତୃତ୍ୱ ଦେବା ବିଷୟ ମନୋନୟନ କରିବା ପର୍ଯ୍ୟନ୍ତ ଆଣିଥାଏ । ସେହି ବ୍ୟକ୍ତି ସେମାନଙ୍କ ସହିତ ଯେଉଁମାନେ ପୂର୍ବରୁ ନେତୃତ୍ୱ ଦେଉଛନ୍ତି, ସେମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାନ୍ତି ..... ସେଥିରେ ଯେଉଁ ଭିନ୍ନତା ଅଛି ତାହା ସ୍ୱୟଂ ଦେଖାଯାଇଥାଏ ଯେତେବେଳେ ସେବକ-ନେତାମାନଙ୍କର ଆବଶ୍ୟକତାଗୁଡ଼ିକୁ ଧ୍ୟାନରେ ରଖିଥାଏ । ସବୁଠାରୁ ଭଲ ପରୀକ୍ଷା ..... ଏହା ହେଉଛି : ଯେଉଁମାନେ ସେବା କରନ୍ତି, ଭଲ ବ୍ୟକ୍ତିମାନଙ୍କ ପରି ବଢ଼ିଥାନ୍ତି । ସେମାନେ କ'ଣ ସେବା କରିବା ଦ୍ୱାରା ସୁସ୍ଥ, ବୁଝକ ହୁଅନ୍ତି । (ଗ୍ରୀନ୍‌ଲିଫ୍, ୧୯୭୭, ପୃଷ୍ଠା ୨୭)

ସେ ଏହା କହୁଥିଲେ ଯେ ସେବକ-ନେତା ହେବା ଦ୍ୱିତୀୟ ଶ୍ରେଣୀର ନେତା ନୁହେଁ । ଏହି ବିଚାର ମୋ ପାଇଁ ଆଖି ଖୋଲିଦେବା ପରି ବିଷୟ ଥିଲା । ତା'ପରେ ମୁଁ ନେତୃତ୍ୱକୁ ସମ୍ପୂର୍ଣ୍ଣ ଭିନ୍ନ ଦୃଷ୍ଟିକୋଣରେ ଦେଖିବାକୁ ଲାଗିଲି ।

ମୋ ପରି ବହୁତ ସ୍ତ୍ରୀ "ଦାସ"ର ଭୂମିକାକୁ ଭଲରୂପେ ଶିଖିଛନ୍ତି, ଏପରିକି ଲୋକମାନଙ୍କ ଆବଶ୍ୟକତାକୁ ସମ୍ପୂର୍ଣ୍ଣ କରିବାରେ ଆନନ୍ଦ ଲାଗିଥାଏ । ପରମେଶ୍ୱର କ'ଣ ଆପଣଙ୍କୁ

"ନେତୃତ୍ୱ" ଦେବାର "ବିବେକ୍ ବାଛିବା" ପାଇଁ ଆହ୍ୱାନ କରୁଅଛନ୍ତି ? ମୁଁ ଇଚ୍ଛା କରୁଛି ଯେ ଆପଣ ବିଶ୍ୱାସର ସେହି ପଦକ୍ଷେପ ଗ୍ରହଣ କରନ୍ତୁ । ଗୋଟିଏ ଛୋଟ ଦଳର ନେତୃତ୍ୱ ନେବା ଆରମ୍ଭ କରିବା କିମ୍ୱା ବାଇବଲ ଶ୍ରେଣୀ ନେବା ଆରମ୍ଭ କରିବା, କୌଣସି କାର୍ଯ୍ୟକ୍ରମର ଆୟୋଜନ କରିବା କିମ୍ୱା କୌଣସି କାର୍ଯ୍ୟ କରିବା ପାଇଁ ଟିମ୍ର ନେତୃତ୍ୱ ନେବା । ଯଦି ପରମେଶ୍ୱର ଆପଣଙ୍କୁ ଆହ୍ୱାନ କରୁଅଛନ୍ତି, ତେବେ ସେ ଆପଣଙ୍କୁ ଏପରି କରିବା ପାଇଁ ସମର୍ଥ ମଧ୍ୟ କରିବେ ।

କିଛି ଲୋକ ଯୁକ୍ତି କରିବେ ଯେ ଦାସ ହେବା ଓ ନେତୃତ୍ୱ ନେବା ଭିନ୍ନ ଭିନ୍ନ ବିଷୟ ଅଟେ । କିପରି ଜଣେ ବ୍ୟକ୍ତି ସେବକ ଓ ନେତା ଦୁଇଟି ଭୂମିକା ବହନ କରିପାରିବେ ? ଏହି ପ୍ରଶ୍ନ ବିଷୟରେ ଯୀଶୁଙ୍କ ପ୍ରତିକ୍ରିୟା ଲୂକ ୨୨:୨୬ ପଦରେ ମିଳିପାରିବ, "ତୁମ୍ଭମାନଙ୍କ ମଧ୍ୟରେ ଯେ ଜ୍ୟେଷ୍ଠ, ସେ କନିଷ୍ଠ ପରି ହେଉ ।" ଯୀଶୁ କେବଳ କଥାରେ ଏହା କହି ନ ଥିଲେ, "ମନୁଷ୍ୟପୁତ୍ର ମଧ୍ୟ ସେବା ପାଇବାକୁ ଆସି ନାହାନ୍ତି, ମାତ୍ର ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ମୁକ୍ତିର ମୂଲ୍ୟସ୍ୱରୂପେ ପ୍ରାଣ ଦେବାକୁ ଆସିଅଛନ୍ତି" (ମାଥି. ୨୦:୨୮), କିନ୍ତୁ ବ୍ୟବହାରରେ ଏହା କରି ଦେଖାଇଥିଲେ ।

## ୧. ସେବକ ନେତା ଭାବରେ ଯୀଶୁ

ଆଜିର ପରିଭାଷାରେ ଯୀଶୁ କ'ଣ ଜଣେ ସେବକ ନେତା ଥିଲେ । ଜଣେ ସେବକ-ନେତା ଲୋକମାନଙ୍କୁ ଅନ୍ତରରୁ ଓ ବାହାରୁ ଉତ୍ସାହିତ କରିଥାନ୍ତି ଓ ବୃଦ୍ଧି କରିଥାନ୍ତି । ଯୀଶୁ ବାସ୍ତବରେ ଏହିପରି ହିଁ ଥିଲେ । ସେବକ ନେତାଙ୍କ ଅନ୍ୟ ବିଶେଷତ୍ୱ କ'ଣ ଅଛି ? ଏଠାରେ କିଛି ଉଦାହରଣ ଦିଆଯାଇଛି :

୧. ଶୁଣିବା : ସେବକ ନେତା ଯେଉଁ ଲୋକମାନଙ୍କର ନେତୃତ୍ୱ ନେଇଥାଆନ୍ତି, ସେମାନଙ୍କ ବିଚାର, ଚିନ୍ତାଧାରା ଓ ମନକୁ ମନୋଯୋଗ ସହକାରେ ଶୁଣିଥାଆନ୍ତି । ଯେତେ ଲୋକ ଯୀଶୁଙ୍କ ନିକଟକୁ ଆସିଲେ, ଯୀଶୁ ସେମାନଙ୍କ କଥା ଶୁଣିଲେ, ସେମାନଙ୍କ ପ୍ରଶ୍ନଗୁଡ଼ିକର ଉତ୍ତର ଦେଲେ, କିନ୍ତୁ ଏହା କଷ୍ଟ ଥିଲା (ଯୋହନ ୩:୧-୨୧ ; ଯୋହନ ୪:୭-୪୨) ।

୨. ଦୟା (ସମ୍ବେଦନଶୀଳତା) : ଯୀଶୁଙ୍କ ନିକଟକୁ ଯେତେ ଲୋକ ଆସିଲେ, ସେସମସ୍ତଙ୍କ ନିମନ୍ତେ ଯୀଶୁଙ୍କ ହୃଦୟ ସମ୍ବେଦନଶୀଳତାରେ ପରିପୂର୍ଣ୍ଣ ହୋଇଗଲା (ମାଥି. ୯:୩୬, ଲୂକ ୭:୧୩) ।

୩. ସୁସ୍ଥତା : ସେବକ ନେତାମାନେ ଲୋକମାନଙ୍କୁ ସୁସ୍ଥ ହେବା ପାଇଁ ସେମାନଙ୍କୁ ସାହାଯ୍ୟ କରନ୍ତି । "ନାଜରିତୀୟ ଯୀଶୁଙ୍କ କଥା, କିପରି ଈଶ୍ୱର ତାହାଙ୍କୁ ପବିତ୍ରଆତ୍ମା ଓ ଶକ୍ତିରେ ଅଭିଷିକ୍ତ କଲେ, ଆଉ ସେ ମଙ୍ଗଳ ସାଧନ କରୁ କରୁ ଓ ଶୟତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ କରୁ ସର୍ବତ୍ର ଭ୍ରମଣ କଲେ, କାରଣ ଈଶ୍ୱର ତାହାଙ୍କ ସହବର୍ତ୍ତୀ ଥିଲେ" (ପ୍ରେରିତ ୧୦:୩୮) ।

୪. ସଚେତନତା : ସେବକ ନେତାମାନଙ୍କର ନିଜର ପୃଥକ୍ "ଆନ୍ତରିକ ଶାନ୍ତି" ଥାଏ । ଯୀଶୁ ଜାଣିଥିଲେ ଯେ ସେ କିଏ ଓ କ'ଣ କରିବାକୁ ଯାଉଅଛନ୍ତି ; ତାହାଙ୍କୁ ଏହା ପ୍ରମାଣ କରିବା ଆବଶ୍ୟକ ନ ଥିଲା (ଯୋହନ ୨:୨୪-୨୫) ।

୫. ପ୍ରୋତ୍ସାହନ : ସେବକ ନେତା ଲୋକମାନଙ୍କୁ ଜୋର୍ କରି କାମ କରାଇବା ପରିବର୍ତ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରିଥାନ୍ତି । ଯୀଶୁ ଜାଣିଥିଲେ ଯେ ଯିହୁଦା ତାହାଙ୍କୁ ଠକି ଦେବ, କିନ୍ତୁ ତଥାପିମଧ୍ୟ ଯୀଶୁ ତାକୁ ତାହାଙ୍କ ଶିଷ୍ୟ ହେବାକୁ ଅନୁମତି ଦେଇଥିଲେ ଓ ଟଙ୍କା ପଇସାର ଦାୟିତ୍ୱ ଅର୍ପଣ କରିଥିଲେ (ମାଥି. ୨୬:୨୫ ; ଯୋହନ ୧୩:୨୯ ; ୧୭:୧୨) ।

୬. ଅବଧାରଣା : ସେବକ ନେତା ଦୈନନ୍ଦିନ ସତ୍ୟତାକୁ ଦେଖାଯାଉ ନ ଥିବା ବିଚାରଗୁଡ଼ିକ ମଧ୍ୟରେ ସନ୍ତୁଳନ ବଜାୟ ରଖିଥାନ୍ତି । ଯୀଶୁ ପରମେଶ୍ୱରଙ୍କ ରାଜ୍ୟ ବିଷୟରେ ପ୍ରାୟ ପ୍ରଚାର କରିଥିଲେ । "ଯୀଶୁ ସେମାନଙ୍କ ସମାଜଗୃହସମୂହରେ ଶିକ୍ଷା ଦେଇ ରାଜ୍ୟର ସୁସମାଚାର ଘୋଷଣା କରି ଏବଂ ଲୋକଙ୍କର ସମସ୍ତ ପ୍ରକାର ରୋଗ ଓ ସମସ୍ତ ପ୍ରକାର ପୀଡ଼ା ସୁସ୍ଥ କରି ସମୁଦାୟ ଗାଲିଲୀରେ ଭ୍ରମଣ କରିବାକୁ ଲାଗିଲେ" (ମାଥି. ୪:୨୩) ।

୭. ଦୂରଦର୍ଶିତା : ସେବକ ନେତା, ଅତୀତରୁ ଶିକ୍ଷା କରିଥିବା ପାଠଗୁଡ଼ିକୁ ବର୍ତ୍ତମାନ ସ୍ଥିତିରେ ବ୍ୟବହାର କରିଥା'ନ୍ତି ଓ ଏହି ନିର୍ଣ୍ଣୟର ପରିଣାମକୁ ଅପେକ୍ଷା କରିଥା'ନ୍ତି । ଯୀଶୁ ଆପଣା ଶିଷ୍ୟମାନଙ୍କୁ ଆଗାମୀ ସମସ୍ୟା ବିଷୟରେ ଚେତାବନୀ ଦେଇଥିଲେ (ଲୂକ ୯:୪୪, ୪୫ ; ମାଥି. ୨୪:୧-୩୧) ।

୮. ଭଣ୍ଡାରଘରିଆ : ସେବକ ନେତା ବୁଦ୍ଧିମାନ୍ ଭଣ୍ଡାରଘରିଆ ଅଟନ୍ତି, ଯେ କି ସେବା ନିମନ୍ତେ ସମର୍ପିତ ଅଟନ୍ତି । ଯୀଶୁ ଆପଣା ସମୟରେ ବୁଦ୍ଧିମାନ୍ ଭଣ୍ଡାରଘରିଆ ପରି କାମ କରିଥିଲେ । ତିନି ବର୍ଷ ଧରି ସେବା କରି ସେ ଜଗତରେ ପରିବର୍ତ୍ତନ ଆଣିଥିଲେ । ସେ ଦରିଦ୍ରମାନଙ୍କୁ ଦାନ କରିଥିଲେ, କିନ୍ତୁ ଧନୀମାନଙ୍କୁ ତାହାଙ୍କୁ ଦାନ କରିବାକୁ ଅନୁମତି ଦେଇ ନ ଥିଲେ (ଯୋହନ ୧୩:୨୯ ; ଲୂକ ୮:୩ ; ମାଥି. ୨୬:୭-୧୨) ।

୯. ଲୋକମାନଙ୍କ ଅଭିବୃଦ୍ଧି ନିମନ୍ତେ ପ୍ରତିବଦ୍ଧତା : ସେବକ ନେତା ଲୋକମାନଙ୍କୁ ବ୍ୟକ୍ତିଗତ, ବ୍ୟବସାୟିକ ଓ ଆତ୍ମିକ ଅଭିବୃଦ୍ଧି ନିମନ୍ତେ ପ୍ରୋତ୍ସାହିତ କରିଥାନ୍ତି । ଯୀଶୁ ଆପଣାର ବ୍ୟକ୍ତିଗତ ସମୟ ଧୈର୍ଯ୍ୟର ସହିତ ଆପଣା ଶିଷ୍ୟମାନଙ୍କୁ ଶିଖିବାରେ, ସଂଶୋଧନ କରିବାରେ ଓ ଶିକ୍ଷା ଦେବାରେ ବିନିଯୋଗ କରିଥିଲେ (ମାଥି. ୧୦:୧ ; ୧୧:୧ ; ୧୬:୨୪ ; ୨୦:୧୭) ।

୧୦. ସମାଜ ନିର୍ମାଣ କରିବା : ସେବକ ନେତା ଏକସଙ୍ଗେ ମିଶିକରି ଏକ ଟିମ୍ ପରି କାମ କରିଥାନ୍ତି । ଯୀଶୁ ଆପଣା ଶିଷ୍ୟମାନଙ୍କୁ ପରସ୍ପରକୁ ପ୍ରେମ କରିବାକୁ ଓ ସେମାନଙ୍କୁ ସେବା କରିବାକୁ ଶିଖାଇଥିଲେ । ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ପରେ ସେମାନେ ମିଳିତ ହେଲେ, ପୁଣି ସଂସାରରେ ସୁସମାଚାର ପ୍ରଚାର କରିବା ଉଦ୍ଦେଶ୍ୟରେ ଏକମନ ହେଲେ (ଯୋହନ ୧୩:୧୪-୧୬ ; ମାଥି. ୨୮:୧୯, ୨୦ ; ପ୍ରେରିତ ୨:୪୪-୪୭) ।

ସେବକ ନେତାଙ୍କର ଅନ୍ୟ କେଉଁ ଉଦାହରଣ ମନରେ ଆସିଥାଏ ?

**୨. ସେବକ ନେତୃତ୍ୱର ଆଜିର ବ୍ୟାବହାରିକ ରୂପ**

୧. ଶୁଣିବା : ଆପଣ ଯେଉଁ ଲୋକମାନଙ୍କର ନେତୃତ୍ୱ ନିଅନ୍ତି, ସେମାନଙ୍କ ପରିବାର, ପସନ୍ଦ ଓ ନାପସନ୍ଦ ବିଷୟରେ ଧ୍ୟାନ ଦିଅନ୍ତୁ, ସେମାନଙ୍କ ମନରେ କେଉଁ ବିଷୟକୁ ନେଇ ଆଘାତ ଲାଗିଥାଏ । ସେମାନେ ଯାହା କହନ୍ତି ଓ ଯାହା କହନ୍ତି ନାହିଁ, ସେ ବିଷୟରେ ଧ୍ୟାନ ଦିଅନ୍ତୁ । ସେମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଓ ନିଜର ମତାମତ ଦେବା ପାଇଁ ଅନୁମତି ଦିଅନ୍ତୁ । ପାଉଲ ଏହାକୁ ଏହିପରି କହିଥିଲେ, "ତୁମ୍ଭମାନଙ୍କ ମଧ୍ୟରେ ପରିଶ୍ରମ କରିପାରୁଥିବା ଲୋକମାନଙ୍କୁ ଆଦରଯୋଗ୍ୟ ବୋଲି ମନେକରନ୍ତୁ (୧ମ ଥେସଲନୀକୀୟ ୫:୧୨-୧୩) ।

୨. ଦୟା (ସମ୍ବେଦନଶୀଳତା) : ଆପଣ ଯେଉଁମାନଙ୍କୁ ନେତୃତ୍ୱ ଦିଅନ୍ତି, ସେମାନଙ୍କ ଶବ୍ଦ ଓ ସ୍ୱଭାବ ଗ୍ରହଣୀୟ ନ ହେଲେ ମଧ୍ୟ ସେମାନଙ୍କୁ ଭଲରୂପେ ଜାଣନ୍ତୁ । ବୁଝନ୍ତୁ ଯେ "ଆଘାତପ୍ରାପ୍ତ ଲୋକମାନେ ଅନ୍ୟମାନଙ୍କୁ ଆଘାତ ଦେଇଥାନ୍ତି", ସେମାନେ କିପରି ଓ କେବେ କ୍ଷମା କରିବା ଜରୁରୀ ତାହା ଜାଣିବା ଜରୁରୀ । ଯେଉଁମାନଙ୍କୁ ଆଘାତ ଲାଗିଛି କିମ୍ବା ଯେଉଁମାନେ କଷ୍ଟ ମଧ୍ୟଦେଇ ଗତି କରୁଛନ୍ତି, ସେମାନଙ୍କ ପ୍ରତି ଦୟା ଦେଖାନ୍ତୁ । ସେମାନେ ଶୋକ କରୁଥିଲା ବେଳେ ସେମାନଙ୍କ ନିକଟରେ ବସି ରହିବା ଆବଶ୍ୟକ, ସେଥିରେ "ଉପସ୍ଥିତିର ସେବାକାର୍ଯ୍ୟ" ଅନ୍ତର୍ଭୁକ୍ତ । ମହିଳା ଭାବରେ ଆମେ ଖାଦ୍ୟ ପ୍ରସ୍ତୁତ କରିବା, ପିଲାମାନଙ୍କୁ ସମ୍ଭାଳିବା, ଘର ସଫା କରିବା ବୋଲି ଆଶା କରାଯାଇପାରିବ, କିନ୍ତୁ ସବୁଠାରୁ ଜରୁରୀ ବିଷୟ ହେଉଛି ପ୍ରାର୍ଥନାରେ ସାଥୀ ହେବା । ପ୍ରତି ପରିସ୍ଥିତିରେ ପ୍ରକୃତ ସମ୍ବେଦନଶୀଳ ପ୍ରତିକ୍ରିୟା ଜାଣିବା ପାଇଁ ଜ୍ଞାନ ଓ ପବିତ୍ର ଆତ୍ମାଙ୍କ ଚାଳନା ଆବଶ୍ୟକ ହେବ ।

୩. ସୁସ୍ଥତା : ଆପଣ ନେତୃତ୍ୱ ଦେଉଥିବା ଲୋକମାନେ ଯେପରି ଆତ୍ମିକ, ମାନସିକ, ଭାବନାତ୍ମକ ଓ ଭୌତିକ ସୁସ୍ଥତା ପାଇବେ ସେଥିପାଇଁ ସାହାଯ୍ୟ କରନ୍ତୁ । ଆମେ ସୁସ୍ଥତା ଦେଇପାରିବା ନାହିଁ, କିନ୍ତୁ ଆମେ ସେହି ମହାନ୍ ବୈଦ୍ୟଙ୍କୁ ଜାଣୁ, ଯେ କି ସୁସ୍ଥତା ପ୍ରଦାନ କରନ୍ତି, ଓ ତାହାଙ୍କୁ ଭାବନାତ୍ମକ, ଆତ୍ମିକ ଓ ମାନସିକରୂପେ ଆଘାତପ୍ରାପ୍ତ ଲୋକମାନଙ୍କ ନିମନ୍ତେ ବିନତି କରିପାରିବା । ସେବକ ନେତା ସେମାନଙ୍କ ପ୍ରତି ଆଶୀର୍ବାଦ, ପ୍ରୋତ୍ସାହନ ଓ ଆଶାର ବାକ୍ୟ କହିବା ଉଚିତ୍ ।

୪. ସଚେତନତା : ପ୍ରାର୍ଥନାର ସହିତ ନିଜର ଦୁର୍ବଳତା, ବଳହୀନତା ଓ ପାପମୟ ସ୍ୱଭାବକୁ ଜାଣନ୍ତୁ । ଜଣେ ସେବକ ନେତା ହୋଇଥିବାରୁ ଆପଣ ଏହା ଜାଣିବା ଉଚିତ୍ ଯେ ଆପଣ କିଏ ଓ କାହାର ଅଟନ୍ତି – ଆପଣଙ୍କ ମୂଲ୍ୟ, ଆପଣଙ୍କ ପ୍ରାଥମିକତା ଓ ଆପଣଙ୍କ ଆହ୍ୱାନ । ଅନ୍ୟମାନଙ୍କ ପ୍ରଶଂସା ଶୁଣି ଆପଣ ଗର୍ବ କରିବାର କିମ୍ବା ଆପଣ ଭଲ ବୋଲି ଦେଖାଇବାକୁ ଯାଇ ସତ୍ୟ ଗୁପ୍ତ ରଖିବାର କିମ୍ବା ଆପଣଙ୍କ ସହିତ କେବଳ ଆପଣଙ୍କ ସହିତ ସହମତ ହେଉଥିବା ଲୋକମାନଙ୍କୁ ରଖିବାର ପରୀକ୍ଷା ଆସିଲେ, ପରମେଶ୍ୱରଙ୍କ ବାକ୍ୟ ଓ ପବିତ୍ର ଆତ୍ମାଙ୍କୁ ଅନୁମତି ଦିଅନ୍ତୁ ଯେ ସେମାନେ ଆପଣଙ୍କ ବିବେକ ସହିତ କଥାବାର୍ତ୍ତା କରିବେ ଓ ଆପଣଙ୍କୁ ସତ୍ୟର ରାସ୍ତାରେ ନେତୃତ୍ୱ ପ୍ରଦାନ କରିବେ ।

୫. ପ୍ରୋତ୍ସାହନ : କାମ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ରଖିବା ଅପେକ୍ଷା ଜଣେ ସ୍ୱୟଂସେବକଙ୍କୁ ବିଶ୍ୱସ୍ତରୂପେ ନିଜର ସମୟ ଓ ଟୋଡ଼ାକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟାର୍ଥେ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିବା ଅଧିକ କଠିନ ଅଟେ । ସ୍ୱୟଂସେବକମାନଙ୍କୁ ଅବିରତ ପ୍ରୋତ୍ସାହିତ କରିବା ଜରୁରୀ ହୋଇଥାଏ । ସେମାନଙ୍କୁ ଏହା ବୁଝିବାକୁ ପଡ଼ିଥାଏ ଯେ ସେମାନେ ଯେଉଁ କାମ କରୁଛନ୍ତି ତାହା କେତେ ମହତ୍ତ୍ୱପୂର୍ଣ୍ଣ ଅଟେ । ମୁଁ ଦେଖିବାକୁ ପାଇଛି ଯେ ପରମେଶ୍ୱର ଯେଉଁମାନଙ୍କ ମାଧ୍ୟମରେ କିଛି କାମ କରିବାକୁ କହନ୍ତି, ସେମାନଙ୍କ ସହିତ ଆମେ କଥାବାର୍ତ୍ତା କରି ପ୍ରୋତ୍ସାହିତ କଲେ, ସେମାନଙ୍କ ସମର୍ପଣ ତହିଁରୁ ବହୁତ ଅଧିକ ହୋଇଯାଇଥାଏ । ଅପରପକ୍ଷରେ ଯଦି କେହି ନିଜ ପ୍ରତି ଆହ୍ୱାନର ଅନୁଭବ କରନ୍ତି, କିନ୍ତୁ ନିଜକୁ ସେହି କାର୍ଯ୍ୟ ନିମନ୍ତେ ଅଯୋଗ୍ୟ ବୋଲି ଭାବନ୍ତି, ତେବେ ସେହି ପରିସ୍ଥିତିରେ ପ୍ରୋତ୍ସାହନ ଜରୁରୀ ହୋଇଥାଏ । ସ୍ୱୟଂସେବକମାନଙ୍କୁ ଆମେ ବାଧ୍ୟ କରିପାରିବା ନାହିଁ ।

୬. ଅବଧାରଣା : ପରମେଶ୍ୱର ଆପଣଙ୍କୁ ଯେଉଁ ଦର୍ଶନ ଦେଇଅଛନ୍ତି ତାକୁ ନିଜ ମନରେ ଭଲରୂପେ ସ୍ପଷ୍ଟ ଭାବରେ କୁହନ୍ତୁ । ଏଥିପାଇଁ କାମ ଓ ପରିଶ୍ରମ ତ ନିଶ୍ଚିତରୂପେ କରିବାକୁ ପଡ଼ିବ, କିନ୍ତୁ ତଦ୍ଦ୍ୱାରା ଲାଭ ମିଳିବ, କାରଣ ତଦ୍ଦ୍ୱାରା ଆପଣଙ୍କୁ ଭଲ ଫଳ ମିଳିବ । ସେହି ଦର୍ଶନ ଆପଣଙ୍କୁ ନୂଆ ନୂଆ ରଚନାତ୍ମକ ବିଚାର ଦେବ ଓ ନିର୍ଣ୍ଣୟ ନେବାରେ ସାହାଯ୍ୟ କରିବ ।

୭. ଦୂରଦର୍ଶିତା : ସେବକ ନେତା ସେ ଅଟନ୍ତି, ଯେ କି ନିଜର ଅତୀତରୁ ପାଇଥିବା ଶିକ୍ଷାଗୁଡ଼ିକୁ ନିଜର ବର୍ତ୍ତମାନ ପରିସ୍ଥିତିରେ ବ୍ୟବହାର କରିଥାନ୍ତି, ଯେପରି ଭଲ ନିର୍ଣ୍ଣୟ ନେଇପାରିବେ । ଯାକୁବ ୧:୫ ପଦକୁ ଲକ୍ଷ୍ୟ କରନ୍ତୁ, ପରମେଶ୍ୱରଙ୍କଠାରୁ ବୁଦ୍ଧି ମାଗନ୍ତୁ, ପୁଣି ଅନ୍ୟ ଲୋକମାନଙ୍କୁ ମଧ୍ୟ ନିର୍ଣ୍ଣୟ ନେବା ପାଇଁ ଅନ୍ତର୍ଭୁକ୍ତ କରନ୍ତୁ, ଯେପରି ଭିନ୍ନ ଭିନ୍ନ ଦୃଷ୍ଟକୋଣ ଓ ଅନୁଭବ ସମ୍ମୁଖକୁ ଆସିପାରିବ । "ମନ୍ତ୍ରଣା ଅଭାବରେ ସଙ୍କଳ୍ପ ବିଫଳ ହୁଏ ; ମାତ୍ର ବହୁତ ମନ୍ତ୍ରୀ ଦ୍ୱାରା ତାହା ସ୍ଥିରୀକୃତ ହୁଏ" (ହିତୋପଦେଶ ୧୫:୨୨) ।

୮. ଭଣ୍ଡାରଘରିଆ : ସେବକ ନେତା ସମସ୍ତ ଉତ୍ସକୁ ଜ୍ଞାନର ସହିତ ବ୍ୟବହାର କରିବା ଉଚିତ୍ । ଆର୍ଥିକ ଉତ୍ସ ଏକ ଭରସା ଅଟେ, ଯାହାକି ଲୋକମାନେ ଆମକୁ ଦେଇଥାଆନ୍ତି । ଯେଉଁମାନେ ଦାନ ଦିଅନ୍ତି, ସେମାନଙ୍କ ସହିତ ଭଲ ସମ୍ପର୍କ ସ୍ଥାପନ କରନ୍ତୁ, ଖୋଲାଖୋଲି ଉତ୍ସ ଓ ଆପଣ ତାହାକୁ କିପରି ବ୍ୟବହାର କଲେ ତାହା କୁହନ୍ତୁ । ସ୍ୱୟଂସେବକ କାମ କରିବା ପାଇଁ

ଯେଉଁ ସମୟ ଦିଅନ୍ତି, ସେଥିପ୍ରତି କୃତଜ୍ଞ ହୁଅନ୍ତୁ । ସ୍ୱୟଂସେବକମାନଙ୍କ ଦୁର୍ବଳତା ଓ ଶକ୍ତିକୁ ଜାଣିବାର ଚେଷ୍ଟା କରନ୍ତୁ ଯେପରି ଭଣ୍ଡାରଘରିଆ ଦ୍ୱାରା ତାକୁ ଭଲରୂପେ ବ୍ୟବହାର କରିପାରିବେ ।

୯. ଲୋକମାନଙ୍କ ଅଭିବୃଦ୍ଧି ନିମନ୍ତେ ପ୍ରତିବଦ୍ଧତା : ଲୋକମାନଙ୍କୁ ସେମାନଙ୍କ ଦୁର୍ବଳତା ଓ ଯୋଗ୍ୟତା ଜାଣିବା ପାଇଁ ସାହାଯ୍ୟ କରନ୍ତୁ, ଯେପରି ସେମାନେ ସେମାନଙ୍କ ତୋଡ଼ାକୁ ବୃଦ୍ଧି କରିପାରିବେ, ସେଗୁଡ଼ିକୁ ଦେଖାଇପାରିବେ, ଶିଖାଇପାରିବେ, ସଂଶୋଧନ କରିପାରିବେ ଓ ପ୍ରୋତ୍ସାହିତ କରିପାରିବେ । ଶିଖାଇବାରେ ଫିଡ୍‌ବ୍ୟାକ୍ ମଧ୍ୟ ଆସିଥାଏ – ଯେଉଁଥିରେ ଆମେ ଜାଣିପାରିଥାଉ ଯେ ସେମାନେ କେଉଁ ଭଲ କାମ କଲେ ଆହୁରି ଅଧିକ ଭଲ କରିପାରିବେ । ସେମାନଙ୍କୁ ସାହାଯ୍ୟ କରନ୍ତୁ ଯେପରି ସେମାନେ ନିଜର ଉତ୍ସାହ ଓ ନିଜର ଆହ୍ୱାନକୁ ଜାଣିପାରିବେ । ଆପଣଙ୍କ ଅଯୋଗ୍ୟତା ସମ୍ମୁଖକୁ ଆସିଲେ ମଧ୍ୟ ଶିଖିବା ଓ ବୃଦ୍ଧି ପାଇବା ପାଇଁ ନିଜର ଇଚ୍ଛା ମଧ୍ୟ ପ୍ରଦର୍ଶନ କରନ୍ତୁ ।

୧୦. ସମାଜ ନିର୍ମାଣ କରିବା : ଜଣେ ସେବକ ନେତା ଯେଉଁମାନଙ୍କର ନେତୃତ୍ୱ ନିଅନ୍ତି, ସେମାନଙ୍କ ପ୍ରତି ନିଃସର୍ତ୍ତ ପ୍ରେମ ଦେଖାଇବେ । ସମାଜ ନିର୍ମାଣ କରିବାର ସବୁଠାରୁ ଶକ୍ତିଶାଳୀ ପ୍ରଣାଳୀ ହେଉଛି ପରସ୍ପରକୁ ପ୍ରେମର ବନ୍ଧନରେ ବାନ୍ଧିବା, ପାରଦର୍ଶୀ ଜୀବନଯାପନ କରିବା, ଆଦର ଓ ଆନନ୍ଦର ସହିତ ପରସ୍ପର ସହିତ ବାସ କରିବା । ଆପଣ ମୌଖିକ ଭାବରେ ସେମାନଙ୍କୁ ପରସ୍ପରକୁ ସାହାଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିପାରିବେ । ପୁଣି ନିଜେ ନମୁନା ହୋଇ ଦେଖାଇପାରିବେ । ଏବଂ ପରସ୍ପର ମନୋରଞ୍ଜନ କରିବାକୁ ଭୁଲନ୍ତୁ ନାହିଁ ! ସେମାନଙ୍କୁ ଜଣାନ୍ତୁ ଯେ ଆପଣଙ୍କୁ ସେମାନଙ୍କ ସହିତ ସମୟ କ୍ଷେପଣ କରିବା ଭଲ ଲାଗିଥାଏ ।

ଯଦି ଆପଣଙ୍କୁ ଶୀଘ୍ର ଫଳ ନ ମିଳିବ, ତେବେ ନିରାଶ ହୁଅନ୍ତୁ ନାହିଁ । "ନେତୃତ୍ୱର ପ୍ରକାଶନ" ନାମକ ନିଜ ପୁସ୍ତକରେ ଷ୍ଟିଫେନ୍ କୋଭେ ସେବକ ନେତାଙ୍କ ତୁଳନା ଚୀନ୍‌ର ବାଉଁଶ ଗଛ ସହିତ କରିଛନ୍ତି ।

ଆପଣ ତାକୁ ଲଗାନ୍ତି, କିନ୍ତୁ ପରବର୍ତ୍ତୀ ଚାରି ବର୍ଷ ମଧ୍ୟରେ ଭୂମି ଉପରେ କେବଳ ଛୋଟ ଗଜା ଦେଖିବାକୁ ପାଇଥାନ୍ତି । ସେହି ଚାରି ବର୍ଷ ମଧ୍ୟରେ ମାଟିତଳେ ତା'ର ଚେର ସୁଦୃଢ଼ ହେଉଥାଏ – ତା'ପରେ ଆପଣଙ୍କୁ କିଛିମଧ୍ୟ ଦେଖିବାକୁ ମିଳି ନ ଥାଏ । ସେହି ସମ୍ପୂର୍ଣ୍ଣ ସମୟରେ

ଆପଣ କେବଳ କାମ ହିଁ କରିଚାଲିଥାନ୍ତି । ପଞ୍ଚମ ବର୍ଷରେ ଚୀନ୍ ବାଉଁଶ ଗଛ ୮୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଉଠିଯାଇଥାଏ ।

**ମୁଖସ୍ଥ ପଦ :**

* ମାର୍କ ୧୦:୪୫ - କାରଣ ମନୁଷ୍ୟପୁତ୍ର ମଧ୍ୟ ସେବା ପାଇବାକୁ ଆସି ନାହାନ୍ତି, ମାତ୍ର ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ମୁକ୍ତିର ମୂଲ୍ୟ ସ୍ୱରୂପେ ଆପଣା ପ୍ରାଣ ଦେବାକୁ ଆସିଅଛନ୍ତି ।

* ମାଥି. ୨୫:୪୦ - ପୁଣି, ରାଜା ସେମାନଙ୍କୁ ଉତ୍ତର ଦେବେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ମୋହର ଏହି କ୍ଷୁଦ୍ରତମ ଭ୍ରାତୃବୃନ୍ଦଙ୍କ ମଧ୍ୟରୁ ଜଣଙ୍କ ପ୍ରତି ଏହା କରିଥିବାରୁ ମୋ' ପ୍ରତି ହିଁ ତାହା କରିଅଛ ।

**ମୁଖ୍ୟ ସତ୍ୟତା :**

ସେବକ ନେତା ସର୍ବପ୍ରଥମେ ଜଣେ ଦାସ ହୋଇଥାନ୍ତି, ତା'ପରେ ସେ ନେତୃତ୍ୱ ଦେବା ପାଇଁ ମନୋନୀତ ହୋଇଥାନ୍ତି ।

**ଆପଣଙ୍କ ପ୍ରତିକ୍ରିୟା :**

୧. ଆପଣ କ'ଣ ନିଜକୁ ସେବକ ନେତା ବୋଲି ମାନନ୍ତି ? କାହିଁକି ବା କାହିଁକି ନୁହେଁ ? ଆପଣଙ୍କ ନିମନ୍ତେ କେଉଁ ବିଷୟ ସହଜ ଅଟେ - ସେବକ ହେବା ନା ନେତୃତ୍ୱ ଦେବା ।

୨. ସେବକ ନେତାଙ୍କର କେଉଁ ସିଦ୍ଧାନ୍ତ ଆପଣଙ୍କୁ ଆହ୍ୱାନପୂର୍ଣ୍ଣ ଓ କେଉଁଟି ବହୁତ ସହଜ ଲାଗିଥାଏ ?

୩. ଆପଣଙ୍କୁ କ'ଣ ଏହିପରି ମନେ ହୋଇଥାଏ ଯେ ସେବକ ନେତା କିଛି ସଂସ୍କୃତିରେ ଭଲରୂପେ କାମ କରିପାରିବେ ନାହିଁ ?

ଅଧିକ ଅଧ୍ୟୟନ ନିମନ୍ତେ :

*Servant Leadership* by Robert Greenleaf (Greenleaf, 1977)
*Insights on Leadership* by Larry Spears (Spears, 1998)
*Leading From the Heart* by Jack Kahl (Kahl & Donelan, 2004)

## ଅଧ୍ୟାୟ ୭ : ମୂଲ୍ୟ, ଅଗ୍ରାଧିକାର, ସନ୍ତୁଳନ

ମାଥିଉ ୨୫:୧୪-୩୦ ପଦରେ ଯୀଶୁଙ୍କର ତୋଡ଼ାର ଦୃଷ୍ଟାନ୍ତ ସର୍ବଦା ମୋତେ ଟିକିଏ ଭୟଭୀତ କରିଦେଇଥାଏ । ପରମେଶ୍ୱର ମୋତେ ଯେଉଁ ପ୍ରତିଭାଗୁଡ଼ିକ ଦେଇଅଛନ୍ତି ତାକୁ ମୁଁ

ନିଜ ଜୀବନରେ ପ୍ରଥମରୁ ଜାଣିପାରିଥିଲି । କିନ୍ତୁ ଯେତେବେଳେ ମୁଁ ସେହି ଦୃଷ୍ଟାନ୍ତ ପଢ଼େ, ସେତେବେଳେ ସେହି ପ୍ରଶ୍ନ ମୋତେ ଭୟଭୀତ କରିଦେଇଥାଏ, "ପରମେଶ୍ୱର, ତୁମେ ମୋଠାରୁ କ'ଣ ଚାହଁ । ମୁଁ ସେହିପରି ସେବିକା ହେବାକୁ ଇଚ୍ଛା କରୁ ନାହିଁ, ଯେ କି ତୁମ ପ୍ରତିଭାକୁ ପୋତି ଦେଇଥାଏ ।" ଜୀବନର ପ୍ରତି ସମୟରେ ଏହିପରି ଭାବରେ ଜଣାପଡ଼ିଥାଏ ଯେ ମୋତେ ପରମେଶ୍ୱର ଯେଉଁ ତୋଡ଼ା ଦେଇଥିଲେ, ଯାହାକୁ ମୁଁ କେବେ ଖୋଜି ନ ଥିଲି କିମ୍ବା ସ୍ଥାପନ କରି ନ ଥିଲି ସେହପରି କିଛି ଯୋଗ୍ୟତା ମୋର ଥିଲା ଯାହାକୁ ମୁଁ ବ୍ୟବହାର କରୁଥିଲି, କିନ୍ତୁ ବର୍ତ୍ତମାନ ତାହା ସୁପ୍ତ ହୋଇଯାଇଛି । ବାସ୍ତବରେ ଏହା ଜୀବନରେ କେବଳ ସେହି ସମୟରେ ହେଉଛି, ଯେଉଁ ସମୟରେ ମୁଁ ଅନୁଭବ କରୁଛି ଯେ ପରମେଶ୍ୱର ମୋତେ ପ୍ରେରିତ କରୁଅଛନ୍ତି ଯେ ଫେରିଯାଅ ଓ ପଛରେ ଛାଡ଼ିଯାଇଥିବା ବିଷୟଗୁଡ଼ିକୁ ପୁନର୍ବାର ଗ୍ରହଣ କର, ଯେପରି ସେଥିରେ ସେ ଏକ ଉତ୍ତମ ବିଷୟ ପ୍ରସ୍ତୁତ କରିପାରିବେ । ସେହିସବୁ ତୋଡ଼ା ଓ ଯୋଗ୍ୟତା କ'ଣ, ଯାହାକି ପରମେଶ୍ୱର ଆପଣଙ୍କୁ ଦେଇଥିଲେ, ଯେପରି ଆପଣ ତାହାଙ୍କ ରାଜ୍ୟ ବିସ୍ତାର ନିମନ୍ତେ ଉପଯୋଗ କରିପାରିବେ ? ଆପଣ ହୁଏତ ନିଜକୁ ବହୁତ ବିଷୟରେ ଦୁର୍ବଳ ଅନୁଭବ କରୁଛନ୍ତି, ଯେପରି ଦୈନନ୍ଦିନ କାର୍ଯ୍ୟକଳାପ । ମୁଁ ଆପଣଙ୍କୁ ପ୍ରୋତ୍ସାହିତ କରିବାକୁ ଇଚ୍ଛା କରିବି ଯେ ପରମେଶ୍ୱର ଆପଣଙ୍କ ଦ୍ୱାରା କ'ଣ କରିବାକୁ ଇଚ୍ଛା କରୁଅଛନ୍ତି ସେ ବିଷୟରେ ଆପଣଙ୍କ ଆତ୍ମା ଓ ଆପଣଙ୍କ ଆଖି ଦେଖିବା ପାଇଁ ଉନ୍ମୁକ୍ତ ରହୁ । ଏହା ସମୟ, ଅଗ୍ରାଧିକାର ଓ ସନ୍ତୁଳନ ବିଷୟରେ କହୁଛି, ପୁଣି ଏହା ଖୋଜିବା ବିଷୟରେ ଅଟେ ଯାହାକି ପରମେଶ୍ୱରଙ୍କ ଦୃଷ୍ଟିକୋଣରେ ପ୍ରକୃତରେ ବହୁମୂଲ୍ୟ ଅଟେ ।

**୧. ନିଜର ମୂଲ୍ୟଗୁଡ଼ିକ ଜାଣନ୍ତୁ**

ଆପଣଙ୍କ ଜୀବନରେ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ କ'ଣ ଅଟେ ? କେଉଁ ବିଷୟ ଆପଣଙ୍କୁ ସମ୍ପୂର୍ଣ୍ଣ ଓ ଖୁସି କରିଥାଏ ? ତିନିରୁ ଚାରିଟି ବିଷୟ ଲେଖନ୍ତୁ, କିନ୍ତୁ ଏହାକୁ ଜଟିଳ ଓ ନକଲି କରନ୍ତୁ ନାହିଁ । ଅଧିକ ଚିନ୍ତା କରନ୍ତୁ ନାହିଁ ଓ ଅନ୍ୟମାନଙ୍କୁ ପଚାରନ୍ତୁ ଯେ ଆପଣଙ୍କ ନିମନ୍ତେ କେଉଁ ବିଷୟ ମହତ୍ତ୍ୱପୂର୍ଣ୍ଣ ହେବା ଉଚିତ୍ । ନିଜେ ବିଶ୍ୱସ୍ତ ରୁହନ୍ତୁ । ଏହା କେବଳ ଆପଣଙ୍କ ଆଖି ନିମନ୍ତେ ଉଦ୍ଦିଷ୍ଟ, ଏହା ଆପଣଙ୍କ ସ୍ୱୀକୃତି ନିମନ୍ତେ ଉଦ୍ଦିଷ୍ଟ ଯେ ଆପଣ ଯାହା ଜାଣନ୍ତି, ଆପଣଙ୍କ ହୃଦୟ ନିମନ୍ତେ ସତ୍ୟ ଅଟେ । ଆପଣ ଯଦି କେଉଁଠାରେ ଆରମ୍ଭ କରିବେ ତାହା

ଜାଣନ୍ତି ନାହିଁ, ତେବେ ପରମେଶ୍ୱରଙ୍କଠାରୁ ବୁଦ୍ଧି / ଜ୍ଞାନ ଓ ସ୍ୱଷ୍ଟ ବିଷୟ ମାଗନ୍ତୁ । ଆପଣଙ୍କୁ ପ୍ରଥମ ଥର ତାହା ନ ମିଳିଲେ ଚିନ୍ତା କରନ୍ତୁ ନାହିଁ । ପୁଣି ଆପଣଙ୍କ ପ୍ରତି ବାଧା ପହଁଞ୍ଚିଲେ ଗୋଟିଏ ଥରର ଚେଷ୍ଟାରେ ଏହା ସମ୍ପୂର୍ଣ୍ଣ କରନ୍ତୁ ନାହିଁ, କିନ୍ତୁ ଏହାକୁ ତାଲିକାରେ ରଖନ୍ତୁ, ଯେଉଁଠାରେ ଆପଣ ଏହାକୁ ପୁନର୍ବାର କହିପାରିବେ, ସ୍ୱଷ୍ଟରୂପେ କୁହନ୍ତୁ ଓ ବାରମ୍ବାର ଏହାକୁ ସରଳ କରନ୍ତୁ । ଶେଷରେ ଆପଣଙ୍କ ମାନ୍ୟତା ସରଳ ହୋଇଯିବା ଉଚିତ୍, ଆପଣଙ୍କ ନିମନ୍ତେ କେଉଁ ବିଷୟ ଅତ୍ୟଧିକ ମହତ୍ତ୍ୱପୂର୍ଣ୍ଣ ଅଟେ, ସେ ବିଷୟ ସ୍ୱଷ୍ଟରୂପେ ବର୍ଣ୍ଣନା ହେବା ଉଚିତ୍ ।

ଉଦାହରଣସ୍ୱରୂପ, ମୁଁ ମୋର ବ୍ୟକ୍ତିଗତ ପ୍ରଶ୍ନଗୁଡ଼ିକର ଉତ୍ତର ଏହିପରି ଭାବରେ ପାଇଲି :

* ପରମେଶ୍ୱର ଓ ପରିବାର ସହିତ ମୋର ସମ୍ପର୍କ

* ଅନ୍ୟମାନଙ୍କୁ ଅଧିକାର ଦେବା - ପ୍ରେମ, ଶିକ୍ଷା, ପ୍ରୋତ୍ସାହନ କରିବା, ଅନୁଗ୍ରହ ବୃଦ୍ଧି କରିବା

* ପାଇବା ଯୋଗ୍ୟ ଉଦ୍ଦେଶ୍ୟ ସହିତ ଆହ୍ୱାନ ଦେଉଥିବା କାର୍ଯ୍ୟ

* ବିଶ୍ୱସ୍ତତା, ଅଖଣ୍ଡତା, ନ୍ୟାୟ, ନମ୍ରତା ପ୍ରୟୋଗ କରିବାରେ ସ୍ୱତନ୍ତ୍ରତା

ଆପଣଙ୍କ ମୂଲ୍ୟଗୁଡ଼ିକୁ କାହିଁକି ଲେଖିବା ? ସେଗୁଡ଼ିକୁ ସ୍ୱଷ୍ଟରୂପେ ଅଭିବ୍ୟକ୍ତ କରିବା ଆପଣଙ୍କର ନିଆଯାଇଥିବା ନିର୍ଣ୍ଣୟରେ ଓ ତତ୍‌ସଙ୍ଗେ ସଙ୍ଗେ ଅପାଣଙ୍କର ପ୍ରତିଦିନ ବ୍ୟବହାର କରିବାରେ ସହାୟତା ବୋଲି ପ୍ରମାଣିତ ହେବ ।

**୨. ଆପଣଙ୍କ ଅଗ୍ରାଧିକାରକୁ ସ୍ଥାପନ କରିବା ଓ ତଦନୁଯାୟୀ ଜୀବନଯାପନ କରିବା**

ଅତ୍ୟଧିକ ପରିପକ୍ୱ ମହିଳାମାନଙ୍କ ନିମନ୍ତେ ଜୀବନର ପାଞ୍ଚୋଟି ମହତ୍ତ୍ୱପୂର୍ଣ୍ଣ ଅଗ୍ରାଧିକାର ହେଉଛି ଏହା : ପରମେଶ୍ୱର, ଜୀବନସାଥୀ, ପିଲାମାନେ, କାର୍ଯ୍ୟକଳାପ ଓ ମଣ୍ଡଳୀ । ବିଶେଷରୂପେ ଦ୍ୱିତୀୟ ଅଗ୍ରାଧିକାର ଯେପରି ଅନ୍ୟ ପାରିବାରିକ ସଦସ୍ୟ, ସାଙ୍ଗସାଥୀ, ନିଜେ, ନିଜର ସଉକ, ଶିକ୍ଷା ଇତ୍ୟାଦି ସେହି ତାଲିକାର ପଛରେ ଥାଏ । କିନ୍ତୁ ଆପଣଙ୍କୁ ପଛକୁ ଫେରାଇ ଦେଉଥିବା ପରିସ୍ଥିତି ଥାଇପାରେ, ଯେପରି ଛୋଟା ଓ ବିକଳାଙ୍ଗ ପିଲା ଓ ବୁଢ଼ା ମାଆ ବାପା ଯେଉଁମାନେ ଜୀବନର ଭିନ୍ନ ଭିନ୍ନ ସମୟ ବା କାଳଗୁଡ଼ିକରେ ବ୍ୟକ୍ତିଗତରୂପେ ପଦୋନ୍ନତି କରିବେ ।

ପ୍ରଥମେ : ପରମେଶ୍ୱର ମୋର ପ୍ରଥମ ଅଗ୍ରାଧିକାର ଅଟନ୍ତି, ଏହାର ଅର୍ଥ କ'ଣ ? ତାହାଙ୍କ ସହିତ ମୋର ସମ୍ପର୍କ ମୋର ଜୀବନରେ ପ୍ରଥମେ ଆସିଥାଏ । ଏହାର ଅର୍ଥ ନୁହେଁ ଯେ ମୁଁ ନିଜର ପାରିବାରିକ ଦାୟିତ୍ୱକୁ ପଛରେ ପକାଇ ଦେଉଛି ! ପୁଣି ନିଜର ଦୈନନ୍ଦିନ ଅଧିକ ସମୟ ପ୍ରାର୍ଥନା କରି କ୍ଷେପଣ କରୁଛି, କିନ୍ତୁ ମୁଁ ପ୍ରତିଦିନ ତାହାଙ୍କ ଇଚ୍ଛା ଅନ୍ୱେଷଣ କରିଥାଏ, ଓ ତାହାଙ୍କ ବାକ୍ୟ ପାଳନ କରିଥାଏ, ଯେପରି ମୁଁ ଅଧିକରୁ ଅଧିକ ନିଜର ସ୍ୱାମୀଙ୍କୁ ପ୍ରଭାବଶାଳୀ ଭାବରେ ସାହାଯ୍ୟ କରିପାରିବି ଓ ନିଜର ପିଲାମାନଙ୍କ ଯତ୍ନ ନେଇପାରିବି । ସଂକ୍ଷେପରେ କହିଲେ, ମୋର ଶ୍ରୋତାଗଣ ଈଶ୍ୱରଙ୍କୁ ଅନ୍ୱେଷଣ କରି ତାହାଙ୍କ ବାକ୍ୟାନୁଯାୟୀ ଜୀବନଯାପନ କରିବା ପୂର୍ବରୁ ମୁଁ ସେହିପରି ଜୀବନଯାପନ କରିଥାଏ ।

ଦ୍ୱିତୀୟରେ : ପରବର୍ତ୍ତୀ ସ୍ଥାନ ମୋର ଜୀବନସାଥୀଙ୍କର ଅଟେ । ସେମାନଙ୍କ ନିମନ୍ତେ ମୋର ଦାୟିତ୍ୱ ଜୀବନସାରା ଅଛି ପୁଣି ପରମେଶ୍ୱରଙ୍କ ପକ୍ଷରୁ ମୋର ପିଲାମାନେ ଋଣ ଭାବରେ କୋଡ଼ିଏ ବର୍ଷ କିମ୍ବା ଟିକିଏ କମ୍ ବର୍ଷ ପର୍ଯ୍ୟନ୍ତ ଅଛନ୍ତି । ଯଦି ମୋର ପିଲାମାନେ ଦ୍ୱିତୀୟ କିମ୍ବା ପ୍ରଥମ ସ୍ଥାନରେ ଥାନ୍ତେ, ତେବେ ମୋର ସେମାନଙ୍କ ସହିତ ସମ୍ପର୍କ ସମସ୍ୟାପୂର୍ଣ୍ଣ ହୋଇଥାନ୍ତା, ଯାହାକୁ ସେମାନେ ସହିପାରି ନ ଥାନ୍ତେ ।

ତୃତୀୟ : ଅଭିଭାବକ ଭାବରେ ମୋର ଉଦ୍ଦେଶ୍ୟ ସେମାନଙ୍କୁ ଆତ୍ମିକ, ଆର୍ଥିକ, ଭାବନାତ୍ମକ ଓ ଦାର୍ଶନିକ ଭାବରେ ସ୍ୱତନ୍ତ୍ର ଓ ଦାୟିତ୍ୱସମ୍ପନ୍ନ ବୟସ୍କ କରିବା, ଯେଉଁମାନେ ପରମେଶ୍ୱରଙ୍କ ସେବା କରିବେ ଓ ତାହାଙ୍କୁ ପ୍ରେମ କରିବେ । "ପୁଣି ହେ ପିତାମାନେ, ଆପଣା ଆପଣା ପିଲାମାମନଙ୍କୁ ବିରକ୍ତ କର ନାହିଁ, ମାତ୍ର ସେମାନଙ୍କୁ ପ୍ରଭୁଙ୍କ ଶିକ୍ଷା ଓ ଚେତନା ଦ୍ୱାରା ପ୍ରତିପାଳନ କର" (ଏଫିସୀୟ ୬:୪) । ସେମାନେ ମୋର ବିଜୟ ଚିହ୍ନ ନୁହଁନ୍ତି, ଯେଉଁମାନେ ମୋତେ ମୋର ଅଧିକାରକୁ ଦେବା ପାଇଁ ବାଧ୍ୟ ଅଟନ୍ତି, କିମ୍ବା ସେମାନେ ମୋର ଭଲ ପାଳନପୋଷଣର ଗୁଣ (କିମ୍ବା ସେଥିରୁ କମ୍)ର ପ୍ରମାଣ ଅଟେ । ସେମାନଙ୍କ ନିଜର ବ୍ୟକ୍ତିତ୍ୱ ଅଛି, ଯାହାକି ବ୍ୟକ୍ତିଗତରୂପେ ପରମେଶ୍ୱରଙ୍କ ସାଦୃଶ୍ୟରେ ହୋଇଛି, ଯେଉଁମାନେ ନିଜର ନିର୍ଣ୍ଣୟଗୁଡ଼ିକୁ ନିଜେ ନେଇପାରିବେ, ନିଜର ଅଗ୍ରାଧିକାରଗୁଡ଼ିକୁ ନିଜେ ପ୍ରସ୍ତୁତ କରିଥାନ୍ତି ଓ ପ୍ରାର୍ଥନାପୂର୍ବକ ନିଜର ସମ୍ପର୍କ ସ୍ୱର୍ଗସ୍ଥ ପିତାଙ୍କ ସହିତ ସ୍ଥାପନ କରିପାରିବେ, କେବଳ ତାହାଙ୍କୁ ସେମାନେ ଉତ୍ତର ଦେବେ ।

ଚତୁର୍ଥ ଓ ପଞ୍ଚମ : ବ୍ୟକ୍ତିଗତରୂପେ ମୋ ପାଇଁ, କାର୍ଯ୍ୟ ଓ ମଣ୍ଡଳୀର "ସନ୍ତୁଳନ" ଅଗ୍ରାଧିକାର ଅଟେ । ଗୋଟିଏ ପକ୍ଷରେ ମଣ୍ଡଳୀର ଅଗ୍ରାଧିକାର ସର୍ବୋଚ୍ଚ ଅଟେ । ପୁଣି ଅପରପକ୍ଷରେ କାର୍ଯ୍ୟର ଅଗ୍ରାଧିକାର ସର୍ବୋଚ୍ଚ ଅଟେ । ମୋର ଭୂମିକା ନିର୍ଭର କରିବା ଓ ବିଶେଷ ସମୟରେ ଦାୟିତ୍ୱ, ମଣ୍ଡଳୀକୁ ବୁଝିବା ସହିତ ମୁଁ ବିଶ୍ୱାସ କରିଥାଏ ଯେ ଏକସଙ୍ଗେ ସଙ୍ଗତି (ସାକ୍ଷାତକାର)କୁ ଅଣଦେଖା ନ କରୁ । ଆମର ବିଶ୍ୱାସ ବୃଦ୍ଧି କରୁଥିବା ଲୋକମାନଙ୍କ ସହିତ ବାସ କରିବା ପାଇଁ ପରମେଶ୍ୱର ଆମକୁ ଆହ୍ୱାନ କଲା ବେଳେ (ଏବ୍ରୀ ୧୦:୨୫) ମସୀହଙ୍କ ଶରୀରରେ ଆମର ପରସ୍ପର ନମନ୍ତେ ପ୍ରେମ ଆମର ସେବାର ପ୍ରମାଣ ଅଟେ, ଯେପରି ଏହା ଆମର ବିଶିଷ୍ଟ କାର୍ଯ୍ୟ ଭାବରେ ଅଛି (ଯୋହନ ୧୩:୩୫ ; ୧ମ ପିତର ୨:୧୮ ; କଲସୀୟ ୩:୨୩) ।

ଆମ ଜୀବନରେ ଏପରି ଅନେକ ସମୟ ଆସିପାରେ, ଯେତେବେଳେ ଆମକୁ ପରିସ୍ଥିତିଗୁଡ଼ିକ ଦ୍ୱାରା ଚାପରେ ପକାଯାଇଥିଲା ଓ ପରମେଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଅସ୍ଥାୟୀ ଭାବରେ ସଂଶୋଧନ କରିବାକୁ ନେତୃତ୍ୱ ଦିଆଯାଇଥିଲା, କିନ୍ତୁ ପ୍ରାରମ୍ଭିକ ଭାବରେ ଆମର ଅଗ୍ରାଧିକାରକୁ ସ୍ଥାପନ କରିବା ପାଇଁ ଏହା ଉପଯୋଗୀ ମାର୍ଗଦର୍ଶନ ଅଟେ ।

ସବୁଠାରୁ କଠିନ ପ୍ରଶ୍ନ ହେଉଛି ଯେ ଯେଉଁ ସମୟରେ ଆମେ ଯେପରି ଭାବରେ ନିର୍ବାହ କରିଥାଉ, ତାହା ଆମର ଅଗ୍ରାଧିକାର ଉପରେ ପ୍ରଭାବ ପକାଇଥାଏ । ପ୍ରତ୍ୟେକ ଦିନ ପରମେଶ୍ୱରଙ୍କ ପକ୍ଷରୁ ଆମେ ଦାନ ପାଇଥାଉ, ଯେଉଁଥିପାଇଁ ଆମେ ଦାୟୀ ଅଟୁ । ଆମକୁ ସେହିଦିନ ପୁନର୍ବାର ଦିଆଯିବ ନାହିଁ । ଆମେ କିପରି ଭାବରେ ନିଜ ସମୟ ବ୍ୟତୀତ କରୁଛୁ ଏହା ତାହାଙ୍କ ନିମନ୍ତେ ମହତ୍ୱପୂର୍ଣ୍ଣ ଅଟେ (ଗୀତସଂହିତା ୯୦:୧୨) ।

ଅନେକ ପୁସ୍ତକ ଲେଖାଯାଇଛି, ଯେଉଁଗୁଡ଼ିକ ସମୟର ସନ୍ତୁଳନ ଓ ତା'ର ବ୍ୟବହାର ଉପରେ ପ୍ରକାଶ ପକାଇଥାଏ । ପୁଣି କିଛି ବ୍ୟବସାୟ ଅଛି ଯାହାକି ବିଶେଷରୂପେ କାଗଜରେ, ଇଲେକ୍ଟ୍ରୋନିକ୍ସ ଯନ୍ତ୍ର, ଓ କମ୍ପ୍ୟୁଟର୍ ସଫ୍ଟୱେର୍‌ରେ ଅଛି, ଯାହାକି ଆପଣଙ୍କୁ ସାହାଯ୍ୟ କରିଥାଏ ଯେପରି ଆପଣ ନିଜର ସମୟକୁ ସନ୍ତୁଳିତ ଭାବରେ ନିୟୋଜିତ କରିପରିବେ । କିନ୍ତୁ ଶେଷରେ ମୁଁ କେବଳ ଉପଯୋଗୀ କଥା ପାଇଛି, ଯେପରି : କିଛି ମୂଳ ସିଦ୍ଧାନ୍ତ, ଏକ କ୍ୟାଲେଣ୍ଡର୍, ଏକ ନୋଟ୍‌ପ୍ୟାଡ୍ ଓ ଏକ ହୃଦୟ ଯାହାକି ପବିତ୍ରଆତ୍ମାଙ୍କ ପକ୍ଷରୁ ଏକାଗ୍ର ରହିଥାଏ ।

୧. ଆପଣଙ୍କ ସପ୍ତାହରେ ଯେକୌଣସି ବିଷୟ ସହିତ ଆପଣ ସାଲିସ୍ କରିପାରିବେ ନାହିଁ, ସେସବୁର ତାଲିକା ବା କ୍ୟାଲେଣ୍ଡର୍ ପ୍ରସ୍ତୁତ କରନ୍ତୁ । ସେଥିରେ ଭୋଜନ କରିବା, ଶୋଇବା, କାର୍ଯ୍ୟ କରିବା, ବ୍ୟାୟାମ୍ କରିବା, ଆତ୍ମିକ ସମୟ, ମଣ୍ଡଳୀର କାର୍ଯ୍ୟ, ଘରର ପ୍ରତିଦିନ ଓ ସାପ୍ତାହିକ କାର୍ଯ୍ୟ, ଅନ୍ୟ ବସ୍ତୁ କିଣିବା, ଓ ଅନ୍ୟାନ୍ୟ ସାପ୍ତାହିକ ଓ ମାସିକ ନିର୍ଣ୍ଣୟକୁ ଅନ୍ତର୍ଭୁକ୍ତ କରିବା ରହିଛି । ଯଦି ସମ୍ଭବ, ତେବେ ରବିବାର ଦିନ ନିଜ ପରିବାର ସହିତ ଆରାମ୍ କରିବା ପାଇଁ ପୃଥକ୍ କରି ରଖନ୍ତୁ । ଖାଲି ସ୍ଥାନକୁ ଅନ୍ୟ କାର୍ଯ୍ୟଗୁଡ଼ିକ ନିମନ୍ତେ ଛାଡ଼ି ଦିଅନ୍ତୁ । ଯଦି କେହି ଆପଣଙ୍କୁ ସେମାନଙ୍କ ନିମନ୍ତେ କିମ୍ବା ସେମାନଙ୍କ ସହିତ କିଛି କାର୍ଯ୍ୟ କରିବା ପାଇଁ କହନ୍ତି, ତେବେ ଆପଣ "ଶୋଇବା" ପାଇଁ ନିର୍ଣ୍ଣୟ ନେଇପାରିବେ, ସେଥିରେ କୌଣସି ସମସ୍ୟା ନାହିଁ । କାରଣ ଆପଣ ଭାବନ୍ତୁ ଯେ ଏହି କାର୍ଯ୍ୟ ସପ୍ତାହରେ ଆପଣଙ୍କ ଅବସର ସମୟରେ ଆସିଥାଏ ।

୨. ତା'ପରେ କିଛି ସମୟ ରଚନାତ୍ମକ ଯୋଜନାଗୁଡ଼ିକ କରି କ୍ଷେପଣ କରନ୍ତୁ, ଯେପରି ଆପଣ ଯେଉଁ ସମୟ ଘରର କାର୍ଯ୍ୟ କରିବା ପାଇଁ ପୃଥକ୍ ରଖନ୍ତି, ସେହି ସମୟକୁ ହ୍ରାସ କରିପାରିବେ । କିଛି ସିଦ୍ଧାନ୍ତ ଏହିପରି କହିଥାଏ ଯେ ଆପଣ ଯେଉଁ ସମୟରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଧାରିତ କରନ୍ତି, ସେଥିପାଇଁ ସେତିକି ହିଁ ସମୟ ଲାଗିଥାଏ । ଜ୍ଞାନ ପାଇବା ପାଇଁ ପ୍ରାର୍ଥନା କରନ୍ତୁ । ଆପଣଙ୍କ ସମୟ ଯଦି ସପ୍ତାହରେ ପ୍ରଥମେ ଖର୍ଚ୍ଚ ହୋଇଯିବ, ତେବେ ଆପଣ ପରିବାରର ଅନ୍ୟ ସଦସ୍ୟମାନଙ୍କ ନିମନ୍ତେ କେତେ ସମୟ ବାହାର କରିପାରିବେ ? ଆପଣ କେଉଁସବୁ କାର୍ଯ୍ୟକୁ ଏକାଠି କରିପାରିବେ, ସରଳ କରିବେ ଓ ଆହୁରି ଅଧିକ ବାହାର କରିପାରିବେ ? ଆମ ସମସ୍ତଙ୍କ ନିକଟରେ "ମୁଖ୍ୟ ସମୟ" ଥାଏ, ଯେଉଁ ସମୟରେ ଆମେ ଅଧିକ କୁଶଳତାର ସହିତ କାର୍ଯ୍ୟ କରିପାରିଥାଉ । କିଛି ଲୋକଙ୍କ ନିମନ୍ତେ ସେହି ସମୟ ସକାଳ ହୋଇଥାଏ ଓ ଅନ୍ୟମାନଙ୍କ ନିମନ୍ତେ ଏହି ସମୟ ପରେ ଆସିଥାଏ ଓ ରାତିର ମଝିରେ ଆସିଥାଏ । କେଉଁ ସମୟ ଆପଣଙ୍କ ନିମନ୍ତେ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଟେ ତାହା ଜାଣନ୍ତୁ ପୁଣି ସେହି ସମୟ ମଧ୍ୟରେ ଆପଣ କ'ଣ କରିବେ, ସେହି ବିଷୟକୁ ଗମ୍ଭୀରତାର ସହିତ ବାଛନ୍ତୁ । ଦିନସାରା ଆପଣଙ୍କର କେଉଁ ସମୟ "ନଷ୍ଟ" ହେଉଛି ତାହା ଜାଣନ୍ତୁ - ଦୁର୍ବଳ ଆୟୋଜନ, ବାଧା ପହଞ୍ଚିବା, କଠିନତା, ଏଡ଼ାଇ ଯିବା, ଓ ଯୋଜନା ପ୍ରସ୍ତୁତ କରିବାରେ ବିଫଳ ହେବା ।

୩. ଏହି ଅଭ୍ୟାସ କରିବାର ଉଦ୍ଦେଶ୍ୟ "ଜଟିଳ ଅଟେ, କିନ୍ତୁ ଅତ୍ୟାବଶ୍ୟକ ନୁହେଁ" । କାର୍ଯ୍ୟଗୁଡ଼ିକ କରିବା ପାଇଁ ଶୂନ୍ୟସ୍ଥାନ ପ୍ରସ୍ତୁତ କରିବାକୁ ପଡ଼ିବ, ଯେପରି ଆମେ ସମସ୍ତେ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ତାକୁ ସ୍ଥଗିତ କରିପାରିବା, ଆପଣଙ୍କ ଆତ୍ମାକୁ ଭୋଜନ ଦେଉଥିବା ପୁସ୍ତକଗୁଡ଼ିକ ପଢ଼ିଲା ପରି, ଏକାନ୍ତ ସ୍ଥାନକୁ ସଫା କରିବା, ସାଙ୍ଗମାନଙ୍କ ସହିତ କଫି ପିଇବା, ଗମ୍ଭୀରତାପୂର୍ବକ ମନୋନୟନ କରିବା ଯେପରି କୌଣସିମତେ ଆପଣ ନିଜ "ଶୂନ୍ୟସ୍ଥାନ"ର ସମୟକୁ ବ୍ୟତୀତ କରିପାରିବେ ଓ ନୂଆ ନୂଆ ଦାୟିତ୍ୱକୁ ପ୍ରାର୍ଥନାର ସହିତ ଗ୍ରହଣ କରିପାରିବେ ଓ ଆପଣ କିଛି କରିବା ପାଇଁ କ'ଣ ଦେଉଛନ୍ତି ତାହା ବୁଝିବା ।

ବର୍ତ୍ତମାନ ଆପଣ ଏକ ଉଦ୍ଦେଶ୍ୟର ସହିତ ଦୌଡ଼ୁଛନ୍ତି (୧ମ କରିନ୍ଥୀୟ ୯:୨୪-୨୭) ।

**୩. ସନ୍ତୁଳିତ କାର୍ଯ୍ୟ**

ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ କଠିନ କାର୍ଯ୍ୟ, ଯେଉଁଗୁଡ଼ିକୁ ମହିଳାମାନେ ସମ୍ମୁଖୀନ ହେଉଛନ୍ତି ତାହା ହେଉଛି ସନ୍ତୁଳିତ ଜୀବନଯାପନ କରିବା, ଏକସଙ୍ଗେ କାର୍ଯ୍ୟ କରିବା, ଘର ଓ ମଣ୍ଡଳୀ ଉପରେ ଥିବା ଦାୟିତ୍ୱ ବହନ କରିବା - ଆବଶ୍ୟକ କାର୍ଯ୍ୟ ଉତ୍ତମ ଓ ବିଶ୍ୱସ୍ତରୂପେ କରିବା ପୁଣି ପ୍ରତ୍ୟେକଙ୍କୁ ବିଶ୍ୱସ୍ତରୂପେ ଖୁସି କରିବାକୁ ଚେଷ୍ଟା କରିବା । ବ୍ୟକ୍ତିଗତରୂପେ ମୁଁ ଯେତେବେଳେ ଅନୁଭବ କରିଛି ଯେ ଅନ୍ୟମାନଙ୍କୁ ଖୁସି କରିବା ମୋର କାମ ନୁହେଁ ଓ ମୋର ଦାୟିତ୍ୱ ନୁହେଁ, ସେତେବେଳେ ମୋ ପାଇଁ ଜୀବନ ସହଜ ଓ ସନ୍ତୁଳିତ ହୋଇଯାଇଥାଏ । ଏହା କେବଳ ପରମେଶ୍ୱରଙ୍କ ସହିତ ସେମାନଙ୍କ ସମ୍ପର୍କ ହେତୁ ଆସିଥାଏ । ମୁଁ ଭଲ ଭୋଜନ, ଏକ ସୁନ୍ଦର ଘର, ସୁବିଧାଗୁଡ଼ିକ, ପ୍ରୋତ୍ସାହନ, ଜ୍ଞାନ ଓ ଆଶା ପ୍ରଦାନ କରିପାରିବି, କିନ୍ତୁ ମୁଁ ସେମାନଙ୍କୁ ଖୁସି କରିପାରିବି ନାହିଁ । ମୋ ପାଇଁ ସନ୍ତୁଳନ ସେତେବେଳେ ଆସେ, ଯେତେବେଳେ ମୁଁ ବୁଝେ ଯେ ମୁଁ ପରମେଶ୍ୱରଙ୍କ ସମ୍ମୁଖରେ ଏକ ଉତ୍ତମ ଜୀବନଯାପନ କରୁଛି, ନିଜକୁ ଓ ଅନ୍ୟମାନଙ୍କୁ ପ୍ରସନ୍ନ କରିବା ପାଇଁ ନୁହେଁ, ମାତ୍ର ପରମେଶ୍ୱରଙ୍କୁ ପ୍ରସନ୍ନ କରିବା ପାଇଁ । ସେହି ସମୟରେ ଯେତେବେଳେ ମୋର ପୁଅ ଫୁଟ୍‌ବଲ୍ ମ୍ୟାଚ୍‌ରେ ଅନ୍ତର୍ଭୁକ୍ତ ହେବା ଅପେକ୍ଷା ମଣ୍ଡଳୀର ପ୍ରାର୍ଥନା ସଭାରେ ରହିବା କିମ୍ବା "ସମ୍ପର୍କ ଗଠନ" କାର୍ଯ୍ୟରେ ଅନ୍ତର୍ଭୁକ୍ତ ହେବା ତାହା ମନୋନୟନ କରିବା ; ଅନ୍ୟ ସମୟରେ ଗୋଟିଏ ଦିନ ପୂର୍ବରୁ ପରିବାର ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରିବା, ଯେପରି ମୁଁ ପରଦିନ ଏକ ପ୍ରତିବଦ୍ଧ କାର୍ଯ୍ୟ କରିବାକୁ ଯାଇପାରିବି କିମ୍ବା ଗୃହରେ ଏକ ବାଇବଲ

ଅଧ୍ୟୟନ ଶ୍ରେଣୀ ଆୟୋଜନ କରିପାରିବି । ପ୍ରତ୍ୟେକ ଦିନ ଏକ ସନ୍ତୁଳିତ କାର୍ଯ୍ୟ ହୋଇଥାଏ, ପ୍ରାର୍ଥନାରେ ପରିପୂର୍ଣ୍ଣ ସାହସିକ କାର୍ଯ୍ୟ । ଆଜ୍ଞା ହଁ, କିଛି ବିଫଳତା ଓ ଆହ୍ୱାନପୂର୍ଣ୍ଣ ମାର୍ଗ ଥାଏ, କିନ୍ତୁ ଶେଷରେ ବିଶ୍ୱସ୍ତତାର ସହିତ ମୁଁ କହିପାରିବି ତାହା ମୋର ଯାତ୍ରା ଦ୍ୱାରା ବିଶ୍ୱସ୍ତତାର ସହିତ ମୋର ନେତୃତ୍ୱ ନେଇଥାଏ - ସେଥିରେ କୌଣସି ପଶ୍ଚାତାପ ନ ଥାଏ ।

ମୁଁ କ'ଣ କେବେ କିଛି ଭୁଲ୍ କରିଥିଲି ? ନିଶ୍ଚିତରୂପେ ! ମୁଁ ଶିକ୍ଷା କରିଥିଲି ଯେ ମୁଁ ଯେତେବେଳେ ଚିନ୍ତାଗ୍ରସ୍ତ ଥାଏ, ମୁଁ ଯେତେବେଳେ ନିଜ ପିଲାମାନଙ୍କ ସହିତ ଅସନ୍ତୁଷ୍ଟ ଥାଏ ଓ ମୋର କର୍ମଚାରୀମାନଙ୍କ ଉପରେ ଅସନ୍ତୁଷ୍ଟ ହୋଇଥାଏ, ମୁଁ ବିଛଣାରେ ଗଡ଼ିଯାଇ ଶୋଇବାକୁ ଚେଷ୍ଟା କଲେ ମଧ୍ୟ ମୋର ମନରେ ବିଷୟଗୁଡ଼ିକ ଆସିଥାଏ, ତା'ର କାରଣ ହେଉଛି ମୋର ଅଗ୍ରାଧିକାର ସମ୍ମିଳିତ ହୋଇ ରହି ନ ଥାଏ । ଏହି ସମୟରେ ଏକ ପ୍ରତିବିମ୍ବ, ପଶ୍ଚାତାପ ଓ ପୁନଃ ସଂଯୋଜନା ନିମନ୍ତେ ଏକ ଶାନ୍ତ ସ୍ଥାନ ଖୋଜିବା ଆବଶ୍ୟକ ହୋଇଥାଏ । "ହେ ପରମେଶ୍ୱର, ତୁମେ ଜାଣ ଯେ ଗୋଟିଏ ଦିନ ୨୪ ଘଣ୍ଟା ହୋଇଥାଏ । ମୁଁ ଏହିସବୁ ବିଷୟ କରିପାରିବି ନାହିଁ । ମୁଁ ଏପରି କ'ଣ କରୁଛି ଯେ ତୁମେ ମୋତେ କରିବା ପାଇଁ ଆହ୍ୱାନ କଲ ନାହିଁ ? ମୁଁ ଏବେ କେଉଁ ମହତ୍ତ୍ୱପୂର୍ଣ୍ଣ ବିଷୟ କରିବି ?" ମୋର ଜୀବନରେ ସନ୍ତୁଳନ ନ ଥିଲା, କାରଣ ମୁଁ "ଜରୁରୀ" ଓ ମହତ୍ତ୍ୱହୀନ" ବିଷୟକୁ ମୋର ଅଗ୍ରାଧିକାର ଓ ମୂଲ୍ୟବୋଧ ଅପେକ୍ଷା ଅଧିକ ମହତ୍ତ୍ୱ ଦେଇଥିଲି ।

ଯଦି ଆପଣ ନିଜ ଜୀବନରେ ସନ୍ତୁଳନକୁ ଖୋଜିବାରେ ସଂଘର୍ଷ କରୁଛନ୍ତି, ପ୍ରତିଦିନର ପ୍ରତି ଘଣ୍ଟାର କାର୍ଯ୍ୟସୂଚୀକୁ ନେଇ ଅଭିଭୂତ ହୋଇଯାଉଛନ୍ତି, ତେବେ ଆପଣ ଆପଣଙ୍କ ଜୀବନରେ କେଉଁ ପରିବର୍ତ୍ତନ ଆଣିବା ଉଚିତ୍ ସେ ବିଷୟରେ ପ୍ରାର୍ଥନାପୂର୍ବକ ଈଶ୍ୱରଙ୍କ ଚାଳନା ମାଗନ୍ତୁ ବୋଲି ମୁଁ ଇଚ୍ଛା କରୁଛି । ଯୀଶୁ କହନ୍ତି, "ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର ଉଶ୍ୱାସ" (ମାଥି. ୧୧:୩୦) । ଯଦି ଆପଣଙ୍କ ଦାୟିତ୍ୱର ଜୁଆଳି ଆପଣଙ୍କ ସହିବା ଶକ୍ତି ଅପେକ୍ଷା ଅଧିକ ଭାରି ଅଟେ, ତେବେ ହୋଇପାରେ ସେ ଆପଣଙ୍କୁ ଯେତିକି କରିବା ପାଇଁ ଆହ୍ୱାନ କରିଅଛନ୍ତି, ଆପଣ ତା'ଠାରୁ ଅଧିକ ନେଇଯାଇଛନ୍ତି, ତେବେ ଆପଣ ସଙ୍ଗେ ସଙ୍ଗେ ନିଜର ପାରିବାରିକ ଓ ବିଶ୍ୱସ୍ତ ପରାମର୍ଶଦାତାଙ୍କ ସହିତ ବିଚାର ଆଲୋଚନା କରିପାରିବେ, ଯେପରି ସେ ଆପଣଙ୍କୁ ଏକ ନୂତନ ଚିନ୍ତା ଦେଇପାରିବେ । ଆପଣ କ'ଣ ଆପଣଙ୍କ ପ୍ରାଣ /

ଆତ୍ମାର ଶତ୍ରୁ ସହିତ ଏକ ଆତ୍ମିକ ଯୁଦ୍ଧ କରୁଛନ୍ତି ?  ଆପଣ କ'ଣ ପରମେଶ୍ୱରଙ୍କ ଯୋଜନା ଅପେକ୍ଷା ଅଧିକରୂପେ କୌଣସି ପଦ ଓ ସ୍ଥିତି ଅନ୍ୱେଷଣ କରୁଛନ୍ତି ?  ଆପଣ କ'ଣ ସେହି ଦାୟିତ୍ୱ ନେଇଯାଇଛନ୍ତି, ଯେଉଁଥିପାଇଁ ସେ ଆପଣଙ୍କୁ କେବେ ବି ଆହ୍ୱାନ କରି ନାହାନ୍ତି ? କେବଳ ଆପଣ ଓ ପରମେଶ୍ୱର ହିଁ ସେହି ପ୍ରଶ୍ନର ଉତ୍ତର ଦେଇପାରିବେ ; ସେ ଆପଣଙ୍କ ପ୍ରଶ୍ନକୁ ଅପେକ୍ଷା କରୁଅଛନ୍ତି ।

"ଆମେ ପରମେଶ୍ୱରଙ୍କ ନିମନ୍ତେ ଯାହା କରୁଛୁ ତାହା ନୁହେଁ, ମାତ୍ର ପରମେଶ୍ୱର ଆମ ଦ୍ୱାରା ଯାହା କରୁଅଛନ୍ତି, ଯାହାକୁ ଗଣ୍ୟ କରାଯାଉଛି" (ଚେମ୍ବର୍ସ, ୧୯୯୨, ପୃ. ଅଗଷ୍ଟ ୩୦)

**ମୁଖସ୍ଥ ପଦ :**

* ଗୀତସଂହିତା ୯୦:୧୨ – ଯେପରି ଆମ୍ଭେମାନେ ଜ୍ଞାନବିଶିଷ୍ଟ ଅନ୍ତଃକରଣ ପାଇପାରିବୁ, ଏଥିପାଇଁ ଆମ୍ଭମାନଙ୍କୁ ଆପଣା ଆପଣା ଦିନର ଗଣନା କରିବାକୁ ଶିକ୍ଷା ଦିଅ ।

* ହିତୋପଦେଶ ୨୪:୩, ୪ – ଜ୍ଞାନରେ ଗୃହ ନିର୍ମିତ ହୁଏ ଓ ବୁଦ୍ଧିରେ ତାହା ସ୍ଥିର ହୁଏ ; ଜ୍ଞାନରେ ତାହାର କୋଠରିସବୁ ବହୁମୂଲ୍ୟ ଓ ମନୋରମ ବସ୍ତୁରେ ପରିପୂର୍ଣ୍ଣ ହୁଏ ।

**ମୁଖ୍ୟ ସତ୍ୟତା :**

ଆମେ ଯଦି ପରମେଶ୍ୱରଙ୍କ ଚିନ୍ତା ଅନୁଯାୟୀ ଏକ ସନ୍ତୁଳିତ ଜୀବନଯାପନ କରିବାକୁ ଯାଉଛୁ, ତେବେ ପରମେଶ୍ୱରଙ୍କ ବାକ୍ୟ ଅନୁଯାୟୀ ଆମର ମୂଲ୍ୟଗୁଡ଼ିକୁ ଜାଣିବା ଓ ଆମର ଅଗ୍ରାଧିକାରଗୁଡ଼ିକୁ ସ୍ଥାପନ କରିବା ଜରୁରୀ ଅଟେ ।

**ଆପଣଙ୍କ ପ୍ରତିକ୍ରିୟା :**

୧. ଆପଣ ନିଜର ବର୍ତ୍ତମାନର ମାନ୍ୟତା ବା ମୂଲ୍ୟଗୁଡ଼ିକୁ ଲେଖନ୍ତୁ ଓ ଏହାକୁ ଦେଖାଯାଉଥିବା ସ୍ଥାନରେ ରଖନ୍ତୁ, ଯେଉଁଠାରେ ଆପଣ ଏହାକୁ ପ୍ରତିଦିନ ଦେଖିପାରିବେ ଓ ବିଭିନ୍ନ ସମୟରେ ଏ ବିଷୟରେ ଅବଗତ ହୋଇପାରିବେ ।

୨. ଆପଣଙ୍କର କ'ଣ ଏପରି ଦାନ ଓ ଯୋଗ୍ୟତା ଅଛି, ଯାହାକି ଆପଣ ଏହିଠାରେ ବ୍ୟବହାର କରିବେ ବୋଲି ପରମେଶ୍ୱର ଚାହାନ୍ତି, କିନ୍ତୁ ଆପଣ ସେଗୁଡ଼ିକୁ କେବେ ବି ବିକଶିତ କରି ନାହାନ୍ତି, କାରଣ ଆପଣଙ୍କ ନିକଟରେ ଏପରି କରିବା ପାଇଁ ସମୟ ଓ ଉତ୍ସ ନାହିଁ ?  ଯଦି

ଏହିପରି ହୋଇଥିବ, ତେବେ ସେଗୁଡ଼ିକ କ'ଣ ? ଆପଣ ଯେଉଁ ପଦକ୍ଷେପ ନେଇପାରିବେ (ପ୍ରାର୍ଥନାର ସହିତ ଆରମ୍ଭ କରନ୍ତୁ) ଯେପରି ସେ ସମସ୍ତ ଦ୍ୱାର ଖୋଲିଦେବେ ।

୩. ଯେଉଁ ବିଷୟଗୁଡ଼ିକ କରି ଆପଣ ପଶ୍ଚାତାପ କରୁଛନ୍ତି ସେସବୁ ବିଷୟକୁ ଚିହ୍ନନ୍ତୁ । ଗୋଟିଏ ସମୟର ଘଟଣା ଥିବା ସମସ୍ତ ନିର୍ଣ୍ଣୟକୁ ସମ୍ପୂର୍ଣ୍ଣ କରନ୍ତୁ । ଯୋଜନାଗୁଡ଼ିକ ଉପରେ ପ୍ରାର୍ଥନାପୂର୍ବକ କାମ କରିବା ପାଇଁ ଆରମ୍ଭ କରନ୍ତୁ, ଯେପରି ଆପଣଙ୍କ ତାଲିକାରେ ଅନ୍ୟ ନିର୍ଣ୍ଣୟଗୁଡ଼ିକୁ "ଛାଡ଼ିଦେଇପାରିବେ ।" ହୋଇପାରେ ଆପଣ କୌଣସି ବିଷୟ ଅନ୍ୱେଷଣ କରିପାରିବେ, ଯାହାକି ଆପଣଙ୍କ ସ୍ଥାନକୁ ସମ୍ପୂର୍ଣ୍ଣ କରିପାରିବ, ଓ ହୋଇପାରେ ଆପଣଙ୍କ ନିକଟରେ ବ୍ୟକ୍ତିଗତରୂପେ ଲୋକମାନଙ୍କ ସହିତ କଥାବାର୍ତ୍ତା ହୋଇପାରେ, ଯେଉଁସବୁ ବିଷୟରେ ଆପଣ ନିର୍ଣ୍ଣୟ ନେଇଥିଲେ ଓ ସେମାନଙ୍କ ସହିତ ପ୍ରତିବଦ୍ଧ ହୋଇଥିଲେ ଓ ହୋଇପାରେ ପରମେଶ୍ୱର ଆପଣଙ୍କୁ ଅନ୍ୟ କୌଣସି ରଚନାତ୍ମକ ଉତ୍ତର ଦେଇଥିଲେ । ପରିଚୟ କ୍ରିୟା ଆରମ୍ଭ କରନ୍ତୁ ଓ ଆଜି ହିଁ ପ୍ରାର୍ଥନା କରନ୍ତୁ ।

**ଅଧିକ ଅଧ୍ୟୟନ ନିମନ୍ତେ :**

*Margin* by Richard Swenson (Swenson & Swenson, 2002)
*The Balanced Life* by Alan Loy McGinnis (McGinnis, 1997)
*The Seven Habits of Highly Effective People* by Steven Covey (Covey, 1989)
*Time Management from the Inside Out* by Julie Morgenstern (Morgenstern, 2000)
*Having a Mary Heart in a Martha World* by Joanna Weaver (Weaver, 2000)

## ଅଧ୍ୟାୟ ୮ : ଯୋଗାଯୋଗ, ବ୍ୟକ୍ତିତ୍ୱ, ସମ୍ପର୍କ

ପ୍ରଭାବପୂର୍ଣ୍ଣ ଭାବରେ ଯୋଗାଯୋଗ କରିବା ବ୍ୟତୀତ ସଫଳ ନେତୃତ୍ୱର ଅନ୍ୟ କୌଣସି ମହତ୍ୱପୂର୍ଣ୍ଣ ବିଷୟ ନାହିଁ, ପୁଣି ଆପଣଙ୍କ ଶ୍ରୋତାମାନଙ୍କୁ ବୁଝିବା ବ୍ୟତୀତ ପ୍ରଭାବପୂର୍ଣ୍ଣ ଭାବରେ ଯୋଗାଯୋଗ କରିବା ପାଇଁ ଅନ୍ୟ କୌଣସି ବିଷୟ ଅତି ମହତ୍ୱପୂର୍ଣ୍ଣ ନୁହେଁ । ଯୋଗାଯୋଗ କଥାବାର୍ତ୍ତା କରିବା ଅପେକ୍ଷା କିଛି ଅଧିକ ବିଷୟ ଅଟେ ; ଏହା ଏକ ଶାରୀରିକ ଭାଷା, ସ୍ୱର ଓ ଅଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ ସ୍ପଷ୍ଟତା ହୋଇଥାଏ -- ଏହାଦ୍ୱାରା ନିଶ୍ଚିତ କରିବା ଯେ ଆପଣ ଯାହା କହୁଛନ୍ତି ଆପଣଙ୍କ ଶ୍ରୋତାମାନେ ତାହା ଶୁଣୁଛନ୍ତି । ଆପଣ କଥାବାର୍ତ୍ତା କରିପାରିବେ, କିନ୍ତୁ ଯଦି ଶ୍ରୋତାମାନେ ଆପଣଙ୍କ ଭାଷା କହନ୍ତି ନାହିଁ ଓ ଆପଣ କ'ଣ କହୁଛନ୍ତି ତାହା ବୁଝିପାରୁ ନାହାନ୍ତି, ତେବେ ଆପଣ ଯଥାର୍ଥ ଯୋଗାଯୋଗ କରିପାରି ନାହାନ୍ତି ।

ଏହି ଶୀର୍ଷକରେ ଆମେ ଏହି ପରାମର୍ଶ ମଧ୍ୟ ଦେବା ଯେ କେବଳ ଶୁଣୁଥିବା ଲୋକମାନଙ୍କ ଭାଷା ମହତ୍ତ୍ୱପୂର୍ଣ୍ଣ ହୋଇ ନ ଥାଏ, କିନ୍ତୁ ସେମାନଙ୍କ ବ୍ୟକ୍ତିତ୍ୱ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଅଟେ । ଜଣେ ବ୍ୟକ୍ତିଙ୍କଠାରୁ ଦୁଇ ଜଣ ଲୋକ ଗୋଟିଏ ବାର୍ତ୍ତା ଶୁଣିପାରିବେ, କିନ୍ତୁ ସେମାନଙ୍କ ବ୍ୟକ୍ତିତ୍ୱ ଅନୁଯାୟୀ ତାଙ୍କ କଥାର ଅର୍ଥ ଭିନ୍ନ ଭିନ୍ନ ହୋଇଥାଏ । ଆମେ ଚାରିଟି ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ଓ ମନୋବୃତ୍ତି ବିଶିଷ୍ଟ ବ୍ୟକ୍ତିଙ୍କୁ ଦେଖିବା । ଯେଉଁମାନେ ବିଶ୍ୱାସଘାତକ ଭାବରେ ପରିଚିତ ଥିଲେ, ଯେଉଁମାନେ ଦୁଇ ହଜାର ବର୍ଷରୁ ମଧ୍ୟ ଅଧିକ ପୂର୍ବରୁ ଓ ଆଜି ମଧ୍ୟ ବିଦ୍ୟମାନ ଅଛନ୍ତି ।

ଆମେ ଯଦି ପରସ୍ପର ସହିତ ଅର୍ଥପୂର୍ଣ୍ଣ ସମ୍ପର୍କ ଥିବା ଏକ ଦଳ ଗଠନ କରିବା, ତେବେ ଉଭୟ ଯୋଗାଯୋଗ ଦକ୍ଷତା ଓ ବ୍ୟକ୍ତିତ୍ୱକୁ ବୁଝିବା ଜରୁରୀ ଅଟେ ।

**୧. ଯୋଗାଯୋଗ**

ସେବକ ଭାବରେ ଆମେ ଏହା ଭାବିବା ଉଚିତ୍ ଯେ ଆମର ନିଜ ମଧ୍ୟରେ କଥାବାର୍ତ୍ତାକୁ ଆମେ କିପରି ଭାବରେ ପ୍ରଭାବଶାଳୀ କରିପାରିବା, ଯେଉଁ ମୁଖ୍ୟ ବିଷୟ ଉପରେ ଆମେ କଥାବାର୍ତ୍ତା କରିଥାଉ, ଯେଉଁ ବିଷୟର ଆମେ ନେତୃତ୍ୱ ନେଇଥାଉ । ହଜାର ହଜାର ଲୋକମାନଙ୍କ ନିକଟରେ ଅର୍ଥପୂର୍ଣ୍ଣ ଭାବରେ ପ୍ରେରଣାଦାୟକ ବାର୍ତ୍ତା ପହଞ୍ଚାଇବା ପାଇଁ ସମର୍ଥ ହୋଇଥାଉ । କିନ୍ତୁ ସାଧାରଣ ଭାବରେ ଶୁଣିବା ପାଇଁ ଗୋଟିଏ ପରେ ଗୋଟିଏ ଏକ ଗଭୀର ସମ୍ପର୍କଗତ ସାମର୍ଥ୍ୟ ମଧ୍ୟ ଥାଏ । ଆମେ ଯଦି ଆମର ଶ୍ରୋତାମାନଙ୍କଠାରୁ କେବଳ ଶୁଣିବା, ତେବେ ଆମେ ସଠିକ୍ ଭାବରେ ଯୋଗାଯୋଗ କରିପାରିଛୁ ବୋଲି ଜାଣିପାରିବା ।

ଷ୍ଟିଭେନ୍ କୋଭେ "ଦି ସେଭେନ୍ ହାବିଟ୍ସ୍ ଅଫ୍ ହାଇଲି ଇଫେକ୍ଟିଭ୍ ପିପୁଲ୍" ପୁସ୍ତକରେ ତାଙ୍କର ପଞ୍ଚମ ଅଭ୍ୟାସରେ ଶୁଣିବାର ଗୁରୁତ୍ୱ ବିଷୟକୁ ଗୁରୁତ୍ୱ ଦେଇଛନ୍ତି, "ବୁଝାଇବା ଅପେକ୍ଷା ପ୍ରଥମେ ବୁଝିବାକୁ ଚେଷ୍ଟା କରନ୍ତୁ" (କୋଭେ, ୧୯୮୯) । ସେ ଏହି ବିଷୟକୁ ବାରମ୍ବାର ସୂଚୀତ କରନ୍ତି ଯେ ଆମେ ଅନ୍ୟ ଲୋକମାନଙ୍କ କଥା ଶୁଣିବା ପରିବର୍ତ୍ତେ ନିଜର ପ୍ରତିକ୍ରିୟା ପ୍ରକାଶ କରିବାକୁ ପ୍ରସ୍ତୁତ ହୋଇ ରହିଥାଉ । ସେମାନେ ପରାମର୍ଶ ଦିଅନ୍ତି ଯେ ଆମେ ଯଦି ଧ୍ୟାନର ସହିତ ଶୁଣିବା ଓ ଭିନ୍ନ ଭାବରେ ବ୍ୟକ୍ତ କରିବା ଯେ ଅନ୍ୟ ବ୍ୟକ୍ତି ଯାହା କହିଲେ ଆମେ ତାହା ବୁଝିପାରିଲୁ, ତେବେ ଅଧିକ ପ୍ରଭାବଶାଳୀ ଭାବରେ ବାର୍ତ୍ତା ପରିବେଷଣ କରିପାରିବା । ଉଦାହରଣସ୍ୱରୂପ, ଆମେ କହିପାରିବା, "ମୁଁ ବୁଝିପାରୁଛି ଯେ ଆପଣ ଏହି ବିଷୟକୁ କହୁଛନ୍ତି

..... ମୁଁ କ'ଣ ଆପଣଙ୍କୁ ସଠିକ୍ ଭାବରେ ବୁଝିପାରୁଛି । ମୁଁ ଯେତେବେଳେ ସର୍ବପ୍ରଥମେ ଏହି ନିୟମକୁ ଶିଖିଲି, ସେତେବେଳେ ମୋର ପୁଅ ସହିତ ଏହାକୁ ପରୀକ୍ଷା କରିବା ପାଇଁ ମୋତେ ଶୀଘ୍ର ଏକ ସୁଯୋଗ ମିଳିଗଲା, ସେହି ସମୟରେ ସେ କିଶୋର ଥିଲା ଓ ତା'ର ଦୃଷ୍ଟିକୋଣ ଓ ବ୍ୟକ୍ତିତ୍ୱ ଭିନ୍ନ ଥିଲା । ଦିନେ ସନ୍ଧ୍ୟାରେ ଭୋଜନ କରିବା ସମୟରେ ଆବେଗପୂର୍ଣ୍ଣ କଥାବାର୍ତ୍ତା କଲା ବେଳେ ମୁଁ ସେମାନଙ୍କୁ ପ୍ରତ୍ୟେକଙ୍କୁ କୋଭେଙ୍କ କୌଶଳ ଅବଲମ୍ବନ କରିବାକୁ କହିଲି । ଫଳରେ କଥାବାର୍ତ୍ତା ଭିନ୍ନ ଭାବରେ ହେବାକୁ ଲାଗିଲା !

ଯେଉଁ ସେବକ ନୂଆ ଓ ଆହ୍ୱାନପୂର୍ଣ୍ଣ ବିଚାରକୁ ବିଚାର କରନ୍ତି, ସେ ସର୍ବଦା ବିଚାର ଆଶା କରିଥାନ୍ତି - ପ୍ରଶଂସା ଓ ସମାଲୋଚନା । ସେବକ ଭାବରେ ଆପଣ କିପରି ଭାବରେ ଦୁଇ ପକ୍ଷର ବିଚାର ଶୁଣନ୍ତି ଓ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି, ତାହା ଆପଣଙ୍କର ନେତୃତ୍ୱ ନେବାର ପ୍ରଣାଳୀ ପ୍ରକାଶ କରିଥାଏ । ଆପଣ ହସିପାରିବେ କିମ୍ବା ମୁଣ୍ଡ ହଲାଇପାରିବେ, ଆଉ କିଛି କହନ୍ତି ନାହିଁ ଓ ଆପଣ ଧ୍ୟାନର ସହିତ ଶୁଣିପାରିବେ ଏବଂ ଟିପ୍ପଣୀ ପୃଷ୍ଠଭୂମିରେ ଥିବା କାରଣ ବୁଝିବାକୁ ଚେଷ୍ଟା କରିପାରିବେ । ପ୍ରଶଂସାର ସ୍ଥିତିରେ, ଶୁଣିବା ବେଳେ ଆପଣ ସ୍ୱଷ୍ଟରୂପେ ବୁଝିପାରିବେ ଯେ କେଉଁ ବିଷୟ ସହାୟକ ପ୍ରମାଣିତ ହୋଇପାରିବ । ପୁଣି ନକାରାତ୍ମକ ଟିପ୍ପଣୀ ଥିଲା ବେଳେ ଆପଣ ଜାଣିପାରିବେ ଯେ ସେମାନଙ୍କ ନିକଟରେ ଏକ ଭଲ ଚିନ୍ତା ଅଛି । ଧ୍ୟାନ ଦେବାର ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଯେଉଁ ବ୍ୟକ୍ତି ନକାରାତ୍ମକ ବିଚାର ଦେଉଛନ୍ତି, ସେ ଆପଣଙ୍କୁ ଏକ ଦାନ ଦେଉଛନ୍ତି । ସେ ନିଜର ବିଚାରଗୁଡ଼ିକ ଆପଣଙ୍କୁ କହିପାରିବେ । ଏବଂ ଆପଣଙ୍କୁ ଏହି ସୁଯୋଗ ପ୍ରଦାନ କରିଥାଏ ଯେ ସେ ନିଜର ନକାରାତ୍ମକ ବିଷୟଗୁଡ଼ିକୁ ନିଜ ନିକଟସ୍ଥ କୋଡ଼ିଏ ଜଣ ସାଙ୍ଗଙ୍କ ସହିତ ଚର୍ଚ୍ଚା କରିପାରିବେ । ଉଭୟ କୃତଜ୍ଞତା ଓ ଜ୍ଞାନର ସହିତ ସର୍ବଦା ବିଚାରର ଉପହାର ଗ୍ରହଣ କରନ୍ତୁ ।

ପ୍ରାୟ ସମସ୍ତ ସେବକଙ୍କୁ ବ୍ୟକ୍ତିଗତ ଭାବରେ ସେତେବେଳେ ଡ଼କାଯାଇଥାଏ, ଯେତେବେଳେ ସେହି ଲୋକମାନେ, ଯେଉଁମାନଙ୍କୁ ସେମାନେ ନେତୃତ୍ୱ ଦିଅନ୍ତି, ସେମାନେ ଦୁଃଖ ବା ପୀଡ଼ାରେ ପଡ଼ିଥାନ୍ତି, କିନ୍ତୁ ସେମାନେ କ'ଣ କହିବା ଉଚିତ୍ କିମ୍ବା କହିବା ଉଚିତ୍ ନୁହେଁ, ସେ ବିଷୟରେ ସେମାନେ ପ୍ରଶିକ୍ଷିତ ହୋଇ ନ ଥାନ୍ତି । କହିବା ପାଇଁ ଇଚ୍ଛା ନ ରଖି କିମ୍ବା ଭୁଲ୍ କରି ସେମାନେ ସମସ୍ତେ ଏକସଙ୍ଗେ ସେହି ସ୍ଥିତିକୁ ସମ୍ପୂର୍ଣ୍ଣ ଏଡ଼ାଇ ଦେଇଥାନ୍ତି । ଷ୍ଟିଫେନ୍ ମିନିଷ୍ଟ୍ରି

ସଂସ୍ଥା ଦ୍ୱାରା ଏହି କ୍ଷେତ୍ରରେ ଚମତ୍କାର ପ୍ରଶିକ୍ଷଣ ଦିଆଯାଇଥାଏ ଏବଂ ସାଧାରଣ ପରାମର୍ଶ ମାଧ୍ୟମରେ "ଉପସ୍ଥିତିର ସେବାକାର୍ଯ୍ୟ" ବିଷୟରେ କୁହାଯାଇଥାଏ । କଷ୍ଟ ପାଇଥିବା ବ୍ୟକ୍ତିଙ୍କ ନିକଟରେ ରହିବା ଓ ତାଙ୍କ କଥା ଶୁଣିବା ବିଷୟ ବହୁତ ପ୍ରଶଂସନୀୟ ଅଟେ ପୁଣି ତାହା ବି ଏକ ଦୁର୍ଲଭ ଉପହାର ଅଟେ ।

ଶୁଣିବା ମହତ୍ତ୍ୱପୂର୍ଣ୍ଣ ବିଷୟ ହୋଇଥାଏ, କିନ୍ତୁ ତତ୍‌ସଙ୍ଗେ ସଙ୍ଗେ ଈଶ୍ୱର ଆପଣଙ୍କ ମନରେ ଯାହା ରଖିଅଛନ୍ତି ତାକୁ ସ୍ପଷ୍ଟରୂପେ କହିବାର ମହତ୍ତ୍ୱ ହ୍ରାସ କରିବାକୁ ଇଚ୍ଛା କରୁ ନାହିଁ । ନିମ୍ନରେ କିଛି ଉପଦେଶ ଦିଆଯାଇଛି :-

କ. ଆପଣଙ୍କର ବକ୍ତବ୍ୟ ବିଷୟରେ ଆପଣ ଯଦି ଭଲ ବିଚାର ଶୁଣିବାକୁ ଇଚ୍ଛା କରନ୍ତି, ତେବେ ଶ୍ରେଣୀରେ ପିଲାମାନଙ୍କୁ ଶିକ୍ଷା ଦିଅନ୍ତୁ । ସେମାନେ ଆପଣଙ୍କୁ ଜଣାଇବେ ଯେ ଆପଣ କ୍ଳାନ୍ତିକର, କେବଳ ଶବ୍ଦ କହୁଥିବା ବ୍ୟକ୍ତି, କିମ୍ବା ଆପଣଙ୍କର ଆବେଗ ନାହିଁ ।

ଖ. ଅଭ୍ୟାସ କରନ୍ତୁ, ଅଭ୍ୟାସ କରନ୍ତୁ, ଅଭ୍ୟାସ କରନ୍ତୁ ! ମୁଁ ପଢ଼ିଛି ଯେ ବିଲି ଗ୍ରାହାମ୍ ଗଛର ଗଣ୍ଡି ସମ୍ମୁଖରେ ବାର୍ତ୍ତା ପ୍ରଚାର କରୁଥିଲେ । ମୋର ବାପା ମୋତେ ଦର୍ପଣ ସମ୍ମୁଖରେ ଅଭ୍ୟାସ କରିବା ବିଷୟରେ ଶିଖାଇଥିଲେ, ଯେପରି ମୁଁ ନିଜ ହାତ ବୁଲାଇବାର କିମ୍ବା ଧ୍ୟାନ ଭଙ୍ଗ କରୁଥିବା ଅଭ୍ୟାସଗୁଡ଼ିକ ଦେଖିପାରିବି ।

ଗ. ସରଳ କରନ୍ତୁ । ଏହାର ଅର୍ଥ ନୁହେଁ ଯେ ଆପଣ ପ୍ରସ୍ତୁତ କରିବେ ନାହିଁ । ଯଦିଚ ଏହାର ଅର୍ଥ ଆପଣଙ୍କୁ ଅନ୍ୟ କେଉଁଠାରେ ଅଧିକ ପ୍ରସ୍ତୁତି କରିବାକୁ ପଡ଼ିବ ଓ ଆପଣଙ୍କ ବାର୍ତ୍ତାର ଭାବକୁ ତିନି ବା ଚାରିଟି ପ୍ରମୁଖ ଉଦାହରଣରେ ସଂକ୍ଷିପ୍ତ କରିବାକୁ ପଡ଼ିବ ।

ଘ. ଆପଣ ଭୟଭୀତ ହୋଇ ଚିନ୍ତା କରନ୍ତୁ ନାହିଁ । ମୋର ବାପା ଯେ କି ପ୍ରାୟ ସତୁରୀ ବର୍ଷ ଧରି ପାଳକ ଭୂମିକା ବହନ କରୁଛନ୍ତି, ସେ ସପ୍ତାହରେ ଚାରିରୁ ପାଞ୍ଚ ଥର ବାକ୍ୟ ପ୍ରଦାନ କରୁଥିଲେ, ସେ ଥରେ ମୋତେ କହିଥିଲେ ଯେ ଯେତେବେଳେ ସେ ବାର୍ତ୍ତା ଦେବାକୁ ଯାଆନ୍ତି, ସେତେବେଳେ ଭୟଭୀତ ହୋଇଯାଆନ୍ତି । ଆପଣ ଆପଣଙ୍କ ନିଜ ଯୋଗ୍ୟତା ଉପରେ ନିର୍ଭର କରୁଥିଲେ ଓ ପବିତ୍ର ଆତ୍ମାଙ୍କ ଶିକ୍ଷା ଉପରେ ନିର୍ଭର ନ କଲେ, ଏହିପରି ସମସ୍ୟା ଉପୁଜିଥାଏ ।

ଙ. ପରମେଶ୍ୱରଙ୍କୁ କୁହନ୍ତୁ ଯେ ସେ ଆପଣଙ୍କୁ ତାହାଙ୍କ ପ୍ରେମ ଓ ସତ୍ୟତାର ଏକ ସ୍ୱଷ୍ଟ ମାଧ୍ୟମ ହୋଇ ପ୍ରବାହିତ ହେବାକୁ ଦେବେ, ଓ ଉଦ୍‌ଭାସିତ ହେବାକୁ ତାହାଙ୍କ ଆଲୋକ ନିମନ୍ତେ

ଏକ ସ୍ୱଷ୍ଟ କାଚ ହେବାକୁ ଦେବେ ।  ଆପଣ ବାର୍ତ୍ତା ଦେବା ପରେ ଆପଣଙ୍କ ଆବେଗ କିମ୍ୱା ଆପଣଙ୍କ ଶ୍ରୋତାମାନଙ୍କ ପ୍ରତିକ୍ରିୟାବିହୀନ ଭାବ ଆପଣଙ୍କ ବାର୍ତ୍ତା ଭଲରୂପେ ପ୍ରକାଶିତ ହୋଇଛି ନା ନାହିଁ ସେ ବିଷୟର ଉତ୍ତମ ସୂଚନା ନୁହେଁ ।  ହୋଇପାରେ ଶାନ୍ତ ଭାବରେ ଶୁଣୁଥିବା ଶ୍ରୋତୃମଣ୍ଡଳୀ ସୂଚୀତ କରିପାରିବେ ଯେ ବାର୍ତ୍ତାଟି ବିନା ବାଧାରେ ବୁଣାଯାଇଛି ।  ପରମେଶ୍ୱର ଆପଣା ଉଦ୍ଦେଶ୍ୟ ପୂରଣ କରିବେ ଓ ପବିତ୍ର ଆତ୍ମା ଶ୍ରୋତାମାନଙ୍କ ନିକଟରେ ସତ୍ୟତା ଆଣିପାରିବେ ବୋଲି ଭରସା ରଖନ୍ତୁ ।

**୨. ବ୍ୟକ୍ତିତ୍ୱର ପ୍ରକାର :**

ବ୍ୟକ୍ତିତ୍ୱ ପ୍ରକାରର ଉଦ୍ଦେଶ୍ୟ ବୁଝିବାର ଅର୍ଥ ଲୋକମାନଙ୍କୁ ବାମ କିମ୍ୱା ଡ଼ାହାଣ ପାର୍ଶ୍ୱରେ ବର୍ଗୀକରଣ କରିବା ନୁହେଁ, କିନ୍ତୁ ଆମେ ଯେପରି ଭାବରେ ପ୍ରତିକ୍ରିୟା ପ୍ରକାଶ କରୁ ଓ ଚିନ୍ତା କରୁ ତାହା କାହିଁକି କରୁ ଓ ଅନ୍ୟମାନେ କାହିଁକି ଏତେ ଭିନ୍ନ ଭାବରେ ପ୍ରତିକ୍ରିୟା ପ୍ରକାଶ କରନ୍ତି ଓ ଚିନ୍ତା କରନ୍ତି, ତାହା ଅଧିକ ଭଲରୂପେ ବୁଝିବା ହିଁ ଉଦ୍ଦେଶ୍ୟ ଅଟେ ।  ଆମେ ଯେତେବେଳେ ଅନ୍ୟମାନଙ୍କ ବିଷୟରେ ଶିଖିଥାଉ, ସେତେବେଳେ ଆମେ ଜାଣିବାକୁ ଲାଗିଥାଉ ଯେ ଆମର ଉପାୟ ହିଁ କେବଳ ସଠିକ୍ ନୁହେଁ, ପୁଣି ଭିନ୍ନ ଭିନ୍ନ ଭାବରେ ଯୋଜନା ଓ ସମସ୍ୟା ସମାଧାନ କରିବାର ଦୃଷ୍ଟିକୋଣ ଏକ ସଠିକ୍ ଉତ୍ତର ଦେଇପାରିବ, କାରଣ ଆମେ ଏକସଙ୍ଗେ କାମ କରିଚାଲିଥାଉ ।

ଏପରି ବହୁତ ପ୍ରସ୍ତାବ ଅଛି ଯାହାକି ବ୍ୟକ୍ତିତ୍ୱର ପ୍ରକାରକୁ ବାଣ୍ଟିପାରିବ !  କିନ୍ତୁ ଚାରିଟି ଭିନ୍ନ ଭିନ୍ନ ବର୍ଗ ବିଷୟରେ ପରାମର୍ଶ ଦିଆଯାଇଛି ।  ବ୍ୟକ୍ତିତ୍ୱକୁ ବିଭକ୍ତ କରିବା ପାଇଁ ସବୁଠାରୁ ସାଧାରଣ ପ୍ରଣାଳୀ ମଧ୍ୟରୁ ତିନୋଟି ଓ ପ୍ରତ୍ୟେକର ଚାରିଟି ବର୍ଗୀକରଣ ଏହିପ୍ରକାର ଅଟେ :

* ପ୍ରଭୁତ୍ୱ, ପ୍ରଭାବ ପକାଇବା, ସମର୍ପଣ କରିବା, ସାହାଯ୍ୟ କରିବା
* ବିଶ୍ୱାସଘାତକତା – କ୍ରୋଧୀ, ଆଶାବାଦୀ, ନୈରାଶ୍ୟ, ନିଷ୍କ୍ରିୟତା
* ରଙ୍ଗ – ଲାଲ୍, ହଳଦିଆ, ନୀଳ, ସବୁଜ

ମୁଁ ପ୍ରତ୍ୟେକ ପ୍ରଣାଳୀରେ ସମାନ୍ କ୍ରମରେ ବର୍ଗୀକରଣର ତାଲିକା କରିଛି ।

ନିମ୍ନଲିଖିତ ସଂକ୍ଷିପ୍ତ ବ୍ୟାଖ୍ୟାରେ, ମୁଁ ରଙ୍ଗର ତିନୋଟି ବିଶ୍ଲେଷଣକୁ ବାଛିବା ପାଇଁ ମୁଖ୍ୟ ଭାବରେ ଏଥିପାଇଁ ନିର୍ଣ୍ଣୟ ନେଇଛି, କାରଣ ମୁଁ ସର୍ବପ୍ରଥମେ ମ୍ୟାନେଜ୍‌ମେଣ୍ଟ୍ ଟେକ୍‌ନୋଲୋଜି

ଦ୍ୱାରା ଏହି ନିରୀକ୍ଷଣାତ୍ମକ କାର୍ଯ୍ୟଶାଳାର ସମ୍ମୁଖୀନ ହୋଇଥିଲି । ଆରମ୍ଭ କରିବା ପୂର୍ବରୁ, ବହୁତ ଲୋକଙ୍କ ସମାବେଶ କିମ୍ବା ସମସ୍ତ ଚାରି ପ୍ରକାର ଲୋକଙ୍କୁ ପ୍ରତ୍ୟେକ ବର୍ଗରେ ଭିନ୍ନ ଭିନ୍ନ ଗୁଣଗୁଡ଼ିକୁ ଯୋଡ଼ିବାକୁ ଦିଅନ୍ତୁ ।

* ଲାଲ୍ (ପ୍ରଭୁତ୍ୱ, କ୍ରୋଧ) ..... ଉଦ୍ଦେଶ୍ୟ ପ୍ରଣୋଦିତ

* ସୂତ୍ର : ସ୍ପଷ୍ଟବାଦିତା, ସିଦ୍ଧାନ୍ତ ଅନୁଯାୟୀ, ପ୍ରତିଯୋଗିତାମୂଳକ, ବିପଦ ବରଣ କରିବାକୁ ଇଚ୍ଛୁକ, ଦାୟିତ୍ୱ ବହନ କରିବା ପରେ ଆନନ୍ଦ କରିବା, ପ୍ରତ୍ୟକ୍ଷ ଉତ୍ତର ସଦୃଶ, ନିୟନ୍ତ୍ରଣରୁ ସ୍ୱାଧୀନତା, ଉଦ୍ଦେଶ୍ୟ ହେବା

* ପରୀକ୍ଷା ଓ ଭୁଲ୍‌ଗୁଡ଼ିକରୁ ନିର୍ଣ୍ଣୟ ନେବା, ପରିଣାମ ନିମନ୍ତେ ମୂଲ୍ୟାଙ୍କନ କରିବା

* ଆପଣ ଲାଲ୍ ହୋଇଥିଲେ, ସଚେତନ ହୁଅନ୍ତୁ : ପ୍ରେରଣା ପାଇ ନ ଥିବା ନିର୍ଣ୍ଣୟ ନେବା ପୂର୍ବରୁ, ଦାବି କରୁଥିବା ବ୍ୟକ୍ତି ହେବା, ଶୁଣି ନ ପାରିବା

* ଲାଲ୍ ସହିତ ସମ୍ପର୍କରେ ରହିବା : ଅତ୍ୟଧିକ ଲାଭଦାୟକ ଓ କ୍ଷତିକାରକ ନିର୍ଣ୍ଣୟ ନିଅନ୍ତୁ ଓ ମୂଳ ବିଷୟ ନିକଟରେ ସଙ୍ଗେ ସଙ୍ଗେ ପହଁଞ୍ଚନ୍ତୁ, ଶୀଘ୍ର ଅପମାନିତ ହୁଅନ୍ତୁ ନାହିଁ

* ଲାଲ୍ ସମ୍ପର୍କ ସହିତ ସଂଘର୍ଷ କରିଥାଏ । ପରାମର୍ଶ : ପଚରା ନ ଗଲେ ନିଜର ପରାମର୍ଶ ଦିଅନ୍ତୁ ନାହିଁ, ଅନ୍ୟମାନଙ୍କୁ ହୀନ ଦୃଷ୍ଟିରେ ଦେଖନ୍ତୁ ନାହିଁ, ସରଳ ଭାବରେ ନିଜର ଭୁଲ୍ ସ୍ୱୀକାର କରନ୍ତୁ, ଶୀଘ୍ର ପଶ୍ଚାତାପ କରନ୍ତୁ ।

* ହଳଦିଆ :- (ପ୍ରଭାବ ପକାଇବା, ଆଶାବାଦୀ) - ସମ୍ପର୍କ ସମ୍ପୂର୍ଣ୍ଣ ହେବା

* ସୂତ୍ରଗୁଡ଼ିକ : ସାମାଜିକ, କୌତୁକପ୍ରିୟ, ସରଳ ଭାବରେ ଆହ୍ୱାନଗୁଡ଼ିକ ସ୍ୱୀକାର କରନ୍ତୁ, ଦଳଗତ ଭାବରେ କାମ କରିବା ପାଇଁ ଆନନ୍ଦିତ ହୁଅନ୍ତୁ, ଭଲ କାହାଣୀ କହୁଥିବେ ଓ ପ୍ରଶିକ୍ଷକ

* ପରାମର୍ଶ ଓ ମତାମତ ଶୁଣି ନିର୍ଣ୍ଣୟ ନିଅନ୍ତୁ

* ଆପଣ ଯଦି ହଳଦିଆ ଅଟନ୍ତି, ତେବେ ସାବଧାନ ରୁହନ୍ତୁ : ସମସ୍ତଙ୍କୁ ଖୁସି କରିବା ପାଇଁ ଚେଷ୍ଟା କରିବାରେ, ଅବ୍ୟବସ୍ଥାରେ, ସହଜରେ ବିଚଳିତ ହୋଇଯିବାରେ, ବଢ଼େଇ କରି କହିବାରେ, ଚତୁରତାର ସହିତ କାମ କରାଇବାରେ ।

* ହଳଦିଆ ସହିତ ଯୋଗାଯୋଗ କରିବା : ଧ୍ୟାନ କେନ୍ଦ୍ରୀଭୂତ କରିବା ପାଇଁ ସାହାଯ୍ୟ କରିବା, ଲୋକମାନଙ୍କ ସମସ୍ୟା ବିଷୟରେ କଥାବାର୍ତ୍ତା କରିବା, ଦ୍ୱନ୍ଦ ଉପୁଜିବାର ଆଶା କରିବା, ବିଳମ୍ବ କରିବା, ସମ୍ପର୍କ ବୃଦ୍ଧି କରିବାର ସମୟ

* ହଳଦିଆ ବହୁତ କଥାବାର୍ତ୍ତା କରିବାରେ ଓ ଆତ୍ମକୈନ୍ଦ୍ରିକ କ୍ଷେତ୍ରରେ ଅଧିକ ସଂଘର୍ଷ କରିଥାଏ । ପରାମର୍ଶ : ଆପଣଙ୍କ ମନ୍ତବ୍ୟକୁ ସଂରକ୍ଷିତ କରନ୍ତୁ, ବଢ଼େଇ କରି କୁହନ୍ତୁ ନାହିଁ, ଅନ୍ୟମାନଙ୍କ କଥା ଶୁଣନ୍ତୁ, ସାଂଗଠାନିକ ଦକ୍ଷତା ବୃଦ୍ଧିରେ କାର୍ଯ୍ୟ କରନ୍ତୁ

* ନୀଳ :- (ଅଙ୍ଗୀକାର, ନିରାଶା) ସୂଚନା ପ୍ରଣୋଦିତ

* ସୂତ୍ରଗୁଡ଼ିକ : ସୂଚନା ନିଅନ୍ତୁ ଓ ଅନ୍ୱେଷଣ କରନ୍ତୁ, ଶିଖିବାକୁ ପସନ୍ଦ କରନ୍ତୁ, ଯୋଜନା କରନ୍ତୁ, ଅଭିବୃଦ୍ଧି କରନ୍ତୁ, ମୂଲ୍ୟାଙ୍କନ କରିବାକୁ ପସନ୍ଦ କରନ୍ତୁ, ରଚନାତ୍ମକ ଓ ନୂତନ ଯୋଜନାରେ ଆନନ୍ଦ କରନ୍ତୁ, ଚିନ୍ତା କରିବା

* ନିର୍ଣ୍ଣୟ ନିଅନ୍ତୁ : ସୂଚନା ଏକତ୍ର କରନ୍ତୁ ଓ ସମସ୍ତ ଇଚ୍ଛାଧୀନ ବିଷୟର ମୂଲ୍ୟାଙ୍କନ କରନ୍ତୁ

* ଆପଣ ନୀଳ ହୋଇଥିଲେ ସାବଧାନ ରୁହନ୍ତୁ : ପ୍ରାପ୍ତ ସୂଚାନକୁ ଅଧିକ ବିଶ୍ଳେଷଣ କରନ୍ତୁ, ବିଳମ୍ବ କରି ନିର୍ଣ୍ଣୟ ନିଅନ୍ତୁ, ତର୍କକୁ ମାନ୍ୟତା ଦିଅନ୍ତୁ ଓ ଆତ୍ମିକ ବିଷୟ ଉପରେ ତର୍କ ଓ କାରଣ ଦିଅନ୍ତୁ

* ନୀଳ ସହିତ ସମ୍ପର୍କରେ ରୁହନ୍ତୁ : ବିକଳ୍ପ ମାଧ୍ୟମରେ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ କରନ୍ତୁ, ଧୈର୍ଯ୍ୟର ସହିତ ନିର୍ଣ୍ଣୟ ନିଅନ୍ତୁ, ସେମାନଙ୍କ ତର୍କ ଶୁଣନ୍ତୁ

* ନୀଳ ଉଦାସ ଓ ସିଦ୍ଧତା ସହିତ ସଂଘର୍ଷ କରିଥାଏ : ପରାମର୍ଶ : କୃତଜ୍ଞତାର ମନୋବୃତ୍ତି ବୃଦ୍ଧି କରନ୍ତୁ, ସକାରାତ୍ମକ ବିଷୟଗୁଡ଼ିକୁ ଦେଖନ୍ତୁ, ନିଜର ଓ ଅନ୍ୟମାନଙ୍କ ଭୁଲ୍ ହେଲେ ଦୟା କରନ୍ତୁ, ନିଜର ବିଶ୍ୱାସ ବୃଦ୍ଧି କରନ୍ତୁ ଓ ପରମେଶ୍ୱରଙ୍କ ଉପରେ ଭରସା କରନ୍ତୁ

* ସବୁଜ (ସାହାଯ୍ୟକାରୀ, ନିଷ୍କ୍ରିୟ) ପ୍ରଣାଳୀ ପ୍ରଣୋଦିତ

* ସୂତ୍ରଗୁଡ଼ିକ : ଅମିଳନପ୍ରିୟ, ସତର୍କ ରହୁଥିବା ବ୍ୟକ୍ତି, ସମ୍ପୂର୍ଣ୍ଣରୂପେ କାମ କରନ୍ତୁ, ପ୍ରଥା ଅନୁଯାୟୀ କାର୍ଯ୍ୟ କରନ୍ତୁ, ନୀତି ଓ ପଦ୍ଧତି, ଆଦେଶ ଓ ନିର୍ଦ୍ଦେଶ ପରି

* ନିର୍ଣ୍ଣୟ ନିଅନ୍ତୁ : ପୁଙ୍ଖାନୁପୁଙ୍ଖ ବିବରଣୀ ସଂଗ୍ରହ କରନ୍ତୁ, ସମସ୍ୟାକୁ ବୁଝନ୍ତୁ, ଐତିହାସିକ ସଂଖ୍ୟା ରଖନ୍ତୁ, ପଦ୍ଧତିଗୁଡ଼ିକ ବୃଦ୍ଧି କରନ୍ତୁ, ସମସ୍ତ ବିଷୟର ନଥି ପ୍ରସ୍ତୁତ କରନ୍ତୁ

* ଆପଣ ଯଦି ସବୁଜ, ତେବେ ସାବଧାନ ରୁହନ୍ତୁ : ଅଧିକ ନିୟନ୍ତ୍ରଣ, ପ୍ରତିନିଧିମାନଙ୍କ ନିୟନ୍ତ୍ରଣାଧୀନ, ଅନମନୀୟ ହେବା, ଅଧିକ ବିପଦ ବରଣ ନ କରିବା

* ଏକ ସବୁଜ ସହିତ ଯୋଗାଯୋଗ କରିବାରେ : ସୃଜନାତ୍ମକ ବିଷୟକୁ ଉତ୍ସାହିତ କରନ୍ତୁ, ସେମାନଙ୍କ ଉପରେ ବିଶ୍ୱାସ ପ୍ରକାଶ କରନ୍ତୁ, ନଥି, ଗଠନ ଓ କ୍ରମାଙ୍କ ଯୋଗାଇ ଦିଅନ୍ତୁ

* ସବୁଜରେ ଆବେଗର ଅଭାବ ଥାଏ ଓ ପରିବର୍ତ୍ତନକୁ ବାଧା ଦେଇଥାଏ । ପ୍ରସ୍ତାବଗୁଡ଼ିକ : ନୂଆ ବିଷୟ କରିବାକୁ ଚେଷ୍ଟା କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ, ସେମାନେ ଆବେଗପୂର୍ଣ୍ଣ ଥିବା ବିଷୟଗୁଡ଼ିକ ଖୋଜିବାକୁ ସେମାନଙ୍କୁ ଉତ୍ସାହିତ କରନ୍ତୁ, ବିଷୟଗୁଡ଼ିକ ଉପରେ ସକ୍ରିୟ କଥାବାର୍ତ୍ତା କରନ୍ତୁ, ପରିବର୍ତ୍ତିତ ହୁଅନ୍ତୁ ।

ଲୋକମାନଙ୍କୁ ବୁଝିବା ପାଇଁ ଅନ୍ୟ ଏକ ଭିନ୍ନ ବିଷୟ ହେଉଛି, ପ୍ରାନ୍ତରରେ ଥିବା ପିତମାନଙ୍କଠାରୁ ଉତ୍ପନ୍ନ ହୋଇଥିବା ବ୍ୟକ୍ତି, ଈଶ୍ୱରଙ୍କ ନିକଟତର ହୋବା ପାଇଁ ତୃତୀୟ ଶତାବ୍ଦୀରେ ପ୍ରାନ୍ତରକୁ ଯାଇଥିବା ଲୋକମାନେ । ଏହା ଏକ ମାନବୀୟ ପ୍ରସ୍ତାବ ଅଟେ । ଅନ୍‌ଲାଇନ୍ ମାଧ୍ୟମରେ ଅଧିକ ସୂଚନା ମିଳିପାରିବ ; ଧର୍ମନିରପେକ୍ଷ ଲୋକମାନେ ମଧ୍ୟ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରନ୍ତି ।

**୩. ସମ୍ପର୍କ**

ଯୀଶୁ ନିଜ ଶିକ୍ଷାରେ ସମ୍ପର୍କ ବିଷୟରେ କହିବା ପାଇଁ ବହୁତ ସମୟ କ୍ଷେପଣ କରିଥିଲେ । ଏହା ତାଙ୍କ ନିମନ୍ତେ କାହିଁକି ଏତେ ମହତ୍ତ୍ୱପୂର୍ଣ୍ଣ ଥିଲା ? ଆମର ପରସ୍ପର ସହିତ ସମ୍ପର୍କ ପରମେଶ୍ୱରଙ୍କ ସହିତ ସମ୍ପର୍କର ପ୍ରତିକ୍ରିୟା ଅଟେ । ଆମେ କହିପାରିବା ନାହିଁ ଯେ ଆମେ ପରମେଶ୍ୱରଙ୍କୁ ପ୍ରେମ କରୁଛୁ ଓ ନିଜ ଭଉଣୀକୁ ଈର୍ଷା କରୁଛୁ (୧ମ ଯୋହନ ୨:୯) । ସବୁଠାରୁ ବଡ଼ ଆଜ୍ଞା ବିଷୟରେ ପଚରାଗଲା ବେଳେ ଯୀଶୁ ଦୁଇଟି ବିଷୟ କହି ଉତ୍ତର ଦେଇଥିଲେ : "ଆପଣା ପ୍ରଭୁ ପରମେଶ୍ୱରଙ୍କୁ ପ୍ରେମ କର ..... ପୁଣି ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର" (ମାଥି. ୨୨:୩୬-୩୯)

ନୂତନ ନିୟମ ଆମକୁ ଦ୍ୱିତୀୟ ସମ୍ପର୍କ ବିଷୟରେ କହିଥାଏ ।

"ଆଉ, ପରସ୍ପର ପ୍ରତି ସଦୟ ହୁଅ, କୋମଳହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର" (ଏଫିସୀୟ ୪:୩୨)

"ସୂର୍ଯ୍ୟ ଅସ୍ତ ନ ହେଉଣୁ କ୍ରୋଧ ପରିତ୍ୟାଗ କର" (ଏଫିସୀୟ ୪:୨୬)

"ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର" (ମାଥିଉ ୫:୪୪)

ନୂତନ ନିୟମରେ ଅନେକ ଥର ଆମକୁ ଶାନ୍ତିରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । (ରୋମୀୟ ୧୨:୧୮ ; ୨ୟ କରିନ୍ଥୀୟ ୧୩:୧୧, ଏବ୍ରୀ ୧୨;୧୪) କିନ୍ତୁ ଲୋକମାନେ କଠିନ ହୋଇପାରିବେ, ବେଳେବେଳେ ଅସମ୍ଭବ ହୋଇପାରିବେ ! ଆମେ କିପରି ଭାବରେ କଠିନ ଲୋକମାନଙ୍କ ମୁକାବିଲା କରିଥାଉ ? ସାଧାରଣତଃ ଆମେ ତିନୋଟି ମଧ୍ୟରୁ ଗୋଟିଏ ଉପାୟ ଅବଲମ୍ବନ କରିଥାଉ - ଏଡ଼ାଇଦେବା, ଆକ୍ରମଣ କରିବା, ଓ ଶାନ୍ତ ରହିବା । ପବିତ୍ର ଶାସ୍ତ୍ର ସ୍ପଷ୍ଟରୂପେ ଶେଷ ବିଷୟ ନିମନ୍ତେ ପ୍ରୋତ୍ସାହନ କରିଥାଏ ।

ଆପଣ ପରିସ୍ଥିତିକୁ ବ୍ୟକ୍ତିଗତରୂପେ ଗ୍ରହଣ କରୁଥାନ୍ତୁ, ଦୁଇ ଦଳ ଲୋକଙ୍କ ମଧ୍ୟରେ ସମାଧାନ କରିବାକୁ ଚେଷ୍ଟା କରୁଥାନ୍ତୁ, ମୂଳ ନିୟମଗୁଡ଼ିକ ସମାନ୍ ଅଟେ । ପଛକୁ ଗୋଟିଏ ପଦକ୍ଷେପ ପକାନ୍ତୁ ଓ ସମସ୍ୟା ସମାପ୍ତ କରି ଆରମ୍ଭ କରନ୍ତୁ । ସମସ୍ୟା କେବେ ଆରମ୍ଭ ହୋଇଥାଏ ? ସାଧାରଣ ବିଷୟକୁ ଦେଖନ୍ତୁ ପୁଣି ଜ୍ଞାନ ଓ ବିବେକ ପାଇବା ପାଇଁ ପ୍ରାର୍ଥନା କରନ୍ତୁ ।

(କ) ଏହା କ'ଣ ବ୍ୟକ୍ତିତ୍ୱର ପ୍ରତିଯୋଗିତା, ମୂଲ୍ୟବୋଧ, ଲକ୍ଷ୍ୟ ଓ ଆଶା ମଧ୍ୟରେ ପାର୍ଥକ୍ୟ, ନା ଖରାପ ଯୋଗାଯୋଗ ଓ ଖରାପ ସୂଚନା ଆଧାରିତ ସାଧାରଣ ଅବୁଝାମଣା ଅଟେ ? ପରିସ୍ଥିତି ବିଷୟରେ ପ୍ରାର୍ଥନା କରନ୍ତୁ ଓ ସମୟ ଦେଇ ଚିନ୍ତା କରନ୍ତୁ । ପରମେଶ୍ୱରଙ୍କ ଉଦ୍ଦେଶ୍ୟ, ଦୃଷ୍ଟିକୋଣ ଓ ସମୟ ଜାଣିବା ପାଇଁ ତାହାଙ୍କୁ ପ୍ରାର୍ଥନା କରନ୍ତୁ । ବ୍ୟକ୍ତିତ୍ୱ ମଧ୍ୟରେ ପ୍ରତିଯୋଗିତା ହେଲେ ପୁନର୍ବାର କରାଯାଇଥିବା ସମାଧାନ ଏକ ଉତ୍ତମ ସମ୍ପର୍କ ଆଡ଼କୁ ଚାଲିଯାଇଥାଏ । ଯାହାକି ସମସ୍ତଙ୍କ ନିମନ୍ତେ ଲାଭଦାୟକ ଅଟେ । ଯେପରି ପାଉଲ ଓ ବର୍ଣ୍ଣବ୍ବା । ଯଦି ମୂଲ୍ୟବୋଧ ଓ ଉଦ୍ଦେଶ୍ୟ ଭିନ୍ନ ଅଟେ, ତେବେ ପ୍ରତ୍ୟେକେ ପ୍ରଭୁଙ୍କୁ ଦେଖିବା ଉଚିତ୍ ଓ ତାହାଙ୍କ ଇଚ୍ଛା ପ୍ରତି ମନୋଯୋଗୀ ହେବା ଉଚିତ୍ । ଯଦି ଭୁଲ୍ ସମ୍ପର୍କ କିମ୍ବା ଭୁଲ୍ ଜ୍ଞାନ ବିଷୟରେ ଅଟେ, ତେବେ କଥାବାର୍ତ୍ତା କଲା ବେଳେ ପ୍ରସଙ୍ଗ ସ୍ପଷ୍ଟରୂପେ ଓ ସମ୍ମତିରେ ଦେଖାଯାଇଥାଏ । ପୁଣି ଏକସଙ୍ଗେ ଶତ୍ରୁ ବିରୁଦ୍ଧରେ ପ୍ରାର୍ଥନା କରନ୍ତୁ (ଯୋହନ ୧:୭)

(ଖ) ଏହା କ'ଣ ଆତ୍ମିକ ଯୁଦ୍ଧ ଅଟେ ! ହୋଇପାରେ ବିଭାଜନର ଆତ୍ମା କାର୍ଯ୍ୟ କରୁଛି, କିମ୍ବା ଅନ୍ୟ ଆତ୍ମିକ ପ୍ରହାର ବାହ୍ୟ ଭାବରେ ଆପଣଙ୍କ ଦୁହିଁଙ୍କ ଉପରେ ଅଛି, ଶତ୍ରୁ ଦ୍ୱାରା ମିଥ୍ୟା ଦେଖାଉଛି, ଯେପରି ପରମେଶ୍ୱରଙ୍କ କାର୍ଯ୍ୟରେ ଯୁଦ୍ଧ ଓ ନଷ୍ଟ ହେବ । ପୁଣି ଯଦି ଏହିପରି ହୋଇଥିବ, ତେବେ ମୁକ୍ତ ଭାବରେ ଓ ବିଶ୍ୱସ୍ତତାର ସହିତ କରାଯାଇଥିବା କଥାବାର୍ତ୍ତା ଦ୍ୱାରା ଆପଣ ଦୁହିଁଙ୍କ ମଧ୍ୟରେ ଥିବା ପ୍ରାଚୀରକୁ ଭାଙ୍ଗି ଦିଅନ୍ତୁ ଓ ଏକସଙ୍ଗେ ଶତ୍ରୁ ବିରୁଦ୍ଧରେ ପ୍ରାର୍ଥନା କରନ୍ତୁ (ଏଫିସୀୟ ୬:୧୨)

(ଗ) ପାପର ପରିଣାମସ୍ୱରୂପ ଏହି ସମ୍ପର୍କ କ'ଣ ଭାଙ୍ଗିଯିବ, ଆପଣଙ୍କର ନା ଅନ୍ୟ ବ୍ୟକ୍ତିଙ୍କର ? ହୋଇପାରେ ଗତକାଲି ପାପ ଓ ଈର୍ଷା ଅଛି କିମ୍ବା ନକାରାତ୍ମକ ଗମ୍ଭୀର ପ୍ରତିକ୍ରିୟା ଜାଗ୍ରତ ହେଉଛି ଯାହାକି କୁହାଯାଇଥିବା ଯେକୌଣସି ଶବ୍ଦ ଓ କାର୍ଯ୍ୟକୁ ଅସଙ୍ଗତ କରୁଛି । "ତୁମ୍ଭମାନଙ୍କ ମଧ୍ୟରେ ଯୁଦ୍ଧ ଓ ବିବାଦ କେଉଁଠାରୁ ହୁଏ ? କଅଣ ତୁମ୍ଭମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ଯୁଦ୍ଧ କରୁଥିବା ସୁଖାଭିଳାଷରୁ ନୁହେଁ ?" (ଯାକୁବ ୪:୧)

ପିସ୍‌ମେକର୍ ମିନିଷ୍ଟ୍ରିସ୍ ସଂଘର୍ଷପୂର୍ଣ୍ଣ ସଙ୍କଳ୍ପ ପ୍ରତି ଚାରିଟି ବାଇବଲସମ୍ମତ ପଦକ୍ଷେପ ବିଷୟରେ କହିଥାଏ :

୧. ପରମେଶ୍ୱରଙ୍କ ଗୌରବ କରନ୍ତୁ । ଈଶ୍ୱରଙ୍କୁ ବିଶ୍ୱାସ କରିବା ବିଷୟ ଏହି ସଂଘର୍ଷକୁ ମଙ୍ଗଳ ନିମନ୍ତେ ବ୍ୟବହାର କରିପାରିବ (ରୋମୀୟ ୮:୨୮) ।

୨. ନିଜ ଆଖିରୁ କଡ଼ିକାଠ ବାହାର କରନ୍ତୁ (ମାଥିଉ ୭:୫) । ଫିଲିପ୍ପୀୟ ୪:୨-୯ ପଦକୁ ଧ୍ୟାନ କରନ୍ତୁ ।

୩. ଭଦ୍ର ଭାବରେ ପୁନଃସଂସ୍ଥାପିତ କରନ୍ତୁ । ଦୋଷାରୋପଣ ନୁହେଁ, ପୁନଃସଂସ୍ଥାପନ ଅନ୍ୱେଷଣ କରନ୍ତୁ (ମାଥିଉ ୧୮:୧୫-୧୮) ।

୪. ଯାଆନ୍ତୁ ଓ ମିଳିତ ହୁଅନ୍ତୁ ! ପରମେଶ୍ୱର ଆପଣଙ୍କୁ ଯେପରି କ୍ଷମା କରିଅଛନ୍ତି, ସେହିପରି କ୍ଷମା ଦିଅନ୍ତୁ (କଲିସୀୟ ୩:୧୨-୧୪) (ସାଣ୍ଡେ, ୨୦୧୪) ।

ଅନ୍ୟ ବ୍ୟକ୍ତି ସଂଘର୍ଷରେ ସେମାନଙ୍କ ଭୂମିକା ସ୍ୱୀକାର କରନ୍ତୁ ବା ନ କରନ୍ତୁ, ଆମକୁ ପରମେଶ୍ୱରଙ୍କ ଦ୍ୱାରା ଆଜ୍ଞା ଦିଆଯାଇଛି ଯେ ଯଦି ଆମେ କ୍ଷମା ପାଇବାକୁ ଇଚ୍ଛା କରୁ, ତେବେ ଆମେ କ୍ଷମା କରିବା ଉଚିତ୍ (ମାଥିଉ ୬:୧୫) । ଆପଣ ଯଦି ଏହି କ୍ଷେତ୍ରରେ ସଂଘର୍ଷ

କରୁଛନ୍ତି, ତେବେ ପଢ଼ିବା ପାଇଁ ବହୁତ ପରାମର୍ଶ ଦିଆଯାଇଛି ଓ ଏହି ଅଧ୍ୟାୟର ଶେଷରେ ୱେବ୍‌ସାଇଟ୍ ଅଛି ।

ନିମ୍ନଲିଖିତ ବ୍ୟକ୍ତିତ୍ୱର ପ୍ରକାରଭେଦ ନିମନ୍ତେ, ସମ୍ମୁଖୀନ ହେବା ବିଷୟକୁ ଅଣଦେଖା କରିବା ପାଇଁ ବହୁତ ପ୍ରଲୋଭନ ରହିଛି ଓ ଚିନ୍ତା କରନ୍ତୁ "ଆଶା କରନ୍ତୁ ଯେ ସମୟ ସହିତ ସମସ୍ତ ବିଷୟ ଗତ ହୋଇଯିବ" । ମୁଁ ସ୍ୱାଧୀନ ଭାବରେ ବିଶ୍ୱାସ କରୁଛି ଯେ ମୁଁ ସେହି ଲୋକମାନଙ୍କ ମଧ୍ୟରେ ଅଛି । ସେହି ସମୟରେ, ମୁଁ ଅନୁଭବ ଦ୍ୱାରା ଶିକ୍ଷା କରିଛି ଯେ ବେଳେବେଳେ ସମସ୍ୟା ଆସିଥାଏ, ତାହା ଚାଲିଯିବ । ଏହା ସାଧାରଣତଃ କିଛି ସମୟ ପାଇଁ ଚାଲିଯିବ । ସମସ୍ୟା ଯଦି ମନରେ ବାରମ୍ବାର ଆସେ ଓ ଆପଣ ଅନ୍ୟ ବ୍ୟକ୍ତିଙ୍କୁ ଏଡ଼ାଇ ଦେଉଥିବାର ଦେଖିବାକୁ ପାଇବେ, ତେବେ ପ୍ରାର୍ଥନା ସହକାରେ, ବିଶ୍ୱସ୍ତରୂପେ, ଓ ସମ୍ମାନର ସହିତ ଅନ୍ୟ ବ୍ୟକ୍ତିଙ୍କ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ କରିବା ଉଚିତ୍, ତାହା ଯଦି ସମ୍ମୁଖାସମ୍ମୁଖୀ ହେବ, ତେବେ ବହୁତ ଭଲ ।

**ମୁଖସ୍ଥ ପଦ :**

* ରୋମୀୟ ୧୨:୧୮ - ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ ।

* ଏଫିସୀୟ ୪:୩୨ - ଆଉ, ପରସ୍ପର ପ୍ରତି ସଦୟ ହୁଅ, କୋମଳହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର ।

**ମୂଳ ସତ୍ୟତା :**

ବଳିଷ୍ଠ ସମ୍ପର୍କ ଓ ସମାଜ ଗଠନ କରିବା ପାଇଁ ଯୋଗାଯୋଗ ଶୈଳୀ ଓ ବ୍ୟକ୍ତିତ୍ୱର ବିବିଧତା ବୁଝିବା ଜରୁରୀ ଅଟେ ।

**ଆପଣଙ୍କ ପ୍ରତିକ୍ରିୟା :**

୧. କେଉଁ ବ୍ୟକ୍ତିର ଶୈଳୀ ଆପଣଙ୍କୁ ଓ ଆପଣଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଅଧିକରୂପେ ପରିଚିତ କରିଥାଏ ବୋଲି ଆପଣ ଭାବନ୍ତି । ଆପଣଙ୍କ ନିକଟରେ ଯଦି ଇଣ୍ଟର୍‌ନେଟ୍ ଅଛି ଓ ଆପଣ କେବେ ବି ନିଜ ବ୍ୟକ୍ତିତ୍ୱ ପରୀକ୍ଷା କରି ନାହାନ୍ତି, ତେବେ ଥରେ ବିନାମୂଲ୍ୟରେ ଦିଆଯାଇଥିବା discpersonalitytesting.com/free-disc-testକୁ ଉପଯୋଗ କରନ୍ତୁ ।

୨. ପରବର୍ତ୍ତୀ ସମୟରେ କଥାବାର୍ତ୍ତା କରୁଥିଲା ବେଳେ ସାବଧାନର ସହିତ ବିଜ୍ଞାନର ପ୍ରଣାଳୀକୁ ଶୁଣିବାକୁ ଚେଷ୍ଟା କରନ୍ତୁ ଓ ପ୍ରତିକ୍ରିୟା ପ୍ରକାଶ କରିବା ପୂର୍ବରୁ ସ୍ପଷ୍ଟରୂପେ ବୁଝନ୍ତୁ । ଯଦି ଏହା ପ୍ରଥମେ ଅଡୁଆ ଓ ଅସୁବିଧାଜନକ ବୋଧହୁଏ, ତେବେ ଆଶ୍ଚର୍ଯ୍ୟ ହୁଅନ୍ତୁ ନାହିଁ । ଅନ୍ୟ ବିଷୟ ପରି ଏଗୁଡ଼ିକ ଅଭ୍ୟାସ କରିବା ଦ୍ୱାରା ଆପଣ ଅଧିକ ଉତ୍ତମ କାର୍ଯ୍ୟ କରିପାରିବେ । ଆପଣ ଯାହା ସହିତ କାର୍ଯ୍ୟ କରୁଛନ୍ତି, ତାଙ୍କୁ ଯଦି ନିର୍ଦ୍ଦେଶ ଦେଉଛନ୍ତି, ତେବେ ଆପଣଙ୍କ ନିମନ୍ତେ ଆପଣଙ୍କ ଶ୍ରୋତାମାନଙ୍କୁ ତାହା ପୁନର୍ବାର କରିବାକୁ କୁହନ୍ତୁ । ଏହା ହୁଏତ ଆପଣଙ୍କୁ ଆଶ୍ଚର୍ଯ୍ୟ କରିଦେବ ।

୩. ଆପଣ କ'ଣ ନିଜକୁ ପୂର୍ବର ଏକ ଅବୁଝାମଣା ହେତୁ କୌଣସି ବ୍ୟକ୍ତିଙ୍କୁ ଏଡ଼ାଇ ଯାଉଥିବାର ଦେଖିଛନ୍ତି ? ଶାନ୍ତି ସ୍ଥାପନର ଚାରିଟି ବିଷୟ କରନ୍ତୁ, ସମୟ ବିଷୟରେ ଈଶ୍ୱରଙ୍କ ପରିଚାଳନା ପ୍ରତି ମନୋଯୋଗୀ ହୁଅନ୍ତୁ ।

**ଅଧିକ ଅଧ୍ୟୟନ ନିମନ୍ତେ :**

www.peacemaker.net
www.stephenministries.org
www.enneagram.com
*The Friendship Factor* by Alan Loy McGinnis (McGinnis, 1979)
*Speaking the Truth in Love* by Koch & Haugk (Koch & Haugk, 1992)
*Forgive and Forget* by Lewis Smedes (Smedes, 1984)
*Managing Conflict God's Way* by Deborah Smith Pegues (Pegues, 1997)
*Personalysis* – Management Technologies (Noland, 2015)
*Personality Plus* – Florence Littauer (Littauer, 1986)
*LifeKeys* – Kise, Stark, Hirsh (Kise, Stark, & Hirsh, 1996)
*The Seven Basic Habits of Highly Effective People* by Stephen R. Covey (Covey, 1989)

## ଅଧ୍ୟାୟ ୯ : ଈଶ୍ୱର ଆପଣଙ୍କୁ ରଖିଥିବା ସ୍ଥାନରେ ନେତୃତ୍ୱ ନେବା

ଆମ ମଧ୍ୟରୁ କିଛି ଲୋକ ନେତୃତ୍ୱ ନେବା ପାଇଁ ଜନ୍ମଗ୍ରହଣ କରିଛନ୍ତି, ଯେପରି ଇଂଲାଣ୍ଡର ରାଜକୁମାର ୱିଲିୟମ୍, ଅନ୍ୟ କିଛି ଲୋକ ପ୍ରାକୃତିକ ଭାବରେ ଦାନପ୍ରାପ୍ତ ନେତା ଅଟନ୍ତି (ଯଦିଚ କିଛି ବ୍ୟକ୍ତି ସେହି ବ୍ୟକ୍ତିତ୍ୱ ଦାବି କରିବେ), କିନ୍ତୁ ଆମ ମଧ୍ୟରୁ ବହୁତ ଲୋକ ନେତୃତ୍ୱ ନିମନ୍ତେ ଧୀରେ ଧୀରେ ବିକଶିତ ହୋଇଥାନ୍ତି । କ୍ରମବର୍ଦ୍ଧମାନ ଭାବରେ, ଅନୁଭବ, ପ୍ରତିକ୍ରିୟା ଓ ନିରୀକ୍ଷଣ ଦ୍ୱାରା ଜ୍ଞାନ ଅର୍ଜନ କରାଯାଇଥାଏ । ତେବେ କିଏ କିପରି ଭାବରେ ନେତୃତ୍ୱର ଯାତ୍ରା ଆରମ୍ଭ କରିପାରିବେ ? ନେତୃତ୍ୱ ନେଇ ଆରମ୍ଭ କରନ୍ତୁ, ଯେଉଁଠାରେ ପରମେଶ୍ୱର ଆପଣଙ୍କୁ ରଖିଅଛନ୍ତି । ପୂର୍ବରୁ ଯେପରି କହିଛି, ପ୍ରାରମ୍ଭିକ ସ୍ତରରେ ମୋର ନେତୃତ୍ୱର ଅନୁଭବ

ମଣ୍ଡଳୀରେ ସାହାଯ୍ୟ କରିବା ଓ ବିଦ୍ୟାର୍ଥୀମାନଙ୍କ ଗହଣରେ କାର୍ଯ୍ୟ କରିବା ଦ୍ୱାରା ହୋଇଥିଲା । ପ୍ରାରମ୍ଭିକ ବର୍ଷଗୁଡ଼ିକରେ ନେତୃତ୍ୱର ଯେଉଁ ପାଠ ଶିଖିଲି ତାହା ବହୁମୂଲ୍ୟ ଥିଲା – ସମାଲୋଚନା ଓ ଅସ୍ୱୀକୃତିର ଉତ୍ତର କିପରି ଭାବରେ ଦେବା ଉଚିତ୍, ସାମୁହିକ ବିକାଶର ମହତ୍ତ୍ୱ ଓ ଯେଉଁ ସଂସ୍ଥା ପଛରେ ରହିଯାଇଛି ତାକୁ ଅଗ୍ରସର କରିବା । ମୋର ଜୀବନର ଏକ ଅଧିକ ମହତ୍ତ୍ୱ ରଖୁଥିବା ନେତୃତ୍ୱ ମୋତେ କୋଡ଼ିଏ ବର୍ଷ ହେବା ପରେ ହୋଇଥିଲା, ଯେତେବେଳେ ମୁଁ ମାଆ ହୋଇଥିଲି । ପରବର୍ତ୍ତୀ ଜୀବନରେ, ମୋର ସଂଘୀୟ କାର୍ଯ୍ୟାଳୟରେ ପରିଚାଳକ ଭାବରେ କାର୍ଯ୍ୟ କରୁଥିଲା ବେଳେ ମୋର ବସ୍‌ଙ୍କୁ ଏହା କହିଥିବା ମନ ଅଛି, "ଏହି କାର୍ଯ୍ୟ କରିବା ପାଇଁ ଯେଉଁ ଜ୍ଞାନର ଆବଶ୍ୟକତା ଥିଲା, ସେସବୁ ଶିକ୍ଷା କରିଥିଲି ଯେତେବେଳେ ମୁଁ ଦର୍ଶ ବର୍ଷ ମୋର ଦୁଇ ଜଣ ପିଲାଙ୍କ ସହିତ ଘରେ ଥିଲି ।" ଜୀବନର ଆଦ୍ୟକାଳରେ ଶିକ୍ଷା କରିଥିବା ନେତୃତ୍ୱର ପାଠକୁ ହେୟଜ୍ଞାନ କରନ୍ତୁ ନାହିଁ । ଆପଣ ଆପଣଙ୍କ ନେତୃତ୍ୱର ଭୂମିକାରେ ଅଧିକ ଗମ୍ଭୀର ହେଲା ବେଳେ ନିମ୍ନଲିଖିତ ଚାରିଟି ନିୟମ ପାଳନ କରନ୍ତୁ ବୋଲି ମୁଁ ପରାମର୍ଶ ଦେଉଛି ।

**୧. ଏକ ଦର୍ଶନ ପ୍ରାପ୍ତ ହୁଅନ୍ତୁ**

ନେତୃତ୍ୱ ଦେଉଥିଲା ବେଳେ ଆପଣ କ'ଣ କରିବାକୁ ଚେଷ୍ଟା କରିଥାନ୍ତି ? ଆପଣ କ'ଣ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି, ଲକ୍ଷ୍ୟ ବା ଦିଗ ଦେଉଛନ୍ତି, ସୁଯୋଗ ଖୋଜୁଛନ୍ତି ଓ ନେତୃତ୍ୱର ଶୂନ୍ୟସ୍ଥାନ ପୂରଣ କରୁଛନ୍ତି । ଲୋକମାନଙ୍କୁ ଅନୁସରଣ କରିବା ପାଇଁ ପ୍ରୋତ୍ସାହିତ କରିବା, ଆପଣ ସ୍ପଷ୍ଟରୂପେ ଦୃଷ୍ଟିକୋଣକୁ ଅବଶ୍ୟ ପ୍ରସାରଣ କରିବା ଯୋଗ୍ୟ ହେବା ଉଚିତ୍ । ଆପଣ ସ୍ୱର୍ଗୀୟ ଅନୁପ୍ରେରଣା ପ୍ରତି, ଏକ ଆବଶ୍ୟକତାକୁ ଲକ୍ଷ୍ୟ କରି, କିମ୍ବା କ୍ଷମତାରେ ଥିବା ଜଣଙ୍କର ନିମନ୍ତ୍ରଣ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିପାରିବେ । ମୋଶାଙ୍କ ନିକଟରେ ଏକ ଉଦ୍ଦେଶ୍ୟ ଥିଲା ଯେ ସେ ଇସ୍ରାୟେଲୀୟମାନଙ୍କୁ ଦାସତ୍ୱରୁ ମୁକ୍ତ କରିବେ । ଦୁର୍ଭାଗ୍ୟର ବିଷୟ ହେଉଛି ଯେ ତାଙ୍କର ପ୍ରାରମ୍ଭିକ ଚେଷ୍ଟା ଚାଳିଶ ବର୍ଷ ନିମନ୍ତେ ପ୍ରାନ୍ତର ମଧ୍ୟରେ ତାଙ୍କର ଜୀବନ ପଛକୁ ଫେରିବା ଦ୍ୱାରା ନଷ୍ଟ ହୋଇଗଲା । ଆପଣ ଏକ ଭଲ ମଣ୍ଡଳୀରେ ଅଛନ୍ତି, ଏଠାରେ ଆପଣଙ୍କର ପ୍ରାରମ୍ଭିକ ନେତୃତ୍ୱର ଅନୁଭବ ବିଫଳତାରେ ସମାପ୍ତ ହୋଇଗଲେ ମଧ୍ୟ ସାହସ ହରାନ୍ତୁ ନାହିଁ । ଜନ୍ ମ୍ୟାକ୍ସ୍ୱେଲ୍ ଆମକୁ ପରାମର୍ଶ ଦିଅନ୍ତି, "ଅଗ୍ରସର ପ୍ରତି ବିଫଳତା" ଆମର ଭୁଲ୍‌ରୁ ଶିଖିବା (୨୦୦୦) ।

## ୨. ନିଜକୁ ଚିହ୍ନନ୍ତୁ

ରୋମୀୟ ୧୨:୩ ପଦ, ଆମେ ନିଜ ବିଷୟରେ ଯେତେ ଚିନ୍ତା କରିପାରିବା, ତହିଁରୁ ଅଧିକ ଚିନ୍ତା ନ କରିବା ପାଇଁ ପ୍ରୋତ୍ସାହନ ଦେଇଥାଏ । କିନ୍ତୁ ନେତୃତ୍ୱ ବିଷୟରେ ଜରୁରୀ ଅଟେ ଯେ ଆମେ ନିଜର ଶକ୍ତି ଓ ବିଶେଷରୂପେ ନିଜର ଦୁର୍ବଳତାକୁ ଜାଣିବା - ଆମର ଗୁଣକୁ ଜାଣିବା, ଯେପରି ଆମେ ତାକୁ ବିକଶିତ କରିପାରିବା ଓ ଆମର ଦୁର୍ବଳତାକୁ ଜାଣିବା, ଯେପରି ଆମେ ଜାଣିପାରିବା ଯେ ଆମେ କିପରି ଭାବରେ ସେଗୁଡ଼ିକର କ୍ଷତିପୂରଣ କରିପାରିବା ।

(କ) ନିଜ ଗୁଣକୁ ଚିହ୍ନନ୍ତୁ ! ଅଧ୍ୟାୟ ୩ରେ ଆମେ ନିଜର ଦାନ ଓ ମନୋଭାବ ବିଷୟରେ କଥାବାର୍ତ୍ତା କରିସାରିଛୁ । ସେସବୁ ପ୍ରାରମ୍ଭିକ ବିଷୟ ନିଜର ଗୁଣ ବିଷୟରେ ଚିନ୍ତା କରିବା ପାଇଁ ଶ୍ରେଷ୍ଠ ଅଟେ । ଲୋକମାନେ, ବିଶେଷରୂପେ ଯେଉଁମାନେ ଆପଣଙ୍କୁ ବହୁତ ଭଲରୂପେ ଜାଣନ୍ତି, ସେମାନେ କାର୍ଯ୍ୟାଳୟରେ, ମଣ୍ଡଳୀରେ, ଘରେ ଓ ସମାଜରେ ଆପଣଙ୍କ ବିଷୟରେ କେଉଁ ସକାରାତ୍ମକ ବିଷୟ କହିଥାନ୍ତି । ଚାରିରୁ ପାଞ୍ଚଟି ବିଷୟ ଚିନ୍ତା କରନ୍ତୁ, ଯେଉଁ ବିଷୟକୁ ଆପଣ ଭଲରୂପେ ଭାବିବାକୁ ଓ କରିବାକୁ ପସନ୍ଦ କରିଥାନ୍ତି । ଆପଣ ଯେତେବେଳେ ନେତୃତ୍ୱ ନେବା ବିଷୟରେ ଚିନ୍ତା କରନ୍ତି, ଯେଉଁ ବିଷୟରେ ଆପଣ ବର୍ତ୍ତମାନ ଧ୍ୟାନ ଦିଅନ୍ତି, ସେତେବେଳେ ସେହିସବୁ ଗୁଣ କିପରି ଭାବରେ ବର୍ଦ୍ଧିତ ହୋଇଥାଏ ?

(ଖ) ନିଜର ଦୁର୍ବଳତା ଜାଣନ୍ତୁ । ଆପଣ ବିଫଳ ହେଲେ, ସାଧାରଣତଃ ତା'ର କାରଣ କ'ଣ ହୋଇଥାଏ ? ଲୋକମାନେ ପ୍ରାୟତଃ ଆପଣଙ୍କ ବିଷୟରେ କେଉଁ ନକାରାତ୍ମକ ବିଷୟ କହିଥାନ୍ତି ? ଆପଣ ସମ୍ଭବତଃ କେଉଁ ପ୍ରକାର ପରିସ୍ଥିତି ଏଡ଼ାଇ ଯିବାକୁ ଚେଷ୍ଟା କରିଥାନ୍ତି ? ଆପଣଙ୍କୁ ଆହ୍ୱାନ ଦେଉଥିବା ୪ଟି ବା ୫ଟି ଦୁର୍ବଳତା ବିଷୟରେ ଚିନ୍ତା କରନ୍ତୁ । ଆପଣଙ୍କ ସାମ୍ପ୍ରତିକ ପରିସ୍ଥିତିରେ ସେଗୁଡ଼ିକ କିପରି ଭାବରେ ଆପଣଙ୍କ ନେତୃତ୍ୱର ପ୍ରଭାବକୁ ସୀମାବଦ୍ଧ କରିଥାଏ ? ସେହି କ୍ଷତିପୂରଣ ନିମନ୍ତେ ଆପଣ କ'ଣ କରିପାରିବେ ?

(ଗ) ନିଜ ହୃଦୟର ପ୍ରେରଣାକୁ ଜାଣନ୍ତୁ । "ଈଶ୍ୱର ଆପଣଙ୍କୁ ଯେଉଁଠାରେ ରଖିଅଛନ୍ତି ତାକୁ ଜାଣିବା" ବିଷୟରେ ଆପଣ ଚିନ୍ତା କଲା ବେଳେ ଆପଣଙ୍କର ମୂଳ ମନୋବୃତ୍ତି କ'ଣ ହୋଇଥାଏ ? ନିୟନ୍ତ୍ରଣ କରିବା ? ଲୋକମାନଙ୍କ ଆବଶ୍ୟକତାଗୁଡ଼ିକ ପୂରଣ କରିବା ? ଅନ୍ୟମାନଙ୍କ ଧ୍ୟାନ ଆକର୍ଷଣ କରିବା ଓ ପ୍ରେମ ପାଇବା ? ଆପଣଙ୍କ ଇଚ୍ଛାଗୁଡ଼ିକ ମଧ୍ୟରେ ଗର୍ବ,

ଲୋଭ, ଶତ୍ରୁତା ଓ ଅନ୍ୟ "ଶରୀରର ଅଭିଳାଷ"ର ସ୍ଥାନ କ'ଣ ଅଟେ ? ପରମେଶ୍ୱରଙ୍କ ପ୍ରତି ଓ ନିଜ ପ୍ରତି ବିଶ୍ୱସ୍ତ ରୁହନ୍ତୁ ।

ମୋଶା ନିଜର ଚାଳିଶ ବର୍ଷ ଧରି ପ୍ରାନ୍ତର ଯାତ୍ରା କରିବା ସମୟରେ ପରିବର୍ତ୍ତିତ ହୋଇଥିଲେ । ସେ ମିସରର ରାଜକୁମାର ହୋଇ ରହିଲେ ନାହିଁ, ସେ ମେଷପାଳକ ହେଲେ, ଶତ୍ରୁତା ମନୋଭାବ ରହିଲା ନାହିଁ, ସେ ପ୍ରାନ୍ତରରେ ବାସ କରୁଥିବା ନ୍ୟୁନ ବ୍ୟକ୍ତି ହୋଇଗଲେ । ଜଣେ ମନୁଷ୍ୟ ଯାହାଙ୍କ "କଥାରେ ସାମର୍ଥ୍ୟ ଥିଲା" (ମାଥିଉ ୭:୨୨) ସେ ନିଜକୁ "ଜଡ଼ଜିହ୍ୱା" ବୋଲି କହିଲେ (ଯାତ୍ରା ୪:୧୦) । ତାଙ୍କର ସାମର୍ଥ୍ୟ ଦୁର୍ବଳତା ହେଲା, କିନ୍ତୁ ବର୍ତ୍ତମାନ ପରମେଶ୍ୱରଙ୍କ ଦୃଷ୍ଟିରେ, ସେ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ ଥିଲେ ।

**୩. ପରମେଶ୍ୱରଙ୍କ ଆହ୍ୱାନକୁ ଶୁଣିବା**

ବାଇବଲର ମହାନ୍ ନେତା, ଅବ୍ରାହାମ୍, ମୋଶା, ଯିହୋଶୂୟ, ଗିଦିୟୋନ, ଦାଉଦ, ପ୍ରେରିତ ପାଉଲ, ପୁରାତନ ନିୟମ ଓ ନୂତନ ନିୟମର ସମସ୍ତ ଚରିତ୍ରରେ ଗୋଟିଏ ସାଧାରଣ ବିଷୟ ଥିଲା । ପ୍ରତ୍ୟେକେ ଜୀବନରେ ଗୋଟିଏ ସମୟରେ ପରମେଶ୍ୱରଙ୍କ ଆହ୍ୱାନକୁ "ହଁ" ବୋଲି କହିଲେ, ସେମାନଙ୍କ ମଧ୍ୟରୁ କେହି ଜଣେ ମଧ୍ୟ ଉତ୍କୃଷ୍ଟ ନ ଥିଲେ । ସେମାନେ କେହି ଜଣେ ମଧ୍ୟ ବ୍ୟକ୍ତିଗତରୂପେ ଅସାଧାରଣ ନ ଥିଲେ । ସେହି ସମୟରେ ସେମାନଙ୍କ ମଧ୍ୟରୁ ଅଧିକ ନେତୃତ୍ୱ ନେବା ପାଇଁ ନିଜକୁ ନେତୃତ୍ୱ ଦେବା ପାଇଁ ଅଯୋଗ୍ୟ ବୋଲି ଗଣ୍ୟ କରିଥିଲେ, ତଥାପିମଧ୍ୟ ନେତୃତ୍ୱ ନେବା ପାଇଁ ପରମେଶ୍ୱରଙ୍କ ଆହ୍ୱାନ ପ୍ରତି ସେମାନେ ଆଜ୍ଞାକାରୀ ହୋଇଥିଲେ । ପରମେଶ୍ୱର ମୋଶାଙ୍କୁ ଯେପରି କହିଥିଲେ "ତୁମ ହାତରେ କ'ଣ ଅଛି ?" (ଯାତ୍ରା ୪:୨), ସେହିପରି ଆମକୁ କହିଲେ ଆମେ ଅଯୋଗ୍ୟ ଅନୁଭବ କରିଥାଉ । ପ୍ରଶ୍ନ ହେଉଛି ଯେ ଆମେ ବିଶ୍ୱାସୀ ଓ ଆଜ୍ଞାକାରୀ ହୋଇ ଆମ ପାଖରେ ଯାହାଅଛି ତାକୁ ତାହାଙ୍କ ନିମନ୍ତେ ଉପଯୋଗ କରି ନିଜର ପଦକ୍ଷେପ ପକାଇବାକୁ ଇଚ୍ଛା କରିବା କି ? ସାନବେଳେ ମୋର ପସନ୍ଦଯୋଗ୍ୟ ଏକ ଗୀତ ଥିଲା, "ଶାମଗର ପାଖରେ ଏକ ଗାଈ ଅଡ଼େଇବା ଅଙ୍କୁଶ ଥିଲା, ଦାଉଦଙ୍କ ପାଖରେ ଏକ ଛାଟେଣି ଥିଲା, ଦର୍କାଙ୍କ ପାଖରେ ଛୁଞ୍ଚି ଥିଲା, ରାହାବଙ୍କ ପାଖରେ କିଛି ଦଉଡ଼ି ଥିଲା, ଶାମ୍ଶୋନଙ୍କ ପାଖରେ ଏକ ଥୋମଣି ହାଡ଼ ଥିଲା, ହାରୋଣଙ୍କର ଏକ ଯଷ୍ଟି

ଥିଲା, ମରିୟମଙ୍କ ପାଖରେ ମଲମ ଥିଲା, ପୁଣି ସେସବୁ ବିଷୟ ପରମେଶ୍ୱରଙ୍କ ଉପଯୋଗୀ ହୋଇଥିଲା" ଆପଣଙ୍କ ହାତରେ କ'ଣ ଅଛି ?

### ୪. ଏକ ଦଳ ଗଠନ କରନ୍ତୁ

ପ୍ରାରମ୍ଭ ସମୟରେ ଏକ ମହତ୍ତ୍ୱପୂର୍ଣ୍ଣ ନେତୃତ୍ୱ/ସେବାର କାର୍ଯ୍ୟ ନିମନ୍ତେ ଗୋଟିଏ ଦଳ ଆରମ୍ଭ କରିବା ପାଇଁ ଥିଲା, ଯେଉଁମାନେ ଆପଣଙ୍କ ସହିତ ଯାତ୍ରା କରିବେ । ଆପଣ ସେମାନଙ୍କ କଥାକୁ କିପରି ଭାବରେ ଶୁଣିଥାନ୍ତି ? ସମ୍ମିଳିତ ହେବା ପାଇଁ ବିଶ୍ୱସ୍ତ ଲୋକମାନଙ୍କୁ ବାଛନ୍ତୁ, ଯେଉଁମାନେ ଆଘାତପ୍ରାପ୍ତ ହେଲେ ମଧ୍ୟ ସତ୍ୟ ପ୍ରତି ପ୍ରତିବଦ୍ଧ ଅଟନ୍ତି, ଦର୍ଶନ ଦେଖୁଥିବା ଓ ଏହା ସଫଳ ହେବା ବିଷୟରେ ଆବେଗ ଥିବା ଲୋକମାନେ, ଆପଣ ଦେଖିପାରୁ ନ ଥିବା କଠିନତାକୁ ଦେଖିପାରୁଥିବା ବୁଦ୍ଧିମାନ୍ ଲୋକମାନେ, ଆପଣଙ୍କ ଦୁର୍ବଳ କ୍ଷେତ୍ରରେ ଶକ୍ତି ଥିବା ଲୋକମାନେ, ଯେଉଁ ଲୋକମାନଙ୍କ ବିଚାର ଓ ଆନୁଗତ୍ୟ ଉପରେ ଆପଣ ଭରସା କରନ୍ତି, ସେମାନଙ୍କ ପ୍ରତି ଉତ୍ତରଦାୟୀ ହେବାକୁ ଆପଣ ଇଚ୍ଛୁକ, ଆପଣ ଭୁଲ୍ କରୁଥିଲା ବେଳେ ଆପଣଙ୍କୁ ସଂଶୋଧନ କରିବା ପାଇଁ ଆପଣ ଯେଉଁ ଲୋକମାନଙ୍କୁ କ୍ଷମତା ଦିଅନ୍ତି, ଯେଉଁ ଲୋକମାନଙ୍କୁ ଆପଣ ଆପଣଙ୍କ ମନର କଥା କହିପାରୁଥିବେ ଓ ଆପଣଙ୍କର ଦୁର୍ବଳତା ସତ୍ତ୍ୱେ ସେମାନେ ଆପଣଙ୍କୁ ପ୍ରେମ କରିବେ ବୋଲି ଆପଣ ଜାଣନ୍ତି । ଆପଣଙ୍କ ନିକଟତର ଲୋକମାନଙ୍କ ସଂଖ୍ୟା ଯେ ବହୁତ ହେବ ସେପରି ନୁହେଁ । ଗୋଟିଏ ରାତିର ପ୍ରାର୍ଥନା ପରେ ଯୀଶୁ ତାହାଙ୍କୁ ଅନୁସରଣ କରିବା ପାଇଁ ବାରଜଣ ଶିଷ୍ୟଙ୍କୁ ବାଛିଥିଲେ, କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ତିନି ଜଣ ତାହାଙ୍କ ଘନିଷ୍ଠ ଥିଲେ । ମୋଶା କେବଳ ତାଙ୍କର ଭାଇ ହାରୋଣଙ୍କୁ ବାଛିଥିଲେ, ଯେ କି ସମ୍ପୂର୍ଣ୍ଣ ନୂଆ ଥିଲେ, କିନ୍ତୁ ପରମେଶ୍ୱରଙ୍କ ଦ୍ୱାରା ସେ ତାହାଙ୍କ ସାଥୀ ଭାବରେ ବଛା ଯାଇଥିଲେ । ନିଜର ଦଳକୁ ଧୀରେ ଧୀରେ ଓ ପ୍ରାର୍ଥନାର ସହିତ ବୃଦ୍ଧି କରନ୍ତୁ । ପ୍ରେମରେ, ବିକାଶରେ ଓ ତାହାଙ୍କ ସେବା ନିମନ୍ତେ ବଚନବଦ୍ଧ ହୁଅନ୍ତୁ । ନିଜ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସେମାନଙ୍କୁ ଉପଯୋଗ କରନ୍ତୁ ନାହିଁ । ସାଧାରଣତଃ ଦଳର ବିକାଶ ଜଣେ ଆଉ ଜଣଙ୍କୁ ପ୍ରଶିକ୍ଷଣ ଦେବା ଦ୍ୱାରା, ପରସ୍ପରର ମନର କଥା ଓ ଜୀବନ କାହାଣୀ ଶୁଣିବା ଦ୍ୱାରା, ଓ ଧୀରେ ଧୀରେ ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିବା ଦ୍ୱାରା ଆରମ୍ଭ ହୋଇଥାଏ ।

ଈଶ୍ୱର ଆପଣଙ୍କୁ କେଉଁଠାରେ ରଖିଅଛନ୍ତି ? ସେ କ'ଣ ଆପଣଙ୍କୁ କୌଣସି ଦୃଷ୍ଟିକୋଣ ଦେଇଅଛନ୍ତି, ଯାହା ଆପଣ ପୂରଣ କରିବେ ବୋଲି ସେ ଇଚ୍ଛା କରୁଅଛନ୍ତି ? ଆପଣ କ'ଣ ତାହାଙ୍କ ଉପସ୍ଥିତିରେ ସମୟ କ୍ଷେପଣ କରିଥିଲେ, ନିଜର ସାମର୍ଥ୍ୟ ଓ ଦୁର୍ବଳତାକୁ ଜାଣିପାରିଲେ, ନିଜ ମନର ପ୍ରୋତ୍ସାହନକୁ ପରୀକ୍ଷା କଲେ, ସେ କ'ଣ ଆପଣଙ୍କୁ ଆହ୍ୱାନ କଲେ ଓ ଆପଣଙ୍କୁ ନିଶ୍ଚୟତା ଦେଲେ ଯେ ବର୍ତ୍ତମାନ ଆପଣ ତାହାଙ୍କ ଆହ୍ୱାନର ଉତ୍ତର ଦେବେ ? ସେ କ'ଣ ଆପଣଙ୍କ ଚାରିପାଖରେ ବିଶ୍ୱସ୍ତ ଲୋକମାନଙ୍କୁ ରଖିଅଛନ୍ତି ?

**ମୁଖସ୍ଥ ପଦ :**

* ରୋମୀୟ ୧୨:୩-୮ - ୩ କାରଣ ମୋତେ ପ୍ରଦତ୍ତ ଅନୁଗ୍ରହ ଦ୍ୱାରା ମୁଁ ତୁମ୍ଭମାନଙ୍କ ମଧ୍ୟରେ ଥିବା ପ୍ରତ୍ୟେକ ଜଣକୁ କହୁଅଛି, ଆପଣା ବିଷୟରେ ଯେପରି ମନେ କରିବା ଉଚିତ, ତାହାଠାରୁ ଆପଣାକୁ ଅଧିକ ବଡ଼ ମନେ ନ କର ; କିନ୍ତୁ ଈଶ୍ୱର ଯାହାକୁ ଯେ ପରିମାଣରେ ବିଶ୍ୱାସ ବିତରଣ କରିଅଛନ୍ତି, ସେହି ଅନୁସାରେ ପ୍ରତ୍ୟେକ ଜଣ ସୁବୋଧର ପରି ଆପଣା ବିଷୟରେ ମନେ କର । ୪ କାରଣ ଯେପରି ଏକ ଶରୀରରେ ଆମ୍ଭମାନଙ୍କର ଅନେକ ଅଙ୍ଗପ୍ରତ୍ୟଙ୍ଗ ଅଛି, କିନ୍ତୁ ସମସ୍ତ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଏକପ୍ରକାର ନୁହେଁ, ୫ ସେହିପରି ଅନେକ ଯେ ଆମ୍ଭେମାନେ, ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ଏକ ଶରୀର ଓ ପ୍ରତ୍ୟେକ ପରସ୍ପର ଅଙ୍ଗପ୍ରତ୍ୟଙ୍ଗ । ୬ ଆଉ, ଆମ୍ଭମାନଙ୍କୁ ପ୍ରଦତ୍ତ ଅନୁଗ୍ରହ ଅନୁସାରେ ଆମ୍ଭେମାନେ ବିଭିନ୍ନ ଦାନ ପାଇଅଛୁ ; ଏଣୁ ସେହି ଦାନ ଯଦି ଭାବବାଣୀ ହୁଏ, ଆସ, ଆମ୍ଭେମାନେ ବିଶ୍ୱାସର ପରିମାଣ ଅନୁସାରେ ଭାବବାଣୀ କହୁ ; ୭ କିମ୍ବା ତାହା ଯଦି ସେବକ କର୍ମ ହୁଏ, ତାହାହେଲେ ଆସ, ଆମ୍ଭମାନଙ୍କ ସେବକ କର୍ମରେ ନିବିଷ୍ଟ ରହୁ ; ୮ ଅବା ଯେ ଶିକ୍ଷା ଦିଏ, ସେ ଶିକ୍ଷାଦାନରେ, ବା ଯେ ଉପଦେଶ ଦିଏ, ସେ ଉପଦେଶଦାନରେ ନିବିଷ୍ଟ ରହୁ ; ଯେ ଦାନ କରେ, ସେ ଉଦାର ଭାବରେ ଦାନ କରୁ ; ଯେ ତତ୍ତ୍ୱାବଧାନ କରେ, ସେ ଯତ୍ନ ସହକାରେ ତତ୍ତ୍ୱାବଧାନ କରୁ ; ଯେ ଦୟା କରେ, ସେ ହୃଷ୍ଟଚିତ୍ତରେ ତାହା କରୁ ।

* ୧ମ କରିନ୍ଥୀୟ ୧୨:୪-୧୧ - ୪ ଅନୁଗ୍ରହଦାନ ବିଭିନ୍ନ ପ୍ରକାର, କିନ୍ତୁ ଆତ୍ମା ଏକ ; ୫ ସେବା ବିଭିନ୍ନ ପ୍ରକାର, ଆଉ ପ୍ରଭୁ ଏକ ; ୬ କାର୍ଯ୍ୟ ବିଭିନ୍ନ ପ୍ରକାର, କିନ୍ତୁ ଈଶ୍ୱର ଏକ, ସେ ସମସ୍ତଙ୍କଠାରେ ସମସ୍ତ ସାଧନ କରନ୍ତି । ୭ କିନ୍ତୁ ପ୍ରତ୍ୟେକ ଜଣକୁ ଆତ୍ମାଙ୍କ ଗୁଣପ୍ରକାଶକ ଦାନ

ସାଧାରଣ ହିତ ନିମନ୍ତେ ପ୍ରଦତ୍ତ ହୁଏ । ୮ କାରଣ ଜଣକୁ ଆତ୍ମାଙ୍କ ଦ୍ୱାରା ବୁଦ୍ଧିର ବାକ୍ୟ, ଅନ୍ୟ ଜଣଙ୍କୁ ସେହି ଆତ୍ମାଙ୍କ ଶିକ୍ଷାନୁଯାୟୀ ଜ୍ଞାନର ବାକ୍ୟ, ୯ ଅପର ଜଣଙ୍କୁ ସେହି ଆତ୍ମାଙ୍କ ଦ୍ୱାରା ବିଶ୍ୱାସ, ଆଉ ଜଣକୁ ସେହି ଏକ ଆତ୍ମାଙ୍କ ଦ୍ୱାରା ଆରୋଗ୍ୟ କରିବାର ଶକ୍ତି, ୧୦ ଅନ୍ୟ ଜଣକୁ ନାନା ଶକ୍ତିର କାର୍ଯ୍ୟ ସାଧନ କରିବାର, ଆଉ ଜଣକୁ ଭାବବାଣୀ କହିବାର, ଅନ୍ୟ ଜଣକୁ ଭିନ୍ନ ଭିନ୍ନ ଆତ୍ମା ଚିହ୍ନିବାର, ଆଉ ଜଣକୁ ବିଭିନ୍ନ ପରଭାଷା କହିବାର, ଅନ୍ୟ ଜଣକୁ ଭାଷାର ଅର୍ଥ କରିବାର ଶକ୍ତି ଦାନ କରାଯାଏ । ୧୧ କିନ୍ତୁ ସେହି ଏକମାତ୍ର ଆତ୍ମା ଆପଣା ଇଚ୍ଛାନୁସାରେ ପ୍ରତ୍ୟେକ ଜଣକୁ ପୃଥକ୍ ପୃଥକ୍ ରୂପେ ଦାନ ବିତରଣ କରି ଏହିସମସ୍ତ କର୍ମ ସାଧନ କରନ୍ତି ।

**ମୁଖ୍ୟ ସତ୍ୟତା :**

ପରମେଶ୍ୱର ଆପଣଙ୍କୁ ନେତୃତ୍ୱ ନେବା ପାଇଁ ଯଦି ଆହ୍ୱାନ କରିଅଛନ୍ତି ବୋଲି ଆପଣ ବିଶ୍ୱାସ କରନ୍ତି, ତେବେ ଆପଣ ବିଶ୍ୱସ୍ତ, ପ୍ରତିବଦ୍ଧ ଓ ଖୁସିରେ ଜଣେ ଉତ୍ତମ ନେତାଙ୍କର ଅନୁସରଣ କରନ୍ତୁ, ଯେ କି ପରାମର୍ଶ ଦେଇଥାନ୍ତି, ସୂଚନା ପ୍ରଦାନ କରନ୍ତି, ଦାୟିତ୍ୱ ଓ ଅଧିକାର ଦିଅନ୍ତି । ଅଧିକାଂଶ ନେତୃତ୍ୱ ପ୍ରାକୃତିକ ଭାବରେ ଆସିଥାଏ ।

**ଆପଣଙ୍କ ପ୍ରତିକ୍ରିୟା :**

୧. ଆପଣଙ୍କ ଚତୁର୍ଦ୍ଦିଗରେ କାର୍ଯ୍ୟ କଲା ବେଳେ ମଣ୍ଡଳୀରେ, ଆପଣଙ୍କ ସମ୍ପ୍ରଦାୟରେ, ଓ ଆପଣଙ୍କ ପରିବାରରେ ନେତାମାନଙ୍କ ଉପରେ ଲକ୍ଷ୍ୟ ରଖନ୍ତୁ, କିଛି ଲୋକଙ୍କୁ ଦେଖନ୍ତୁ, ଯେଉଁମାନେ ସେମାନଙ୍କ ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କ ପ୍ରେମ ଓ ଆଦର ଦାବି କରନ୍ତି । ଆପଣଙ୍କ ଆଖପାଖରେ ଯଦି ସେହିପରି ପ୍ରଭାବଶାଳୀ କୌଣସି ବ୍ୟକ୍ତି ନାହାନ୍ତି, ତେବେ ଆପଣଙ୍କ ପସନ୍ଦର ଉତ୍ତମ ନେତାମାନଙ୍କର ଜୀବନ ବୃତ୍ତାନ୍ତ ପଢ଼ିବାକୁ ଆରମ୍ଭ କରନ୍ତୁ । ଏହି ଲୋକମାନଙ୍କ ପ୍ରଭାବରୁ ଆପଣ ଯାହା ଶିକ୍ଷା କଲେ ତାହା ଉଲ୍ଲେଖ କରନ୍ତୁ ।

୨. ଜଣେ ନେତା ଭାବରେ ଆପଣଙ୍କର ଅନୁଭୂତିଗୁଡ଼ିକୁ ନିଜ ଘରେ, ମଣ୍ଡଳୀରେ, ବିଦ୍ୟାଳୟରେ, କାର୍ଯ୍ୟାଳୟରେ, ନିଜ ଦଳ ମଧ୍ୟରେ, ନିଜର ସମସ୍ତ ପରିବାରରେ ପ୍ରକାଶ କରନ୍ତୁ । ନେତୃତ୍ୱର ଏତେ ଅନୁଭବ ଆପେ ଆପେ ହୋଇଯାଉଥିବାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଉଭୟ ବିଫଳତା ଓ ସଫଳତା ମଧ୍ୟରୁ ଆପଣ ନିଜର ସେହିସବୁ ଅନୁଭବରୁ କ'ଣ ଶିକ୍ଷା କଲେ ?

୩. ନିଜ ନେତୃତ୍ୱ ଦକ୍ଷତାକୁ ନିମ୍ନଲିଖିତ ବର୍ଗରେ ରଖନ୍ତୁ :

(୧ = ନିମ୍ନ, ୫ = ଉଚ୍ଚ)

| | | | | | |
|---|---|---|---|---|---|
| ଆସ୍ଥା ଭାଜନ | ୧ | ୨ | ୩ | ୪ | ୫ |
| ନିର୍ମଳ ମନ | ୧ | ୨ | ୩ | ୪ | ୫ |
| ନମ୍ରତା | ୧ | ୨ | ୩ | ୪ | ୫ |
| ଉତ୍ତମ ଶ୍ରୋତା | ୧ | ୨ | ୩ | ୪ | ୫ |
| ଖୋଲାମନ ବିଶିଷ୍ଟ | ୧ | ୨ | ୩ | ୪ | ୫ |
| ସମ୍ବେଦନଶୀଳ | ୧ | ୨ | ୩ | ୪ | ୫ |
| ଜ୍ଞାନୀ | ୧ | ୨ | ୩ | ୪ | ୫ |
| ସୃଜନଶୀଳ | ୧ | ୨ | ୩ | ୪ | ୫ |
| ଦର୍ଶନପ୍ରାପ୍ତ | ୧ | ୨ | ୩ | ୪ | ୫ |
| ନମନୀୟ, ପରିବର୍ତ୍ତନସାଧ | ୧ | ୨ | ୩ | ୪ | ୫ |
| ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା | ୧ | ୨ | ୩ | ୪ | ୫ |
| ଉତ୍ତମ କାର୍ଯ୍ୟ କରିବା, ସମୟୋପଯୋଗୀ ସିଦ୍ଧାନ୍ତ ନେବା | ୧ | ୨ | ୩ | ୪ | ୫ |

୪. ଆପଣଙ୍କ ମୂଲ୍ୟାଙ୍କନ କରିବା ପାଇଁ ଜଣେ ଘନିଷ୍ଠ ବନ୍ଧୁଙ୍କୁ ଅନୁରୋଧ କରି ଏକ ବାସ୍ତବ ପରୀକ୍ଷା କରିବା ବିଷୟରେ ବିବେଚନା କରନ୍ତୁ (କିମ୍ବା ସମସ୍ତଙ୍କୁ ପଚାରନ୍ତୁ, ଯେପରି ଆପଣଙ୍କ ମୂଲ୍ୟାଙ୍କନ ହୋଇପାରିବ) । ଯେଉଁସବୁ କ୍ଷେତ୍ରରେ ୩ କିମ୍ବା କମ୍ ଅଛି, ସେହିସବୁରେ ଆପଣଙ୍କ ମୂଲ୍ୟ ବୃଦ୍ଧି କରିବାକୁ ଆପଣ କ'ଣ କରିପାରିବେ ନା ଆପଣଙ୍କ ଦୁର୍ବଳତା ପୂରଣ ନିମନ୍ତେ ଆପଣଙ୍କ ଦଳରେ କାହା ସହିତ ମିଶି କ'ଣ କରିପାରିବେ ?

**ଅଧିକ ଅଧ୍ୟୟନ ନିମନ୍ତେ :**

*The Will to Lead* by Marvin Bower (Bower, 1997)
*Leading from the Heart* by Jack Kahl (Kahl & Donelan, 2004)

## ଅଧ୍ୟାୟ ୧୦ : ଦଳଗତ କାର୍ଯ୍ୟ – ନେତୃତ୍ୱର କଞ୍ଚି

ଆମେ ପବିତ୍ର ଶାସ୍ତ୍ର ଓ ଈଶ୍ୱରଙ୍କ ଗୁଣ ଅଧ୍ୟୟନ କଲା ବେଳେ ନିଶ୍ଚିତରୂପେ ଲକ୍ଷ୍ୟ କରିଥିବା ଯେ ଈଶ୍ୱର ବର୍ତ୍ତମାନର ସାମୟିକ "ଭ୍ରାନ୍ତ" ଫଳ ନିମନ୍ତେ ଭବିଷ୍ୟତ୍‌କୁ ଜଳାଞ୍ଜଳି

ଦେବା ସପକ୍ଷରେ ନାହାନ୍ତି । ଅନେକ ବର୍ଷ ପୂର୍ବରୁ ଅବ୍ରାହାମଙ୍କ ଦିନଗୁଡ଼ିକରେ ଏହି ପୃଥିବୀରେ ଆପଣା ପ୍ରେମ ପ୍ରକାଶ କରିବା ପାଇଁ ତାହାଙ୍କର ଏକ ସ୍ପଷ୍ଟ ଯୋଜନା ଥିଲା । ଏଥିରେ ଜଣେ ବ୍ୟକ୍ତିଙ୍କୁ ଏକ ଚୁକ୍ତି ଦିଆଯାଇଥିଲା, ଯେ କି ବିଶ୍ୱସ୍ତରୂପେ ନିଜ ବିଶ୍ୱାସକୁ ତାଙ୍କ ପରିବାରକୁ ଦେଇଥିଲେ ଓ ତାଙ୍କ ବଂଶଧର ଜଗତରେ ସୁସମାଚାର ପ୍ରଚାର କରିଥିଲେ (ଆଦିପୁସ୍ତକ ୧୮:୧୮, ୧୯) । ସେ କୌଶଳାତ୍ମକ ଭାବରେ ସ୍ଥାନିତ ଏକ ଛୋଟ ଦେଶ ତାଙ୍କ ଲୋକମାନଙ୍କ ନିମନ୍ତେ ମନୋନୀତ କରିଥିଲେ । ଯୀଶୁ ଏହି ନମୁନାର ଅନୁସରଣ କରିଥିଲେ । ଯୀଶୁ ଆପଣା ସେବାକାର୍ଯ୍ୟ ଯିରୁଶାଲମର ଧାର୍ମିକ ବାତାବରଣରୁ ଦୂର ଗ୍ରାମୀଣ କ୍ଷେତ୍ରରେ କେଉଟ, କରଗ୍ରାହୀ, ସମାଜଚ୍ୟୁତ ଲୋକମାନଙ୍କ ଗହଣରେ ଆରମ୍ଭ କରିଥିଲେ । ସେ ତାହାଙ୍କ ଦଳକୁ ଏପରି ଭାବରେ ପ୍ରଶିକ୍ଷଣ ଦେଇଥିଲେ ଯେ ସେମାନେ ଜଗତକୁ ପରିବର୍ତ୍ତନ କରିଦେଇଥିଲେ ଓ ଏବେସୁଦ୍ଧା ନେତା ଓ ଅନୁଗାମୀମାନଙ୍କୁ ଅନୁପ୍ରେରଣା ଦେଉଛନ୍ତି ?

**୧. ପ୍ରାର୍ଥନାର ସହିତ ଦଳର ସଦସ୍ୟମାନଙ୍କୁ ମନୋନୀତ କରନ୍ତୁ**

ଗତ ଅଧ୍ୟାୟରେ ମୁଁ ପରାମର୍ଶ ଦେଇଥିଲି ଯେ ଆପଣ ନିଜ ଦଳର ସଦସ୍ୟମାନଙ୍କୁ ସେମାନଙ୍କ ଚରିତ୍ର/ଗୁଣ ଅନୁଯାୟୀ କରନ୍ତୁ । ଆପଣ କ'ଣ ଏପରି ଲୋକମାନଙ୍କ ଉପରେ ଭରସା କରିପାରିବେ ? ସେମାନେ କ'ଣ ବିଶ୍ୱସ୍ତ, ପରିଶ୍ରମୀ, ସଠିକ ହେବାପାଇଁ ଇଚ୍ଛୁକ, ଶିଖିବାକୁ ଇଚ୍ଛୁକ ଅଟନ୍ତି, ପରମେଶ୍ୱରଙ୍କ ସହିତ ସମ୍ପର୍କ ରଖିବା ପାଇଁ ଚିନ୍ତା କରନ୍ତି, ଆତ୍ମାରେ ଆନନ୍ଦିତ, କଷ୍ଟ ହେଲେ ମଧ୍ୟ ସତ୍ୟ କହୁଥବା, ନିଜ ପରିବାରକୁ ସାହାଯ୍ୟ କରିଥାନ୍ତି, ସମସ୍ତଙ୍କୁ ଆଦର କରୁଥିବା ଓ ସେମାନଙ୍କ ନିକଟକୁ ଆସୁଥିବା ଲୋକମାନଙ୍କ ପ୍ରତି ଦୟାଳୁ ହୋଇଥାନ୍ତି, ଆତ୍ମିକ ପରିପକ୍ୱ, କ୍ଷମାଶୀଳ, ନିଜ କାର୍ଯ୍ୟ ନିମନ୍ତେ ଦାୟୀ ହୋଇଥାନ୍ତି, ଅନୁଗ୍ରହଶୀଳ ଓ ପ୍ରେମୀ ହୋଇଥାନ୍ତି ? ସେସବୁ ଅସମ୍ଭବ ଗୁଣର ତାଲିକା ବୋଲି ମନେ ହୋଇଥାଏ । ଏହି ପ୍ରତ୍ୟେକ କ୍ଷେତ୍ରରେ ଲକ୍ଷ୍ୟ ସିଦ୍ଧ ନୁହେଁ, କେବଳ ଏକ ବିଶ୍ୱସ୍ତ ମୂଲ୍ୟାଙ୍କନ ଅଟେ ଯାହାକି ଆପଣଙ୍କୁ ଜାଣିବାରେ ସାହାଯ୍ୟ କରିବ ଯେ ସେମାନେ ବିଫଳ ହେବାରୁ ବର୍ତ୍ତିବା ପାଇଁ କେଉଁ ଅନ୍ତର୍ଦୃଷ୍ଟି ଲୋଡ଼ନ୍ତି ।

ସେମାନଙ୍କୁ ଜାଣନ୍ତୁ – ସେମାନଙ୍କ କାହାଣୀ, ସେମାନଙ୍କ ଗୁଣ ଓ ଦୁର୍ବଳତା, ବଳିଷ୍ଠ କ୍ଷେତ୍ର, ପସନ୍ଦ, ଅପସନ୍ଦ, ସେମାନଙ୍କ ଦକ୍ଷତା ଓ ଆଗ୍ରହ, ସେମାନେ କିପରି ଭାବରେ ଯୋଗାଯୋଗ

କରନ୍ତି, ସେମାନଙ୍କ କ୍ରୋଧ, ସେମାନଙ୍କର ଦୀର୍ଘ ସାକ୍ଷାତକାରରେ ନୁହେଁ, ମାତ୍ର ସେମାନଙ୍କ ପ୍ରତ୍ୟେକଙ୍କ ସହିତ ଆପଣଙ୍କ ସମ୍ପର୍କର ବୃଦ୍ଧିକୁ ଜାଣନ୍ତୁ ।

ଯୀଶୁ ଆପଣା ଜୀବନ ଆପଣା ଶିଷ୍ୟମାନଙ୍କ ସହିତ ପଥରେ କ୍ଷେପଣ କରିଥିଲେ - ଚାଲିବା, ଭୋଜନ କରିବା ଓ ତାହାଙ୍କ ସହିତ ଶୋଇବା, ଏବଂ ସମସ୍ତ ଶିକ୍ଷା ଆଧାରିତ ସମସ୍ତ ତଥ୍ୟକୁ ଆହ୍ୱାନ ଭାବରେ ଗ୍ରହଣ କରିବା, ଯେପରି ବ୍ୟକ୍ତିଗତରୂପେ ସେଗୁଡ଼ିକର ବିକାଶ ହୋଇପାରିବ, ତାହା ଗାଲିଲୀ ସାଗର କୂଳରେ ହେଉ, ଶମରିଆର କୂଅ ନିକଟରେ ହେଉ, କିମ୍ବା ଯିରୁଶାଲମ ମନ୍ଦିରରେ ହେଉ । ତାହାଙ୍କ ଶିକ୍ଷା ସମ୍ପୂର୍ଣ୍ଣ ଦେଶରେ ପ୍ରସାର ଲାଭ କରିଥିଲା । ସେ ମଧ୍ୟ ନମୁନା ଦେଇଥିଲେ ଯେ ପ୍ରାର୍ଥନା ଓ ଈଶ୍ୱରଙ୍କ ଲିଖିତ ବାକ୍ୟର ଜ୍ଞାନ ମାଧ୍ୟମରେ ସେମାନେ ସେମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ସହିତ ସେମାନଙ୍କ ସମ୍ପର୍କକୁ କିପରି ଗଭୀରତର କରିପାରିବେ ।

ପ୍ରାର୍ଥନାର ସହିତ ସେହି ଲୋକମାନଙ୍କୁ ଦେଖନ୍ତୁ, ଯେଉଁମାନଙ୍କ ବ୍ୟକ୍ତିତ୍ୱ, ଶକ୍ତି, ଦୁର୍ବଳତା ଓ ଦକ୍ଷତା ଆପଣଙ୍କଠାରୁ ଭିନ୍ନ ଅଟେ । ତାହା ବହୁତ ଆବଶ୍ୟକ ହେବ । ଆମ ପରି ଯେଉଁମାନେ କଥାବାର୍ତ୍ତା କରନ୍ତି, ଚିନ୍ତା କରନ୍ତି ଓ କାର୍ଯ୍ୟ କରନ୍ତି, ଆମ ପରି କାର୍ଯ୍ୟ କରି ଆନନ୍ଦିତ ହୁଅନ୍ତି, ଯେଉଁମାନଙ୍କ ନିକଟରେ ଆମପରି ସାଂସ୍କୃତିକ ଆଧାର ଓ ସ୍ୱାଦ ଥାଏ, ଆମେ ସେମାନଙ୍କୁ ପସନ୍ଦ କରିବାକୁ ପ୍ରଲୋଭିତ ହୋଇଯାଇଥାଉ । କିନ୍ତୁ ଆମେ ଏକ ସଙ୍ଗଠନ "ଏକ ଶରୀର" ଗଠନ କରୁଛୁ, ପୁଣି ସେଥିରେ ବିବିଧତା ଆବଶ୍ୟକ (ଏଫିସୀୟ ୪:୧୬) ।

ଆପଣଙ୍କୁ ହୁଏତ ଆପଣଙ୍କ ଦଳ ଗଠନ କରିବା ପରେ କିଛି ନ ମିଳିପାରେ । ଆପଣ ହୁଏତ ଏକ ଦଳର ଉତ୍ତରାଧିକାରୀ ଅଟନ୍ତି, ଯାହାକୁ ଅନ୍ୟ କେହି ଗଠନ କରିଥିଲେ, କିନ୍ତୁ ପ୍ରାରମ୍ଭିକ ବିଷୟ ସମାନ୍ ଅଟେ, ଜଣଙ୍କ ସହିତ ଜଣଙ୍କର ସମ୍ପର୍କ ।

ଲୂକ ୬:୧୨-୧୬ ପଦ କହେ ଯେ ଯୀଶୁ ତାହାଙ୍କ ସଙ୍ଗରେ ସର୍ବଦା ରହିବା ପାଇଁ ବାର ଜଣ ଶିଷ୍ୟଙ୍କୁ ମନୋନୀତ କରିବା ପୂର୍ବରୁ ରାତିସାରା ପ୍ରାର୍ଥନା କରିଥିଲେ । ଏଥିରେ ସନ୍ଦେହ ନାହିଁ ଯେ ସମସ୍ତ ଲୋକଙ୍କ ମଧ୍ୟରୁ ସେ ସେମାନଙ୍କ ଉପରେ ଧ୍ୟାନ ଦେଇଥିଲେ, ଯେଉଁମାନେ ଶୁଣିଥିଲେ, କିନ୍ତୁ ଆତ୍ମିକ ମନୋନୟନ କଲା ବେଳେ ତାହାଙ୍କୁ ପରମେଶ୍ୱରଙ୍କ ଜ୍ଞାନ ଓ ଉଦ୍ଦେଶ୍ୟର ଆବଶ୍ୟକତା ଥିଲା । ଏହି ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବା ପାଇଁ ବିଳମ୍ବ କରନ୍ତୁ ନାହିଁ । ଏହି ଲୋକମାନଙ୍କୁ ଆପଣ ଆପଣଙ୍କ ନେତୃତ୍ୱ ଯାତ୍ରାର ଅଂଶୀ କରିବେ । ଈଶ୍ୱର ମନୋନୀତ

କରିଥିବା କେତେକ ଲୋକ ହୁଏତ ଆପଣଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେବେ । ଈଶ୍ୱର ଯିହୂଦାକୁ ମନୋନୀତ କରିଥିବାରୁ ଯୀଶୁ ଆଶ୍ଚର୍ଯ୍ୟ ହୋଇଥିଲେ କି ନାହିଁ ସେ ବିଷୟରେ ମୁଁ ଦ୍ୱନ୍ଦଗ୍ରସ୍ତ ଅଟେ, ଯଦି ସେହିପରି ହୋଇଥିବ, ତେବେ ଯିହୂଦାଙ୍କୁ ଟଙ୍କା ଥଳି ଦେବା ପାଇଁ ତାଙ୍କୁ କେତେ ବିଶ୍ୱାସ ରଖିବାକୁ ପଡ଼ିଥିବ ?

**୨. ଦଳକୁ ଏକତ୍ର କରିବା**

ଆପଣଙ୍କ ଦଳର "ମୂଳ ସ୍ତମ୍ଭ" ଯଦି ଯଥାସ୍ଥାନରେ ଅଛି, ତେବେ ଏକ ସାଧାରଣ ଉଦ୍ଦେଶ୍ୟ ନେଇ ତତ୍ ସଂକ୍ରାନ୍ତୀୟ ବିଷୟର ବାସ୍ତବ କାର୍ଯ୍ୟ ଆରମ୍ଭ ହୋଇଯାଇଥାଏ । ସେଥିପାଇଁ ପ୍ରଥମେ ଆବଶ୍ୟକ ଯେ ନେତା ଭାବରେ ଆପଣ ଈଶ୍ୱର ଆପଣଙ୍କୁ ଦେଇଥିବା ଦର୍ଶନକୁ ସ୍ପଷ୍ଟରୂପେ ବ୍ୟକ୍ତ କରିବେ । ଏହି ଦୃଷ୍ଟିକୋଣକୁ ଏପରି ଭାବରେ ବ୍ୟକ୍ତ କରିବେ ଯେପରି ପ୍ରତ୍ୟେକଙ୍କ ନିକଟରେ ଆବଶ୍ୟକୀୟ ଓ ଆହ୍ୱାନପୂର୍ଣ୍ଣ ଚିତ୍ରଣ ଥିବ । ଆପଣ ଇଚ୍ଛା କରନ୍ତି ନାହିଁ ଯେ ଆପଣଙ୍କ ଦଳର ସଦସ୍ୟମାନେ ଅନ୍ଧ ପରି ଜଣ ଜଣ କରି ଏକ ହାତୀକୁ ଏକ ସ୍ତମ୍ଭ, ଏକ ପଙ୍ଖା, ଏକ କାନ୍ଥ, ଏକ ଦଉଡ଼ି, ଗଛର ଏକ ଗଣ୍ଡି, ଏକ ନଳ ବୋଲି ସେମାନଙ୍କ ନିଜ ଦୃଷ୍ଟିକୋଣରୁ ବ୍ୟକ୍ତ କରିବେ । ସେହି ଦର୍ଶନକୁ ଯେତେ ସରଳ ଭାବରେ ପ୍ରକାଶ କରାଯିବ, ଆପଣଙ୍କ ଦଳର ସଦ୍ୟମାନେ ସେତେ ଅଧିକ ଭାବରେ ଏକ ସାଧାରଣ ବୋଧ ପାଇପାରିବେ ଓ ସେହି ଉଦ୍ଦେଶ୍ୟ ସଫଳ ହେବା ବିଷୟରେ ସେମାନେ ଏକତ୍ର ହୋଇପାରିବେ । ଉଦ୍ଦେଶ୍ୟ ସଫଳ କରିବା ସହଜ ବିଷୟ ନୁହେଁ ଓ ତାକୁ ଗୌଣ ଭାବରେ ଗ୍ରହଣ କରିବା ଉଚିତ୍ ନୁହେଁ । ଆପଣଙ୍କ ଦୃଷ୍ଟିକୋଣକୁ ସେମାନଙ୍କୁ ବୁଝାଇବା ପରେ ନିଜ ଦଳର ସଦସ୍ୟମାନଙ୍କୁ ସେମାନଙ୍କ ନିମନ୍ତେ ଏହାର ଅର୍ଥ କ'ଣ ତାହା ପଚାରନ୍ତୁ । ସେମାନେ ଠିକ୍ ବୁଝିଛନ୍ତି ବୋଲି ଅନୁମାନ କରନ୍ତୁ ନାହିଁ ।

ଦ୍ୱିତୀୟ ପଦକ୍ଷେପ ହେଉଛି ଯେ ଦଳଗତ ଭାବରେ ଆପଣ ସେହି ଦର୍ଶନକୁ କିପରି ସଫଳ କରିବେ ତାହା ବ୍ୟାଖ୍ୟା କରିବା । ଈଶ୍ୱର ଆପଣଙ୍କୁ ତାହାଙ୍କ ଯୋଜନା ପ୍ରକାଶ ନ କଲେ, ମାନସିକ ଆଲୋଡ଼ନ ପ୍ରଣାଳୀ ଏକ ଚମତ୍କାର ଦଳଗତ ଅଭ୍ୟାସ ହୋଇପାରିବ, ଯାହାକି ଏକତା, ସ୍ପଷ୍ଟତା, ଉତ୍ସାହ ଓ ପ୍ରତିବଦ୍ଧତା ଗଠନ କରିପାରିବ । ମୁଁ ଆପଣଙ୍କୁ ଏକ ଉଦାହରଣ ଦେଉଛି । ଆପଣଙ୍କ ଦର୍ଶନ "ମହିଳାମାନଙ୍କର ଏକ ସମ୍ପ୍ରଦାୟ ହୋଇପାରେ, ଯେଉଁମାନେ ଈଶ୍ୱରଙ୍କ ସହିତ ସେମାନଙ୍କ ଗମନାଗମନରେ ପରସ୍ପରକୁ ପ୍ରେମ, ଉତ୍ସାହ ଓ ସାହାଯ୍ୟ କରନ୍ତି, ପୁଣି ତାହା

“ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା, ପ୍ରାର୍ଥନା ସାଥୀ, ସଂଘବଦ୍ଧ ଉପାସନା ଓ ପରସ୍ପରର ସେବା କରିବା” ଦ୍ୱାରା ଏହା ହୋଇପାରିବ ।

**୩. ପରସ୍ପରର ସେବା କରିବା**

ଏକ ଶରୀର ଭାବରେ ଏକତ୍ର କାର୍ଯ୍ୟ କରିବା, ଏକ ଉଦ୍ଦେଶ୍ୟରେ ରହିବା, ପରସ୍ପରକୁ ପ୍ରେମ ଓ ଉତ୍ସାହିତ କରିବା ବ୍ୟତୀତ ଅନ୍ୟ କେଉଁ ବିଷୟରେ ଆମେ ଅଧିକରୂପେ ଯୀଶୁଙ୍କ ପରି ହୋଇପାରିବା ନାହିଁ (ଯୋହନ ୧୭:୨୧) । ମୁଁ ବ୍ୟକ୍ତିଗତରୂପେ ଦେଖିବାକୁ ପାଇଛି ଯେ ଦଳର ସଦସ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତା କରିବା ହୁଏତ କ୍ଷଣକାଳ ପାଇଁ ଫଳପ୍ରଦ ହୋଇପାରେ, ମାତ୍ର ଶେଷରେ ଏହା ଦଳର ସଦସ୍ୟମାନଙ୍କ ମଧ୍ୟରେ ଈର୍ଷାଭାବ, ଗର୍ବ, ଭରସାହୀନତା ଓ ସନ୍ଦେହ ଆଣିବ, ଯାହାକି ସେମାନଙ୍କୁ ସଙ୍ଗଠନର ସାଧାରଣ ଦର୍ଶନରୁ ବିଚ୍ୟୁତ କରିବ । ଏହା ବଦଳରେ, ବରଂ ଦଳର ସଦସ୍ୟମାନଙ୍କୁ ପରସ୍ପରକୁ ସାହାଯ୍ୟ ଓ ଉତ୍ସାହିତ କରିବାକୁ ଉତ୍ସାହିତ କରନ୍ତୁ, ସଂଘର୍ଷ କରୁଥିବା ଲୋକମାନଙ୍କୁ ସାହାଯ୍ୟ କରନ୍ତୁ, ପ୍ରେମ, ଏକତା ଓ ଯାହା ଶିକ୍ଷା କରିଛନ୍ତି ତାହା ପ୍ରକାଶ କରିବାକୁ ଉତ୍ସାହିତ କରନ୍ତୁ । ଉଦାହରଣସ୍ୱରୂପ ଆପଣଙ୍କ ପାଖରେ ଯଦି ଅନେକ ଛୋଟ ଛୋଟ ଦଳ ଅଛି, ଗୋଟିଏ ଦଳ ଅଗ୍ରଗତି କରୁଛି ଓ ଆଉ ଗୋଟିଏ ଦଳ ପଛକୁ ଯାଉଛି, ତେବେ ଉନ୍ନତି କରୁଥିବା ଦଳର ନେତାଙ୍କୁ ପଛୁଆ ଦଳର ନେତାଙ୍କ ସହିତ ସାକ୍ଷାତ କରି ସେ ବିଷୟରେ ଆଲୋଚନା କରିବାକୁ ଉତ୍ସାହିତ କରନ୍ତୁ । ଆଉ ଗୋଟିଏ ବିଷୟ ହୋଇପାରିବ ଦଳଗତ ସଭା, ଯେଉଁଠାରେ ଦଳର ସଦସ୍ୟମାନେ ସେମାନଙ୍କ ସଫଳତା ଓ ବିଫଳତା ବିଷୟରେ କହିପାରିବେ ଓ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସମାଧାନ ବାହାର କରିପାରିବେ । ପରସ୍ପର ସହିତ ପ୍ରତିଯୋଗିତା କରିବା ପରିବର୍ତ୍ତେ ସେମାନଙ୍କୁ ନିଜ ନିମନ୍ତେ ଓ ସେମାନଙ୍କ ଦଳ ନିମନ୍ତେ ଲକ୍ଷ୍ୟ ସ୍ଥିର କରିବାକୁ ଉତ୍ସାହିତ କରନ୍ତୁ, ମାତ୍ର ସେହି ଲକ୍ଷ୍ୟଗୁଡ଼ିକ ଆପଣଙ୍କ ସଙ୍ଗଠନର ସମର୍ଥନ ଲାଭ କରୁଥିବ ।

କାର୍ଯ୍ୟରେ, କଥାରେ ଓ ଚିନ୍ତାରେ ପରସ୍ପରକୁ ପ୍ରେମ କରନ୍ତୁ । ଯୀଶୁ ସର୍ବଦା ବ୍ୟକ୍ତିଗତରୂପେ ବ୍ୟକ୍ତିବିଶେଷଙ୍କ ନିମନ୍ତେ ସମୟ ରଖୁଥିଲେ, ବିଶେଷରୂପେ ଯେଉଁମାନେ ଦୁଃଖୀ, ରୋଗଗ୍ରସ୍ତ ଓ ଭାବନାତ୍ମକ ଭାବରେ ଆଘାତପ୍ରାପ୍ତ ହୋଇଥିଲେ । ତାହାଙ୍କ ନିମନ୍ତେ ତିନି ବର୍ଷ ସେବାକାର୍ଯ୍ୟରେ ଅସମ୍ଭବ ବୋଧ ହେଉଥିବା ଏତେ ବଡ଼ ମିଶନ୍ ସଫଳ କରିବାକୁ ଥିଲା, କିନ୍ତୁ

ସେ କେବେ ବି ତରତର ହୋଇ ନ ଥିଲେ । ତାହାଙ୍କ ରହସ୍ୟ ଦୈନନ୍ଦିନ, ସ୍ଥିର, ବିଶ୍ୱସ୍ତ ଓ ତାହାଙ୍କ ପିତାଙ୍କ ପ୍ରତି ବିଶ୍ୱାସରେ ପରିପୂର୍ଣ୍ଣତା ହିଁ ଥିଲା (ଯୋହନ ୫:୧୯) ।

**୪. ଏକ "ସୁସ୍ଥସବଳ" ସଙ୍ଗଠନ ବଜାୟ ରଖିବା**

କ. ବ୍ୟକ୍ତିଗତ ଅଧ୍ୟୟନ ଓ ଅଭିବୃଦ୍ଧିକୁ ଉତ୍ସାହିତ କରନ୍ତୁ

ଜଣେ ନେତା ଭାବରେ ଆପଣଙ୍କର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଆପଣଙ୍କ ଦଳର ସଦ୍ୟମାନଙ୍କୁ ବ୍ୟକ୍ତିଗତ ଅଧ୍ୟୟନ କରି ଅଭିବୃଦ୍ଧି ଲାଭ କରିବାକୁ ଉତ୍ସାହିତ କରିବା । ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ଜାଣିବା ପାଇଁ ସାହାଯ୍ୟ କରିବା ପାଇଁ ସେମାନଙ୍କ ସହିତ ଆପଣଙ୍କ ଜୀବନକୁ ଅଂଶୀ କରିବା ଆବଶ୍ୟକ ହେବ, ପୁଣି ସେଥିପାଇଁ ପ୍ରତିବଦଳରେ ଆପଣଙ୍କ ପକ୍ଷରୁ ଦୁର୍ବଳତା, ବିଶ୍ୱସ୍ତତା ଓ ନମ୍ରତା ସମ୍ପୃକ୍ତ ଥାଏ । ବିଶ୍ୱସ୍ତରୂପେ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ । ସେମାନଙ୍କ ଆଶା ଓ ସ୍ୱପ୍ନକୁ ଯତ୍ନସହକାରେ ଶୁଣନ୍ତୁ, ପୁଣି ଈଶ୍ୱର ସେମାନଙ୍କୁ ଯାହା ହେବାକୁ ଆହ୍ୱାନ କରିଅଛନ୍ତି, ତାହା ହେବାକୁ ସେମାନଙ୍କୁ ସାହାଯ୍ୟ କରିବାକୁ ଆପଣଙ୍କ ଶକ୍ତିମତେ ସବୁକିଛି କରନ୍ତୁ ।

ସେମାନେ ଯଦି ଆସ୍ଥାଭାଜନ ଓ ଦାୟିତ୍ୱସମ୍ପନ୍ନ, ତେବେ ସେମାନଙ୍କ ଉପରେ ସେହିସବୁ ଦାୟିତ୍ୱ ନ୍ୟସ୍ତ କରନ୍ତୁ, ଯାହାକି ସେମାନଙ୍କ ଅନ୍ତର୍ନିହିତ ଶକ୍ତି ବୃଦ୍ଧି କରିଥାଏ । ଯୀଶୁ ଯେଉଁଠାକୁ ଯାଉଥିଲେ, ସେଠାକୁ ବାସ୍ତରୀ ଜଣ ଶିଷ୍ୟଙ୍କୁ ପ୍ରେରଣ କରିଥିଲେ, ସେଥିରେ ସେ ସେମାନଙ୍କୁ ଅତି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଦେଉଥିଲେ ଯେ ସେମାନଙ୍କୁ କ'ଣ ନେବାକୁ, କହିବାକୁ ଓ କରିବାକୁ ହେବ । ସେମାନେ କ'ଣ ନିଜେ ନିଜେ ଯିବା ପାଇଁ, ଅସୁସ୍ଥଙ୍କୁ ସୁସ୍ଥ କରିବାକୁ ଓ ସୁସମାଚାର ପ୍ରଚାର କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲେ ? ପରେ ଘଟଣାଗୁଡ଼ିକ ପ୍ରକାଶିତ ହେଲା ପରେ ଜଣାପଡ଼ିଲା ଯେ ସେମାନେ ନିଶ୍ଚିତ ଭାବରେ ଆତ୍ମିକରୂପେ ବଡ଼ ବ୍ୟକ୍ତି ନ ଥିଲେ, ମାତ୍ର ଈଶ୍ୱରଙ୍କ ଶକ୍ତିରେ ସେମାନେ ଈଶ୍ୱର ସେମାନଙ୍କୁ ଯେଉଁଥି ପାଇଁ ପ୍ରେରଣ କରିଥିଲେ ତାହା ସେମାନେ ସମ୍ପାଦନ କରିପାରିଥିଲେ, ଏପରିକି ସେମାନେ ମଧ୍ୟ ସେହି ଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ (ଲୂକ ୧୦:୧-୨୦) !

ଆପଣ ଥରେ ସେମାନଙ୍କୁ ତାଲିମ୍ ଦେବା ପରେ ଓ ସେମାନେ ଆପଣଙ୍କ ଦଳର ଏକ ଅପରିହାର୍ଯ୍ୟ ଅଂଶ ହେଲା ପରେ ସେମାନଙ୍କୁ "ଆପଣଙ୍କ ଛତ୍ରଛାୟା ତଳେ" ରଖିବା ପାଇଁ ଏକ

ପ୍ରଲୋଭନ ଅଛି । ସେହି ଅଭିଳାଷକୁ ପ୍ରତିରୋଧ କରନ୍ତୁ ! ଈଶ୍ୱର ସେମାନଙ୍କୁ ଯେଉଁ ଆହ୍ୱାନ ଦେଇଅଛନ୍ତି, ତାହା କରିବାକୁ ସେମାନଙ୍କୁ ମୁକ୍ତ କରନ୍ତୁ ଓ ସେମାନଙ୍କୁ ତାହା କରିବାକୁ ସୁସଜ୍ଜିତ କରନ୍ତୁ, ଏବଂ ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଅନ୍ୟମାନଙ୍କୁ ଉଠାଇବା ବିଷୟରେ ଈଶ୍ୱରଙ୍କ ଉପରେ ଆସ୍ଥା ସ୍ଥାପନ କରନ୍ତୁ । ସେହି "ପ୍ରବାହ" ବିନା, ଆପଣଙ୍କ ଦଳ ବିଦ୍ରୋହୀ କିଶୋର ବୟସ୍କ ପରି ହେବ, ଯେଉଁମାନେ ସୁସଜ୍ଜିତ ଓ ପ୍ରସ୍ତୁତ ହୋଇ ମଧ୍ୟ କେଉଁଠାକୁ ଯାଇପାରି ନ ଥାନ୍ତି ।

ଖ. ଦଳର ସଭାଗୁଡ଼ିକର ମୂଲ୍ୟ ସର୍ବାଧିକ କରନ୍ତୁ ।

ଦଳୀୟ ସଭାଗୁଡ଼ିକ ଉଦ୍ଦେଶ୍ୟମୂଳକ, ପ୍ରେମମୟ ଓ ସମସ୍ତଙ୍କ ନିମନ୍ତେ ଶିକ୍ଷା କରିବାର ସୁଯୋଗ ହେବା ଉଚିତ୍ । ସଭା ପୂର୍ବରୁ, ଯେଉଁସବୁ ପ୍ରସଙ୍ଗ ଉପରେ ଆଲୋଚନା ହେବ ତା'ର ଏକ ସୂଚୀ ପ୍ରସ୍ତୁତ କରନ୍ତୁ । ପ୍ରତି ସଭାର ଆରମ୍ଭରେ ଓ ଶେଷରେ ପ୍ରାର୍ଥନା କରନ୍ତୁ । ସଭାର ଆରମ୍ଭରେ ଗୁରୁତ୍ୱପୂର୍ଣ୍ଣ ସୂଚନାର ସମୟ ନିର୍ଘଣ୍ଟ କରନ୍ତୁ, ଯେପରି ଆଲୋଚନା କରିବା ପାଇଁ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ପାଇଁ ଯଥେଷ୍ଟ ସମୟ ମିଳିପାରିବ । ପ୍ରତି ପ୍ରସଙ୍ଗ ଆଲୋଚନା ନିମନ୍ତେ କେତେ ସମୟ ଆବଶ୍ୟକ ତା'ର ଏକ ଆକଳନ କରିବାକୁ ଚେଷ୍ଟା କରନ୍ତୁ ଯେପରି ଯଦି ଯୋଗଦାନକାରୀମାନଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ତେବେ ସଭାର ଅବଧି ଜଣାଯାଇପାରିବ । ଯଦି ଦଳର ସଦସ୍ୟଙ୍କ ବିବରଣୀ ସୂଚୀର ଅଂଶ ଅଟେ, ତେବେ ପ୍ରତି ବିବରଣୀ କେତେ ସମୟ ନେବା ଉଚିତ୍ ତା'ର ପ୍ରସ୍ତାବ ଦିଅନ୍ତୁ, ପୁଣି ଆଶା କରାଯାଉଥିବା ବିଷୟବସ୍ତୁ ବିଷୟରେ ପରିଚାଳନା ଦିଅନ୍ତୁ । ଲେଖାରେ ଦିଆଯାଇଥିବା ଅଧିକ ପୁଙ୍ଖାନୁପୁଙ୍ଖ ବିବରଣୀର ମୁଖ୍ୟ ବିଷୟଗୁଡ଼ିକ ସଭାରେ ପ୍ରକାଶ କରନ୍ତୁ ।

ଦଳୀୟ ସଭାର ସମୟ ପରିବର୍ତ୍ତନଶୀଳ ଅଟେ । ଦିଗ୍‌ଦର୍ଶନ କିମ୍ବା ଗୁରୁତ୍ୱରେ ଅନୁପ୍ରେରଣା, ପରିବର୍ତ୍ତନ ନିମନ୍ତେ ଓ ସମସ୍ତଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବା ପାଇଁ ଏହାକୁ ଜ୍ଞାନର ସହିତ ବ୍ୟବହାର କରନ୍ତୁ । ବ୍ୟକ୍ତିବିଶେଷଙ୍କ ନିମନ୍ତେ ସଂଶୋଧନର ବାକ୍ୟଗୁଡ଼ିକ ସର୍ବଦା ବ୍ୟକ୍ତିଗତରୂପେ ବ୍ୟବହୃତ ହେବା ଉଚିତ୍ । ଦଳର ସଦସ୍ୟମାନଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କର ଅନ୍ତର୍ନିହିତ ସମସ୍ୟାଗୁଡ଼ିକ ବିଷୟରେ ଅନ୍ତର୍ଦୃଷ୍ଟି ପାଇବାକୁ ଜଣେ ନେତା ଭାବରେ ଆପଣଙ୍କ ନିମନ୍ତେ ଦଳୀୟ ସଭାଗୁଡ଼ିକ ବହୁମୂଲ୍ୟ ହୋଇପାରିବ ।

ଦଳ ମଧ୍ୟରେ ଗୋଟିଏ ମତକୁ ଜଗନ୍ତୁ, ଯାହାକି ଦଳର କିଛି ସଦସ୍ୟଙ୍କୁ ଉହ୍ୟ କରିଦେଇଥାଏ ଓ ଦଳର ସଦସ୍ୟମାନଙ୍କୁ ସେମାନଙ୍କଠାରୁ ଭିନ୍ନ ଭୂମିକା ବହନ କରୁଥିବା ଲୋକମାନଙ୍କ ସହିତ ସମ୍ପର୍କ ବୃଦ୍ଧି କରିବାକୁ ଉତ୍ସାହିତ କରିବା ପାଇଁ କାର୍ଯ୍ୟ କରନ୍ତୁ ।

ଗ. ଏକତ୍ର ସମୟ କ୍ଷେପଣ କରନ୍ତୁ ।

ପରସ୍ପର ସହିତ ରହିବାକୁ ଉପଭୋଗ କରନ୍ତୁ - ସମୟ ହେଲେ ଜୀବନର ଅଂଶୀ କରନ୍ତୁ । ତାହା କରିବା ପାଇଁ ସୃଜନାତ୍ମକ ଉପାୟଗୁଡ଼ିକ ଈଶ୍ୱରଙ୍କୁ ମାଗନ୍ତୁ - ଗୃହକାର୍ଯ୍ୟରେ ଅଂଶୀ ହୁଅନ୍ତୁ, ଏକତ୍ର ରାତ୍ରିଭୋଜନ କିମ୍ବା କଫି ପିଇବାକୁ ଯାଆନ୍ତୁ । ଏହି ସମୟଗୁଡ଼ିକରେ ହିଁ ସମ୍ପର୍କ ବୃଦ୍ଧି ପାଇଥାଏ । ପରସ୍ପର ସହିତ ସହଭାଗିତା ହିଁ ଏକ ଦଳ ଗଠନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ, କୌଣସି କାର୍ଯ୍ୟ ସମ୍ପନ୍ନ ହୋଇ ନ ଥିବାରୁ ତାହା ସମୟ ଅପଚୟ ନୁହେଁ । ହସିବାକୁ ଶିକ୍ଷା କରନ୍ତୁ ଓ ଆପଣ ପରସ୍ପରର କାହାଣୀ ଶୁଣି ଏକତ୍ର କ୍ରନ୍ଦନ କରନ୍ତୁ ।

ଗ. ସତର୍କ ରୁହନ୍ତୁ ।

"ଛୋଟ ଛୋଟ ବିଲୁଆଗୁଡ଼ିକ ଯେଉଁମାନେ ଦ୍ରାକ୍ଷାକ୍ଷେତ୍ର ନଷ୍ଟ କରନ୍ତି ସେମାନଙ୍କୁ ଜଗିରୁହନ୍ତୁ," ଏହି ଛୋଟ ଛୋଟ ପାରସ୍ପରିକ ସମ୍ପର୍କର ଉତ୍ତେଜନାଗୁଡ଼ିକ ଯାହାକି ସମୟକ୍ରମେ ବୃଦ୍ଧି ପାଇଥାଏ ସେ ବିଷୟକୁ ଜଗନ୍ତୁ (ପରମଗୀତ ୨:୧୫) । ସେମାନଙ୍କ ସହିତ ପ୍ରଥମେ ପ୍ରାର୍ଥନା ଓ ଜ୍ଞାନର ସହିତ ବ୍ୟବହାର କରନ୍ତୁ । ସେମାନଙ୍କୁ ସମ୍ବୋଧନ କରିବାର ସମୟ ଜଟିଳ ଅଟେ, ସେମାନଙ୍କୁ କହିବା ମଧ୍ୟ ଜଟିଳ ଅଟେ । "ସୁବର୍ଣ୍ଣ କର୍ଣ୍ଣକୁଣ୍ଡଳ ଓ ଶୁଦ୍ଧ ସୁବର୍ଣ୍ଣର ଅଳଙ୍କାର ଯେପରି, ମନୋଯୋଗକାରୀ କର୍ଣ୍ଣ ପ୍ରତି ଜ୍ଞାନବାନ ଭର୍ତ୍ସନାକାରୀ ସେପରି" (ହିତୋପଦେଶ ୨୫:୧୨) । ଆପଣଙ୍କ ବାକ୍ୟ ଅପମାନଜନକ ହେବ କିମ୍ବା ସୁନା ଅଳଙ୍କାର ହେବ ତାହା ସମୟ ଉପରେ ନିର୍ଭରଶୀଳ ଅଟେ । ହିତୋପଦେଶ ସମ୍ପର୍କିତ ଜ୍ଞାନର ଚମତ୍କାର ରତ୍ନରେ ପରିପୂର୍ଣ୍ଣ ଅଟେ । ଦୈନିକ ଗୋଟିଏ ବା ଦୁଇଟି ବିଷୟ ଉପରେ ଧ୍ୟାନ କରନ୍ତୁ ଓ ଆପଣ ଏକ ଗଭୀର ଉତ୍ସ ତିଆରି କରିବେ, ଯେଉଁଥିରୁ ଅନ୍ତର୍ଦୃଷ୍ଟି ଲାଭ କରିପାରିବେ ।

**୫. ଜଳି ଯିବାକୁ ଏଡ଼ାଇ ଯିବା**

ସେବାକାର୍ଯ୍ୟର ସବୁଠାରୁ ବଡ଼ ଅସୁବିଧା ହେଉଛି ଆବେଗିକ ଓ ଆତ୍ମିକ ଭାବରେ ଜଳିଯିବା । ଆବଶ୍ୟକତା ବହୁଳ ଭାବରେ ହୋଇପାରିବ ଓ ଲୋକମାନଙ୍କ ଦାବି ସମସ୍ତ ବିଷୟ

ଗ୍ରାସ କରୁଥିବ । ଆପଣ ଯଦି ଯତ୍ନଶୀଳ ନୁହଁନ୍ତି, ତେବେ ଆପଣ ଏହିପରି ଅନୁଭବ କରିବାକୁ ଲାଗିବେ ଯେ ଜଗତର ଭାର ଆପଣଙ୍କ କାନ୍ଧ ଉପରେ ଅଛି ପୁଣି ଆପଣଙ୍କ ମୃତ୍ୟୁ ପରେ ଏସବୁ ଆପଣଙ୍କ ଚତୁର୍ଦ୍ଦିଗରେ ଭାଙ୍ଗି ପଡ଼ିବ । ତାହା ହିଁ ଶତ୍ରୁ ଓ ଗର୍ବର ଏକ ମିଥ୍ୟା କଥା ଅଟେ । କାର୍ଯ୍ୟ ଈଶ୍ୱରଙ୍କର ଅଟେ ଓ ଲୋକମାନେ ଆପଣଙ୍କର ନୁହଁନ୍ତି, ମାତ୍ର ତାହାଙ୍କର ଅଟନ୍ତି । ଯୀଶୁଙ୍କ ଜୀବନ ପରୀକ୍ଷା କରନ୍ତୁ । ସମୟ ଥିଲା, ଯେତେବେଳେ ସେ ଆପଣାକୁ ନିଃସଙ୍ଗ କରୁଥିଲେ, ସେ ଆପଣା ଶିଷ୍ୟମାନଙ୍କଠାରୁ ଦୂରେଇ ଯାଉଥିଲେ, ଓ ଲୋକମାନେ ତାହାଙ୍କ ସାକ୍ଷାତ ଭିକ୍ଷା କରୁଥିଲେ ଓ ସେ ଦୂରକୁ ଚାଲିଯାଉଥିଲେ । ଯଦି କେହି ସମୟର ଚାପ ଅନୁଭବ କରୁଥିବେ, ତେବେ ଯୀଶୁ ନିଶ୍ଚିତ ତାହା କରିଥିବେ, ଜଗତକୁ ପରିବର୍ତ୍ତନ କରିବା ପାଇଁ ବାର ଜଣଙ୍କୁ ତାଲିମ୍ ଦେବା ଓ ସୁସଜ୍ଜିତ କରିବାକୁ ତାହାଙ୍କ ପାଖରେ ତିନି ବର୍ଷ ସମୟ ଥିଲା । ତଥାପି ସେ ପ୍ରସ୍ତୁତ, ବିଶ୍ରାମ, ପ୍ରାର୍ଥନା, ପ୍ରତିଫଳନ ଓ ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବାକୁ ସମୟ ନେଇଥିଲେ । ଈଶ୍ୱରଙ୍କର କୌଣସି ସଂରକ୍ଷିତ ଯୋଜନା ନ ଥିଲା ।

**ମୁଖସ୍ଥ ପଦ :**

* ଯୋହନ ୧୩:୩୫ - ଯଦି ତୁମ୍ଭମାନଙ୍କର ପରସ୍ପର ପ୍ରତି ପ୍ରେମ ଥାଏ, ତାହାହେଲେ ତୁମ୍ଭେମାନେ ଯେ ମୋହର ଶିଷ୍ୟ, ଏହା ସମସ୍ତେ ତଦ୍ୱାରା ଜ୍ଞାତ ହେବେ ।

* ଫିଲିପ୍ପୀୟ ୨:୨-୪ - ୨ ତାହାହେଲେ ତୁମ୍ଭେମାନେ ଏକମନା ଏକ ପ୍ରେମରେ ପ୍ରେମୀ, ଏକଚିତ୍ତ ଓ ଏକଭାବାପନ୍ନ ହୋଇ ମୋହର ଆନନ୍ଦ ପୂର୍ଣ୍ଣ କର, ୩ ସ୍ୱାର୍ଥପରତା ଅବା ଅସାର ଗର୍ବ ହେତୁ କିଛି କର ନାହିଁ, ବରଂ ନମ୍ରଚିତ୍ତ ହୋଇ ପ୍ରତ୍ୟେକେ ଅନ୍ୟକୁ ଆପଣାଠାରୁ ଶ୍ରେଷ୍ଠ ମନେ କର ; ୪ ପ୍ରତି ଜଣ କେବଳ ଆପଣା ବିଷୟରେ ମନୋଯୋଗୀ ନ ହୋଇ ଅନ୍ୟର ବିଷୟରେ ମଧ୍ୟ ମନୋଯୋଗୀ ହୁଅ ।

**ମୂଳ ସତ୍ୟତା :**

ବିଭିନ୍ନ ଲୋକମାନଙ୍କୁ ପରସ୍ପର ନିମନ୍ତେ ଉଦ୍ଦେଶ୍ୟ ଓ ପ୍ରେମରେ ଏକ ଦଳ, ଏକ "ଶରୀର"ରେ ଏକତ୍ର କରିବା ହିଁ ପ୍ରକୃତ ନେତୃତ୍ୱର ସାର ଅଟେ ।

**ଆପଣଙ୍କ ପ୍ରତିକ୍ରିୟା :**

୧. ଆପଣଙ୍କ ଦର୍ଶନ ସଫଳ କରିବାକୁ ଆପଣ ଯଦି ଏକ "ସ୍ୱପ୍ନ ଦଳ" ଗଠନ କରିପାରିବେ, ତେବେ ଆପଣ କେଉଁମାନଙ୍କୁ ମନୋନୀତ କରିବେ ଓ କାହିଁକି କରିବେ ?

୨. ଆପଣ ସମ୍ପ୍ରତି ଯେଉଁ ଦଳର ଅଂଶବିଶେଷ ଅଟନ୍ତି, ସେଥିରେ ଆପଣ କେଉଁ ମୁଖ୍ୟ ଆହ୍ୱାନଗୁଡ଼ିକ ଦେଖନ୍ତି ? ଦଳର ଦୁର୍ବଳତା ଓ ଶକ୍ତିଗୁଡ଼ିକ କ'ଣ ଅଟେ ? ଏଗୁଡ଼ିକ କଷ୍ଟକର ପ୍ରଶ୍ନଗୁଡ଼ିକ ବୋଲି ଆପଣ ଭାବିପାରନ୍ତି, ମାତ୍ର ଉତ୍ତର ଦେବା ପାଇଁ ନେତାମାନଙ୍କ ନିମନ୍ତେ ସେଗୁଡ଼ିକ ଜରୁରୀ ପ୍ରଶ୍ନ ଅଟେ ।

**ଅଧିକ ଅଧ୍ୟୟନ ନିମନ୍ତେ :**

*Good to Great* by Jim Collins (Collins, 2001)
*The Five Dysfunctions of a Team* by Patrick Lencioni (Lencioni, 2002)
*The Fifth Discipline* by Peter Senge (Senge, 2006)

## ପାଠ ୧୧ : ଅନୁସରଣ କରିବାକୁ ଆହୂତ

"ମୋତେ ଅନୁସରଣ କର ।" ଗାଲିଲୀ ସମୁଦ୍ରର ପଥୁରିଆ କୂଳରେ, ଦୁଇ ଜଣ କେଉଟ ସେମାନଙ୍କ ଜାଲ ସଜାଡୁଥିଲା ବେଳେ ଯୀଶୁ ସେମାନଙ୍କୁ ଏହି କଥା କହିଥିଲେ ; ସେମାନେ ତତ୍କ୍ଷଣାତ୍ ସେମାନଙ୍କ ଜାଲ ପକାଇ ତାହାଙ୍କର ଅନୁସରଣ କରିଥିଲେ । ଆଜି ମଧ୍ୟ ସେ ଆପଣା ଶିଷ୍ୟମାନଙ୍କୁ ଏହି ବାକ୍ୟ କହୁଅଛନ୍ତି । "ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ ; ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭକୁ ଆହ୍ୱାନ କରିଅଛୁ, ତୁମ୍ଭେ ଆମ୍ଭର" (ଯିଶାଇୟ ୪୩:୧) । ଏହା ତୁମର ପ୍ରାଥମିକ ଜୀବନ ସମୟର ଆହ୍ୱାନ, ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତାଙ୍କ ସହିତ ଏକ ଘନିଷ୍ଠ ଗମନାଗମନ, ଯେ କି ଆପଣଙ୍କର ଓ ଆପଣଙ୍କ ଜୀବନର ପରିସ୍ଥିତିର ଯତ୍ନ ନିଅନ୍ତି, ଆପଣଙ୍କ ମନର କଥା ଶୁଣନ୍ତି, ଆପଣଙ୍କ ମସ୍ତକର କେଶ ଗଣନା କରନ୍ତି, ଓ ଦୈନନ୍ଦିନ ସାନ୍ତ୍ୱନା, ଜ୍ଞାନ ଓ ଉତ୍ସାହ ପ୍ରଦାନ କରନ୍ତି (ଲୂକ ୧୨:୭) ।

ମାତ୍ର ସେ ମଧ୍ୟ ଆମ ପ୍ରତ୍ୟେକଙ୍କୁ ଏକ ଗୌଣ, ଈଶ୍ୱରଙ୍କ ରାଜ୍ୟ ଉଦ୍ଦେଶ୍ୟରେ ଅଧିକ ନିର୍ଦ୍ଦିଷ୍ଟ ଆହ୍ୱାନ, ଆମର ବ୍ୟକ୍ତିଗତ ଉପହାର ନିମନ୍ତେ ଏକ ଆହ୍ୱାନ, ବ୍ୟକ୍ତିତ୍ୱ, ଓ ପରିସ୍ଥିତି ପ୍ରଦାନ କରୁଅଛନ୍ତି । କାରଣ କେତେକ ଆହ୍ୱାନ ବହୁତ ବଳିଷ୍ଠ ଓ କାର୍ଯ୍ୟ ଏତେ ଅଧିକ ଅଟେ ଯେ ଏହା ସମ୍ପୂର୍ଣ୍ଣ ହେବା ପାଇଁ ସାରା ଜୀବନ ଲାଗିଯିବ । ୱିଲିୟମ୍ ୱିଲ୍‌ବର୍‌ଫୋର୍ସ ଯେ କି ଇଂଲଣ୍ଡରେ କ୍ରୀତଦାସର ଆଇନ୍‌ଗତ ବ୍ୟବସ୍ଥା ବିଷୟରେ ସଂଘର୍ଷ କରିଥିଲେ, ତାଙ୍କର ଏହିପରି ଜୀବନସାରାର ଆହ୍ୱାନ ଥିଲା, ପ୍ରେରିତ ପାଉଲ ସେହିପରି କରିଥିଲେ ।

ମୋର ଅନୁଭୂତି ଅଛି ଯେ ଅଧିକାଂଶ ମହିଳାଙ୍କ ନିମନ୍ତେ ଏହି ଗୌଣ ଆହ୍ୱାନ ଆମ ଜୀବନର ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ହୋଇଥାଏ । ବ୍ୟକ୍ତିଗତରୂପେ ମୋ ପାଇଁ ଜୀବନର ଋତୁଗୁଡ଼ିକ ଭିନ୍ନ ଭିନ୍ନ ହୋଇଛି : ଛାତ୍ର, ଯୁବତୀ ସ୍ତ୍ରୀ, ମାଆ, ସଂଘୀୟ ବୃତ୍ତି, ସେବାକାର୍ଯ୍ୟ ଓ ଅବସର । ପ୍ରତି ଋତୁରେ, ମୋତେ ଯୀଶୁଙ୍କୁ ଅନୁସରଣ କରିବାକୁ ଆହ୍ୱାନ କରାଯାଇଥିଲା, ମାତ୍ର ସେ ମୋତେ ଯେଉଁ ସ୍ଥାନଗୁଡ଼ିକୁ ପରିଚାଳିତ କରିଥିଲେ, ଯେଉଁ କାର୍ଯ୍ୟ କରିବାକୁ ସେ ମୋତେ ସୁସଜ୍ଜିତ କରିଥିଲେ, ତାହା ବହୁତ ଭିନ୍ନ ଥିଲା । ମୋତେ ଯେଉଁ ବିଷୟ ଶିକ୍ଷା କରିବାକୁ ଥିଲା, ତାହା ଥିଲା ଯେ ପ୍ରତିଦିନ, ପ୍ରତି ଋତୁରେ, ମୋର ପ୍ରାଥମିକ କେନ୍ଦ୍ରୀୟ ବିଷୟ ଥିଲା "ମୋର କ୍ରୁଶ ନେଇ ତାହାଙ୍କୁ ଅନୁସରଣ କରିବା" (ମାର୍କ ୮:୩୪) ।

ମୁଁ ସର୍ବଦା ମୋର ଈଶ୍ୱରଙ୍କ ରବକୁ ସ୍ପଷ୍ଟରୂପେ ଶୁଣି ଓ ତାହାଙ୍କ ପଦାଙ୍କ ଅନୁସରଣ କରି ଗମନ କରି ଜୀବନଯାପନ କରିଛି ବୋଲି ଛଳନା କରି କହିବି ନାହିଁ । ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମୁଁ ଲୋକମାନଙ୍କୁ ସନ୍ତୁଷ୍ଟ କରୁଥିଲି, ଭାବୁଥିଲି ଯେ ମୁଁ ଯଦି ଲୋକମାନଙ୍କୁ ସନ୍ତୁଷ୍ଟ କରିବି, ତେବେ ମୁଁ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିପାରିବି । ମାତ୍ର ଜଣଙ୍କୁ ସନ୍ତୁଷ୍ଟ କଲେ ଅନ୍ୟ ଜଣେ ଅସନ୍ତୁଷ୍ଟ ହେବାଦ୍ୱାରା ତାହା କଷ୍ଟକର ହୋଇଗଲା ! ମୁଁ ଯେତେବେଳେ ଶେଷରେ ଆବିଷ୍କାର କଲି ଯେ ମୋତେ କେବଳ ଈଶ୍ୱରଙ୍କ ଶ୍ରୋତାମାନଙ୍କ ସମ୍ମୁଖରେ ମୋର ଜୀବନଯାପନ କରିବା ଆବଶ୍ୟକ, ସେତେବେଳେ ଜୀବନର ଜଟିଳ ବିଷୟଗୁଡ଼ିକ ସମାଧାନ ହୋଇଗଲା ଓ ମୋତେ ଅନୁସରଣ କରିବାକୁ ଆହ୍ୱାନ କରିଥିବା ବ୍ୟକ୍ତିଙ୍କ ପ୍ରତି ଦୈନନ୍ଦିନ ଆଜ୍ଞାବହତା ସରଳ ହୋଇଗଲା ।

**୧. ଆହ୍ୱାନ କ'ଣ ?**

ଅନେକ ଲୋକ କହନ୍ତି ଯେ ଯେଉଁ ଲୋକମାନଙ୍କର ଏକ ନିର୍ଦ୍ଦିଷ୍ଟ ଆହ୍ୱାନ ବା "ବୃତ୍ତି" ଅଛି (ଲାଟିନ୍ ଶବ୍ଦ "ଡ଼ାକିବା"ରୁ ଆସିଛି), ମାତ୍ର ସ୍ୱୀକାର କରନ୍ତି ନାହିଁ ଯେ ଯଦି ଏକ "ଆହ୍ୱାନ" ଅଛି, ଜଣେ "ଆହ୍ୱାନକର୍ତ୍ତା" ଥିବେ ବୋଲି ସ୍ୱୀକାର କରନ୍ତି ନାହିଁ । ଖ୍ରୀଷ୍ଟିୟାନ୍ ଭାବରେ ଆମେ ସେହି ଆହ୍ୱାନରେ ଅନନ୍ୟ ଅଟୁ । "ଆହ୍ୱାନ"ରେ ଓଏସ୍ ଗିନିଜ୍ ଆହ୍ୱାନକୁ ଅର୍ଥ କରନ୍ତି "ସେହି ସତ୍ୟ ଯେ ଈଶ୍ୱର ଆମକୁ ଆମେ ଯେପରି ଅଟୁ, ଆମେ ଯେପରି କରୁ, ଓ ଆମର ଯାହା ଅଛି, ସେପରି ଭାବରେ ତାହାଙ୍କ ଆଦେଶ ଓ ସେବା ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବାକୁ ଆହ୍ୱାନ କରନ୍ତି" (ଗିନିଜ୍, ୨୦୦୩, ପୃଷ୍ଠା ୪) । ଅର୍ଥାତ୍ ମୁଁ ଯଦି କମ୍ପ୍ୟୁଟର୍ ସଫ୍ଟୱେର୍

ପରିକଳ୍ପନା କାମ କରୁଛି, ଘରେ ଜଣେ ଅସୁସ୍ଥ ପିଲାର ସେବା କରୁଛି, ମଣ୍ଡଳୀରେ ଜଣେ ବାତୁଳ ମହିଳାଙ୍କୁ ପରାମର୍ଶ ଦେଉଛି, କିମ୍ବା ମୋର ସ୍ୱାମୀଙ୍କ ସହିତ ରାତ୍ରି ଭୋଜନ କରିବାକୁ ଯାଉଛି, ତେବେ ମୁଁ ମୋତେ ଆହ୍ୱାନ କରିଥିବା ବ୍ୟକ୍ତିଙ୍କ ନିମନ୍ତେ ଏହା କରୁଛି । "ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ" (କଲସୀୟ ୩:୧୭) । ମୁଁ ଯଦି ତାହାଙ୍କୁ ମୋ ସହିତ ନେଲେ ବହୁତ ଲଜ୍ଜିତ ହୁଏ, ତେବେ ମୁଁ ଯାଉ ନାହିଁ । ମୁଁ ଯଦି ନ କହିବା ବିଷୟ କହିଦେଇଛି, ତେବେ ମୁଁ ଜାଣେ ଯେ ସେ ମୋ କଥା ଶୁଣିଛନ୍ତି, ପୁଣି ମୋର ତତ୍‌କ୍ଷଣାତ୍ କ୍ଷମାଭିକ୍ଷା କରିବା ଆବଶ୍ୟକ । ସେ ମୋତେ କେବେ ପରିତ୍ୟାଗ କରିବେ ନାହିଁ ବୋଲି କହିଅଛନ୍ତି, ତେଣୁ ମୁଁ ଯାହା କହେ, କରେ ଓ ଚିନ୍ତା କରେ, ତାହା ସେ ଦେଖନ୍ତି ଓ ଜାଣନ୍ତି ବୋଲି ମୁଁ ଜାଣେ ।

ଅନେକ ଲୋକଙ୍କର ଏହି ଧାରଣା ଅଛି ଯେ ସେବାକାର୍ଯ୍ୟ ନିମନ୍ତେ ଆହ୍ୱାନ ପାଇବା ବ୍ୟବସାୟ କରିବାକୁ ଆହ୍ୱାନ ପାଇବା ଅପେକ୍ଷା ଏକ ଅଧିକ "ସମ୍ମାନାସ୍ପଦ" ଆହ୍ୱାନ ଅଟେ । ମୋର ଜୀବନରେ ଉଭୟ ଆହ୍ୱାନର ଅନୁଭୂତି ଅଛି । ଶିଶୁ ଶ୍ରେଣୀରେ ପଢୁଥିବା ଦୁଇ ଜଣ ପୁଅଙ୍କ ସହିତ "ଘରେ ରହିଥିବା" ମାଆ ଭାବରେ ଈଶ୍ୱର ମୋତେ ବ୍ୟବସାୟ ଜଗତକୁ ଫେରିଯିବାକୁ ଆହ୍ୱାନ କରିବାର ମୁଁ ଅନୁଭବ କରିଥିଲି । ମୋର ସ୍ୱାମୀଙ୍କ ସମ୍ମତିରେ, ମୁଁ ସେହି ଯୋଜନାରେ ଅଗ୍ରସର ହୋଇଥିଲି ଓ ଗୋଟିଏ ମାସ ମଧ୍ୟରେ, ଦଶ ବର୍ଷ ଧରି କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ରହିବା ପରେ, ଦଶ ବର୍ଷ ପୂର୍ବରୁ ମୁଁ ପରିତ୍ୟାଗ କରିଥିବା ସେହି ସ୍ଥାନରେ ଥିବା ସେହି କମ୍ପାନୀର ସମାନ୍ ଚାକିରୀରେ ଅବସ୍ଥାପିତ ହୋଇଥିଲି । ତିନି ମାସ ମଧ୍ୟରେ କମ୍ପାନୀ ଆଉ ନିଯୁକ୍ତି ଦେଇ ନ ଥିଲା, ମାତ୍ର ଈଶ୍ୱର ଯଥାସମୟରେ ମୋର ଅନ୍ତରରେ କଥା କହିଥିଲେ । ମୁଁ ସେଠାରେ ଅଠର ବର୍ଷ ରହିଥିଲି, ଓ ତା'ପରେ, ସେହିପରି ସ୍ପଷ୍ଟ ଭାବରେ ମୁଁ ଜାଣିପାରିଲି ଯେ ଯିବା ପାଇଁ ସମୟ ଆସିଯାଇଥିଲା । ତିତସ ୨:୩, ୪ ପଦ ମାଧ୍ୟମରେ ମୁଁ ଜାଣିଥିଲି ଯେ ଈଶ୍ୱର ମୋତେ ମହିଳାମାନଙ୍କ ମଧ୍ୟରେ ସେବାକାର୍ଯ୍ୟ କରିବାକୁ ଆହ୍ୱାନ କରୁଥିଲେ । ଛଅମାସ ମଧ୍ୟରେ ମୋର କମ୍ପାନୀ ବିକ୍ରି ହୋଇଯାଇଥିଲା ଓ ଅଳ୍ପ ଦିନ ମଧ୍ୟରେ କାର୍ଯ୍ୟାଳୟ ବନ୍ଦ ହୋଇଯାଇଥିଲା । ଇତିମଧ୍ୟରେ, ମୁଁ ଆମ ମଣ୍ଡଳୀରେ ମହିଳା ସେବାକାର୍ଯ୍ୟର ନିର୍ଦ୍ଦେଶକ ହୋଇଗଲି । ବ୍ୟକ୍ତିଗତ ଅନୁଭୂତିରୁ ମୁଁ ଆପଣଙ୍କୁ ନିଶ୍ଚୟତା ଦେଇପାରିବି ଯେ ସେବାକାର୍ଯ୍ୟ ପ୍ରତି

ଆହ୍ୱାନ ବ୍ୟବସାୟ ପ୍ରତି ଆହ୍ୱାନ ଅପେକ୍ଷା ଅଧିକ ଉଚ୍ଚସ୍ୱରରେ କିମ୍ବା ଅଧିକ "ଆତ୍ମିକ" କିମ୍ବା ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ବିଷୟଟି ହେଉଛି ଆମେ ତାହାଙ୍କ ଆହ୍ୱାନ ଶୁଣୁଛୁ ଓ ଆଜ୍ଞାବହ ହେଉଛୁ ନା ନାହିଁ ।

ଆପଣ ଆପଣଙ୍କ ଆହ୍ୱାନକୁ କିପରି ଆବିଷ୍କାର କରନ୍ତି ? ସରଳ ଉତ୍ତର ହେଉଛି ଆହ୍ୱାନକର୍ତ୍ତାଙ୍କ ସହିତ ଏକ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିବା । ତା'ପରେ ଏହା ହେଉଛି ଧୈର୍ଯ୍ୟ ଓ ଆଜ୍ଞାବହତା । ଆପଣ କିଏ, ଆପଣ କିପରି ଓ କାହିଁକି ଅନନ୍ୟ ତାହା ପ୍ରକାଶ କରିବାକୁ ତାହାଙ୍କୁ ଅନୁରୋଧ କରନ୍ତୁ । ସେ ଏହି ପ୍ରଶ୍ନର ଉତ୍ତର ଦେବାକୁ ଭଲ ପାଆନ୍ତି !

**୨. ଯୀଶୁଙ୍କୁ ଅନୁସରଣ କରିବାରେ ପ୍ରତିବନ୍ଧକଗୁଡ଼ିକ**

ଅନେକଙ୍କ ନିମନ୍ତେ, ଆପଣ କ'ଣ କରିବେ ବୋଲି ଈଶ୍ୱର ଇଚ୍ଛା କରନ୍ତି ତାହା ନୁହେଁ, ମାତ୍ର ଏହା *କରିବା* ହିଁ ମୁଖ୍ୟ ବିଷୟ ଅଟେ ! ଯୀଶୁ ଆହ୍ୱାନ କଲା ବେଳେ କେଉଁ ବିଷୟ ଆପଣଙ୍କୁ ତାହାଙ୍କ ଅନୁସରଣ କରିବାରୁ ବଞ୍ଚିତ କରିଥାଏ ?

କ. କେହି କେହି କହନ୍ତି ଯେ ସେ ମୋତେ ଯେଉଁ ବିଷୟ କରିବାକୁ ଆହ୍ୱାନ କରୁଅଛନ୍ତି, ସେଥିରେ କିଛି ଅର୍ଥ ନାହିଁ ; ଏହା ତାର୍କିକ ଓ ଯୁକ୍ତିଯୁକ୍ତ ନୁହେଁ । ଈଶ୍ୱର ଜଣେ ଶୃଙ୍ଖଳିତ ଈଶ୍ୱର ଅଟନ୍ତି, ମାତ୍ର ସେ ଭୌତିକ ଜଗତ ଅତିକ୍ରମ କରି ଦେଖନ୍ତି ଓ ବର୍ତ୍ତମାନ ଯେଉଁ ବିଷୟ ଆମ ପାଇଁ ଅର୍ଥ ପ୍ରକାଶ କରେ ନାହିଁ, ତାହା ଅନେକ ସମୟରେ ଆମର ସୀମିତ ଦର୍ଶନର ଫଳ ଅଟେ । ଈଶ୍ୱର ଅବ୍ରାହାମ୍‌ଙ୍କୁ ତାହାଙ୍କ ଗୃହ ପରିତ୍ୟାଗ କରି ନାମ ଜଣା ନ ଥିବା ଏକ ଦେଶକୁ ଯିବାକୁ କହିଥିଲେ (ଆଦିପୁସ୍ତକ ୧୨:୧) । ସେ ଗିଦିୟୋନ୍‌ଙ୍କୁ ହଜାର ହଜାର ସୈନିକଙ୍କୁ ଘରକୁ ପଠାଇ ଦେବାକୁ ଓ ଅନେକ ସଂଖ୍ୟକ ସୈନ୍ୟଦଳ ବିରୁଦ୍ଧରେ କେବଳ ତିନି ଶହ ଲୋକଙ୍କୁ ନେଇ ଯୁଦ୍ଧ କରିବାକୁ କହିଥିଲେ (ବିଚାରକର୍ତ୍ତା ୭:୧-୨୫) । ଯୀଶୁ ଲାଜାରଙ୍କୁ ମୃତ୍ୟୁବରଣ କରିବାକୁ, ତିନି ଦିନ ପରେ ମୃତ୍ୟୁରୁ ଉଠିବାକୁ ଅନୁମତି ଦେଇଥିଲେ (ଯୋହନ ୧୧:୧-୪୩) । ଖ୍ରୀଷ୍ଟିୟାନ୍‌ମାନଙ୍କୁ ତାଡ଼ନା ଓ ବଧ କରୁଥିବା ଜଣେ ବ୍ୟକ୍ତିଙ୍କୁ ଈଶ୍ୱର ବିଜାତୀୟମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ମନୋନୀତ କରିଥିଲେ (ପ୍ରେରିତ ୯:୧୫) । ତାହାଙ୍କ ଉଦ୍ଦେଶ୍ୟ ସାଧନ କରିବା ପାଇଁ ସେ ସବଳକୁ ନୁହେଁ, ମାତ୍ର ଦୁର୍ବଳକୁ ମନୋନୀତ କରନ୍ତି (୧ମ କରିନ୍ଥୀୟ ୧:୨୭) । ଶେଷରେ, ଏହା ଏକ ବିଶ୍ୱାସର ବିଷୟ ଅଟେ । ସେ ବାସ୍ତବରେ

ମୋତେ ଆହ୍ୱାନ କରୁଅଛନ୍ତି, ଓ ସେ "(ମୋ) ଅନ୍ତରରେ ଉତ୍ତମ କାର୍ଯ୍ୟ ଆରମ୍ଭ କରିଅଛନ୍ତି, ସେ ଖ୍ରୀଷ୍ଟ ଯୀଶୁଙ୍କ ଦିନ ପର୍ଯ୍ୟନ୍ତ ତାହା ସାଧନ କରି ସିଦ୍ଧ କରିବେ" (ଫିଲିପ୍ପୀୟ ୧:୬) ବୋଲି ମୁଁ ବିଶ୍ୱାସ କରେ କି ?

ଖ. କେହି କେହି କହନ୍ତି ଯେ ସେ ମୋତେ ଯାହା କରିବାକୁ କହନ୍ତି ତାହା ବହୁତ କଷ୍ଟ ଅଟେ । ସେମାନେ ଯଥାର୍ଥ ଅଟନ୍ତି । ଶିଷ୍ୟତ୍ୱର ଏକ ମୂଲ୍ୟ ଅଛି । ସହଜ ସମୟରେ ଆପଣଙ୍କ ନିଜ ଉପାୟ ମନୋନୀତ କରିବା ପାଇଁ ଆପଣଙ୍କୁ ଯଥାର୍ଥ ହେବାକୁ ପଡ଼ିବ । କଷ୍ଟକର ସମୟରେ ଏଥିପାଇଁ ଆପଣଙ୍କୁ ସବୁକିଛି, ଏପରିକି ଆପଣଙ୍କ ଜୀବନ ମଧ୍ୟ ଦେବାକୁ ପଡ଼ିବ, କିନ୍ତୁ ଶେଷରେ, ସେହି ମୂଲ୍ୟ ହେବ ଅନନ୍ତ ପୁରସ୍କାର (ଏବ୍ରୀ ୧୧:୬) ।

ଗ. ଈଶ୍ୱରଙ୍କଠାରୁ ବାର୍ତ୍ତା ଆସୁଛି ବୋଲି ମୁଁ ଯାହା ଭାବେ ତାହା କେବଳ ମୋର ନିଜର କଳ୍ପନା ବୋଲି ମୁଁ କିପରି ଜାଣିପାରିବି ? ଗୋଟିଏ ପରୀକ୍ଷା ହେଉଛି ଯେ ଈଶ୍ୱରଙ୍କ ଦର୍ଶନ ତାହାଙ୍କୁ ଗୌରବାନ୍ୱିତ କରିବ ଓ ତାହାଙ୍କ ରାଜ୍ୟ ବୃଦ୍ଧି କରିବ ; ଆପଣଙ୍କ ନିଜ ଧାରଣାଗୁଡ଼ିକ ଆପଣଙ୍କ ନିଜକୁ ଅଧିକରୂପେ ଗୌରବାନ୍ୱିତ କରିବ (ଏବ୍ରୀ ୧୧) ।

ଘ. ଈଶ୍ୱରଙ୍କ ସ୍ୱର କିପରି ଶୁଣିବା ଓ ଚିହ୍ନିବା ମୁଁ ତାହା ଜାଣେ ନାହିଁ । ମୁଁ ଯାହା କରିବା ଉଚିତ୍ ପରିସ୍ଥିତିକୁ ତାହା ସ୍ଥିର କରିବାକୁ ଦେବା ସହଜ ବିଷୟ ନୁହେଁ କି ? ଯୋହନ ୧୦:୨୭ ପଦରେ ଯୀଶୁ କହିଥିଲେ, "ମୋହର ମେଷଗୁଡ଼ିକ ମୋହର ରବ ଶୁଣିବେ ।" ଆପଣ ଯଦି ତାହାଙ୍କ ମେଷ ଅଟନ୍ତି, ତେବେ ଆପଣ ତାହାଙ୍କ ରବ ଶୁଣିବେ । ପ୍ରଶ୍ନଟି ହେଉଛି ତାହାଙ୍କ ରବ ସହିତ ପ୍ରତିଯୋଗିତା କରି ଆପଣଙ୍କ ଧ୍ୟାନ ଆକର୍ଷଣ କରୁଥିବା ଅନ୍ୟାନ୍ୟ ରବଗୁଡ଼ିକ ତୁଳନାରେ ଆପଣ ତାହାଙ୍କ ରବକୁ ପୃଥକ୍ କରିବାରେ ସକ୍ଷମ ହେବେ କି । ଠିକ୍ ଯେପରି ଜଣେ ଶିଶୁ ତାହାର ମାଆର ସ୍ୱର ଚିହ୍ନିଥାଏ, କାରଣ ତା'ର ମାଆର ସ୍ୱର ତା' ପାଇଁ ଜଣାଶୁଣା ଅଟେ, ସେହିପରି ଆମେ ଆମ ପିତାଙ୍କ ସହିତ ସମୟ କ୍ଷେପଣ କରି ତାହାଙ୍କ ସ୍ୱର ଚିହ୍ନିବାକୁ ଶିଖିପାରିବା, ତାହାଙ୍କ ଗୁଣାବଳି ବୁଝିବା ପାଇଁ ତାହାଙ୍କ ବାକ୍ୟ ପଢ଼ିବା, ଓ ତାହାଙ୍କ ସହିତ ଆମର ସମ୍ପର୍କ ବୃଦ୍ଧି କରିବା । ଆମେ ଯେତେବେଳେ ଈଶ୍ୱରଙ୍କ ରବର ବିପରୀତ ଏକ ସ୍ୱର ଶୁଣୁ, ସେତେବେଳେ ଆମେ ଜାଣିପାରୁ ଯେ ଏହା ତାହାଙ୍କର ନୁହେଁ ।

୧୧ କାରଣ ସଦାପ୍ରଭ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେସକଳ ସଙ୍କଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଙ୍କଳ୍ପ ଅଟେ । ୧୨ ପୁଣି, ତୁମ୍ଭେମାନେ ଆମ୍ଭଙ୍କୁ ଆହ୍ୱାନ କରିବ ଓ ଯାଇ ଆମ୍ଭ ନିକଟରେ ପ୍ରାର୍ଥନା କରିବ, ତହିଁରେ ଆମ୍ଭେ ତୁମ୍ଭମାନଙ୍କ କଥାରେ ମନୋଯୋଗ କରିବା । ୧୩ ଆଉ, ତୁମ୍ଭେମାନେ ଆମ୍ଭଙ୍କୁ ଅନ୍ୱେଷଣ କରିବ ଓ ସର୍ବାନ୍ତଃକରଣ ସହିତ ଆମ୍ଭଙ୍କୁ ଖୋଜିଲେ ଆମ୍ଭର ଉଦ୍ଦେଶ ପାଇବ । ୧୪ ସଦାପ୍ରଭୁ କହନ୍ତି, ଆମ୍ଭେ ତୁମ୍ଭମାନଙ୍କୁ ଆମ୍ଭର ଉଦ୍ଦେଶ ପାଇବାକୁ ଦେବା (ଯିରିମିୟ ୨୯:୧୧-୧୪) ।

ମୁଁ ବିଶ୍ୱାସ କରେ ଯେ ଈଶ୍ୱରଙ୍କ ଆହ୍ୱାନ ନିର୍ଭୁଲ୍ ଅଟେ ଓ ସହଜରେ ଉପେକ୍ଷା କରାଯାଇପାରିବ ନାହିଁ । ତାହାଙ୍କ ପ୍ରତିଜ୍ଞା ଦାବି କରନ୍ତୁ ଯେ ଆପଣ ତାହାଙ୍କ ମେଷ ଅଟନ୍ତି ଓ ଆପଣ ତାହାଙ୍କ ରବ *ଶୁଣିବେ* ।

**୩. ଆହ୍ୱାନର ଉତ୍ତର ଦେବା**

କ. ଯୀଶୁଙ୍କୁ ଅନୁସରଣ କରିବା ହେଉଛି ଉଭୟ ଜୀବନସାରାର ମନୋନୟନ ଓ ଏକ ଦୈନିକ ମନୋନୟନ । ପ୍ରତି ସକାଳେ ମୋତେ ସେଦିନ ତାହାଙ୍କୁ ଅନୁସରଣ କରିବାକୁ ମନୋନୟନ କରିବାକୁ ପଡ଼ିବ । ମୁଁ ତାହାଙ୍କୁ ଧନ୍ୟବାଦ ଦେବାକୁ ପସନ୍ଦ କରେ କାରଣ ଯେଉଁ ବିଷୟ ନିୟନ୍ତ୍ରଣ କରିବାକୁ ମୋତେ ଈଶ୍ୱର ସୁସଜ୍ଜିତ କରି ନାହାନ୍ତି, ସେଦିନ ସେହି ବିଷୟର ସମ୍ମୁଖୀନ ହେବା ପାଇଁ ମୋ ପାଖରେ କୌଣସି ଆହ୍ୱାନ ନାହିଁ, ପୁଣି ମୁଁ ତାହାଙ୍କୁ ଅନୁରୋଧ କରେ ଯେପରି ସେ ମୋତେ ଦିନସାରା ତାହାଙ୍କ ଉପସ୍ଥିତି ବିଷୟରେ ସଚେତନ ହେବାକୁ ସାହାଯ୍ୟ କରିବେ । ତା'ପରେ ସେଦିନ ସେ ତାହାଙ୍କ ଇଚ୍ଛା ମୋତେ ପ୍ରକାଶ କରିବେ ବୋଲି ମୁଁ ଆସ୍ଥା ସ୍ଥାପନ କରେ ।

ଖ. ଯୀଶୁଙ୍କ ଆହ୍ୱାନ ଅନୁସରଣ କରିବା ଓ ତାହାଙ୍କ ରାଜ୍ୟ ଉଦ୍ଦେଶ୍ୟରେ ସେ ମୋତେ ଯେଉଁ ଦାନଗୁଡ଼ିକ ଦେଇଅଛନ୍ତି ତାହା ବ୍ୟବହାର କରିବା କେବେ ବି କ୍ଳାନ୍ତିକର ନୁହେଁ । ସେହି କାର୍ଯ୍ୟ ହୀନ ଓ ବୁଦ୍ଧିହୀନ ବୋଲି ଜଣାପଡ଼ିଥାଏ, ମାତ୍ର ଏହାର ଉଲ୍ଲେଖନୀୟତା ଆସିଥାଏ, କାରଣ ମୁଁ ତାହାଙ୍କ ନିମନ୍ତେ ଏହା କରୁଛି । "୨୩ ତୁମ୍ଭେମାନେ ଯାହା କିଛି କର, ପ୍ରଭୁଙ୍କ ନିମନ୍ତେ କଲା ପରି ଅନ୍ତର ସହ ତାହା କର, ମନୁଷ୍ୟ ନିମନ୍ତେ କଲା ପରି କର ନାହିଁ ; ୨୪

ପ୍ରଭୁଙ୍କଠାରୁ ଉତ୍ତରାଧିକାରସ୍ୱରୂପ ପୁରସ୍କାର ଯେ ପାଇବ, ଏହା ତ ତୁମ୍ଭେମାନେ ଜାଣ । ତୁମ୍ଭେମାନେ ପ୍ରଭୁ ଖ୍ରୀଷ୍ଟଙ୍କର ସେବା କର" (କଲସୀୟ ୩:୨୩-୨୪) । ମୋତେ ବ୍ରଦର୍ ଲରେନ୍ସଙ୍କ ବିଷୟରେ ସ୍ମରଣ କରିଦିଆଯାଇଛି, ଯେ କି ବାସନ ଧୋଇବା ସମୟରେ "ଈଶ୍ୱରଙ୍କ ଉପସ୍ଥିତି ବିଷୟ ଅଭ୍ୟାସ କରିବାକୁ" ଶିକ୍ଷା କରିଥିଲେ । ଜଣଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ନେବା କାର୍ଯ୍ୟ ହେଉ କିମ୍ବା ଚେକ୍‌ବୁକ୍ ବାଲାନ୍ସ କାର୍ଯ୍ୟ ହେଉ, ଆମର କାର୍ଯ୍ୟ ଯଦି ଈଶ୍ୱରଙ୍କ ପ୍ରତି ଆଜ୍ଞାବହତାରେ କରାଯାଇଛି, ତେବେ ଉଭୟ ପୁରସ୍କାର ପାଇଥାଆନ୍ତି । ସେହି କାର୍ଯ୍ୟ ଅପ୍ରାସଙ୍ଗିକ ଅଟେ ।

ଗ. ଯୀଶୁଙ୍କୁ ଅନୁସରଣ କରିବା ବିଷୟରେ ସମୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ଯୀଶୁ ଯେତେବେଳେ ଆମକୁ ଅନୁସରଣ କରିବାକୁ ଆହ୍ୱାନ କରନ୍ତି, ସେତେବେଳେ ସେ ଆମକୁ ତତ୍‌କ୍ଷଣାତ୍ ଆଜ୍ଞାବହ ହେବା ପାଇଁ ନିର୍ଦ୍ଦେଶଗୁଡ଼ିକ ଦେଇପାରିବେ ନଚେତ୍ ସେ ଆମକୁ ଭବିଷ୍ୟତ୍‌ରେ ଯାହା କରିବାକୁ କହିବେ ସେଥିପାଇଁ ଆମ ହୃଦୟ ପ୍ରସ୍ତୁତ କରୁଥାଇପାରନ୍ତି । ମାତ୍ର ଯତ୍ନସହକାରେ ଅନୁମାନ କରନ୍ତୁ ନାହିଁ ଯେ ଏହି ବିଷୟ ସେ ଆପଣଙ୍କୁ ବର୍ତ୍ତମାନ କରିବାକୁ କହୁ ନାହାନ୍ତି, ମାତ୍ର ତାହାଙ୍କ ସମୟକୁ ଅପେକ୍ଷା କରନ୍ତୁ ଓ ତା'ପରେ କାର୍ଯ୍ୟ କରନ୍ତୁ (ଯୋହନ ୭:୩-୧୦) । ଅନେକ ସମୟରେ ମୁଁ ପ୍ରାନ୍ତରରେ ଇସ୍ରାୟେଲ୍‌ର ସନ୍ତାନମାନଙ୍କ ପରି ଦିନବେଳା ମେଘସ୍ତମ୍ଭ ଅନୁସରଣ କରୁଥାନ୍ତି ଓ ରାତିରେ ଅଗ୍ନିସ୍ତମ୍ଭ ଅନୁସରଣ କରୁଥାନ୍ତି କି ବୋଲି ଆଶା କରିଛି । ତାହା ବହୁତ ସ୍ୱଷ୍ଟ ଓ ସହଜ ବୋଧ ହୋଇଥାଏ, ମାତ୍ର ତା'ପରେ ମୁଁ ନିଜକୁ ସ୍ମରଣ କରିଦିଏ ଯେ ମୋ ଅନ୍ତରରେ ପବିତ୍ର ଆତ୍ମା ଅଛନ୍ତି, ଯେ କି ମୋତେ ପରିଚାଳିତ କରୁଅଛନ୍ତି ଓ କଢ଼ାଇ ନେଉଅଛନ୍ତି ।

ଘ. ଯୀଶୁଙ୍କୁ ଅନୁସରଣ କରିବାର ଅର୍ଥ ନୁହେଁ ଯେ ଆମ ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କ ଆବଶ୍ୟକତା ଓ ଦାବି ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବା । ଆମେ ବିଶ୍ୱାସ କରୁଥିଲେ ପ୍ରତ୍ୟେକ ଆବଶ୍ୟକତା ଓ ଦାବି ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବାକୁ ପଡ଼ିବ, ଆମେ ନିଜକୁ ନିରବଚ୍ଛିନ୍ନ କୋଳାହଳ ମଧ୍ୟରେ ଥିବାର, ସର୍ବଦା ବୃଦ୍ଧି ପାଉଥିବା ଆବଶ୍ୟକତାଗୁଡ଼ିକର ସମ୍ମୁଖୀନ ହେଉଥିବା ଦେଖିବାକୁ ପାଇବା । ମାତ୍ର ଆମେ ଯଦି ଆମର ଆହ୍ୱାନ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବା, ତେବେ ଆମେ ସେହିସବୁ ଘଟଣାଗୁଡ଼ିକ ବିଷୟରେ କହିବା ଯେଉଁସବୁ ପ୍ରତି ଈଶ୍ୱର ଆମକୁ

ଆହ୍ୱାନ କରିଅଛନ୍ତି, ଏବଂ ଆମେ ଯେଉଁସବୁ ବିଷୟ କରିବାକୁ ଅକ୍ଷମ ସେସବୁ ବିଷୟ ପୂରଣ କରିବାକୁ ସେ ଅନ୍ୟମାନଙ୍କୁ ଆହ୍ୱାନ କରିବେ ବୋଲି ତାହାଙ୍କ ଉପରେ ଆସ୍ଥା ସ୍ଥାପନ କରିବା । ଆମେ ଯଦି କେବଳ ସେହି ଆବଶ୍ୟକତା ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବା, ତେବେ ଆମେ ଯାହା ଦେଉଛୁ ଲୋକମାନେ ସେସବୁ ପ୍ରତି ଅକୃତଜ୍ଞ ବା ପ୍ରତିକ୍ରିୟାବିହୀନ ହେଲେ ଆମେ ଦୁର୍ବଳ ହୋଇଯିବା ।

ଙ. ଯୀଶୁ ଯେତେବେଳେ ଆମକୁ ଅନୁସରଣ କରିବାକୁ ଆହ୍ୱାନ କରନ୍ତି, ସେତେବେଳେ ସେ ହୁଏତ ଆମକୁ ଆମ ଯାତ୍ରାର ଲକ୍ଷ୍ୟର ଏକ ସ୍ୱଷ୍ଟ ଦର୍ଶନ ଦେଇପାରନ୍ତି କିମ୍ବା ନ ପାରନ୍ତି, କିନ୍ତୁ ପରବର୍ତ୍ତୀ ସମୟରେ ଆମେ କ'ଣ କରିବା ତାହା ସେ ଆମକୁ କହିବେ । ଅବ୍ରାହାମ୍ ତାହାଙ୍କ ଲକ୍ଷ୍ୟସ୍ଥଳ ଜାଣି ନ ଥିଲେ, ମାତ୍ର ସେ ତାଙ୍କ ଯାତ୍ରା ଆରମ୍ଭ କରିବା ଭଲରୂପେ ଜାଣିଥିଲେ, ନୋହଙ୍କୁ ଅତି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା । ତାହା କାହିଁକି ? ସେ ଈଶ୍ୱର ଅଟନ୍ତି । "ଯେହେତୁ ସଦାପ୍ରଭୁ କହନ୍ତି, ଆମ୍ଭର ସଂକଳ୍ପସକଳ ତୁମ୍ଭମାନଙ୍କର ସଂକଳ୍ପ ପରି ନୁହେଁ, କିଅବା ତୁମ୍ଭମାନଙ୍କର ମାର୍ଗସକଳ ଆମ୍ଭର ମାର୍ଗ ପରି ନୁହେଁ । କାରଣ ପୃଥିବୀ ଅପେକ୍ଷା ଆକାଶମଣ୍ଡଳ ଯେପରି ଉଚ୍ଚ, ସେପରି ଆମ୍ଭର ମାର୍ଗସକଳ ତୁମ୍ଭମାନଙ୍କର ମାର୍ଗ ଅପେକ୍ଷା ଓ ଆମ୍ଭର ସଂକଳ୍ପସକଳ ତୁମ୍ଭମାନଙ୍କ ସଂକଳ୍ପ ଅପେକ୍ଷା ଉଚ୍ଚତର ଅଟେ" (ଯିଶାଇୟ ୫୫:୮-୯) ।

ଚ. ଯୀଶୁ ଯେତେବେଳେ ଆହ୍ୱାନ କରନ୍ତି ସେତେବେଳେ ଆମେ ତାହାଙ୍କ କାର୍ଯ୍ୟରେ ଅଂଶୀ ହେବାର ସୁଯୋଗ ପାଇଥିବାରୁ ସର୍ବଦା କୃତଜ୍ଞ ହେବା ଉଚିତ୍ । ଆମ ବିନା ସେ ତାହାଙ୍କ କାର୍ଯ୍ୟ ସମ୍ପାଦନ କରିବେ ବୋଲି ସେ ମନୋନୟନ କରିପାରିଥିଲେ ; ବରଂ ସେ ଆମକୁ ତାହାଙ୍କ ସାକ୍ଷୀ କରିଅଛନ୍ତି ।

ଛ. ତାହାଙ୍କ ଆହ୍ୱାନର ଅନୁସରଣ କରିବା ଏକ ଜୀବନସାରାର ପ୍ରତିବଦ୍ଧତା ଅଟେ । ସମୟାନୁକ୍ରମେ ପରିସ୍ଥିତି ଓ ଅବସ୍ଥା ଓ ଏପରିକି ଲକ୍ଷ୍ୟଗୁଡ଼ିକ ପରିବର୍ତ୍ତନ ହୋଇପାରେ, ମାତ୍ର ଆମ ଆହ୍ୱାନରୁ ଅବସର ନାହିଁ । ମଦର୍ ଟେରେସା ଯେତେବେଳେ ଯକ୍ଷ୍ମାରୋଗଗ୍ରସ୍ତ ହେଲେ ସେତେବେଳେ ସେ କୋଲ୍‌କାତାରେ ଉଚ୍ଚବିଦ୍ୟାଳୟରେ ଶିକ୍ଷାଦାନ କରୁଥିଲେ ଓ ତାଙ୍କୁ ପରୀକ୍ଷା କରିବା ପାଇଁ ଓ ସୁସ୍ଥ ହେବା ଉଦ୍ଦେଶ୍ୟରେ ଦାର୍ଜିଲିଂ ପଠାଯାଇଥିଲା । ସେ ଟ୍ରେନ୍‌ରେ ଯାତ୍ରା କରୁଥିଲା ବେଳେ ଏକ ଆହ୍ୱାନ ପାଇଲେ, "ଦରିଦ୍ରମାନଙ୍କ ନିମନ୍ତେ କାମ କରି, ସେମାନଙ୍କ

ଗହଣରେ ବାସକର ।"  ସେ ସେହି ଆହ୍ୱାନକୁ ଏକ "ଆଦେଶ" ବୋଲି ବର୍ଣ୍ଣନା କଲେ । ସେହି ଆଦେଶ ହିଁ ତାଙ୍କୁ କୋଲ୍‌କାତାର ଦରିଦ୍ରମାନଙ୍କ ଉପରେ ତାଙ୍କର ଅବଶିଷ୍ଟ ଜୀବନରେ କାର୍ଯ୍ୟ କରିବାକୁ ଦେଇଥିଲା (www.ewtn.com - The Early Years)

**୪. ଆହ୍ୱାନର ପ୍ରଲୋଭନଗୁଡ଼ିକ**

କ. ଅତ୍ୟଧିକ ଗର୍ବ : ଈଶ୍ୱରଙ୍କ ଆହ୍ୱାନର ଅନୁଭୂତି ଲାଭ କରିଥିବା କିଛି ଲୋକ ଏହି ପ୍ରଭାବ ପକାଇଥାନ୍ତି ଯେ ଈଶ୍ୱର ସେମାନଙ୍କୁ ମନୋନୀତ କରିଅଛନ୍ତି, କାରଣ ସେମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଆତ୍ମିକମନା, ଅଧିକ ପବିତ୍ର, କିମ୍ବା ଅଧିକ ଧାର୍ମିକ ଅଟନ୍ତି, ମାତ୍ର ପାଉଲ କହନ୍ତି, "୨୭ ଈଶ୍ୱର ଜ୍ଞାନୀମାନଙ୍କୁ ଲଜ୍ଜା ଦେବା ନିମନ୍ତେ ଜଗତର ମୂର୍ଖ ବିଷୟସବୁ ମନୋନୀତ କଲେ, ପୁଣି ବଳବାନ୍ ବିଷୟସବୁକୁ ଲଜ୍ଜା ଦେବା ନିମନ୍ତେ ଈଶ୍ୱର ଜଗତର ଦୁର୍ବଳ ବିଷୟସବୁ ମନୋନୀତ କଲେ," ପୁଣି ପାଉଲ ଦୁର୍ବଳ ଥିବାରୁ ଆନନ୍ଦ କରିବାକୁ ନିଜେ ମନୋନୀତ କରିଥିଲେ, "ଯେପରି ଖ୍ରୀଷ୍ଟଙ୍କ ଶକ୍ତି ମୋ' ଉପରେ ଅବସ୍ଥାନ କରେ" (୧ମ କରିନ୍ଥୀୟ ୧:୨୭ ; ୨ୟ କରିନ୍ଥୀୟ ୧୨:୯) ।  ଗର୍ବ ଏକ ବିପଦପୂର୍ଣ୍ଣ ପାପ ଅଟେ, ତାହା ଈଶ୍ୱରଙ୍କ ବିନାଶ ଓ ପ୍ରତିରୋଧ ଆଣିଥାଏ (ହିତୋପଦେଶ ୧୬:୧୮ ; ୧ମ ପିତର ୫:୫) ।

ଖ. ଈର୍ଷା : ଆମେ ଯେତେବେଳେ ନିର୍ଦ୍ଦିଷ୍ଟରୂପେ ଆମ ପରି ସମାନ୍ ଦାନ ଓ ଆହ୍ୱାନପ୍ରାପ୍ତ ଲୋକମାନଙ୍କୁ ଆମ ଅପେକ୍ଷା ଅଧିକ ସୁଖୀ ବା ଅଧିକ ସଫଳ ହେବାର ଦେଖୁ, ତାହା କ'ଣ ଆମକୁ ଦୁଃଖିତ କରେ ?  ଯଦି ତାହା ହୁଏ, ତେବେ ଈର୍ଷା ଅଛି ।  ହିତୋପଦେଶ ୧୪:୩୦ ପଦ ସତର୍କ କରିଦିଏ ଯେ "ଈର୍ଷା ହାଡ଼ର କ୍ଷୟ ସ୍ୱରୂପ ।"

ଗ. ଲୋଭ : ଆପଣ ଯାହା କରନ୍ତି ଆହୂତ ହୋଇଥିବାରୁ ତାହା କରନ୍ତି ନା ଅର୍ଥ ରୋଜଗାର କରିବା ପାଇଁ ତାହା କରନ୍ତି ?  "ତୁମ୍ଭେମାନେ ଈଶ୍ୱର ଓ ଧନ, ଉଭୟର ଦାସ ହୋଇ ପାର ନାହିଁ" (ମାଥିଉ ୬:୨୪) ।

**ମୁଖସ୍ଥ ପଦ :**

* ହିତୋପଦେଶ ୩:୫-୬ - ୫ ତୁମ୍ଭେ ସର୍ବାନ୍ତଃକରଣ ସହିତ ସଦାପ୍ରଭୁଙ୍କଠାରେ ବିଶ୍ୱାସ କର ଓ ନିଜ ସୁବିବେଚନାରେ ଆଉଜି ପଡ଼ ନାହିଁ ।  ୬ ଆପଣାର ସବୁ ଗତିରେ ତାହାଙ୍କୁ ସ୍ୱୀକାର କର ; ତହିଁରେ ସେ ତୁମ୍ଭର ପଥସବୁ ସରଳ କରିବେ ।

* ଗୀତସଂହିତା ୩୨:୮ - ମୁଁ ତୁମ୍ଭକୁ ଉପଦେଶ ଦେବି ଓ ତୁମ୍ଭର ଗନ୍ତବ୍ୟ ମାର୍ଗ ଶିଖାଇବି ; ମୁଁ ତୁମ୍ଭ ଉପରେ ଆପଣା ଦୃଷ୍ଟି ରଖି ତୁମ୍ଭକୁ ମନ୍ତ୍ରଣା ଦେବି ।

**ମୂଳ ସତ୍ୟତା :**

ଯୀଶୁ ଯେତେବେଳେ ଆମକୁ ତାହାଙ୍କୁ ଅନୁସରଣ କରିବାକୁ ଆହ୍ୱାନ କରନ୍ତି, ସେତେବେଳେ ଆମେ ଯାତ୍ରାର ସମ୍ମୁଖରେ ଥିବା ସମସ୍ତ ପଦକ୍ଷେପକୁ ଜାଣିପାରିବା ନାହିଁ, କିନ୍ତୁ ସେ ଆମକୁ ପରବର୍ତ୍ତୀ କେଉଁ ପଦକ୍ଷେପ ନେବାକୁ ହେବ ଓ ଆମର ଅନ୍ତିମ ଲକ୍ଷ୍ୟ ଦେଖାଇବେ, ପୁଣି ତାହା ହିଁ ଯଥେଷ୍ଟ ।

**ଆପଣଙ୍କ ପ୍ରତିକ୍ରିୟା :**

୧. ଜୀବନର ଏହି ଅଧିବେଶନରେ ଆପଣଙ୍କ ଆହ୍ୱାନ କ'ଣ ଅଟେ ?

୨. ଈଶ୍ୱର ଆଜି ଆପଣଙ୍କୁ କ'ଣ କରିବାକୁ ଆହ୍ୱାନ କରୁଅଛନ୍ତି ?

**ଅଧିକ ଅଧ୍ୟୟନ ନିମନ୍ତେ :**

*The Call* by Os Guinness (Guinness, 2003)
Sermon Series "Why Am I Here?" by Robert Morris
www.gatewaypeople.com

## ପାଠ ୧୨ : ପ୍ରତିଫଳିତ କରିବା, ପାଳନ କରିବା, ଭାରାର୍ପଣ କରିବା

## ୧. ପ୍ରତିଫଳିତ କରିବା

ଏହି ପୁସ୍ତିକାରେ ଆମେ ପଢ଼ିଥିବା ପାଠଗୁଡ଼ିକ ବିଷୟରେ ଆପଣ ଚିନ୍ତା କଲା ବେଳେ କେଉଁ ତିନୋଟି ବିଷୟ ଆପଣ କେବେ ବି ଭୁଲିବେ ନାହିଁ ବୋଲି ଆଶା କରନ୍ତି ?

କ. ------------------------------------------------------------------

------------------------------------------------------------------

------------------------------------------------------------------

ଖ. ------------------------------------------------------------------

---------------------------------------------------------------

--------------

---------------------------------------------------------------

--------------

ଗ. ------------------------------------------------------------

--------------

---------------------------------------------------------------

--------------

---------------------------------------------------------------

--------------

**୨. ପାଳନ କରିବା**

ଏହି ସମଗ୍ର ପାଠ୍ୟକ୍ରମରେ ଦଳରେ ଅନ୍ୟମାନଙ୍କ ଅବଦାନଗୁଡ଼ିକ ବିଷୟରେ ଚିନ୍ତା କରନ୍ତୁ । ଏହି ସମଗ୍ର ପାଠ୍ୟକ୍ରମରେ ସେମାନଙ୍କ ପ୍ରତ୍ୟେକଙ୍କ ଅବଦାନଗୁଡ଼ିକ ଉପରେ ଧ୍ୟାନ କରନ୍ତୁ, ପୁଣି ସେମାନଙ୍କୁ ପ୍ରତ୍ୟେକଙ୍କୁ ଉତ୍ସାହ ବାକ୍ୟ ଦେବା ପାଇଁ ଆପଣଙ୍କୁ ବାକ୍ୟ ଦେବାକୁ ଈଶ୍ୱରଙ୍କୁ ଅନୁରୋଧ କରନ୍ତୁ ।

୧. ------------------------------------------------------------

--------------

---------------------------------------------------------------

--------------

---------------------------------------------------------------

--------------

---------------------------------------------------------------

--------------

--------------------------------------------------------

-------------

๖. -------------------------------------------------------

-------------

--------------------------------------------------------

-------------

--------------------------------------------------------

-------------

--------------------------------------------------------

-------------

--------------------------------------------------------

-------------

๗. -------------------------------------------------------

-------------

--------------------------------------------------------

-------------

--------------------------------------------------------

-------------

--------------------------------------------------------

-------------

--------------------------------------------------------

-------------

๘. -------------------------------------------------------

-------------

-----------------------------------------------------

-------------

-----------------------------------------------------

-------------

-----------------------------------------------------

-------------

-----------------------------------------------------

-------------

୫. -----------------------------------------------------

-------------

-----------------------------------------------------

-------------

-----------------------------------------------------

-------------

-----------------------------------------------------

-------------

-----------------------------------------------------

-------------

**୩. ଭାରାର୍ପଣ କରିବା**

ଆମର ଭାରାର୍ପିତ ପ୍ରାର୍ଥନା :

"ହେ ପିତା, ମୁଁ ତୁମକୁ ଧନ୍ୟବାଦ ଜ୍ଞାପନ କରୁଛି ଯେ ତୁମ ବାକ୍ୟ ପ୍ରବେଶ କଲେ ତାହା ଆଲୋକ ପ୍ରଦାନ କରିଥାଏ । ମୁଁ ତୁମକୁ ଧନ୍ୟବାଦ ଜ୍ଞାପନ କରୁଛି କାରଣ ତୁମର ବାକ୍ୟ, ..... ଜୀବନ୍ତ ଓ ଶକ୍ତିରେ ପରିପୂର୍ଣ୍ଣ ଅଟେ । ..... ମୁ ତୁମକୁ ଧନ୍ୟବାଦ ଜ୍ଞାପନ କରୁଛି, ପିତା, ଯେ (ତୁମେ ମୋତେ ଶକ୍ତି ଓ ପ୍ରେମର ଏକ ଆତ୍ମା ପ୍ରଦାନ କରିଅଛ) ଓ ଏକ ଶାନ୍ତ ଓ ଉତ୍ତମ ସନ୍ତୁଳିତ

ମନ ପ୍ରଦାନ କରିଅଛ ଏବଂ ଶୃଙ୍ଖଳା ଓ ଆତ୍ମ-ନିୟନ୍ତ୍ରଣ ପ୍ରଦାନ କରିଅଛ । ମୋ ପାଖରେ ତୁମର ଶକ୍ତି ଓ ଦକ୍ଷତା ଅଛି । ..... କାରଣ ତୁମେ ମୋତେ ..... ଜଣେ ସେବକ ଓ (ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣର) ଏକ ନୂତନ ଚୁକ୍ତିର ବଣ୍ଟନକାରୀ ଭାବରେ ଯୋଗ୍ୟ କରିଅଛ ।

ମୁଁ ମୋର ଅତୀତରେ ଘଟିଥିବା ବିଷୟଗୁଡ଼ିକ ଭୁଲିଯାଏ ଓ ମୋ ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଯାଇଥାଏ । ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶାର୍ପିତ ହୋଇଛି ; ତା'ସତ୍ତ୍ୱେ ମୁଁ ଜୀବିତ ଅଟେ ; ତଥାପି ମୁଁ ନୁହେଁ, ମାତ୍ର ଖ୍ରୀଷ୍ଟ ମୋଠାରେ ଜୀବିତ ଅଛନ୍ତି । ପୁଣି ବର୍ତ୍ତମାନ ମୁଁ ଶରୀରରେ ଯେଉଁ ଜୀବନଯାପନ କରୁଛି ତାହା ମୋତେ ପ୍ରେମ କରିଥିବା ଓ ମୋ ନିମନ୍ତେ ଆପଣାକୁ ଦାନ କରିଥିବା ଈଶ୍ୱରଙ୍କ ପୁତ୍ରଙ୍କୁ ବିଶ୍ୱାସ କରିବା ଦ୍ୱାରା କରୁଛି ।

ଆଜି ମୁଁ ଈଶ୍ୱରଙ୍କ ବାକ୍ୟରେ ଯୋଗ ଦେଉଛି । ପିତା, ମୁଁ ତୁମର କଥା ପ୍ରତି ସମ୍ମତ ଓ ନିଜକୁ ସମର୍ପଣ କରୁଛି । ତୁମର ବାକ୍ୟ ମୋଠାରୁ ଦୂରୀଭୂତ ହେବ ନାହିଁ, ମୁଁ ସେଗୁଡ଼ିକୁ ମୋର ହୃଦୟର ମଧ୍ୟରେ ରଖିବି । କାରଣ ମୋ ପାଇଁ ସେଗୁଡ଼ିକ ଜୀବନ ଅଟେ, ମୋର ହୃଦୟର ସୁସ୍ଥତା ଓ ସ୍ୱାସ୍ଥ୍ୟ ଅଟେ । ମୁଁ ସମ୍ପୂର୍ଣ୍ଣ ଜାଗ୍ରତରେ ମୋର ହୃଦୟ ଧରି ରଖିଥାଏ, ..... କାରଣ ଏଥିରୁ ହିଁ ଜୀବନର ଝର ଝରିଥାଏ ।

ଆଜି ମୁଁ ଅନୁଗ୍ରହ ଓ ଦୟା ଓ ସତ୍ୟତା ମୋତେ ପରିତ୍ୟାଗ କରିବାକୁ ଦେବି ନାହିଁ । ମୁଁ ସେଗୁଡ଼ିକୁ ମୋର ବେକରେ ବାନ୍ଧିଦେବି : ମୁଁ ସେଗୁଡ଼ିକୁ ମୋର ବୁକୁପଟାରେ ଲେଖିରଖିବି । ତେଣୁ ସେଥିପାଇଁ ମୁଁ ଈଶ୍ୱରଙ୍କ ଓ ମନୁଷ୍ୟମାନଙ୍କ ଦୃଷ୍ଟିରେ ଦୟା, ଉତ୍ତମ ବୁଝାମଣା ଓ ଉଚ୍ଚ ସମ୍ମାନ ପ୍ରାପ୍ତ ହେବି ।

ଆଜି ମୋର ଆନନ୍ଦ ଓ ଅଭିଳାଷ ପ୍ରଭୁଙ୍କର ବ୍ୟବସ୍ଥାରେ ଅଛି, ପୁଣି ତାହାଙ୍କ ବ୍ୟବସ୍ଥାରେ ମୁଁ ଦିନ ଓ ରାତି ଅଭ୍ୟାସଗତ ଭାବରେ ଧ୍ୟାନ କରିଥାଏ । ଅତଏବ ମୁଁ ଜଳ ନିର୍ଝର ନିକଟରେ ରୋପିତ ଏକ ବୃକ୍ଷ ତୁଲ୍ୟ ଅଟେ, ଯାହାକି ମୋର ଋତୁରେ ମୋର ଫଳ ଧାରଣ କରିବାକୁ ପ୍ରସ୍ତୁତ ଅଛି ; ମୋର ପତ୍ର ମଳିନ ବା ଶୁଷ୍କ ହେବ ନାହିଁ, ପୁଣି ମୁଁ ସମସ୍ତ ବିଷୟରେ ଐଶ୍ୱର୍ଯ୍ୟ ଲାଭ କରିବି ।

ବର୍ତ୍ତମାନ ଈଶ୍ୱରଙ୍କ ଧନ୍ୟବାଦ ହେଉ, ଯେ କି ସର୍ବଦା ମୋତେ ଖ୍ରୀଷ୍ଟଙ୍କଠାରେ ଜୟ ପ୍ରଦାନ କରନ୍ତି ।

ତାହାଙ୍କ ନାମରେ ମୁଁ ପ୍ରାର୍ଥନା କରୁଛି, ଆମେନ୍ ।" (କୋପେଲାଣ୍ଡ୍, ୨୦୦୫, ପୃଷ୍ଠା ୧୩୫, ୧୩୬)

**ଟିପ୍ପଣୀ**

------------------------------------------------------------------------

-------------

------------------------------------------------------------------------

-------------

------------------------------------------------------------------------

-------------

------------------------------------------------------------------------

-------------

------------------------------------------------------------------------

-------------

------------------------------------------------------------------------

-------------

------------------------------------------------------------------------

-------------

------------------------------------------------------------------------

-------------

------------------------------------------------------------------------

-------------

------------------------------------------------------------------------

-------------

------------------------------------------------------------------

--------------

------------------------------------------------------------------

--------------

------------------------------------------------------------------

--------------

------------------------------------------------------------------

--------------

------------------------------------------------------------------

--------------

------------------------------------------------------------------

--------------

------------------------------------------------------------------

--------------

------------------------------------------------------------------

--------------

------------------------------------------------------------------

--------------

------------------------------------------------------------------

--------------

------------------------------------------------------------------

--------------

------------------------------------------------------------------

--------------

ଟିପ୍ପଣୀ

---------------------------------------------------------------------------------

---------------

---------------------------------------------------------------------------------

---------------

---------------------------------------------------------------------------------

---------------

---------------------------------------------------------------------------------

---------------

---------------------------------------------------------------------------------

---------------

---------------------------------------------------------------------------------

---------------

---------------------------------------------------------------------------------

---------------

---------------------------------------------------------------------------------

---------------

---------------------------------------------------------------------------------

---------------

---------------------------------------------------------------------------------

---------------

---------------------------------------------------------------------------------

---------------

ଟିପ୍ପଣୀ

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------

--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

-------------------------------------------------------------------
--------------

––––––––––––––––––––––––––––––––––––––––––––––––––––––––––––––

––––––––––––––

––––––––––––––––––––––––––––––––––––––––––––––––––––––––––––––

––––––––––––––

––––––––––––––––––––––––––––––––––––––––––––––––––––––––––––––

––––––––––––––

––––––––––––––––––––––––––––––––––––––––––––––––––––––––––––––

––––––––––––––

––––––––––––––––––––––––––––––––––––––––––––––––––––––––––––––

––––––––––––––

––––––––––––––––––––––––––––––––––––––––––––––––––––––––––––––

––––––––––––––

––––––––––––––––––––––––––––––––––––––––––––––––––––––––––––––

––––––––––––––

––––––––––––––––––––––––––––––––––––––––––––––––––––––––––––––

––––––––––––––

––––––––––––––––––––––––––––––––––––––––––––––––––––––––––––––

––––––––––––––

## ପୁସ୍ତକସୂଚୀ

Bock, D. H., George; Hendricks, Bill. (2015). Discovering Your Giftedness. The Table Podcast. Retrieved fromhttps://youtu.be/frro6eLa-JY

Bower, M. (1997). The will to lead : running a business with a network of leaders. Boston, Mass.: Harvard Business School Press.

Chambers, O. (1992). My utmost for His Highest : an updated edition in today’s language : the golden book of Oswald Chambers. Grand Rapids, Mich.: Discovery House Publishers.

Collins, J. C. (2001). Good to great : why some companies make the leap—and others don’t (1st ed.). New York, NY: HarperBusiness.

Copeland, G. (2005). Prayers that avail much (25th anniversary

commemorative ed.). Tulsa, OK: Harrison House.
Covey, S. R. (1989). The seven habits of highly effective people : restoring the character ethic. New York: Simon and Schuster.
Dawson, J. (1997). Intercession, Thrilling and Fulfilling. Seattle, WA: YWAM Publishing.
Fortune, D., & Fortune, K. (1987). Discover your God-given gifts.
Old Tappan, NJ: F.H. Revell Co.
Foster, R. J. (1988). Celebration of discipline : the path to spiritual growth (Rev. 1st ed.). San Francisco: Harper & Row.
Gilbert, L. (2015). Free Spiritual Gifts Analysis. Retrieved from https://gifts.churchgrowth.org/cgi-cg/gifts.cgi?intro=1
Greenleaf, R. (1977). Servant Leadership (25th Anniversary ed.).
Mahwah: Paulist Press.
Guinness, O. (2003). “e call : finding and fulfilling the central purpose of your life. Nashville, Tenn.: W Pub. Group.
Hammond, L., & Cameneti, P. (2000). Secrets to powerful prayer : discovering the languages of the heart. Tulsa, Okla.: Harrison House.
Hendricks, B. (2013). What is your Giftedness? Giftedness.
Retrieved from www.youtube.com/watch?v=sXLvI3LJHUw
Jacobsen, W. (2000). He loves me. Tulsa, OK: Insight Publishing Group.
Kahl, J., & Donelan, T. (2004). Leading from the heart : choosing to be a servant leader (1st ed.). Westlake, OH: Jack Kahl and Associates.
Kise, J. A. G., Stark, D., & Hirsh, S. K. (1996). Lifekeys : discovering who you are, why you’re here, what you do best. Minneapolis,
Minn.: Bethany House Publishers.
Koch, R. N., & Haugk, K. C. (1992). Speaking the truth in love : how to be an assertive Christian. St. Louis, Mo.: Stephen Ministries.
Lencioni, P. (2002). The five dysfunctions of a team : a leadership fable (1st ed.). San Francisco: Jossey-Bass.
Littauer, F. (1986). Your personality tree : discover the real you by uncovering the roots of. Waco, Tex.: Word Books.
Maxwell, J. C. (1993). The winning attitude. Nashville, TN: T. Nelson Publishers.
Maxwell, J. C. (2000). Failing forward : turning mistakes into stepping-stones for success. Nashville, TN: Thomas Nelson Publishers.
McGinnis, A. L. (1979). The friendship factor : how to get closer to the people you care for. Minneapolis: Augsburg Pub. House.
McGinnis, A. L. (1997). The balanced life : achieving success in work and love. Minneapolis: Augsburg.
Meyer, J. (1995). Battle$eld of the mind : how to win the war in your mind. Tulsa, Okla.: Harrison House.
Ministries, C. S. (1999). Cleansing Seminar Workbook. Paper presented at the Cleansing Seminar, Colorado Springs, CO. www. cleansingstream.org
Moore, B. (1999). Breaking free : making liberty in Christ a reality in life. Nashville, Tenn.: LifeWay Press.
Moore, B. (2004). Believing God. Nashville, Tenn.: Broadman & Holman.
Morgenstern, J. (2000). Time management from the inside out : the foolproof system for taking control of your schedule—and your life

(1st ed.). New York: Henry Holt. Morris, R. (2015). Truly free : breaking the snares that so easily entangle. Nashville, Tennessee: W Publishing Group, an imprint of Thomas Nelson.
Munger, R. B. (1992). My heart—Christ's home : a story for old & young (2nd rev. ed.). Downers Grove, Ill.: InterVarsity Press.
Noland, J. R. (2015). The Personalysis Profile. Retrieved from http://www2.personalysis.com/assessment/
Pegues, D. S. (1997). Managing conflict God's way. New Kensington, PA: Whitaker House.
Rath, T. (2014). Strengthsfinder 2.0 (Spanish edition. ed.). New York: Gallup Press.
Sande, K. (2014). The Four G's. Christian Conciliation, Foundational Principles. Retrieved from www.peacemaker.net
Senge, P. M. (2006). The fifth discipline : the art and practice of the learning organization (Rev. and updated. ed.). New York: Doubleday/Currency.
Smalley, G., & Trent, J. (1986). The blessing. Nashville: T. Nelson.
Smedes, L. B. (1984). Forgive and forget : healing the hurts we don't deserve (1st ed.). San Francisco: Harper & Row.
Smith, E. M. (2005). Theophostic Prayer Ministry. Paper presented at the Theophostic Prayer Ministry, Basic Seminar, Irving, TX.
Spears, L. C. (1998). Insights on leadership : service, stewardship, spirit, and servant-leadership. New York: Wiley.
Swenson, R. A., & Swenson, R. A. (2002). Margin : restoring, emotional, physical, financial, and time reserves to overloaded lives ; The overload syndrome : learning to live within your limits. Colorado Springs, Colo.: NavPress.
Voskamp, A. (2010). One thousand gi!fts : a dare to live fully right where you are. Grand Rapids, Mich.: Zondervan.
Wagner, C. P. (1994). Your spiritual gi!fts can help your church grow (15th anniversary ed.). Ventura, Calif.: Regal Books.
Weaver, J. (2000). Having a Mary heart in a Martha world : finding intimacy with God in the busyness of life (1st ed.). Colorado Springs, Colo.: WaterBrook Press.